# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଏପ୍ରିଲ ୨୪/୨୦୧୯ (୨୦ ପୃଷ୍ଠା) | Bhubaneswar, Wednesday, April 24/2019 | ★★★★★★

୪୫ଶ ଭାଗ ୧୪୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-





## କେନ୍ଦ୍ରୀୟ ବିଜେପି ନେତାଙ୍କ ଇଲେକ୍‌ସନ୍ ଟୁରିଜିମ୍

୨୦୧୪ ମସିହାରେ 'ହୁଡ୍‌ହୁଡ୍' ସହିତ ପ୍ରଳୟଙ୍କରୀ ବନ୍ୟା ।

୨୦୧୫ ମସିହାରେ ଭୟଙ୍କର ମରୁଡି ପରିସ୍ଥିତି ।

୨୦୧୬ ମସିହାରେ ବନ୍ୟା ।

୨୦୧୭ ମସିହାରେ ପ୍ରଳୟଙ୍କରୀ ବନ୍ୟା ଓ ଭୟଙ୍କର ମରୁଡି ।

୨୦୧୮ ମସିହାରେ 'ତିତ୍‌ଲି' ସହିତ ପ୍ରଳୟଙ୍କରୀ ବନ୍ୟା ।

ଓଡ଼ିଶାବାସୀ ଦୁଃଖକଷ୍ଟରେ ପାଣିଘେରରେ ଥିଲେ...କିନ୍ତୁ ୫ ବର୍ଷରେ ଥରେ ହେଲେ ବି ବିଜେପିର ବଡ ବଡ କେନ୍ଦ୍ର ନେତା କେହି ଆସିଲେ ନାହିଁ ।

ଏବେ ଭୋଟ୍ ପାଇଁ ୧୫ ଦିନରେ ୧୫ ଥର ଓଡ଼ିଶାକୁ ଦୌଡୁଛନ୍ତି ।



ଓଡ଼ିଶାବାସୀଙ୍କ ଦୁଃଖକଷ୍ଟରେ ନବୀନ ପଟ୍ଟନାୟକ ସବୁଦିନେ ଠିଆ ।

**ନବୀନଙ୍କ ସହିତ ରହିବା**
**ଆମ ହକ୍ ପାଇଁ ଲଢିବା**

ବିଜୁ ଜନତା ଦଳ

ସବୁଦିନେ ଲୋକଙ୍କ ସୁଖଦୁଃଖର ସାଥୀ

'ଶଙ୍ଖ' ଚିହ୍ନରେ ଭୋଟ୍ ଦେବା । ଦୁଇଥର ।
ଥରେ ଏମ୍.ପି.ପାଇଁ । ଥରେ ଏମ୍.ଏଲ୍.ଏ ପାଇଁ ।

## ସଂକ୍ଷେପରେ

### କଂଗ୍ରେସ କର୍ମୀଙ୍କୁ ହତ୍ୟା

**ମୁର୍ଶିଦାବାଦ,୨୩।୪(ପି.ଟି.):** ପଶ୍ଚିମବଙ୍ଗର ମୁର୍ଶିଦାବାଦ ଲୋକ ସଭା ଆସନ ପାଇଁ ମତଦାନ ଚାଲିଥିବାବେଳେ ବାଲିଗ୍ରାମ୍ ପ୍ରାଥମିକ ସ୍କୁଲସ୍ଥିତ ଏକ ବୁଥ୍ ବାହାରେ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଛି। ତିୟାରୁଲ୍ ଶେଖ୍ ନାମକ ମତଦାତା ଉକ୍ତ ସ୍କୁଲକୁ ଭୋଟ ଦେଇଯାଉଥିବାବେଳେ କେତେଜଣଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ସେମାନେ ଏଥିରେ ଉତ୍ୟକ୍ତ ହୋଇ ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ହସ୍ପିଟାଲକୁ ନିଆଯାଇଥିବାବେଳେ ଡାକ୍ତର ତିୟାରୁଲଙ୍କୁ ମୃତ ଘୋଷଣା କରିଥିଲେ। ଆକ୍ରମଣରେ ଅନ୍ୟ ୨ ଜଣ ଆହତ ହୋଇଛନ୍ତି। ତିୟାରୁଲ ଜଣେ କଂଗ୍ରେସ କର୍ମୀ। ତାଙ୍କୁ ଶାସକ ଟିଏମ୍‌ସି ଗୁଣ୍ଡାମାନେ ଆକ୍ରମଣ କରିଥିଲେ ବୋଲି ଏହି ଆସନର କଂଗ୍ରେସ ପ୍ରାର୍ଥୀ ଅବୁ ହେନା ଅଭିଯୋଗ କରିଛନ୍ତି।

### 'ଭାଜପା ପାଇଁ କାମ କରୁଛି କେନ୍ଦ୍ରୀୟ ବଳ'

**ଖାନାକୁଲ,୨୩।୪(ପି.ଟି.):** କେନ୍ଦ୍ରୀୟ ବଳ ଭାଜପା ସପକ୍ଷରେ ମତଦାନ କରାଇବା ପାଇଁ କାମ କରୁଛି ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସମାଲୋଚନା କରିଛନ୍ତି। ଟିଏମ୍‌ସି ସୁପ୍ରିମୋ ମମତା ମଙ୍ଗଳବାର ଆରାମବାଗ୍‌ରେ କହିଛନ୍ତି, ମାଲଦା ଦକ୍ଷିଣ ଓ ବାଲୁରଗଡ଼ ଆସନରେ କେନ୍ଦ୍ରୀୟ ବଳଗୁଡ଼ିକ ଭାଜପା ପାଇଁ ଭୋଟରଙ୍କୁ ଭୋଟ ମାଗୁଛନ୍ତି। ଏନେଇ ନିର୍ବାଚନ କମିଶନ (ଇସି) ଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସେହିପରି ଏତେ ଦୀର୍ଘ ଅବଧି ଧରି ଦେଶରେ କେବେ ନିର୍ବାଚନ ହୋଇ ନ ଥିଲା। ଭାଜପା ନେତାମାନଙ୍କୁ ସୁହାଇବା ଭଳି ବ୍ୟବସ୍ଥା ଇସି କରିଛନ୍ତି ବୋଲି ମମତା ସମାଲୋଚନା କରିଛନ୍ତି।

### କେଜ୍‌ରିୱାଲଙ୍କ ନାଁରେ ଏନ୍‌ବିଡବ୍ଲ୍ୟୁ

**ନୂଆଦିଲ୍ଲୀ,୨୩।୪(ପି.ଟି.):** ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଓ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ବିରୋଧରେ ଦିଲ୍ଲୀର ଏକ କୋର୍ଟରେ ମଙ୍ଗଳବାର ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି ହୋଇଛି। ଆଇନଜୀବୀ ସୁରେନ୍ଦ୍ର କୁମାର ଶର୍ମା ଦାଏର କରିଥିବା ଆପରାଧିକ ମାନହାନି ମାମଲାରେ ସ୍ୱରାଜ ଇଣ୍ଡିଆ ମୁଖ୍ୟ ଯୋଗେନ୍ଦ୍ର ଯାଦବଙ୍କ ବିରୋଧରେ ମଧ ଏନ୍‌ବିଡବ୍ଲ୍ୟୁ ଜାରି ହୋଇଛି। ସୁରେନ୍ଦ୍ରଙ୍କ ଅଭିଯୋଗ ହେଲା, ୨୦୧୩ରେ ତାଙ୍କୁ ଦଳୀୟ ଟିକେଟରେ ଦିଲ୍ଲୀ ବିଧାନସଭାର ଏକ ଆସନରୁ ନିର୍ବାଚନ ଲଢ଼ିବା ପାଇଁ ଏଏପି କହିଥିଲା। ତାଙ୍କ ବିରୋଧରେ ଅପମାନଜନକ ଭାଷା ବ୍ୟବହାର କରି କେତେକ ଖବରକାଗଜରେ ଅଭିଯୁକ୍ତମାନଙ୍କ ଦ୍ୱାରା ରିପୋର୍ଟ ପ୍ରକାଶ ପାଇଥିଲା। ପରେ ତାଙ୍କୁ ଏଏପି ପକ୍ଷରୁ ଟିକେଟ ଦିଆଯାଇ ନ ଥିଲା। ସୁରେନ୍ଦ୍ର ଏହା ବିରୋଧରେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏଏପି ନେତାମାନେ ଅଦାଲତରେ ହାଜର ନ ହେବାରୁ ଅତିରିକ୍ତ ସେମାନଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ ଜାରି ହୋଇଛି।

### ଭିଭିପିଏଟି ମେଶିନରେ ସାପ

**କନ୍ନଉର(କେରଳ)୨୩।୪(ପି.ଟି):** କନ୍ନଉର ଲୋକ ସଭା ନିର୍ବାଚନ ମଣ୍ଡଳୀର ମାଇଲ କାଣ୍ଡାକାଇସ୍ଥିତ ଏକ ପୋଲିଂ ବୁଥ୍‌ରେ ଗୋଟିଏ ଛୋଟ ସାପ ଭିଭିପିଏଟି ମେଶିନ ଭିତରକୁ ପଶିଯାଇଥିଲା। ଏଥିପାଇଁ ସମ୍ପୃକ୍ତ ଅଧିକାରୀ ଏବଂ ଭୋଟର ଆତଙ୍କିତ ହୋଇପଡିଥିଲେ। ସାପକୁ ମେଶିନ ଭିତରୁ ବାହାର କରାଯିବା ପରେ ମତଦାନ କାର୍ଯ୍ୟ ଜାରି ରହିଥିଲା।

## ■ ୧୩ ରାଜ୍ୟ, ୨ କେନ୍ଦ୍ର ଶାସିତ ଅଞ୍ଚଳର ୧୧୭ ଆସନ

# ତୃତୀୟ ପର୍ଯ୍ୟାୟରେ ୬୭% ମତଦାନ

**ନୂଆଦିଲ୍ଲୀ,୨୩।୪(ପି.ଟି.)**

କାଁଭାଁ କେତେକ ସ୍ଥାନରେ ହିଂସାକୁ ଛାଡ଼ିଦେଲେ ମଙ୍ଗଳବାର ତୃତୀୟ ପର୍ଯ୍ୟାୟ ନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ଏହି ପର୍ଯ୍ୟାୟରେ ୧୩ ରାଜ୍ୟ ଓ ୨ କେନ୍ଦ୍ର ଶାସିତ ଅଞ୍ଚଳର ୧୧୭ ଲୋକ ସଭା ଆସନରେ ୬୭% ମତଦାତା ସେମାନଙ୍କ ରାଜନୈତିକ ଅଧିକାର ସାବ୍ୟସ୍ତ କରିଛନ୍ତି। ଭୋଟଗ୍ରହଣ କରାଯାଇଥିବା ଆସନଗୁଡ଼ିକ ମଧ୍ୟରେ ରହିଛି ଆସାମର ୪, ବିହାର (୫), ଛତିଶଗଡ଼ (୭), ଗୁଜରାଟ (୨୬), ଗୋଆ (୨), ଜମ୍ମୁ ଓ କଶ୍ମୀର (୧), କର୍ନାଟକ (୧୪), କେରଳ (୨୦), ମହାରାଷ୍ଟ୍ର (୧୪), ଓଡ଼ିଶା (୬), ୟୁପି (୧୦), ପଶ୍ଚିମବଙ୍ଗ (୫), ଦାଦର ଓ ନଗର ହାଭେଲି (୧), ତ୍ରିପୁରା (୧) ଏବଂ ଡାମନ ଓ ଡିଉର ଗୋଟିଏ। ଏହି ଆସନଗୁଡ଼ିକରେ ମୋଟ ୧,୬୧୨ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ବନ୍ଦ ହୋଇଯାଇଛି।

ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ନିର୍ବାଚନ କମିଶନ ଓ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା। ମତଦାନ ପରେ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହ (ଗୁଜରାଟର ଗାନ୍ଧୀନଗର) ଓ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ(କେରଳର ୱାୟନାଡ୍)ଙ୍କ ସମେତ ଅନେକ କେନ୍ଦ୍ରମନ୍ତ୍ରୀ ଏବଂ ହେଭିୱେଟ୍‌ଙ୍କ ଭାଗ୍ୟ ଇଭିଏମ୍‌ରେ ବନ୍ଦ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପା ମୁଖ୍ୟ ଅମିତ ଶାହ, ବରିଷ୍ଠ ନେତା



ତ୍ରିପୁରାର ଅଗରତାଲାରେ ଆଦିବାସୀ ସମ୍ପ୍ରଦାୟର ମହିଳାମାନେ ଭୋଟ ଦେବା ପରେ ଅଙ୍ଗୁଳି ଦେଖାଉଛନ୍ତି।

ଏଲ୍.କେ. ଆଡ୍‌ଭାନୀ, କେନ୍ଦ୍ରମନ୍ତ୍ରୀ ଅରୁଣ ଜେଟ୍‌ଲୀ, କଂଗ୍ରେସ ନେତା ଅହମଦ ପଟେଲ ପ୍ରମୁଖ ଗୁଜରାଟର ବିଭିନ୍ନ ପୋଲିଂ ଷ୍ଟେଶନରେ ଭୋଟ ଦେଇଛନ୍ତି। ଗୁଜରାଟର ୨୬ ଆସନରେ ସନ୍ଧ୍ୟା ୫ଟା ସୁଦ୍ଧା ୫୮.୯୬% ମତଦାନ ହୋଇଛି। ସେହିପରି କେରଳରେ ୭୦.୨୮% ମତଦାନ ହୋଇଛି। ଏଠାରେ ରାହୁଲଙ୍କ ବ୍ୟତୀତ ଥିରୁଭାନନ୍ତପୁରମ୍ ଏମ୍‌ପି ଶଶୀ ଥରୁର ଏବଂ କେନ୍ଦ୍ରମନ୍ତ୍ରୀ କେ. ଆଲଫନ୍ସ ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ରହିଛନ୍ତି। କର୍ନାଟକରେ ୬୦.୪୨% ମତଦାତା ଭୋଟ ଦେଇଛନ୍ତି। ଉତ୍ତରପ୍ରଦେଶର ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ଅଛନ୍ତି ଏସ୍‌ପି ପ୍ରତିଷ୍ଠାତା ମୁଲାୟମ୍ ସିଂ ଯାଦବ (ମୈନ୍‌ପୁରୀ), ନେତା ଆଜମ୍ ଖାନ୍ (ରାମପୁର), ମୁଲାୟମ୍‌ଙ୍କ ଭାଇ ଶିବପାଲ ଯାଦବ ଓ ପୁତୁରା ଧର୍ମେନ୍ଦ୍ର ଯାଦବଙ୍କ ସହ ଅକ୍ଷୟ ଯାଦବ। ସେହିପରି ରାମପୁର ଆସନରୁ ଭାଜପା ପ୍ରାର୍ଥୀ ଜୟପ୍ରଦାଙ୍କ ଭାଗ୍ୟ ମଧ ଇଭିଏମ୍‌ରେ ସିଲ୍ ହୋଇଯାଇଛି। ମହାରାଷ୍ଟ୍ରରେ ୫୭.୦୧%, ଗୋଆରେ ୭୦.୯୦%, ଛତିଶଗଡ଼ରେ ୬୪.୬୮% ମତଦାନ ହୋଇଛି। ସେହିପରି ଓଡ଼ିଶାରେ ୬୧%, ପଶ୍ଚିମବଙ୍ଗରେ ୭୮.୯୭%, ଆସାମରେ ୭୧.୪୭%, ବିହାରରେ ୫୪.୯୧% ଓ ତ୍ରିପୁରାରେ ସର୍ବାଧିକ ୭୭.୨୮% ଭୋଟଗ୍ରହଣ କରାଯାଇଛି। ଲୋକ ସଭାର ୫୪୩ ଆସନ ମଧ୍ୟରୁ ଏପ୍ରିଲ ୧୧ରେ ୯୧ ଓ ୧୮ରେ ୯୫ ଆସନରେ ଭୋଟଗ୍ରହଣ କରାଯାଇଥିଲା। ଅଦ୍ୟାବଧି ମୋଟ ୩୦୨ ଆସନରେ ଭୋଟଗ୍ରହଣ ଶେଷ ହୋଇଛି। ସମସ୍ତ ୭ ପର୍ଯ୍ୟାୟ ନିର୍ବାଚନ ସରିବା ପରେ ମେ ୨୩ରେ ଭୋଟଗଣତି ହେବ।

## ■ ପୁଣି ଇଭିଏମ୍ ଦୋଷ

# ପ୍ରଶ୍ନ ଉଠାଇଲେ ବିରୋଧୀ

**ମୁମ୍ବାଇ/ଲକ୍ଷ୍ନୌ,୨୩।୪(ପି.ଟି.)**



ଶରଦ ପାୱାର



ଏନ୍. ଚନ୍ଦ୍ରାବାବୁ ନାଇଡୁ

ତୃତୀୟ ପର୍ଯ୍ୟାୟ ଭୋଟଗ୍ରହଣ ଚାଲିଥିବାବେଳେ ଦେଶର ବିଭିନ୍ନ ସ୍ଥାନରେ ଇଲେକ୍ଟ୍ରୋନିକ୍ସ ଭୋଟିଂ ମେଶିନ୍ (ଇଭିଏମ୍)ରେ ତ୍ରୁଟି ଦେଖାଦେଇଛି। ଏହାକୁ ନେଇ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାର ଏବଂ ସମାଜବାଦୀ ପାର୍ଟି (ଏସ୍‌ପି) ଅଧକ୍ଷ ଅଖିଳେଶ ଯାଦବ ଇଭିଏମ୍‌କୁ ଦୋଷ ଦେଇ କେନ୍ଦ୍ରକୁ ଟାର୍ଗେଟ କରିଛନ୍ତି।

ମୁମ୍ବାଇରେ ଏନ୍‌ସିପି, ଟିଡିପି, ଟିଏମ୍‌ସି, ଏଏପି, ସିପିଆଇ, ସିପିଆଇଏମ୍ ଏବଂ ଡିଏମ୍‌କେ ପକ୍ଷରୁ ଆୟୋଜିତ ଏକ ମିଳିତ ଖବରଦାତା ସମ୍ମିଳନୀରେ ପାୱାର କହିଛନ୍ତି, ଦେଶବାସୀ ମୋଦିଙ୍କ ନେତୃତ୍ୱାଧୀନ ସରକାରକୁ ହଟାଇ ନୂଆ ସରକାର ଗଠନ ପାଇଁ ଚାହୁଁଛନ୍ତି। କିନ୍ତୁ ଇଭିଏମ୍‌ରେ ହେରଫେର ହେଉଛି ଚିନ୍ତାର ବିଷୟ। ସେହିପରି ଭାଜପା କେବଳ ଚାଲବାଜି କରି ଭୋଟ ହାତଉଛି ବୋଲି ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁ ସମାଲୋଚନା କରିଛନ୍ତି। ଏଏପି ନେତା ସଞ୍ଜୟ ସିଂ କହିଛନ୍ତି, ଯେଉଁ ବଟନ ଦବାଇଲେ ଭାଜପାକୁ ଭୋଟ ଯାଉଛି। ନିର୍ବାଚନ କମିଶନ ଏସବୁ ଜାଣି ଧୃତରାଷ୍ଟ୍ରଙ୍କ ଭଳି ଅଭିନୟ କରୁଛନ୍ତି। ଉତ୍ତରପ୍ରଦେଶର ୮୦ ଲୋକ ସଭା ଆସନରୁ ୧୦ଟିରେ ଭୋଟଗ୍ରହଣ କରାଯାଇଛି। ଅନେକ ବୁଥ୍‌ରେ ଇଭିଏମ୍ ଅଚଳ ହୋଇଯାଇଥିବାରୁ ମତଦାନ ବାଧାପ୍ରାପ୍ତ ହୋଇଛି। ଏହାକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ କହିଛନ୍ତି, ଡିଜିଟାଲ ଇଣ୍ଡିଆରେ ଏତେସଂଖ୍ୟକ ଇଭିଏମ୍ କାହିଁକି ଖରାପ ହେଉଛି। ଏଥିଯୋଗୁ ସନ୍ଦେହ ଜାତ ହେଉଛି। ନିର୍ବାଚନ କମିଶନ ଏହାକୁ ନେଇ ଯାଞ୍ଚ କରାଇବା ସହ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଅଖିଳେଶ ଦାବି କରିଛନ୍ତି।

## ଖବର ଚୁମ୍ବକରେ



➘ ବିବାଦୀୟ ମନ୍ତବ୍ୟ ଦେଇ ଚର୍ଚ୍ଚାରେ ଥିବା ଭୋପାଳ ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ସାଧ୍ୱୀ ପ୍ରଜ୍ଞା ସିଂ ଠାକୁର ମଙ୍ଗଳବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ତାଙ୍କର ମୋଟ ସମ୍ପତ୍ତିର ପରିମାଣ ୪,୪୪,୨୨୪ ଟଙ୍କା ବୋଲି ସେ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି।

➘ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ଅଧକ୍ଷା ତଥା ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତି ଅନନ୍ତନାଗ ଲୋକ ସଭା ଆସନରୁ ପ୍ରାର୍ଥୀ ହୋଇଛନ୍ତି। ଏହି ଆସନର ୬୫ଟି ମତଦାନ କେନ୍ଦ୍ରରେ କେହି ଜଣେ ହେଲେ ମତଦାତା ଭୋଟ ଦେଇନାହାନ୍ତି। ତନ୍ମଧ୍ୟରୁ ୪୦ଟି ପୋଲିଂ ବୁଥ୍ ବିଜ୍‌ବେହେରା ବିଧାନସଭା ଆସନରେ ରହିଛି, ଯାହାକି ମେହବୁବାଙ୍କ ନିଜ ନିର୍ବାଚନମଣ୍ଡଳୀ।

➘ ଅନନ୍ତନାଗ ଜିଲାର ଦୁଇଟି ସ୍ଥାନରେ ନିର୍ବାଚନୀ ହିଂସା ଘଟିଛି। ଏଥିରେ ଜଣେ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଥିବାବେଳେ ୧୦ ସିଆର୍‌ପିଏଫ୍ ଯବାନ ଓ ୫ ନିର୍ବାଚନ କର୍ମଚାରୀ ଆହତ ହୋଇଛନ୍ତି।

➘ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ମଙ୍ଗଳବାର ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ୍ ଶାହଙ୍କୁ 'ହତ୍ୟା ଅଭିଯୁକ୍ତ' ବୋଲି ଅଭିହିତ କରିଛନ୍ତି। ମଧ୍ୟପ୍ରଦେଶର ଜବଲପୁର ସଭାରେ ରାହୁଲ କହିଛନ୍ତି, ହତ୍ୟା ଅଭିଯୁକ୍ତ ଅମିତ୍ ଶାହଙ୍କ ପୁଅ ଜୟ ଶାହ ଜଣେ ଜାଦୁକର। ସେ ୫୦ ହଜାର ଟଙ୍କାକୁ ୩ ମାସ ମଧ୍ୟରେ ୮୦ କୋଟିରେ ପରିଣତ କରିଦେଇଥିଲେ। ରାହୁଲଙ୍କ ଏହି ମନ୍ତବ୍ୟକୁ ନେଇ ବିବାଦ ସୃଷ୍ଟି ହୋଇଛି। ରାହୁଲଙ୍କ ମିଥ୍ୟା ଅଭିଯୋଗ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ତାଙ୍କର ଆଇନଗତ ଜ୍ଞାନ ନାହିଁ ବୋଲି ଶାହ ସମାଲୋଚନା କରିଛନ୍ତି।

➘ ତେଲେଙ୍ଗାନାସ୍ଥିତ ନିଜାମାବାଦ ଜିଲାର ୫୦ ଜଣ କୃଷକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ବାରାଣସୀ ଲୋକ ସଭା ଆସନରେ ଲଢ଼ିବେ। ପ୍ରକାଶ ଯେ, ନିଜାମାବାଦ ଲୋକ ସଭା ଆସନରେ ଏପ୍ରିଲ ୧୧ରେ ଭୋଟଗ୍ରହଣ ହୋଇଥିଲା। ଏଥିରେ ୧୭୮ କୃଷକ ପ୍ରାର୍ଥୀ ହୋଇଥିଲେ।

➘ ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ୨.୧୧ ଲକ୍ଷ ପୋଲିଂ ବୁଥ୍‌ରେ ସର୍ବାଧିକ ଇଭିଏମ୍ ଏବଂ ଭିଭିପିଏଟି ମେଶିନ୍ ବ୍ୟବହାର କରାଯାଇଥିବା ମଙ୍ଗଳବାର ନିର୍ବାଚନ କମିଶନଙ୍କ ସୂତ୍ରରୁ ପ୍ରକାଶ।

➘ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ୍ ଶାହଙ୍କ ବିରୋଧରେ ମଙ୍ଗଳବାର କଂଗ୍ରେସ ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୋଇଛି। ଉଭୟେ ବିଗତ ୨୪ ଘଣ୍ଟା ମଧ୍ୟରେ ବେଆଇନ ଭାବେ ନିର୍ବାଚନୀ ସଭା କରି ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ବରିଷ୍ଠ ନେତା ଜୟରାମ ରମେଶଙ୍କ ନେତୃତ୍ୱରେ କଂଗ୍ରେସ ପ୍ରତିନିଧି ଦଳ ଏନେଇ ଇସିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛି। ଅଭିଯୋଗ ପରେ ଗୁଜରାଟ ନିର୍ବାଚନ ଅଧିକାରୀଙ୍କୁ ଇସି ରିପୋର୍ଟ ମାଗିଛନ୍ତି।



କଂଗ୍ରେସ ନେତା ଜୟରାମ ରମେଶ ଓ ଅଭିଷେକ ମନୁ ସିଂଘଭି

# ଉତ୍ତର-ପଶ୍ଚିମ ଦିଲ୍ଲୀରୁ ଭାଜପା ପ୍ରାର୍ଥୀ ହେଲେ ହଂସରାଜ

**ନୂଆଦିଲ୍ଲୀ,୨୩।୪**

ଭାଜପା ମଙ୍ଗଳବାର ଗାୟକ ହଂସରାଜ ହଂସଙ୍କୁ ଉତ୍ତର-ପଶ୍ଚିମ ଦିଲ୍ଲୀ ଲୋକ ସଭା ଆସନରୁ ପ୍ରାର୍ଥୀ କରିଛି। ଏଥର ଏହି ଆସନ ପାଇଁ ବର୍ତ୍ତମାନର ସାଂସଦ ଉଦିତ ରାଜଙ୍କୁ ବାଦ୍ ଦିଆଯାଇଛି। ହଂସରାଜ ଉକ୍ତ ଆସନର କଂଗ୍ରେସ ପ୍ରାର୍ଥୀ ରାଜେଶ ଲିଲୋଥିଆ ଏବଂ ଏଏପିର ଗୁଗନ ସିଂଙ୍କ ବିରୋଧରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ନରେନ୍ଦ୍ର ମୋଦି ଏବଂ ଅମିତ ଶାହଙ୍କ ମାର୍ଗଦର୍ଶନରେ ସେ ସାଧୁତା ଓ ଶ୍ରଦ୍ଧାର ସହିତ ଦେଶବାସୀଙ୍କ ସେବା କରିବେ ବୋଲି ହଂସରାଜ ଟୁଇଟ୍ କରିଛନ୍ତି। ଅନ୍ୟପକ୍ଷରେ ଭାରତୀୟ ରାଜସ୍ୱ ସେବାର ପୂର୍ବତନ ଅଧିକାରୀ ଉଦିତ ରାଜ ନିଜ ପଦବୀରୁ ଇସ୍ତଫା ଦେଇ ୨୦୦୩ରେ ଇଣ୍ଡିଆନ ଜଷ୍ଟିସ ପାର୍ଟି ଗଠନ କରିଥିଲେ। ୨୦୧୪ରେ ସେ ଭାରତୀୟ ଜନତା ପାର୍ଟି ସହିତ ନିଜ ଦଳକୁ ମିଶାଇ ଦେଇଥିଲେ। ସେହିବର୍ଷ ଲୋକ ସଭା ନିର୍ବାଚନରେ ଭାଜପା ଟିକେଟରେ ପ୍ରାର୍ଥୀ ହୋଇ ସେ ବିଜୟୀ ହୋଇଥିଲେ। ତାଙ୍କୁ ଏଥର ଟିକେଟ ନ ମିଳିଲେ ସେ ଦଳ ଛାଡି ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଧମକ ଦେଇଛନ୍ତି।



# ମତଦାନ ବେଳେ ୧୦ ମୃତ

**ଥିରୁଭାନନ୍ତପୁରମ୍,୨୩।୪(ପି.ଟି.)**

କେରଳର କସରଗୋଡ, କୋଲ୍ଲାମ୍, କନ୍ନୁର, ଏର୍ନାକୁଲମ୍, ୱାୟନାଡ୍ ସମେତ ବିଭିନ୍ନ ବୁଥ୍‌ରେ ମଙ୍ଗଳବାର ମତଦାନ ବେଳେ ଅନ୍ୟୁନ ୧୦ ଭୋଟରଙ୍କ ମୃତ୍ୟୁ ଘଟିଛି। ତୃତୀୟ ପର୍ଯ୍ୟାୟ ଭୋଟଗ୍ରହଣ ବେଳେ କେଉଁ ସ୍ଥାନରେ କେତେଜଣଙ୍କ ମୃତ୍ୟୁ ହୋଇଛି ସେନେଇ ଜିଲା ପ୍ରଶାସନକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ରିପୋର୍ଟ ମାଗିଛନ୍ତି। କୋଟ୍ଟାୟମର ୮୪ ବର୍ଷୀୟ ରୋସାମ୍ମା ଭୋଟ ଦେଇଯାଇଥିବାବେଳେ ମୂର୍ଚ୍ଛା ହୋଇଯାଇଥିଲେ। କନ୍ନୁରର ବେଣୁଗୋପାଳ ଭୋଟ ଦେଇ ଫେରୁଥିବାବେଳେ ଚେତାଶୂନ୍ୟ ହୋଇଯାଇଥିଲେ। ସେମାନଙ୍କୁ ହସ୍ପିଟାଲ ନିଆଯାଉଥିବାବେଳେ ମୃତ୍ୟୁ ଘଟିଥିଲା। ସେହିପରି ଚେଲ୍ଲିଚେରୀର ମୁସ୍ତାଫା (୫୨), ଚୋକ୍ଲିର ବିଜୟ (୬୫), ଏର୍ନାକୁଲମ୍‌ର ଥେରେସିୟାମ୍ମା(୮୭), ୱାୟନାଡ୍‌ର ବଲାନ୍ (୬୪), ଅଲାପ୍ପୁଝାର ପ୍ରଭାକରନ୍ (୭୪)ଙ୍କ ମତଦାନ ସମୟରେ ଜୀବନ ଯାଇଛି। ରାନ୍ନିର ପାପାଚେନ୍ (୬୭) ଭୋଟ ଦେବା ପାଇଁ ଧାଡ଼ିରେ ଛିଡ଼ା ହୋଇଥିବାବେଳେ ପ୍ରାଣ ହରାଇଛନ୍ତି। କସରଗୋଡ୍‌ର ମଧ୍ୟମ ବୟସ୍କ ଭୋଟର ବାବୁରାଜ ଏବଂ କୋଲ୍ଲାମ୍‌ର ଏକ ବୁଥ୍‌ରେ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

# ଭାଜପାରେ ଯୋଗଦେଲେ ସନ୍ନି ଦେଓଲ

**ନୂଆଦିଲ୍ଲୀ,୨୩।୪**

ଅଭିନେତା ସନ୍ନି ଦେଓଲ ମଙ୍ଗଳବାର ଭାଜପାରେ ଯୋଗଦେଇଛନ୍ତି। ପ୍ରତିରକ୍ଷାମନ୍ତ୍ରୀ ନିର୍ମଳା ସୀଥାରାମନ ଓ ରେଳମନ୍ତ୍ରୀ ପୀୟୁଷ ଗୋୟଲଙ୍କ ଉପସ୍ଥିତିରେ ମିଶ୍ରଣ ପର୍ବ ହୋଇଥିଲା। ଏହାର ଦିନକ ପୂର୍ବରୁ ଦେଓଲ ଭାଜପା ଅଧକ୍ଷ ଅମିତ ଶାହଙ୍କୁ ଭେଟିଥିଲେ। ଭାଜପାରେ ମିଶିବାପରେ ଦଳ ତାଙ୍କୁ ପଞ୍ଜାବର ଗୁରୁଦାସପୁର ଆସନରୁ ପ୍ରାର୍ଥୀ କରିଛି।

ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟରେ ଗଣମାଧ୍ୟମକୁ ଦେଓଲ କହିଛନ୍ତି, ଯେଉଁ ନୀତି ଆଧାରରେ ତାଙ୍କ ପିତା ଧର୍ମେନ୍ଦ୍ର ଅଟଳଜୀଙ୍କ ସହିତ ସାମିଲ ହୋଇଥିଲେ ସେଇ ଆଦର୍ଶକୁ ଭିତ୍ତିକରି ସେ ମୋଦିଜୀଙ୍କ ସହ ଯୋଡି ହୋଇଛନ୍ତି। ମୋଦିଙ୍କୁ ଆସନ୍ତା ୫ ବର୍ଷ ପାଇଁ ପୁଣିଥରେ ପ୍ରଧାନମନ୍ତ୍ରୀ ଭାବରେ ସେ ଦେଖିବାକୁ ଚାହାନ୍ତି।

**ଗୁର୍‌ଦାସପୁର ଆସନରୁ ଲଢ଼ିବେ**



'ଘାୟଲ' ଏବଂ 'ଦାମିନି' ଫିଲ୍ମରେ ଅଭିନୟ କରିଥିବା ଦେଓଲ ଭାଜପାରେ ମିଶିବାର କିଛିଘଣ୍ଟା ପରେ ଦଳ ତାଙ୍କୁ ଗୁର୍‌ଦାସପୁର ଲୋକ ସଭା ଆସନରୁ ପ୍ରାର୍ଥୀ କରିଛି। ଏହି ଆସନରୁ ଭାଜପାରୁ ଅଭିନେତା ସ୍ୱର୍ଗତ ବିନୋଦ ଖାନ୍ନା ପ୍ରତିନିଧିତ୍ୱ କରିଆସୁଥିଲେ। ସୀଥାରାମନ କହିଛନ୍ତି, ସନ୍ନି ଦେଓଲ ସିନେମାର ସରହଦ ଅତିକ୍ରମ କରି ଭାଜପାକୁ ଆସିବା ସ୍ୱାଗତଯୋଗ୍ୟ। ଜାତୀୟତାବାଦ ଏବଂ ଦେଶପ୍ରେମର ଅନୁଭୂତି ଫିଲ୍ମ ଜରିଆରେ ସୁନ୍ଦର ଭାବରେ ପ୍ରତିଫଳିତ ହେଲେ ଏହା ଭାରତୀୟଙ୍କ ହୃଦୟକୁ ଛୁଇଁପାରେ। ଦେଓଲ ଲୋକଙ୍କ ସ୍ପନ୍ଦନ ବୁଝିପାରିଛନ୍ତି । ଜନତାଙ୍କ ସେବା କରୁଥିବା ଓ ଦେଶର ଗୌରବକୁ ଉଚ୍ଚରେ ରଖିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶରେ ଦେଓଲ ଅନୁପ୍ରାଣିତ ବୋଲି ସୀଥାରାମନ ପ୍ରଶଂସା କରିଥିଲେ। ସୂଚନାଯୋଗ୍ୟ, ମଥୁରା ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ହେମାମାଳିନୀ ହେଉଛନ୍ତି ସନ୍ନି ଦେଓଲଙ୍କ ସାବତ ମା'।



କେରଳର କୋଚିରେ ମତଦାନ ପାଇଁ ଭୋଟରଙ୍କ ଭିଡ଼।



ଅହମ୍ମଦାବାଦର ଏକ ବୁଥ୍‌ରେ ଜଣେ ଦିବ୍ୟାଙ୍ଗ ଭୋଟରଙ୍କ ପାଦ ଅଙ୍ଗୁଳିରେ କାଳିଚିହ୍ନ ଲଗାଉଛନ୍ତି ନିର୍ବାଚନ ଅଧିକାରୀ।



ଉତ୍ତରପ୍ରଦେଶର ବଦାୟୁଁସ୍ଥିତ ଏକ ପୋଲିଂ ଷ୍ଟେଶନ ବାହାରେ ମତଦାତାଙ୍କ ଲମ୍ବାଧାଡ଼ି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଏପ୍ରିଲ ୨୪/୨୦୧୯ | Bhubaneswar, Wednesday, April 24/2019





## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ତେଜଲ୍
ପରିବାରବର୍ଗ


ଅନମୋଲ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭୋଟ ଦେବାରୁ ବଞ୍ଚିତ ହେଲେ ମହାରଥୀ

**ଭୁବନେଶ୍ୱର,୨୩।୪ (ବ୍ୟୁରୋ)**

ନିର୍ବାଚନ କମିଶନଙ୍କ ଫ୍ଲାଇଂ ସ୍କ୍ୱାଡ୍ ମାଜିଷ୍ଟ୍ରେଟ୍ ଓ ତାଙ୍କ ଟିମ୍‌କୁ ଆକ୍ରମଣ କରି ଜେଲ୍ ଯାଇଥିବା ବିଜେଡିର ବରିଷ୍ଠ ନେତା ତଥା ପିପିଲି ବିଧାୟକ ପ୍ରଦୀପ ମହାରଥୀ ଭୋଟ ଦେବାରୁ ବଞ୍ଚିତ ହୋଇଛନ୍ତି। ମହାରଥୀ ପିପିଲି ନିର୍ବାଚନ ମଣ୍ଡଳୀରୁ ୩ଥର ବିଧାୟକ ହୋଇଥିବାବେଳେ ଚଳିତ ନିର୍ବାଚନରେ ବିଜେଡିରୁ ବିଧାୟକ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରୁଥିଲେ। ମଙ୍ଗଳବାର ଥିଲା ଭୋଟ। ହେଲେ ଏହାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ ସୋମବାର ସେ ଗିରଫ ହୋଇ ଜେଲ୍ ଯାଇଥିଲେ। ବିଳମ୍ବିତ ରାତିରେ ହଠାତ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ଝାରପଡ଼ା ଜେଲ୍‌ରୁ କ୍ୟାପିଟାଲ ହସ୍ପିଟାଲକୁ ଅଣାଯାଇଥିଲା। ସେ ବର୍ତ୍ତମାନ କ୍ୟାପିଟାଲ ହସ୍ପିଟାଲରେ ନର୍ସିଂ ହଲ୍ ୫ ନମ୍ବର ୱାର୍ଡରେ ଚିକିତ୍ସାଧୀନ ଅଛନ୍ତି। ତେବେ ଆବଶ୍ୟକ କାଗଜପତ୍ର ଯୋଗାଡ଼ ହୋଇ ନ ଥିବାରୁ ମହାରଥୀ ମତଦାନ କରିପାରି ନ ଥିବା ଜଣାପଡିଛି। ଅନ୍ୟପକ୍ଷରେ ବୁଧବାର ଭୁବନେଶ୍ୱର ସ୍ୱତନ୍ତ୍ର କୋର୍ଟରେ ମହାରଥୀଙ୍କ ଜାମିନ ଆବେଦନର ଶୁଣାଣି ହେବ।

ସୂଚନା ମୁତାବକ, ରବିବାର ମହାରଥୀଙ୍କ ପିପିଲିସ୍ଥିତ

## ଜାମିନ ଆବେଦନର ଶୁଣାଣି ଆଜି

ଫାର୍ମ ହାଉସ୍‌ରେ ଭୋଜି ସହ ଟଙ୍କା ବଣ୍ଟାଯାଉଥିବା ଖବର ମିଳିବା ପରେ ରାତି ପ୍ରାୟ ୧୧ଟା ୪୫ରେ ଫ୍ଲାଇଂ ସ୍କ୍ୱାଡ୍ ଓ ଷ୍ଟାଟିକ୍ ସର୍ଭେଲାନ୍ସ ଟିମ୍ (ଏସ୍‌ଏସ୍‌ଟି) ଚଢାଉ କରିଥିଲା। ଏହି ସମୟରେ ଫ୍ଲାଇଂ ସ୍କ୍ୱାଡ୍ ମାଜିଷ୍ଟ୍ରେଟ୍ ରବିନାରାୟଣ ପାତ୍ର, ପିପିଲି ଥାନା ଏଏସ୍‌ଆଇ ବିନୟ କୁମାର ଦାସ ଓ ଡ୍ରାଇଭର ଦୀପକଙ୍କ ସମେତ ୫ଜଣଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଏହି ଘଟଣାକୁ ନେଇ ମହାରଥୀ ଓ ତାଙ୍କ ସମର୍ଥକଙ୍କ ବିରୋଧରେ ପିପିଲି ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପିପିଲି ପୋଲିସ ସୋମବାର ପୂର୍ବାହ୍ନ ୧୧ଟାରେ ମହାରଥୀଙ୍କୁ ଗିରଫ କରିଥିଲା। ଏହାପରେ ସ୍ଥାନୀୟ ଡାକ୍ତରଖାନାରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ତାଙ୍କୁ ପିପିଲି ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରାଯାଇଥିଲା। ବିଚାର ଚାଲିଥିବାବେଳେ ମହାରଥୀ ଅସୁସ୍ଥ ହୋଇପଡିବାରୁ କୋର୍ଟଙ୍କ ଅନୁମତିକ୍ରମେ ମହାରଥୀଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର କୋର୍ଟକୁ ଅଣାଯାଇଥିଲା। ଆଡିଶନାଲ ସେସନ୍ସ ଜଜ୍-୩ ଅରୁଣ କୁମାର ମଲ୍ଲିକ ତାଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ।

**ବଉଳା କୁମ୍ଭୀର ପ୍ରଜନନ ଋତୁ ଆରମ୍ଭ**

# ମେ ୧ରୁ ଭିତରକନିକା ବନ୍ଦ

**ରାଜନଗର, ୨୩।୪ (ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକସ୍ଥିତ ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟସ୍ଥ ନଦୀ ନାଳଗୁଡ଼ିକରେ ରହୁଥିବା ବଉଳା କୁମ୍ଭୀରଙ୍କର ପ୍ରଜନନ ଋତୁ ଆରମ୍ଭ ହୋଇଛି। ଏହି ସମୟରେ କୁମ୍ଭୀରମାନେ ସୁରକ୍ଷିତ ସ୍ଥାନ ଖୋଜି ଅଣ୍ଡାଦାନ କରିଥାନ୍ତି। ଏଥିରେ କୌଣସି ବାଧା ନ ଉପୁଜିବା ପାଇଁ ରାଜନଗର ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଫଳରେ ପ୍ରତିବର୍ଷ ଭଳି ଚଳିତବର୍ଷ ମେ ୧ ତାରିଖଠାରୁ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଭିତରକନିକା ବନ୍ଦ ରହିବ। ଏହି ସମୟ ମଧ୍ୟରେ ଜାତୀୟ ଉଦ୍ୟାନ ମଧ୍ୟକୁ ପର୍ଯ୍ୟଟକଙ୍କ ପ୍ରବେଶ ନିଷିଦ୍ଧ କରାଯାଇଛି। ଏ ନେଇ ରାଜନଗର ବନବିଭାଗ ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ଭିତରକନିକା ଜାତୀୟ ଉଦ୍ୟାନରେ ଥିବା ନଦୀନାଳ ଓ ଏହା ସଂଲଗ୍ନ ନଦୀନାଳଗୁଡିକରେ ୧୭୪୨ କୁମ୍ଭୀର ରହୁଛନ୍ତି। ପ୍ରତିବର୍ଷ ବଉଳା କୁମ୍ଭୀରଙ୍କ ପ୍ରଜନନ ଋତୁ ସମୟ ମେ ୧ରୁ ତିନିମାସ ପର୍ଯ୍ୟନ୍ତ ଭିତରକନିକା ବନ୍ଦ ରଖାଯାଇଥାଏ। ଏହି ସମୟରେ କୁମ୍ଭୀରମାନେ ଅଧିକ ହିଂସ୍ର ହୋଇଉଠୁଥିବା ଯୋଗୁ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ଜାତୀୟ ଉଦ୍ୟାନ ବନ୍ଦ ରଖାଯାଇଥାଏ।




# ବିଭିନ୍ନ ସ୍ଥାନରେ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଚଢ଼ାଉ

**ଭୁବନେଶ୍ୱର,୨୩।୪(ବ୍ୟୁରୋ)**

ଚଳିତ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ଏବଂ ସ୍ୱଚ୍ଛ ଓ ନିରପେକ୍ଷତା ଅବଲମ୍ବନ କରିବା ସକାଶେ ବିଭିନ୍ନ ସ୍ଥାନରେ ଯାଞ୍ଚ ଜାରିରହିଛି। ବର୍ତ୍ତମାନ ସୁଦ୍ଧା ଫ୍ଲାଇଙ୍ଗ ସ୍କ୍ୱାଡ୍ ଓ ପୋଲିସ ଦ୍ୱାରା ୩ କୋଟି ୬୨ ଲକ୍ଷ ୭୮ ହଜାର ଟଙ୍କା ଜବତ କରାଯାଇଛି। ରାଜ୍ୟରେ ଏ ପର୍ଯ୍ୟନ୍ତ ବିଭିନ୍ନ ଜିଲାରେ ୧୪ହଜାର ୧୫୧ ଜାମିନ ବିହୀନ ଗିରଫ ପରୱାନା କାର୍ଯ୍ୟକାରୀ କରାଯାଇଛି। ସିଆରପିସିର ଧାରା ୧୦୭/୧୧୦ ଅନୁଯାୟୀ ୬୩ ହଜାର ୮୨୯ ଜଣଙ୍କୁ ଅଟକ ରଖାଯାଇଛି। ଲାଇସେନ୍ସପ୍ରାପ୍ତ ୫ ହଜାର ୪୫୧ ଗୋଟି ବନ୍ଧୁକ ସମ୍ପୃକ୍ତ ଜିଲା ପ୍ରଶାସନ ଠାରେ ଦାଖଲ କରାଯାଇଛି। ଲାଇସେନ୍ସ ନ ଥିବା ୨୪୮ ଅସ୍ତ୍ରଶସ୍ତ୍ର ଏବଂ ୧୪୫୭.୫୮୨ କିଲୋଗ୍ରାମ ବିସ୍ଫୋରକ ଦ୍ରବ୍ୟ ଜବତ ହୋଇଛି। ଏ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ଅବାକରୀ ବିଭାଗ ଓ ପୋଲିସର ମିଳିତ ଚଢାଉ ଫଳରେ ୧୫୪୪୩୨.୫୦୩ ଲିଟର ମଦ

## ୩.୬୨ କୋଟି ଟଙ୍କା ଜବତ

ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୪ କୋଟି ୦୫ ଲକ୍ଷ ୪୯ ହଜାର ୦୭୫ ଟଙ୍କା ହେବ।

ଉଲ୍ଲେଖଯୋଗ୍ୟ ଯେ, ୩ଟି ପର୍ଯ୍ୟାୟରେ ମତଦାନ ହୋଇଥିବା ଜିଲା ଗୁଡିକରେ ମଙ୍ଗଳବାର ସୁଦ୍ଧା ଅବକାରୀ ବିଭାଗ ଦ୍ୱାରା ୩୯୩୧୪.୮୭୩ ଲିଟର ଏବଂ ପୋଲିସ ଦ୍ୱାରା ୨୧୯୩୨.୩୫୦ ଲିଟର ମଦ ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ଯଥାକ୍ରମେ ୬୩ ଲକ୍ଷ ୪୦ ହଜାର ୮୩୬ ଏବଂ ୫୧ ଲକ୍ଷ ୩୮ ହଜାର ୬୫୦ ଟଙ୍କା ହେବ। ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରି ସର୍ବସାଧାରଣ ସ୍ଥାନରେ ଲାଗିଥିବା ୪୬ ଲକ୍ଷ ୪୬ହଜାର ୫୯୭ ହୋର୍ଡିଂ, ପୋଷ୍ଟର ଆଦିକୁ ହଟାଇ ଦିଆଯାଇଛି। ସେହିପରି ବର୍ତ୍ତମାନ ସୁଦ୍ଧା ବ୍ୟକ୍ତିଗତ ମାଲିକାନାରେ ଥିବା ସ୍ଥାନଗୁଡିକରେ ବେଆଇନ ଭାବେ ଲାଗିଥିବା ୩ ଲକ୍ଷ ୬୩ହଜାର ୨୦୦ଟି ହୋର୍ଡିଂ ଓ ପୋଷ୍ଟରକୁ ମଧ୍ୟ କାଢି ଦିଆଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଅଶ୍ୱିନୀ ନକ୍ଷତ୍ରସ୍ଥ ରବି ଓ ଆପଣଙ୍କ ସୁସ୍ଥ ଚିନ୍ତାଧାରା ଓ କାର୍ଯ୍ୟକଳାପକୁ ପ୍ରଭାବିତ କରି ସମସ୍ୟାମୂଳକ ଚିନ୍ତାରେ ବ୍ୟଥିତ କରାଇପାରନ୍ତି। ବନ୍ଧୁମାନଙ୍କ ଅନୁରୋଧବଶତଃ ଦୂରଯାତ୍ରା କରିବାକୁ ପଡିପାରେ। ସାହିତ୍ୟ, ସଂସ୍କୃତି, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ପରିବାରରେ ନିଜ ଲୋକମାନଙ୍କ ପକ୍ଷପାତିତାକୁ ଦେଖି ବ୍ୟସ୍ତ ହେବେ।

**ବୃଷ** ଶନି ଯୁକ୍ତ ଚନ୍ଦ୍ର ମାନସିକ ସ୍ତରକୁ ଚିନ୍ତିତ କରାଇବା ସହ ପ୍ରତ୍ୟେକ କ୍ଷେତ୍ରରେ ଦ୍ୱନ୍ଦ୍ୱଯୁକ୍ତ କରାଇପାରନ୍ତି। ଅବଶ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବା ସଙ୍ଗକୁ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିବେ। ସହକର୍ମୀମାନଙ୍କ ପରାମର୍ଶ କ୍ରମେ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବାକୁ ପଡିପାରେ। ଶିଳ୍ପ, ବ୍ୟବସାୟ ଓ ପରିବହନ, ନିର୍ମାଣ, ଜମିଜମା କ୍ଷେତ୍ରରେ କାର୍ଯ୍ୟ ସାଧିତ ହେବ।

**ମିଥୁନ** ଷଷ୍ଠ ଏକାଦଶାଧିପତି ମଙ୍ଗଳ ଦ୍ୱାଦଶସ୍ଥ ରହି ଆପଣଙ୍କୁ ଋଣମୁକ୍ତଗତ କରାଇବା ସଙ୍ଗେ ଶତ୍ରୁମାନଙ୍କୁ ପରାସ୍ତ କରିବେ। ପ୍ରତ୍ୟେକ ପରିସ୍ଥିତିରେ ନିଜଲୋକ ଦ୍ୱାରା ସାହାଯ୍ୟ, ସହଯୋଗର ଅଭାବ ରହିବ ନାହିଁ। ସନ୍ତାନ ହେତୁକ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ। ଭୁଲ୍ ବୁଝାମଣା କାରଣରୁ ପାରିବାରିକ ଅଶାନ୍ତିରେ ଅସ୍ଥିରତା ଅନୁଭବ କରିପାରନ୍ତି।

**କର୍କଟ** ଭାଗ୍ୟସ୍ଥାନରେ ବ୍ୟୟାଧିପ ଅବସ୍ଥାନ କରି ଆପଣଙ୍କ ଉଦ୍ୟମରେ ବାଧାବିଘ୍ନ ସୃଷ୍ଟି କରିପାରନ୍ତି। ଇଚ୍ଛା ନ ଥିଲେ ମଧ୍ୟ ପରିସ୍ଥିତିର ଅଙ୍କାବଙ୍କା ରାସ୍ତାରେ ଇଚ୍ଛା ନ ଥାଇ ମଧ୍ୟ ଚାଲିବାକୁ ବାଧ୍ୟ ହେବେ। ଅତ୍ୟଧିକ ଖର୍ଚ୍ଚାନ୍ତ ହେବାକୁ ପଡିପାରେ। ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନ ଅବସରରେ ନିକଟ ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**ସିଂହ** ଚତୁର୍ଥକେନ୍ଦ୍ରରେ ବୃହସ୍ପତି ପାରିବାରିକ ଜୀବନକୁ ସରସ ସୁନ୍ଦର କରାଇବାରେ ସାହାଯ୍ୟ କରିବେ। କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ସଭାସମିତିରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଅଧିକାଂଶ ସମୟ ବିତିଯାଇପାରେ।

**କନ୍ୟା** ଚତୁର୍ଥସ୍ଥ ଶନି ଯୁକ୍ତ ଚନ୍ଦ୍ର ପାରିବାରିକ ଓ କର୍ମକ୍ଷେତ୍ରରେ ନକାରାତ୍ମକ ମାନସିକ ଚିନ୍ତା ସୃଷ୍ଟି କରିବେ। ବିକ୍ଷିପ୍ତ ଭାବଧାରାର ଅବ୍ୟବସ୍ଥିତ ମନ ସାମାଜିକ ସ୍ଥିତିକୁ ମଧ୍ୟ ବିଶୃଙ୍ଖଳିତ କରିପାରେ। ଜଣେ ଅତି ପରିଚିତ ହିତୈଷୀଙ୍କ ଠାରୁ ସାହାଯ୍ୟ ପାଇବେ। ଏହା ବ୍ୟତୀତ ସବୁପ୍ରକାରର ସୁବିଧା ଥିଲେ ମଧ୍ୟ ଅନ୍ୟାନ୍ୟ କ୍ଷେତ୍ରରେ ସାମାନ୍ୟ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

**ତୁଳା** ଭାଗ୍ୟସ୍ଥାନରେ ରାହୁ ଆପଣଙ୍କ ଧନହାନୀ, ବନ୍ଧୁଙ୍କ ସହ ତିକ୍ତଆଲୋଚନା ସୃଷ୍ଟି କରିପାରେ। ମାଳିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ। ତଥାପି ପରିସ୍ଥିତିବଶତଃ କର୍ମକ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ବ୍ୟବସାୟ, ପ୍ରଶାସନ ଓ ପରିବହନରେ ସମସ୍ୟା ଲାଗି ରହିବ।

**ବିଛା** ମୁଖଭାବରେ କେତୁ ଆପଣଙ୍କ କଥାବାର୍ତ୍ତାକୁ ନେଇ ବିତର୍କ ସୃଷ୍ଟିହେବାର ଆଶଙ୍କା ଉପୁଜିପାରେ। ବୃହସ୍ପତିଙ୍କ ଦୃଷ୍ଟି ଜନିତ ସ୍ୱାସ୍ଥ୍ୟରେ ଉନ୍ନତି, ଆର୍ଥିକ ପ୍ରଗତି ଓ ଉନ୍ନତ ଚିନ୍ତା ମଧ୍ୟ ଅନୁରାଧା ନକ୍ଷତ୍ର କରିପାରନ୍ତି। ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା ତଥା ବିବାଦୀୟ ପରିସ୍ଥିତି, କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** ସାମୟିକ ବ୍ୟତିକ୍ରମକୁ ବାଦ୍ ଦେଲେ ପ୍ରାୟତଃ ଦିନଟିରେ ପ୍ରତିଟି କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହୋଇଯିବ। ପାରିବାରିକ, ପ୍ରଶାସନ, ଯାନବାହନ, କଳା, ସାହିତ୍ୟ, ସଙ୍ଗୀତ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ଅଫିସ୍ କାମରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିପାରନ୍ତି।

**ମକର** ଆପଣ ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ବାଣିଜ୍ୟ, ବ୍ୟବସାୟ ତଥା ବିଭିନ୍ନ ସୂତ୍ରରୁ ରୋଜଗାର ବୃଦ୍ଧି ପାଇବ ଓ କୌଣସି କ୍ଷେତ୍ରରେ ତାହାକୁ ବିନି ଯୋଗ କରିବା ପାଇଁ ଚେଷ୍ଟା କରିବେ। ଜମିଜମା ବିବାଦର ସମାଧାନ ହେବାର ସମ୍ଭାବନା ରହିଛି। ସ୍ୱାସ୍ଥ୍ୟପ୍ରତି ଅବହେଳା କରି ଅନୁତାପ କରି ପାରନ୍ତି।

**କୁମ୍ଭ** ବଳବାନ୍ ଶନିଙ୍କ କୃପାଦୃଷ୍ଟି ଫଳରେ ସ୍ୱାସ୍ଥ୍ୟ ଭଲ ରହିବା ସହ ଅନ୍ୟମାନଙ୍କର ପରୋକ୍ଷ ଶତ୍ରୁତା ଆପଣଙ୍କ କୌଣସି କାମକୁ ଅଟକାଇ ପାରିବ ନାହିଁ। ସଭାସମିତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କର ସଂସ୍ପର୍ଶରେ ଆସିବେ, ଯଦ୍ୱାରା ଆପଣ କେତେକ ବ୍ୟକ୍ତିଗତ ପରାମର୍ଶ ଲାଭକରିବାର ସୁଯୋଗ ପାଇ ପାରିବେ।

**ମୀନ** ଗ୍ରହସ୍ଥିତିର ଅନୁକୂଳତା ପ୍ରାପ୍ତ ହୋଇ ପ୍ରତ୍ୟେକ କାମକୁ ବିନା ଟେନ୍ସନରେ ସମ୍ପନ୍ନ କରିପାରିବେ। ସଭାସମିତି, ଆଲୋଚନା, ସମ୍ପର୍କସ୍ଥାପନ ତଥା ବ୍ୟବସାୟ, ବାଣିଜ୍ୟ, ନିର୍ମାଣ, ଶେୟାର ବଜାର, ପରିବହନରେ ଲାଭବାନ ହେବେ। ଅର୍ଥନୈତିକ ଅଭିବୃଦ୍ଧି ସଙ୍ଗକୁ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରଶଂସିତ ହେବାର ସୌଭାଗ୍ୟ ଲାଭ କରିବେ।

ଆଜି ବୈଶାଖ କୃଷ୍ଣ ୫ମୀ ଯୁକ୍ତ ଷଷ୍ଠୀ ବୁଧବାର, ଏପ୍ରିଲ୍ ୨୪ ତାରିଖ, ବୁଧବାର, ମାନବ ଏକତା ଦିବସ, ଶ୍ରୀମାଙ୍କ ଶେଷଥର ପଣ୍ଡିଚେରୀ ଆଗମନ ଦିବସ, ସତ୍ୟସାଇବାବାଙ୍କ ତିରୋଧାନ ଦିବସ,ରାଶି ନକ୍ଷତ୍ର-ମୂଳା/ଧନୁ, ୫ମୀର ଏକୋଦ୍ଦିଷ୍ଟ ଓ ଷଷ୍ଠୀର ପାର୍ବଣ ଶ୍ରାଦ୍ଧ, କର୍କଟ ରାଶିର ଘାତବାର, ସକାଳ ଘ୮ ।୩୦ମି. ଗତେ ଘ୧୦ ।୦୫ମି. ମଧ୍ୟେ, ଘ୧୧ ।୪୦ମି. ଗତେ ଘ୧ ।୧୫ମି. ମଧ୍ୟେ ଅମୃତବେଳା। ଦିବା ଘ୧୦ ।୦୫ମି. ଗତେ ଘ୧୧ ।୪୦ମି. ମଧ୍ୟେ, ଘ୨ ।୫୦ମି. ଗତେ ଘ୪ ।୨୫ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୧ ।୪୫ମି. ଗତେ ଘ୧ ।୨୦ମି. ମଧ୍ୟେ ରାହୁକାଳ।


# classifieds Everyday

0674-2580101, 2549302




**BRIDE WANTED**

Urgent bride requirement for Gudia groom. Qualification- IT, Age-34, Rasi- 5/2, Height- 5'.7". Contact: 9778124128. D-12184

Engineer boy, Age 41, second marriage, looking for Muslim girl from religious, poor or needy family. WhatsApp photo details: 9985784765. D-12228

Now Matrimonial ads. only on Wednesday & Sunday Book 1 Get 1 FREE

ବ୍ରାହ୍ମଣ ପାତ୍ରୀ ଆବଶ୍ୟକ। 34 ବୟସରୁ ଉର୍ଦ୍ଧ୍ୱ ହୋଇଥିବ। Mob No: 8598834841. D-12281

Khandayat (Divorcee) boy 1978/ MBBS, PG (pediatrics) Doctor USA. 6372663936. D-66128

Bank ଚାକିରିଆ, 40 ବୟସ୍କ, ଛାଡପତ୍ର ବଣିଆ ପୁଅଙ୍କ ପାଇଁ ଯେକୌଣସି ଜାତିର ବିବାହିତା/ ଅବିବାହିତା ଝିଅ ଦରକାର: 7008080967. D-60830

ଧୋବା ଜାତିର କମ୍ପାନି ଚାକିରି କରିଥିବା ପୁଅ ପାଇଁ ପାତ୍ରି ଦରକାର। 9337065883, 7609836849. D-64960

**GROOM WANTED**

Wanted groom for 35yrs, State Govt. Employee Kaibarta girl. 8249993227. D-66439

Divorcee bride Lecturer 40, Clerk 43 (caste-no-bar). Contact. 7873374269. D-66440

Groom (Karan, Khandayat) required for divorcee issue less Karan girl, 36, B.A, MSW. 9853356780. D-12297




**SALE**

Looking to purchase Land/ Building at Medical area, Behrampur: 7978426155. D-66441

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

30' road, electricity, boundary ଥାଇ BDA plot Bhubaneswar Patapalli chhakରେ ମିଳୁଅଛି। 9090963952. D-66343

ORERA registered 1BHK, Studio flats @ Narendrakona, Puri. Construction in full swing. Mobile: 9238356740, 9437030740. D-66095

Bhubaneswar ପିତାପଲ୍ଲି ଛକକୁ ଲାଗି BDA Commercial plot ସୁଲଭ ମୂଲ୍ୟରେ ମିଳୁଅଛି। 8339920771. D-66357

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-66099

ଭୁବନେଶ୍ୱର AIIMS Medical, DOON School, NMIET College ନିକଟରେ Yellowzone Gharabari 30' road, electricity ଥାଇ boundary plot 1,500/- 9777553622. D-66125

Bhubaneswar Infocity-II boundary କୁ ଲାଗି sqft.-600/-ରେ ପାଚେରି ସହ plot ବିକ୍ରିହେବ। 8658962508, 8480864171. D-66360

**BDAର Southcity IIT Argul ଠାରେ Railway stationରୁ ଅଳ୍ପ ଦୂରତାରେ ପିଚୁରାସ୍ତାର ସୁବିଧାଥାଇ ଘରବାରି plot କିଣନ୍ତୁ। Akshya- 8327748629.** D-66352

ଭୁବନେଶ୍ୱର କଣ୍ଟାବାଡ଼/ ଅନ୍ଧାରୁଆରେ (ପିତାପଲ୍ଲୀ- କଟକ) NH bypass road sideରେ ଘରବାରି ପଟ୍ଟା plot- 9437971401 D-66126

କଟକ - ଭୁବନେଶ୍ୱର **Twincity** ମଧ୍ୟରେ ନିର୍ମିତ ବୃହତ୍ତମ **commercial Hub (Grand bazar)** ସମ୍ମୁଖରେ ଘରବାରି ବାସୋପଯୋଗୀ **plot** ଶସ୍ତାରେ ମିଳୁଅଛି। **Sanjaya- 8339826767.** D-66354

Gharabari demarcated plot for sale at Bhubaneswar SUM Hospital Nuagaon roadside yellowzone @ 1600/ sqft. 9777063609. D-66129

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8338932027. D- 66333

Bhubaneswar AIIMS front Govt. road କୁଲାଗି gharabari yellow zone plot ବିକ୍ରିହେବ: 8480745797. D-66332

ଭୁବନେଶ୍ୱର ରେତଙ୍ଗ ଷ୍ଟେସନ ପାଖରେ ଘରବାରି ପ୍ଲଟ କିଣି ଘର କରନ୍ତୁ। 9938066403. D-66358

SC gharabari plot for sale just 1.9km. from NH-5 Hanspal- Puri Canal, sqft. 1250. 8763499150. D-12286

ନଖରା ତ୍ରିନାଥ ବଜାର ଠାରେ SC ଘରବାରି ପ୍ଲଟ 1200କୁ 3,80,000/- ପ୍ରତାପ ନଗରୀ ଧାକୁଲେଇପାଠ ଠାରେ 1200କୁ 3,00,000/- (outright). 9776934361, 8144706560. D-66359




3BR duplex flat at Tankapani Road with parking 9439833387, 9861393570. D-65641




Fully refreshed/ relaxed body massage by expert therapist, Shastri Nagar. 7377984773. D-66060

Rejuvenate and Ayurvedic full body massage by smart therapist. 9114402304. D-66059

Herbal full body massage with refreshment by well trained therapist. 7381239385, 0674-2540855. D-66090

Experience full body massage with us by experts. Enquiry- 0674-2597822, 7377048581. D-66091

Herbal full body massage by smart/expert therapist. Contact: 8338067247. D-66092

Newly opening ayurvedic body massage smart therapist Shree herbal. 7750020754. D-66093

Summer special mesmerizing offer expert therapeutic refreshing massage appointment. 9668374480. D-66094

**AFFIDAVIT**

I, Ayush Agarwal, 18 years, S/o. Raj Kumar Agarwal, Laxmi sagar, Bhubaneswar, I hereby declare vide affidavit Dt. 22.04.2019 that my surname is wrongly mentioned as 'Agrawal' in my Matric Certificate. Hence, both 'Ayush Agarwal' & 'Ayush Agrawal' is one and same person i.e. myself. D-12285

**21st Happy Birthday**



**Sonali Jena (Sonu)**
**Phulnakhara, Trinath Bazar**
Cos today is your day. It is an oppertunity for you to know that you are special and special things are for you. Today I wish you all the best. ***Happy birth day***.
**Best Wishes: Sinu, Mama, Rinu, Sima, Dinesh, Rashmi, Motu, Mithun & Friends.**
D-12301

**3rd Marriage Anniversary**



**Aditya Barman Jena (Arun)**
**Sonali Mohanty (Mili)**
**ଶୁଭେଚ୍ଛା ସହ**
**ପରିବାରବର୍ଗ**
D-12302

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଏପ୍ରିଲ ୨୪/୨୦୧୯ | Bhubaneswar, Wednesday, April 24/2019 | ପୃଷ୍ଠା-୧




**‘ତେରେ ନାମ୍’ର ସିକ୍ୱେଲ ସ୍କ୍ରିପ୍ଟ ସମ୍ପୂର୍ଣ୍ଣ**

୨୦୦୩ର ବ୍ଲକ୍‌ବଷ୍ଟର ଫିଲ୍ମ ‘ତେରେ ନାମ୍’ର ସିକ୍ୱେଲ ସ୍କ୍ରିପ୍ଟ ସମ୍ପୂର୍ଣ୍ଣ ହୋଇଥିବା ଅଭିନେତା ତଥା ଫିଲ୍ମ ନିର୍ମାତା ସତୀଶ କୌଶିକ ପ୍ରକାଶ କରିଛନ୍ତି।

୦୪

୧୫

**ବଜରଙ୍ଗ ଜିତିଲେ ସ୍ୱର୍ଣ୍ଣ**

ଭାରତର ବଜରଙ୍ଗ ପୁନିଆ ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।








### ସିଜେଆଇଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ
## ତଦନ୍ତ କରିବ ୩ ଜଣିଆ କମିଟି

ନୂଆଦିଲ୍ଲୀ,୨୩।୪(ପି.ଟି.)

ପ୍ରଧାନ ବିଚାରପତି ଜଷ୍ଟିସ ରଞ୍ଜନ ଗୋଗୋଇଙ୍କ ବିରୋଧରେ ଆସିଥିବା ଯୌନ ଶୋଷଣ ଅଭିଯୋଗର ତଦନ୍ତ କରିବା ପାଇଁ ମଙ୍ଗଳବାର ସୁପ୍ରିମକୋର୍ଟର ଏକ ତିନିଜଣିଆ କମିଟି ଗଠନ କରାଯାଇଛି। ଜଷ୍ଟିସ୍ ଏସ୍.ଏ. ବୋବ୍‌ଦେଙ୍କ ଅଧକ୍ଷତାରେ ଗଠିତ ଏହି କମିଟିରେ ଜଷ୍ଟିସ୍ ଏନ୍.ଭି. ରମନ୍ନା ଏବଂ ଇନ୍ଦିରା ବାନାର୍ଜୀ ଅଭିଯୋଗର ଯାଞ୍ଚ କରିବେ। ମାମଲାର ଗମ୍ଭୀରତାକୁ ହୃଦୟଙ୍ଗମ କରି ଏହାର ତଦନ୍ତ ଭାର ବରିଷ୍ଠତମ ବିଚାରପତିମାନଙ୍କୁ ଦିଆଯାଇଛି। ସିଜେଆଇଙ୍କ ବିରୋଧରେ ☞ପୃଷ୍ଠା–୧୨



ଜଷ୍ଟିସ ରଞ୍ଜନ ଗୋଗୋଇ

**ଆଜିର ସମ୍ପାଦକୀୟ**

ନ୍ୟାୟାଳୟ ଉପରେ ଛିଟା

■ ରାଜ୍ୟରେ ତୃତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ଶେଷ

# ସନ୍ଧ୍ୟା ୬ଟା ସୁଦ୍ଧା ୬୪ % ମତଦାନ

- ■ ଭୁବନେଶ୍ୱରରେ ମତଦାନ ହାର ବୃଦ୍ଧି
- ■ ଇଭିଏମ୍‌ରେ ସିଲ୍ ୪୧୭ ପ୍ରାର୍ଥୀଙ୍କ ଭାଗ୍ୟ
- ■ ପୋଲିଂ ଅଧିକାରୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ
- ■ ନିଜ ଅଞ୍ଚଳରେ ଭୋଟ ଦେଲେ ହେଭିଓ୍ୱେଟ ନେତା

ଭୁବନେଶ୍ୱର,୨୩।୪(ବ୍ୟୁରୋ)

ମଙ୍ଗଳବାର ରାଜ୍ୟରେ ତୃତୀୟ ପର୍ଯ୍ୟାୟ ମତଦାନ ଶେଷ ହୋଇଛି। ଏହିପର୍ଯ୍ୟାୟରେ ୬ ଲୋକସଭା ଓ ୪୨ ବିଧାନସଭା ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୪୧୭ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଯାଇଛି। ମତଦାନ କେନ୍ଦ୍ରଗୁଡ଼ିକରେ ସକାଳ ୭ଟାରୁ ଭୋଟ ଗ୍ରହଣ ଆରମ୍ଭ ହୋଇଥିଲା। ଏହାର ଦେଢ଼ଘଣ୍ଟା ପୂର୍ବରୁ ମକ୍‌ପୋଲ କରାଯାଇଥିଲା। ସକାଳେ ମତଦାନ ସାମାନ୍ୟ ଧୀମା ରହିଥିଲା। ମଧ୍ୟାହ୍ନରେ ପ୍ରବଳ ଖରା ଯୋଗୁ ଟିକେ ମାନ୍ଦା ପଡ଼ିଥିବାବେଳେ ଅପରାହ୍ନରେ ମତଦାନ ହାର ବୃଦ୍ଧି ପାଇଥିଲା।

ପୂର୍ବାହ୍ନ ୧୦ଟା ବେଳକୁ ବିଭିନ୍ନ ମତଦାନ କେନ୍ଦ୍ରରେ ଭୋଟରଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଭୋଟ ହାରରେ ମଧ୍ୟ ବୃଦ୍ଧି ଘଟିଥିଲା। ସକାଳ ୯ଟା ସୁଦ୍ଧା ମତଦାନ ହାର ୬ ପ୍ରତିଶତ ହୋଇଥିବାବେଳେ ପୂର୍ବାହ୍ନ ୧୧ଟା ବେଳକୁ ୧୮ ଏବଂ ଅପରାହ୍ନ ୩ଟା ବେଳକୁ ମତଦାନ ହାର ୪୭ ପ୍ରତିଶତକୁ ବୃଦ୍ଧି ପାଇଥିଲା। ସନ୍ଧ୍ୟା ୬ଟା ସୁଦ୍ଧା ମତଦାନ ୬୪ ପ୍ରତିଶତ ହୋଇଥିଲା। ମତଦାତାମାନେ ବୁଥ ସମ୍ମୁଖରେ ଲମ୍ବା ଲାଇନରେ ଛିଡ଼ାହୋଇ ଭୋଟ ଦେବାକୁ ଅପେକ୍ଷା କରିଥିବା ଦେଖାଯାଇଥିଲା। କେବଳ ଜନତା ନୁହଁନ୍ତି ନେତାମାନେ ମଧ୍ୟ ଉତ୍ସାହର ସହ ଭୋଟ ଦେଉଥିବା ଦେଖାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବହୁ ପ୍ରମୁଖ ନେତା ତଥା ପିନାକୀ ମିଶ୍ର, ଭର୍ତ୍ତୃହରି ମହତାବ, ☞ପୃଷ୍ଠା–୧୨



ଭୁବନେଶ୍ୱର ଲକ୍ଷ୍ମୀସାଗର ହାଇସ୍କୁଲର ଏକ ବୁଥ୍‌ରେ ମତଦାନ ପାଇଁ ଭିଡ଼ ଜମାଇଥିବା ଭୋଟର ।

## ବହୁ ସ୍ଥାନରେ ଇଭିଏମ୍ ଅଚଳ

- ■ ଭୋଟଦାନ ବାଧାପ୍ରାପ୍ତ
- ■ କେତେକ ସ୍ଥାନରେ ହିଂସା
- ■ ଆଠଗଡ଼ରେ ଇଭିଏମ୍‌ରେ ନିଆଁ
- ■ ୨ ସ୍ଥାନରେ ମତଦାନ ବାତିଲ, ସାନି ନିର୍ବାଚନ ପାଇଁ ସୁପାରିସ

ଭୁବନେଶ୍ୱର, ୨୩।୪(ବ୍ୟୁରୋ)

ରାଜ୍ୟର ୬ ଲୋକ ସଭା ଆସନ ଏବଂ ଏହା ଅଧୀନ ୪୨ ବିଧାନସଭା କ୍ଷେତ୍ରରେ ମଙ୍ଗଳବାର ଭୋଟ ଗ୍ରହଣ ହୋଇଛି। ପୂର୍ବ ପ୍ରସ୍ତୁତି ସତ୍ତ୍ୱେ ରାଜଧାନୀ ଭୁବନେଶ୍ୱର ସମେତ ଅନ୍ୟ କେତେକ ସ୍ଥାନରେ ଇଭିଏମ୍ ତ୍ରୁଟି ଦେଖାଦେଇଛି। ଏହି କାରଣରୁ ଅନେକ ସ୍ଥାନରେ ମତଦାନ ବିଳମ୍ବ ଓ ବାଧାପ୍ରାପ୍ତ ହୋଇଛି। ସେହିପରି ମତଦାନବେଳେ କେତେକ ସ୍ଥାନରେ ହିଂସା ସହ ଇଭିଏମ୍ ଭଙ୍ଗାରୁଜା ମଧ୍ୟ ହୋଇଛି। ନିର୍ବାଚନ ଆଚରଣବିଧି ଉଲ୍ଲଂଘନ କରିଥିବା ଯୋଗୁ ବିଜେଡି ନେତା ଦେବାଶିଷ ସାମନ୍ତରାୟ, ଚନ୍ଦ୍ରସାରଥି ବେହେରା ଏବଂ ଭାଜପା ନେତା ପ୍ରକାଶ ମିଶ୍ରଙ୍କୁ କଟକ ଜିଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ନୋଟିସ କରାଯାଇଛି। ଦେବଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀର ୧୮୩ ନମ୍ବର ବୁଥ ଏବଂ କଟକ ଜିଲା ବଡମ୍ବା ବିଧାନସଭା ନିର୍ବାଚନମଣ୍ଡଳୀର ବୁଥ୍ ନମ୍ବର ୧୯୬ରେ ଭୋଟ ଗ୍ରହଣ ବାତିଲ କରାଯାଇଛି। ଇଭିଏମ୍ ଏବଂ ଭିଭିପିଏଟି ପ୍ୟାୟାରିଂରେ ତ୍ରୁଟିଯୋଗୁ ଉକ୍ତ ଦୁଇଟି ମତଦାନ କେନ୍ଦ୍ରରେ ଭୋଟ ଗ୍ରହଣ ହୋଇ ପାରି ନାହିଁ। ମନୁଷ୍ୟକୃତ ତ୍ରୁଟି ଯୋଗୁ ଏଭଳି ସମସ୍ୟା ହୋଇଛି। ଉକ୍ତ ଦୁଇଟି ବୁଥରେ ସାନି ମତଦାନ ପାଇଁ ନିର୍ବାଚନ କମିଶନଙ୍କୁ ସୁପାରିସ କରାଯିବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର କହିଛନ୍ତି। ଏଥିପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜିଲା ଚିଲିକା ନିର୍ବାଚନମଣ୍ଡଳୀ ବାଣପୁର ଥାନା ଓ ବେଗୁନିଆ ନିର୍ବାଚନମଣ୍ଡଳୀର ବୋଲଗଡ ଥାନା ଅଞ୍ଚଳରେ ରାଜନୈତିକ ହିଂସା ହୋଇ ୩ ଆହତ ହୋଇଛନ୍ତି। ☞ପୃଷ୍ଠା–୧୨

## ‘ନବୀନଙ୍କ ଗାଦି ଛାଡ଼ିବାର ସମୟ ଆସିଲାଣି’

**କେନ୍ଦ୍ରାପଡ଼ା, ବାଲେଶ୍ୱର ବିଜୟ ସଂକଳ୍ପ ସଭାରେ ମୋଦି**

- ■ ଓଡ଼ିଶାରେ ଶେଷ ପ୍ରଚାର, ସରକାର ଆସିଲେ ପୁଣି ଆସିବି
- ■ ନୂଆ ଭାରତ ଗଠନରେ ଡବଲ୍ ଇଞ୍ଜିନର ରହିଛି ଆବଶ୍ୟକତା
- ■ ବକ୍ତବ୍ୟରେ ‘ଜୟ ଅନୁସନ୍ଧାନ’ ସ୍ଲୋଗାନ ଯୋଡ଼ିଲେ

କେନ୍ଦ୍ରାପଡ଼ା ଅଫିସ/ ବାଲେଶ୍ୱର ଅଫିସ/ ବସ୍ତା/ରୂପ୍‌ସା,୨୩।୪ (ଡି.ଏନ୍.ଏ.)

ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗାଦି ଛାଡ଼ିବାର ସମୟ ଆସିଗଲାଣି। ଏଥର ବିଜେଡି ଯିବ ଓ ଭାଜପା ଆସିବା ସୁନିଶ୍ଚିତ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେନ୍ଦ୍ରାପଡ଼ା ଗସ୍ତ ଅବସରରେ ଏହା କହିଛନ୍ତି। ଏଥିସହ ସେ ପ୍ରକାଶ କରିଛନ୍ତି ଯେ, ଓଡ଼ିଶାରେ ଏହା ତାଙ୍କର ଶେଷ ନିର୍ବାଚନ ପ୍ରଚାର । ଏହାପରେ ନୂଆ ସରକାର ଆସିଲେ ପୁଣି ଆସିବେ। ଏଥର ଯେଉଁ ଭଲପାଇବା ରାଜ୍ୟରେ ତାଙ୍କୁ ମିଳିଛି, ତାହା ଗତଥର ମିଳି ନ ଥିଲା ବୋଲି ସେ ପ୍ରକାଶ କରିଛନ୍ତି । ସେହିପରି ବାଲେଶ୍ୱରର ବସ୍ତାଠାରେ ☞ପୃଷ୍ଠା–୧୨




କେନ୍ଦ୍ରାପଡ଼ାର ସିଦ୍ଧମଠ ପଞ୍ଚାୟତ ପଡ଼ିଆରେ ମଙ୍ଗଳବାର ଆୟୋଜିତ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ନେତୃବୃନ୍ଦ ।

## ‘ମୋଦି ସରକାର ଲୋକଙ୍କ ବିଶ୍ୱାସ ହରାଇଛି’

ଖଇରା, ୨୩।୪(ଡି.ଏନ.ଏ.)

ଗତ ନିର୍ବାଚନରେ ବିଭିନ୍ନ ପ୍ରତିଶ୍ରୁତି ଦେଇ ନରେନ୍ଦ୍ର ମୋଦିଙ୍କ ସରକାର ବହୁ ମତରେ କ୍ଷମତାକୁ ଆସିଲେ। କିନ୍ତୁ ବିମୁଦ୍ରୀକରଣ, ଜିଏସ୍‌ଟି ପ୍ରଚଳନ ଭଳି ପଦକ୍ଷେପ ଯୋଗୁ ବହୁ ଲୋକ ନିଯୁକ୍ତି ହରାଇଲେ ଓ ବହୁ ବ୍ୟବସାୟୀ କ୍ଷତିଗ୍ରସ୍ତ ହେଲେ। ଗରିବ ଲୋକ ଗରିବ ହୋଇ ରହିଲେ। ମୋଦି ସରକାର ଲୋକଙ୍କର ବିଶ୍ୱାସ ହରାଇ ସାରିଛନ୍ତି। ଗୁଜରାଟ ମଡେଲ କଥା କହି ମୋଦି ବିଭିନ୍ନ ରାଜ୍ୟରେ ନିର୍ବାଚନ ପ୍ରଚାର କରିଥିଲେ ମଧ୍ୟ ସେଠାରେ ଭୋଟରମାନେ ତାଙ୍କୁ ନିର୍ବାଚନରେ ହରାଇଛନ୍ତି। ଏଥର ପୁଣି ସେ ନିଶ୍ଚିତ ହାରିବେ। ନରେନ୍ଦ୍ର ମୋଦିଙ୍କୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଭଳି ସିଧା ସମାଲୋଚନା କରିଛନ୍ତି। ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନମଣ୍ଡଳୀ ଅଧୀନ ଖଇରା ବ୍ଲକ ପତିରାଜପୁର ମେଳନ ପଡିଆରେ ମଙ୍ଗଳବାର ଆୟୋଜିତ ସ୍ୱାଭିମାନ ଶଙ୍ଖନାଦ ସମାରୋହରେ ମୁଖ୍ୟମନ୍ତ୍ରୀ ଉପରୋକ୍ତ ବକ୍ତବ୍ୟ ଦେଇ ଭାଜପା ଓ କେନ୍ଦ୍ର ସରକାରଙ୍କ ☞ପୃଷ୍ଠା–୧୨

**ସ୍ୱାଭିମାନ ଶଙ୍ଖନାଦ ସମାରୋହରେ ନବୀନ ବର୍ଷିଲେ**




ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଥିବା ବେଳେ ନିକଟରେ ଉପସ୍ଥିତ ଅଛନ୍ତି ଏମ୍‌ପି ପ୍ରାର୍ଥିନୀ ମଞ୍ଜୁଲତା ମଣ୍ଡଳ ଓ ବିଧାୟକ ପ୍ରାର୍ଥୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ।

- ■ ବିମୁଦ୍ରୀକରଣ, ଜିଏସ୍‌ଟି ଯୋଗୁ ଲୋକେ କ୍ଷତିଗ୍ରସ୍ତ
- ■ ଗରିବ ଲୋକ ଗରିବ ହୋଇ ରହିଲେ
- ■ ଗୁଜରାଟ ମଡେଲ କଥା ଫେଲ୍ ହୋଇଛି

**ଆଜିର ମନ୍ତବ୍ୟ**

“ ଭାଜପାର ବିଜୟ ସୁନିଶ୍ଚିତ କରିବା ପାଇଁ କେନ୍ଦ୍ରୀୟ ବଳ କାମ କରୁଛି।

–ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

**କିଛି ତଥ୍ୟ**

୨୦୧୮–୧୯ରେ ଦେଶରୁ ଫାର୍ମା ପ୍ରଡକ୍ଟ ରପ୍ତାନି ୧୧% ବୃଦ୍ଧି ଘଟି ୧୯.୨ ବିଲିୟନ ଡଲାର ଛୁଇଁଛି।

– ବାଣିଜ୍ୟ ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE 23.04.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 98 | 155 | 165 |
| CTC | 99 | 157 | 167 |
| DKL | 99 | 157 | 167 |
| BDK | 102 | 161 | 171 |
| BLS | 102 | 161 | 171 |
| ANG | 99 | 157 | 167 |

*Conditions Apply

Eggs Retail Price- 40/-Dozen
Issued in the Interest of Consumers


## ଖ୍ରୀଷ୍ଟଚର୍ଚ୍ଚର ପ୍ରତିଶୋଧ ଶ୍ରୀଲଙ୍କାରେ
# ମୃତ୍ୟୁସଂଖ୍ୟା ୩୨୧ରେ ପହଞ୍ଚିଲା

- ■ ନିଜକୁ ଦାୟୀକଲା ଆଇଏସ୍
- ■ ୪୦ ସନ୍ଦିଗ୍ଧ ଗିରଫ ହେଲେଣି

କଲମ୍ବୋ,୨୩।୪

ଗତ ମାର୍ଚ୍ଚ ମାସରେ ନ୍ୟୁଜିଲାଣ୍ଡର ଖ୍ରୀଷ୍ଟଚର୍ଚ୍ଚସ୍ଥିତ ଦୁଇ ମସ୍‌ଜିଦରେ ହୋଇଥିବା ଆଖିବୁଜା ଗୁଳିମାଡର ପ୍ରତିଶୋଧ ହେଉଛି ଭୟଙ୍କର ଇଷ୍ଟର ସଣ୍ଡେ ବିସ୍ଫୋରଣ। ଶ୍ରୀଲଙ୍କାର ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ରୁୱାନ ୱିଜେବର୍ଦ୍ଧନେ ମଙ୍ଗଳବାର ଏଭଳି ସଂସଦରେ କହିଛନ୍ତି। ତଦନ୍ତରୁ ତାହା ଜଣାପଡିଥିବା ସେ ପ୍ରକାଶ କରିଛନ୍ତି। ଶ୍ରୀଲଙ୍କା ଆତଙ୍କବାଦୀ ବିସ୍ଫୋରଣରେ ମୃତ୍ୟୁସଂଖ୍ୟା ଏବେ ୩୨୧ରେ ପହଞ୍ଚିଥିବା ବେଳେ ଏଥିରେ ୩୮ ବିଦେଶୀଙ୍କ ସହ ୧୦ ଜଣ ଭାରତୀୟ ମଧ୍ୟ ପ୍ରାଣ ହରାଇଛନ୍ତି। ଏବେବି ପ୍ରାୟ ୩୦ ଜଣ ବିଦେଶୀ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମଙ୍ଗଳବାର ମୃତକଙ୍କ ସମୂହ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ପ୍ରକାଶ।

ଘଟଣାକୁ ନେଇ କଲମ୍ବୋରେ ଲୋକଙ୍କ ମଧ୍ୟରେ ଆତଙ୍କ ଦେଖାଦେଇଥିବାବେଳେ କୋଲୁପେଟିୟା ରେଲଓ୍ୱେଷ୍ଟେଶନରୁ ପୋଲିସକୁ ଏକ ସନ୍ଦିଗ୍ଧ ପାର୍ସଲ ମିଳିଛି। ଆତଙ୍କୀ ବିସ୍ଫୋରଣ ମାମଲାରେ ଏପର୍ଯ୍ୟନ୍ତ ୪୦ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି। ସାଙ୍ଗ୍ରି-ଲା ଓ ଚିନ୍ନାମନ ଗ୍ରାଣ୍ଡ ହୋଟେଲରେ ଆତ୍ମଘାତୀ ବିସ୍ଫୋରଣ ପଛରେ ଦୁଇ ମୁସଲମାନ ଭ୍ରାତାଙ୍କ ହାତ ଥିବା ମଧ୍ୟ ପୋଲିସ କହିଛି। ସ୍ଥାନୀୟ ଇସଲାମିକ ଗୋଷ୍ଠୀ ଏଭଳି କାଣ୍ଡରେ ସାମିଲ ଥିବା ପୋଲିସ କହିଥିଲାବେଳେ ଏହା ପଛରେ ବିଦେଶୀ ଶକ୍ତିର ହାତ ☞ପୃଷ୍ଠା–୧୨



ଏକ ମୃତଦେହକୁ ଶେଷକୃତ୍ୟ ନିମନ୍ତେ ନିଆଯାଉଛି।




ଭଗବାନ ବଳବାନ ମଣିଷ ଚାହାନ୍ତି– ଭାବପ୍ରବଣ ଶିଶୁମାନଙ୍କୁ ନୁହଁ। ପ୍ରଭୁ ଚାହାନ୍ତି ଆମଠାରୁ ଅଟଳ ସହିଷ୍ଣୁତା– ଦୃଢତା ଓ ବୀରତ୍ୱ– ଯଥାର୍ଥ ଆଧ୍ୟାତ୍ମିକ ବୀରତ୍ୱ। ସେ ମଧ୍ୟ ଆମଠାରୁ ଚାହାନ୍ତି ପୌରୁଷ ଏବଂ ଦିବ୍ୟ ପୌରୁଷ। –ଶ୍ରୀଅରବିନ୍ଦ

# ନ୍ୟାୟାଳୟ ଉପରେ ଛିଟା

ଭାରତୀୟ ନ୍ୟାୟପାଳିକାର ସର୍ବୋଚ୍ଚ ଆସନ ଉପରେ ପୁନର୍ବାର କଳାବାଦଲ ଘୋଟିଯାଇଛି। ବର୍ତ୍ତମାନର ପ୍ରଧାନ ବିଚାରପତି(ସିଜେଆଇ) ରଞ୍ଜନ ଗୋଗୋଇଙ୍କ ସମେତ ବରିଷ୍ଠ ବିଚାରପତି ଜଷ୍ଟିସ୍ ଚେଲାମେଶ୍ୱର, ମଦନ ବି ଲକୁର ଏବଂ କୁରିୟନ ଯୋଶେଫ୍ ତତ୍କାଳୀନ ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ବିରୋଧରେ ମାମଲା ବଣ୍ଟନରେ ଅନିୟମିତତା ଅଭିଯୋଗ ଆଣି ୧୨ ଜାନୁୟାରୀ ୨୦୧୮ରେ ଏକ ଖବରଦାତା ସମ୍ମିଳନୀ ଡାକିଥିଲେ। ଭାରତୀୟ ନ୍ୟାୟ ବ୍ୟବସ୍ଥାରେ ତାହା ଥିଲା ଐତିହାସିକ ବିଦ୍ରୋହ। ଏବେ ଖୋଦ୍ ଗୋଗୋଇଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆସିଛି। ଏହାକୁ ଗୋଗୋଇ ଅସ୍ୱୀକାର କରିବା ସହ ନ୍ୟାୟ ବ୍ୟବସ୍ଥା ବିପଦରେ ପଡ଼ିଛି ବୋଲି କହିଛନ୍ତି। ଏଠାରେ ମନେପଡ଼େ, ଦି ଏନର୍ଜି ଆଣ୍ଡ୍ ରିସୋର୍ସେସ୍ ଇନ୍‌ଷ୍ଟିଚ୍ୟୁଟ୍(ଟିଇଆର୍‌ଆଇ)ର ପୂର୍ବତନ ଅଧ୍ୟକ୍ଷ ତଥା ମହାନିର୍ଦ୍ଦେଶକ ଆର୍.କେ. ପାଚୋରୀଙ୍କ ବିରୋଧରେ ଜଣେ ୨୯ ବର୍ଷୀୟା ଗବେଷିକା ଯୌନ ନିର୍ଯାତନା ଅଭିଯୋଗ ଆଣିବା ପରେ ତାହାକୁ ସେ ଅନୁରୂପ ଢଙ୍ଗରେ ଖଣ୍ଡନ କରିଥିଲେ। ସେତେବେଳେ ଅଦାଲତ ପାଚୋରୀ ମାମଲାରେ ପ୍ରତିକ୍ରିୟା ପ୍ରକାଶ କରି ତାଙ୍କୁ ଦଣ୍ଡିତ କରିଥିବା ବେଳେ ଏବେ ଅଦାଲତ ଏଭଳି ସମାନ ମାମଲାକୁ ଏପର୍ଯ୍ୟନ୍ତ ଅନ୍ୟ ଢଙ୍ଗରେ ଦେଖିଲା ଭଳି ମନେହେଉଛି। ଏପରିକି ବାର୍ କାଉନସିଲ ଅଫ୍ ଇଣ୍ଡିଆ ଗୋଗୋଇଙ୍କ ନାମରେ ଆସିଥିବା ଯୌନ ନିର୍ଯାତନା ଅଭିଯୋଗକୁ ନିନ୍ଦା କରିବା ସହ ଏହାକୁ ମିଥ୍ୟା ଆଖ୍ୟା ଦେଇଥିଲା। ବିନା ତଦନ୍ତରେ କେଉଁଭଳି ଭାବେ ବାର୍ କାଉନସିଲର ଆଇନଜୀବୀମାନେ ଏଭଳି ନିର୍ଣ୍ଣାୟକ ସିଦ୍ଧାନ୍ତରେ ଉପନୀତ ହେଲେ ଭାବିଲେ ଆଶ୍ଚର୍ଯ୍ୟ ଲାଗୁଛି। ଅନ୍ୟପକ୍ଷରେ ସିଜେଆଇଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗକୁ ସେ ଯେପରି ପରିଚାଳନା କଲେ, ତାହାକୁ ଏପ୍ରିଲ ୨୨ରେ ସୁପ୍ରିମକୋର୍ଟ ବାର୍ ଆସୋସିଏଶନ(ଏସ୍‌ସିବିଏ) ଏବଂ ସୁପ୍ରିମକୋର୍ଟ ଆଡଭୋକେଟ୍ସ ଅନ୍ ରେକର୍ଡ ଆସୋସିଏଶନ(ଏସ୍‌ସିଏଓଆର୍‌ଏ) ବିରୋଧ କରିଛନ୍ତି। ଅର୍ଥାତ୍ ସୁପ୍ରିମକୋର୍ଟର ଏହି ଦୁଇ ଓକିଲ ସଂଘ ସିଧାସଳଖ ଭାରତର ପ୍ରଧାନ ବିଚାରପତିଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି।

ଏଠାରେ କୁହାଯାଇପାରେ ଯେ, ପ୍ରଧାନ ବିଚାରପତିଙ୍କ କାର୍ଯ୍ୟାଳୟରେ ଚାକିରି କରୁଥିବା ମହିଳା (ଯାହାଙ୍କୁ ଏବେ ବହିଷ୍କୃତ କରାଯାଇଛି) ଆଣିଥିବା ଅଭିଯୋଗକୁ ଅଣଦେଖା କରି ଲୋକଲୋଚନରୁ ହଟେଇ ଦେବା ଭାରତୀୟ ବ୍ୟବସ୍ଥା ପାଇଁ ଏକ ସ୍ୱାଭାବିକ ପଦକ୍ଷେପ। ଜଣେ ଶକ୍ତିଶାଳୀ ପୁରୁଷଙ୍କ ବିରୋଧରେ ଯଦି କୌଣସି ଅଭିଯୋଗ ଅଣାଯାଏ ଏବଂ ଅଭିଯୋଗକାରୀ ଯଦି ମହିଳା ହୋଇଥାଆନ୍ତି, ତେବେ ସେହି ଅଭିଯୋଗ ଉପରେ ଦୃଷ୍ଟି ପଡ଼ିବା ଅସମ୍ଭବ। ପୁରୁଷପ୍ରଧାନ ଦେଶ ଭାରତରେ ଯେକୌଣସି ମହିଳାଙ୍କ ଚରିତ୍ର ସଂହାର କରି ସତ୍ୟ ଅଭିଯୋଗକୁ ମଧ୍ୟ ଅସତ୍ୟ କରିଦେଲେ ସମସ୍ତେ ବିଶ୍ୱାସ କରିଯିବେ। କିନ୍ତୁ ଜଣେ ବିଚାରପତି ଯଦି ନିଜର ବ୍ୟାଙ୍କ ଆକାଉଣ୍ଟରେ ମାତ୍ର ୬ ଲକ୍ଷ ଟଙ୍କା ଅଛି ବୋଲି କହି ସଚ୍ଚୋଟପଣିଆ ସାବ୍ୟସ୍ତ କରିବାକୁ ଚେଷ୍ଟା କରୁଥାଆନ୍ତି, ତେବେ ସେହି ଖଣ୍ଡାର ଦୁଇ ପାଖରେ ଧାର ରହିଛି ବୋଲି ସମସ୍ତେ ବୁଝୁଛନ୍ତି। ବିଫଳତାର ପ୍ରଥମ ସୂଚନା ମିଳିଥାଏ ଆର୍ଥିକ ସ୍ଥିତିରୁ। ଅନ୍ୟପଟେ ଆୟବହିର୍ଭୂତ ରୋଜଗାରକୁ କେହି ବ୍ୟାଙ୍କରେ ରଖନ୍ତି ନାହିଁ।

ନିକଟରେ 'ମିଟୂ' ଅଭିଯାନ ଦେଶରେ ହଇଚଇ ସୃଷ୍ଟି କରିଥିଲା। ଏହାଦ୍ୱାରା ସମାଜର ବିଭିନ୍ନ ବର୍ଗରେ ଘଟୁଥିବା ଯୌନ କେଳେଙ୍କାରୀ ପଦାକୁ ଆସିଥିଲା। ସେହି ଦୃଷ୍ଟିରୁ ଦେଖିଲେ ସିଜେଆଇଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ହାଲୁକା ଭାବେ ନିଆଯାଇ ନ ପାରେ। ଏହି ଘଟଣାରେ ସମ୍ପୃକ୍ତା ମହିଳାଙ୍କ ଦ୍ୱାରା ସମସ୍ତ ବିଚାରପତିଙ୍କୁ ଦିଆଯାଇଥିବା ସତ୍ୟପାଠରେ ନିଜ ପ୍ରତି ହୋଇଥିବା ଅନ୍ୟାୟ ବର୍ଣ୍ଣନା କରାଯିବା ପରେ ଏହା ସାମ୍ନାକୁ ଆସିଛି। ଏଥିରୁ ଏତିକି ମନେ କରାଯାଇପାରେ ଯେ, ଜଣେ ସାଧାରଣ ମହିଳା ସିଜେଆଇଙ୍କ ଭଳି ଜଣେ ଉଚ୍ଚ ପଦବୀଧାରୀଙ୍କ ବିରୋଧରେ ଅଭିଯୋଗ ଆଣିବାକୁ ସତ୍ ସାହସ ଦେଖାଇ ପାରିଛନ୍ତି। ଯଦିବା ଦୁର୍ବ୍ୟବହାର ହୋଇଥିବ, ତାହାକୁ ଏବେ ପ୍ରମାଣ କରିବା ତାଙ୍କ ପାଇଁ କଷ୍ଟକର ବ୍ୟାପାର। 'ମିଟୂ' ଆନ୍ଦୋଳନକୁ ଦେଖିଲେ ବହୁ କ୍ଷେତ୍ରରେ ପୁରୁଷଙ୍କ ବିରୋଧରେ ମହିଳାମାନେ ଦୀର୍ଘବର୍ଷ ପରେ ଯୌନ ଶୋଷଣ ଅଭିଯୋଗ ଆଣୁଛନ୍ତି। ଏହାର କାରଣ ହେଉଛି ଆମେ ଏପରି ଏକ ସମାଜରେ ବସବାସ କରୁଛେ, ଯେଉଁଠାରେ ସାଧାରଣ ମହିଳାଙ୍କ ପ୍ରତି ଅସହିଷ୍ଣୁଭାବ ରହୁଛି। ସାଧାରଣତଃ ଲୋକଲଜ୍ଜା ତଥା ସାମାଜିକ ବାସନ୍ଦ ଭୟରେ ମହିଳାମାନେ ଏଭଳି ଅଭିଯୋଗ ଆଣିବାରୁ ଦୂରେଇ ରହିଥାନ୍ତି।

ଆଜି ଏଭଳି ଏକ ସମୟ ଉପନୀତ ହୋଇଛି ଯେ, ବିଭିନ୍ନ ସାମ୍ବିଧାନିକ ଅନୁଷ୍ଠାନ ଭିତରୁ ଓ ବାହ୍ୟ ପ୍ରଭାବରୁ ନଷ୍ଟ ହେଉଛନ୍ତି। ନ୍ୟାୟ ବ୍ୟବସ୍ଥା କଥା ଦେଖିଲେ ଏବେ ପୁନଶ୍ଚ ଶୀର୍ଷ ଅଦାଲତର ମର୍ଯ୍ୟାଦାରୂପକ ମୂଳରେ କୁରାଢ଼ି ଚୋଟ ବାଜିଛି। ଆହୁରି କ୍ଷତି ହେବା ପୂର୍ବରୁ ଏହାକୁ ସୁରକ୍ଷା ପ୍ରଦାନ କରାଯିବା ଆବଶ୍ୟକ। ଏଭଳି ପରିସ୍ଥିତିରେ ସିଜେଆଇଙ୍କ ବିରୋଧରେ ଆସିଥିବା ଅଭିଯୋଗର ନିରପେକ୍ଷ ତଦନ୍ତ କେବେହେଲେ ହୋଇପାରିବ ନାହିଁ। ଏଥିରେ ଓକିଲ, ସରକାର ଏବଂ ଅନ୍ୟ କାହାରି ସହଯୋଗ ମିଳିବ ବୋଲି ଭାବିବା ଏକ ଭ୍ରାନ୍ତ ଧାରଣା। କିଛିଦିନ ଗଡ଼ିଗଲେ, ବିଶେଷକରି ନିର୍ବାଚନ ତାତିରେ, ଏଭଳି କଥାକୁ ଜନସାଧାରଣ ଓ ଗଣମାଧ୍ୟମ ଭୁଲିଯିବେ। ଏହାପରେ ପୁନର୍ବାର ରଞ୍ଜନ ଗୋଗୋଇଙ୍କ ଭଳି ସିଜେଆଇ ଦେଶର ଭବିଷ୍ୟତ ନିର୍ଦ୍ଧାରଣ କରିବା ଲାଗି ମଙ୍ଗଧରି ବସିବେ। ଅବସର ହେବ ତାଙ୍କ ବିଦାୟର ଏକମାତ୍ର ସ୍ୱାଭାବିକ ପନ୍ଥା। ଏହା ହେଉଛି ଭାରତୀୟ ନ୍ୟାୟ ବ୍ୟବସ୍ଥାର ଜ୍ୱଳନ୍ତ ଉଦାହରଣ।

# ତଥ୍ୟ ପ୍ରଦାନରେ ସରକାରଙ୍କ ପଛଘୁଞ୍ଚା



ତତ୍ତ୍ୱ ଓ ତର୍କ

ବିମଳ ପ୍ରସାଦ ପାଣ୍ଡିଆ

ଲୋକଙ୍କଠାରୁ ତଥ୍ୟ ଲୁଚାଇବାରେ ସରକାରୀ ବିଭାଗଗୁଡ଼ିକ ମଧ୍ୟରେ କେନ୍ଦ୍ର ସରକାରଙ୍କ ପାନୀୟ ଜଳ ଓ ପରିମଳ ମନ୍ତ୍ରଣାଳୟ ବୋଧହୁଏ ସବୁଠୁ ଆଗରେ। ପୂର୍ବ ସରକାର ସମୟରେ ଏହି ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଦୁଇଟି ପ୍ରମୁଖ କାର୍ଯ୍ୟକ୍ରମ ଯଥା ରାଷ୍ଟ୍ରୀୟ ଗ୍ରାମ୍ୟ ପାନୀୟ ଜଳ କାର୍ଯ୍ୟକ୍ରମ ଓ ସମ୍ପୂର୍ଣ୍ଣ ପରିମଳ ଅଭିଯାନ ପାଇଁ ଏକ ବଳିଷ୍ଠ ତଥ୍ୟ ପରିଚାଳନା ଓ ସୂଚନା ବ୍ୟବସ୍ଥା ଆରମ୍ଭ ହୋଇଥିଲା। ତାହା ମଧ୍ୟ ଯଥାଯଥ ଭାବେ କାର୍ଯ୍ୟକାରୀ ହେଉଥିଲା। ଜଣେ ସାଧାରଣ ଲୋକ ବିଭାଗର ୱେବ୍‌ସାଇଟକୁ ଯାଇ ପରିମଳ ଓ ପାନୀୟ ଜଳ ସମ୍ବନ୍ଧିତ ତଥ୍ୟ ପାଇପାରୁଥିଲା। କେବଳ ଦେଶ ବା ରାଜ୍ୟର ସ୍ଥିତି ନୁହେଁ, ପ୍ରତ୍ୟେକ ପରିବାରର ତଥ୍ୟ ମିଳିପାରୁଥିଲା। ଜଣେ ଚାହିଁଲେ କାହାର ପାଇଖାନା ତିଆରି ହେଲାଣି, କାହାର ନାହିଁ ତାହା ଜାଣି ପାରୁଥିଲା। କାହାକୁ ପାଇଖାନା ପାଇଁ ରିହାତି ପଇସା ମିଳିଲା, କେବେ ମିଳିଲା ତାହା ସହଜରେ ଜାଣି ପାରୁଥିଲା। କେଉଁ ଗାଁର ପାଇଖାନା ସଂଖ୍ୟା କେତେ ଅଛି, କେଉଁ ମାସରେ କେତେ ପାଇଖାନା ତିଆରି ହେଲା ତାହା ଜଣେ ସହଜରେ ଜାଣି ପାରୁଥିଲା। ସେହିପରି ପାନୀୟ ଜଳ ସମ୍ବନ୍ଧିତ ପ୍ରାୟ ସମସ୍ତ ତଥ୍ୟ ୱେବ୍‌ସାଇଟ ମାଧ୍ୟମରେ ହାସଲ କରିବାର ବ୍ୟବସ୍ଥା ଥିଲା। ଖାଲି ଗାଁ ନୁହେଁ, ବସ୍ତିର ପାନୀୟ ଜଳ ସ୍ଥିତିର ସୂଚନା ମଧ୍ୟ ମିଳୁଥିଲା। କେତୋଟି ଓ କି କି ଜଳଉତ୍ସ ଅଛି ତାହା ଜଣେ ଜାଣିପାରୁଥିଲା। କେଉଁ ଜଳଉତ୍ସର ଜଳ ପରୀକ୍ଷା କେବେ ହୋଇଥିଲା ଓ ପରୀକ୍ଷଣରେ ବିଭିନ୍ନ ବ୍ୟାକ୍ଟେରିଆ ଓ ରସାୟନର ମାତ୍ରା କେତେ ଥିଲା ତାହା ୱେବ୍‌ସାଇଟରୁ ଉପଲବ୍ଧ ହେଉଥିଲା। ସେହି ତଥ୍ୟକୁ ଠୁଳକରି ଜଣେ ଚାହିଁଲେ ବିଭିନ୍ନ ବିଷୟରେ ତର୍ଜମା କରିପାରୁଥିଲା।

ଏବେ ଆଉ ସେହି ସ୍ଥିତି ନାହିଁ। ନରେନ୍ଦ୍ର ମୋଦିଙ୍କ ସରକାର ଆସିବା ପରେ ତତ୍କାଳୀନ ସମ୍ପୂର୍ଣ୍ଣ ପରିମଳ ଅଭିଯାନ ସ୍ୱଚ୍ଛ ଭାରତ ଅଭିଯାନରେ ପରିବର୍ତ୍ତିତ ହେଲା। ପ୍ରଥମ କିଛି ବର୍ଷ ପାଇଁ ଉଭୟ ପରିମଳ ଓ ପାନୀୟ ଜଳ ସମ୍ବନ୍ଧିତ ତଥ୍ୟ ୱେବ୍‌ସାଇଟରେ ପୂର୍ବ ଭଳି ରହିଲା। କିନ୍ତୁ ତା' ପରେ ସେହି ବିଭାଗର ଉଭୟ ପରିମଳ ଓ ପାନୀୟଜଳ ୱେବ୍‌ସାଇଟ ମଇଳା ହେବା ଆରମ୍ଭ ହେଲା। ଲୋକଙ୍କଠୁ ତଥ୍ୟ ଲୁଚାଇବାର ପ୍ରକ୍ରିୟା ଆରମ୍ଭ ହୋଇଗଲା। ପ୍ରଥମେ ପାଲିପଡିଲା ସ୍ୱଚ୍ଛ ଭାରତ (ଗ୍ରାମୀଣ) ସମ୍ବନ୍ଧିତ ୱେବ୍‌ସାଇଟର। ଏବେ ଜଣେ ସ୍ୱଚ୍ଛ ଭାରତ ୱେବ୍‌ସାଇଟକୁ ଗଲେ ଅତି ବେଶିରେ ଭାରତରେ ଓ ଭାରତର ବିଭିନ୍ନ ରାଜ୍ୟ ତଥା କେନ୍ଦ୍ରଶାସିତ ପ୍ରଦେଶରେ କେତେ ପ୍ରତିଶତ ପାଇଖାନା ଲକ୍ଷ୍ୟ ହାସଲ ହୋଇଛି ସେତିକି ତଥ୍ୟ ପାଇବ। ଜିଲାଓ୍ୱାରି ତଥ୍ୟ ପାଇବ ନାହିଁ। ଘର, ଗାଁ, ପଞ୍ଚାୟତର ତଥ୍ୟ ତ ଦୂରର କଥା। ଏବେ କେବଳ କେତେ ଗାଁ ବାହ୍ୟ ମଳମୁକ୍ତ ହେଲା ତାହାର ସଂଖ୍ୟା ହିଁ ମିଳିବ, ତାହାଠୁ ଅଧିକ କିଛି ନୁହେଁ। କେଉଁ ଗାଁ ବାହ୍ୟମଳମୁକ୍ତ ହେଲାଣି ତାହା ଜଣେ ଜାଣିବାର ସୁଯୋଗ ନାହିଁ।

ଏଯାଏଁ ପାନୀୟ ଜଳର ବିସ୍ତୃତ ତଥ୍ୟ ପ୍ରଦାନ କରୁଥିବା ୱେବ୍‌ସାଇଟ ଏବେ ସେହି ସମାନ ରାସ୍ତା ଧରିଛି। ଯେଉଁ ୱେବ୍‌ସାଇଟରୁ ପ୍ରତି ଉତ୍ସ, ପ୍ରତି ବସ୍ତିର ତଥ୍ୟ ମିଳୁଥିଲା ସେଠି ଏବେ କେବଳ କିଛି ମୋଟା ତଥ୍ୟ ହିଁ ମିଳୁଛି। ଉଦାହରଣସ୍ୱରୂପ, ଏବେ କେବଳ ରାଜ୍ୟ ଓ ଜିଲାର କେତେ ପ୍ରତିଶତ ଲୋକଙ୍କୁ ପାଇପ ଜଳ ମିଳୁଛି ତାହାର ମୋଟ ସଂଖ୍ୟା ଓ ପ୍ରତିଶତ ହିଁ ଦିଆଯାଉଛି। ଆଗରୁ ଜଣେ ଚାହିଁଲେ ଗୋଟିଏ ଗାଁ ଓ ବସ୍ତିରେ କେତେ ଲୋକ ପାଇପ ଜଳ ପାଉଛନ୍ତି ତାହାର ତଥ୍ୟ ପାଇପାରୁଥିଲା। ସେହିପରି ଏବେ କେବଳ କେତୋଟି ଜଳଉତ୍ସର ପାଣି ପରୀକ୍ଷା ହୋଇଛି ଓ ତହିଁରୁ ମୋଟ କେତୋଟି ପ୍ରଦୂଷିତ ତାହାର ମୋଟ ସଂଖ୍ୟା ହିଁ ମିଳୁଛି। ପୂର୍ବରୁ ପ୍ରତି ଉତ୍ସର ତଥ୍ୟ ମିଳୁଥିଲା। ପାଣି କେବେ ପରୀକ୍ଷା ହୋଇଥିଲା ଓ ତାହାର ଫଳ କ'ଣ ମିଳିଥିଲା ତାହା ଜଣେ ଜାଣିପାରୁଥିଲା। ଏବେ କେଉଁ ଉତ୍ସର ଜଳ ପରୀକ୍ଷା ହୋଇଛି ଓ କେଉଁ ଉତ୍ସର ଜଳ ପ୍ରଦୂଷିତ ତାହା ଜଣେ ଜାଣିବା ଆଉ ସମ୍ଭବ ନୁହେଁ। ଏମିତି ଅନେକ ତଥ୍ୟ ଉଭୟ ୱେବ୍‌ସାଇଟରୁ ହଟାଇ ନିଆଯାଇଛି। ଅନ୍ୟ ଭାବରେ କହିଲେ ସାଧାରଣ ଲୋକଙ୍କୁ କିଛି ଅତି ଜରୁରୀ ତଥ୍ୟ ନ ଦେବାର ସମସ୍ତ ବନ୍ଦୋବସ୍ତ କରାହୋଇଛି।

ସାଧାରଣ ଲୋକଙ୍କଠାରୁ ଏହି ତଥ୍ୟ ଲୁଚାଇବାର କ୍ରମବର୍ଦ୍ଧମାନ ପ୍ରକ୍ରିୟା ଶାସନ ପ୍ରଣାଳୀ ପ୍ରତି ଅବିଶ୍ୱାସର ଅଙ୍ଗୁଳି ଦେଖାଇବା ପାଇଁ ବାଧ୍ୟ କରିଦିଏ। କାହିଁକି ସରକାର ଆଗରୁ ପ୍ରଦାନ କରୁଥିବା ତଥ୍ୟ ଏବେ ପ୍ରଦାନ କରୁନାହାନ୍ତି ସେହି ପ୍ରଶ୍ନ ସମସ୍ତେ କରିବା ସ୍ୱାଭାବିକ। କ'ଣ ଏମିତି ରହସ୍ୟ ଅଛି ଯେ ସରକାର ପାନୀୟ ଜଳ ଭଳି ଏକ ଗୁରୁତର ପ୍ରସଙ୍ଗରେ ଲୋକଙ୍କୁ ତଥ୍ୟ ଲୁଚାଇବା ଆରମ୍ଭ କରିଛନ୍ତି? ସୁପ୍ରିମ୍‌କୋର୍ଟ ଭାରତୀୟ ସମ୍ବିଧାନର ଧାରା ୨୧କୁ ବ୍ୟାଖ୍ୟା କରି କହିଛନ୍ତି ଯେ, ଯେହେତୁ ବଞ୍ଚିବା ପାଇଁ ଜଳ ନିହାତି ଆବଶ୍ୟକ ତେଣୁ ସ୍ୱଚ୍ଛ, ସୁରକ୍ଷିତ ଓ ପର୍ଯ୍ୟାପ୍ତ ଜଳ ଉପରେ ଲୋକଙ୍କ ମୌଳିକ ଅଧିକାର ରହିଛି। ତେଣୁ ପ୍ରତ୍ୟେକ ବ୍ୟକ୍ତି ସେ ପିଉଥିବା ବା ପାଉଥିବା ପାଣିର ମାନ କ'ଣ ରହିଛି ତାହା ଜାଣିବାର ଅଧିକାର ରହିଛି। ସରକାର ସେହି ତଥ୍ୟ ପ୍ରଦାନ ନ କରି ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାରର ହନନ କରୁଛନ୍ତି।

ତେବେ ସରକାର କାହିଁକି ତଥ୍ୟ ଲୁଚାଉଛନ୍ତି ତାହାକୁ ନେଇ ଆହୁରି ଅନେକ ପ୍ରଶ୍ନ ମନକୁ ଆସୁଛି। କ'ଣ ସରକାର ଲୋକଙ୍କୁ ଉନ୍ନତ ପାନୀୟ ଜଳ ଓ ପରିମଳ ସ୍ଥିତି ଯୋଗାଇବାର ଯେଉଁ ଢୋଲ ପିଟୁଛନ୍ତି ସେହି ଢୋଲରେ ବଡ଼ ବଡ଼ ଛିଦ୍ର ଅଛି? କ'ଣ ଗାଁ ବାହ୍ୟ ମଳମୁକ୍ତ ହୋଇଯାଇଛି ବୋଲି କରାହେଉଥିବା ଦାବିର ବାସ୍ତବତାକୁ ଢାଙ୍କିବାର ଏହା ଏକ ପ୍ରୟତ୍ନ? କ'ଣ ଯେଉଁ ମାତ୍ରା ଓ ମାନକର ପାନୀୟ ଜଳ ଯୋଗାଇଦିଆହେଉଛି ବୋଲି ଡିଣ୍ଡିମ ପିଟାହେଉଛି ବାସ୍ତବ ସ୍ଥିତି ତାହାଠୁ ଢେର ଭିନ୍ନ ଓ ସେଥିପାଇଁ ତଥ୍ୟ ଲୁଚାଇବାର ଏହି ବ୍ୟଗ୍ରତା? 'ଉଜ୍ଜ୍ୱଳା', 'ଆୟୁଷ୍ମାନ ଭାରତ', 'ମୁଦ୍ରା' ଭଳି ବଡ଼ ଯୋଜନାରେ ଆରମ୍ଭରୁ ହିଁ ପାରଦର୍ଶିତା ନାହିଁ। କିଏ ହିତାଧିକାରୀ ତାହା ଜାଣିବାର କିଛି ସୁଯୋଗ ନାହିଁ। କେବଳ କିଛି ମୋଟା ହିସାବ ଜଣେ ପାଇବ, ଯହିଁରୁ କିଛି ଅନୁଶୀଳନ କରିବା ସମ୍ପୂର୍ଣ୍ଣ ଅସମ୍ଭବ।

ଓଡ଼ିଶା ସରକାର ମଧ୍ୟ କେନ୍ଦ୍ରର ଏହି ପଦ୍ଧତି ଦ୍ୱାରା ସମ୍ଭବତଃ ଅନୁପ୍ରାଣିତ ହୋଇଛନ୍ତି। ଏକଦା ଓଡ଼ିଶାର 'ଇ–ଡେସ୍ପାଚ' ବ୍ୟବସ୍ଥା ଭାରତର ସମସ୍ତ ରାଜ୍ୟ ମଧ୍ୟରେ ସବୁଠାରୁ ଉତ୍କୃଷ୍ଟ ଥିଲା। ସରକାର କ'ଣ ଚିଠି କାହାକୁ ପଠାଉଛନ୍ତି ଲୋକେ ତାହା ଜାଣିପାରୁଥିଲେ। ଏବେ କିନ୍ତୁ ଦେଖାଯାଉଛି ଯେ ଅଧିକାଂଶ ବିଭାଗ ଚିଠିକୁ 'ଇ–ଡେସ୍ପାଚ'ରେ ଆଦୌ ଅପ୍‌ଲୋଡ଼ କରୁନାହାନ୍ତି ବା ଗୁପ୍ତ ଶ୍ରେଣୀର ହୋଇ ନ ଥିବା ଅନେକ ଚିଠିକୁ ମଧ୍ୟ ଲୁଚାଇ ରଖିଦେଉଛନ୍ତି। ଓଡ଼ିଶା ସରକାରଙ୍କ 'ସଂଯୋଗ' ଅଭିଯୋଗ ପ୍ରତିବିଧାନ ବ୍ୟବସ୍ଥା ମଧ୍ୟ ଏକ ଆଦର୍ଶ ବ୍ୟବସ୍ଥା ଥିଲା। ଜଣେ ସାଧାରଣ ଲୋକ ୱେବ୍‌ସାଇଟକୁ ଯାଇ କେଉଁ ବିଭାଗରେ କେତେ ଓ କ'ଣ ଅଭିଯୋଗ ଆସିଛି ଓ ତାହାର କେମିତି ସମାଧାନ ହୋଇଛି ତାହା ଜାଣିପାରୁଥିଲା। ଏବେ ଆଉ ସେହି ସୁଯୋଗ ନାହିଁ। କେବଳ ଜଣେ ଅଭିଯୋଗକାରୀ ତା' ନିଜର ଅଭିଯୋଗର ସ୍ଥିତି ଜାଣିପାରିବ।

ଏକ ପାରଦର୍ଶୀ ବ୍ୟବସ୍ଥା ଭଲ ଶାସନ ବ୍ୟବସ୍ଥାର ସବୁଠୁ ବଡ଼ ପରିଚାୟକ। ବୈଷୟିକ ପ୍ରଗତି ସହ ପାରଦର୍ଶିତା ବଢ଼ିବା କଥା। କିନ୍ତୁ ସରକାର ଆଗରୁ ଥିବା ପାରଦର୍ଶୀ ବ୍ୟବସ୍ଥାକୁ ଧ୍ୱଂସ କରିଚାଲିଛନ୍ତି। ଲୋକେ ଯାହା ତଥ୍ୟ ପାଉଥିଲେ ସେତିକି ବି ଆଉ ପାଉନାହାନ୍ତି। ଏହା ପ୍ରଗତି ନା ଅଧୋଗତି?

# କିଏ ଏଇ ମା'



ସୁଧିରାଜ ରାଉତ

ବର୍ଷା ମାସ। ଇନ୍ଦ୍ରାବତୀ ଜଳଭଣ୍ଡାର ସାମର୍ଥ୍ୟଠାରୁ ଅଧିକ ଜଳରେ ପୂର୍ଣ୍ଣହୋଇ ମନେହେଉଥିଲା ସତେ ଅବା ଏକ ମାଟିଆ ସମୁଦ୍ର। କୂଳରେ ବନ୍ଧା ହୋଇଥିବା ଡଙ୍ଗାକୁ ଫିଟାଇଦେଇ ବନ୍ଧୁଙ୍କୁ କହିଲି ଭଲ ଫଟୋ ନେବାକୁ। ବନ୍ଧୁ ଫଟୋ ଉଠାଉଥାଏ କିନ୍ତୁ ମୋତେ ନେଇ ଡଙ୍ଗାଟି ଧୀରେ ଧୀରେ ଦୂରେଇ ଯାଉଥାଏ କୂଳରୁ। ରୋକିବାର ମୋ ସକଳ ପ୍ରୟାସକୁ ଉପହାସକରି ଡ୍ୟାମ୍‌ର ରିଟର୍ନ କରେଣ୍ଟରେ ଡଙ୍ଗାଟି କୂଳରୁ ପାଞ୍ଚଶହ ମିଟରରୁ ଅଧିକ ଦୂରକୁ ଚାଲିଗଲା। ମେଘ ହେବାର ସମ୍ଭାବନା, ଆଉ ପବନ ଲହଡ଼ି ମିଶି ଆତଙ୍କ ସୃଷ୍ଟି କରୁଥାନ୍ତି। ଦୁଇ ସାଙ୍ଗ ଅସହାୟ। ତାଙ୍କ ଅସହାୟତାରୁ ମୋ ଅସହାୟତା ଥିଲା ଶତଗୁଣ। ହଠାତ୍ ମୋ ଆଖି ସାମ୍ନାରେ ନାଚିଉଠିଲା ମା'ଙ୍କ ମୁହଁଟି, ପାଟିରୁ ବାହାରିଆସିଲା ଦୀର୍ଘ ମା' ଡାକଟିଏ। ପବନ ଲହଡ଼ିର ଶବ୍ଦ ଭଳି ଅତି ସ୍ପଷ୍ଟ, ବଳିଷ୍ଠ ଶବ୍ଦ ଶୁଭିଲା– ପୁଅରେ! ମୁଁ ଅଛି ତୋ ପାଖେ। ଦେଖିହେଉ ନ ଥିବା ଫୁଲକୁ ତା' ମହକରୁ ଯେଭଳି ଅନୁଭବ କରିହୁଏ, ମୁଁ ସେଇଭଳି ଏକ ପବିତ୍ର ଉପସ୍ଥିତି ଅନୁଭବ କଲି ମୋ ନିକଟରେ। ପର ମୁହୂର୍ତ୍ତରେ ଦୁଇଜଣ ନାଉରିଆ ଆଉ ଏକ ଡଙ୍ଗା ନେଇଆସି ମୋତେ ଉଦ୍ଧାର କଲେ।

କିଏ ଏଇ ମା' ଲେଖିଲାବେଳେ ମନେ ପଡ଼ିଗଲା ସେଦିନର ସେ ଅସହାୟତା ଆଉ ଦିବ୍ୟ ସାହାଯ୍ୟ। ଭାବୁଛି କିଏ ଏଇ ମା'? ତା' ପ୍ରକାଶର ଉଦ୍ଦେଶ୍ୟ କ'ଣ? ମନେପଡୁଛି ଏକ ଘଟଣା– ଆଶ୍ରମନିବାସିନୀ ପ୍ରୀତିଅପା ଏକା ଦୀର୍ଘ ରାତ୍ରିଯାଏ ସମୁଦ୍ରକୂଳରେ ବସି ରହୁଥିଲେ। ସେ ସମୟରେ ସେ ଯୁବା ଏବଂ ପଣ୍ଡିଚେରୀ ମଦ୍ୟପ, ବଦମାସଙ୍କ ଆଡ୍ଡା। ଦିନେ ମା' ପ୍ରୀତିଅପାଙ୍କୁ ଡାକି କହିଲେ, ତୁମେ ଏତେରାତି ଯାଏ ସମୁଦ୍ରକୂଳରେ ବସିବା ସୁରକ୍ଷିତ ନୁହେଁ। ଅପା କହିଲେ– ମା' ଆପଣ ଅଛନ୍ତି, ମୋର କ'ଣ ହେବ? ହସି ମା' କହିଲେ, ଏତେଦିନ ହେଲା ତୁମର କିଛି ହୋଇନାହିଁ, କାରଣ ମୁଁ ତୁମ ସହ ଅଛି। ଏହାର ଅର୍ଥନୁହେଁ ତୁମେ ବାରମ୍ବାର ବିପଦ ମଧ୍ୟକୁ ଯାଉଥିବ ଆଉ ମୁଁ ଉଦ୍ଧାର କରୁଥିବି। ଯଦି ଆମେ ଏହା ହିଁ କରୁଥିବା ଯେଉଁ ମହାନ୍ କାର୍ଯ୍ୟ ପାଇଁ ଆସିଛେ ତାହା କେବେ କରିବା?

ପୃଥିବୀରେ ଏହି ମହାନ୍ କାର୍ଯ୍ୟକୁ ସାକାର ରୂପଦେବାକୁ ଈଶ୍ୱର ପ୍ରସ୍ତୁତ କରିଥିଲେ ଏକ ଅଭିନବ ଯୋଜନା। ଏହି ଯୋଜନାର ଅଂଶହୋଇ ମା' ଜନ୍ମନେଲେ ଫ୍ରାନ୍ସର ପ୍ୟାରିସରେ। ୟୁରୋପ ସଭ୍ୟତା ଆଉ ସଂସ୍କୃତିର ଆତ୍ମା ହେଉଛି ଫ୍ରାନ୍ସ, ଆଉ ପ୍ୟାରିସ ଫ୍ରାନ୍ସର ହୃତ୍‌ସ୍ପନ୍ଦନ। ମା' ସେଠି ଜନ୍ମହେବା ଏବଂ ସେହି ଭବ୍ୟ ସଂସ୍କୃତିକୁ ଆତ୍ମସାତ୍ କରି ଭାରତ ଆସିବା, ଏହାର ଅର୍ଥ ପ୍ରାଚ୍ୟ ଓ ପାଶ୍ଚାତ୍ୟର ସର୍ବୋଚ୍ଚ ଉପଲବ୍ଧିର ସମନ୍ୱୟ ଉପରେ ମାନବ ଚେତନାର ନୂତନ ସୂର୍ଯ୍ୟୋଦୟ ଘଟାଇବା।

ଆଶ୍ଚର୍ଯ୍ୟ ଲାଗେ ମା'ଙ୍କ ବାପା,ମା' ତାଙ୍କ ପାଇଁ ନାମଟିଏ ବାଛିଥିଲେ ମୀରା। ଆଉ ମୀରାଙ୍କ ଜନ୍ମ ଶ୍ରୀପଞ୍ଚମୀ ଦିନ ହୋଇଥିଲା। ସେ କିଶୋରୀ ବୟସରେ କୃଷ୍ଣ ଶବ୍ଦ ଶୁଣି ଆନନ୍ଦ ଅନୁଭବ କରୁଥିଲେ। ଏହି ମୀରା ଶିଶୁ ବୟସରେ ବି ଅସାଧାରଣ ଥିଲେ। ଥରେ ତାଙ୍କ ବଗିଚାରେ ଶୁଖି ଯାଇଥିବା ଗଛଟିକୁ କାଟିଦେବାକୁ ବାପା ଗଛ କଟାଳିଙ୍କୁ ଡାକିଆଣିଥାନ୍ତି, ମୀରା ହଠାତ୍ ବାପାଙ୍କୁ କହିଲେ, ଗଛ ଅଭ୍ୟନ୍ତରରେ

## ଶ୍ରୀମାଙ୍କ ପଣ୍ଡିଚେରୀ ଆଗମନ ଦିବସ ଉପଲକ୍ଷେ

ମୁଁ ଦେଖୁଛି ସବୁଜ ଶିଖା ଊର୍ଦ୍ଧ୍ୱକୁ ଉଠୁଛି, ଦୟାକରି ଗଛକୁ କାଟନ୍ତୁ ନାହିଁ। ବାପା ଏବଂ ଗଛକଟାଳି ଏହା ଶୁଣି ହସିଲେ, କିନ୍ତୁ ଅଲିଅଳି ଝିଅର କଥା ରକ୍ଷାକରି ଗଛଟିକୁ କାଟିଲେ ନାହିଁ। କିଛିଦିନ ପରେ ସଭିଙ୍କୁ ଚକିତକରି ଗଛଟି ସବୁଜପତ୍ରରେ ହସିଉଠିଲା। ଏହି ଅସାଧାରଣ ସାମର୍ଥ୍ୟରେ ୟୁରୋପ ସଂସ୍କୃତିର ମହନୀୟତା, ଆଲଜେରିଆରୁ ଗୁହ୍ୟ (ତନ୍ତ୍ର) ଜ୍ଞାନ ଏବଂ ଜାପାନରେ ରହି ତାହାର ସୌନ୍ଦର୍ଯ୍ୟବୋଧ, ଦକ୍ଷ ବୌଦ୍ଧିକତା ଏସବୁକୁ ସାଥିରେ ନେଇ ମା' ଭାରତ ଆସିଲେ ଏବଂ ଭାରତ ମାଟିରେ ତାଙ୍କ ବଳକା ଜୀବନ ପରମଙ୍କ ପାଇଁ ସମର୍ପିଦେଲେ। ରାଜସିଂହାସନ, ସ୍ତ୍ରୀ, ପୁତ୍ର ଛାଡ଼ି ଆସିବା ବୁଦ୍ଧଙ୍କୁ ଆମେ ଦେଖିଛୁ। ଟିକେ ଆଖି ଖୋଲି ମା'ଙ୍କୁ ଦେଖିବା। ରାଜକୀୟ ବିଳାସପୂର୍ଣ୍ଣ ଜୀବନ, ପୃଥିବୀ ପାଇଁ ଭୋଗର ସ୍ୱର୍ଗ ପ୍ୟାରିସ, ସନ୍ତାନ, ପରିବାର, ଆତ୍ମୀୟ ସବୁକୁ ଛାଡ଼ି ଭାରତରେ ଯେଉଁମାନଙ୍କ ସହ ଜୀବନ ବଞ୍ଚିବାକୁ ଆସିଲେ ସେମାନେ ରହୁଥିଲେ ପାଞ୍ଚ ଜଣ। ଗାଧୋଇବାକୁ ଗୋଟିଏ ତଉଲିଆ ଥିଲା, ଗୋଟିଏ ଭଙ୍ଗା ଚେୟାର ଥିଲା, ଭାତ ଏବଂ ପୋଡା ଶୁଖିଲା ଲଙ୍କା ସେମାନଙ୍କ ସାମର୍ଥ୍ୟର ପ୍ରିୟ ଖାଦ୍ୟ ଥିଲା ଏବଂ ବ୍ରିଟିଶ୍ ସରକାରଙ୍କ ଦ୍ୱାରା ସେମାନେ ଘୋଷିତ ଅପରାଧୀ ଥିଲେ। ମା' ଆସିଲେ– ଗଢ଼ିଉଠିଲା ଆଶ୍ରମ। ପ୍ରାଚ୍ୟ–ପାଶ୍ଚାତ୍ୟର ସମସ୍ତ ସ୍ୱର୍ଗୀୟ ଉପଲବ୍ଧି ଉପରେ ଗଢ଼ିଉଠିଲା ମାନବ ପ୍ରଗତିର ନୂଆ ବିଜ୍ଞାନାଗାର, ଅତିମାନସର ନୂତନ ଜୀବନ ରସାୟନ। ପଣ୍ଡିଚେରୀ ଆକାଶରେ ପୃଥିବୀ ପାଇଁ ଉଦିତ ହେଲା ନୂଆ ସୂର୍ଯ୍ୟ।

ମା' ଶ୍ରୀଅରବିନ୍ଦଙ୍କ ସହ ମିଶି ପୃଥିବୀ ଏବଂ ମଣିଷ ପାଇଁ କ'ଣ କରିଛନ୍ତି ଏହା ବୁଝିବା ଆମ ପକ୍ଷେ ସମ୍ଭବ ନୁହେଁ। ଯେଉଁ ମା' ଶିଶୁ ଆଖିରେ ଶୁଖିଲା ଗଛ ମଧ୍ୟରେ ଜୀବନୀ ଶକ୍ତି ଧାଉଁଥିବାର ଦେଖିପାରନ୍ତି, ଯେଉଁ ଶ୍ରୀଅରବିନ୍ଦ ବିଜ୍ଞାନ ଆବିଷ୍କାର କରିବାର ଦଶନ୍ଧି ପୂର୍ବରୁ ସୂର୍ଯ୍ୟରେ ସଂଯୋଜନ ପ୍ରକ୍ରିୟାରେ ଶକ୍ତି ସୃଷ୍ଟି ହେଉଛି ବୋଲି କହିପାରନ୍ତି, ସେ ଦୁହେଁ ମାନବର ଚେତନା, ନିଶ୍ଚେତନା, ଅତିଚେତନାରେ କି କାମ କରିଛନ୍ତି କିଭଳି ବୁଝିବା? ଗଣପତି ମୁନି, କପାଳି ଶାସ୍ତ୍ରୀଙ୍କ ଭଳି ମହାନ ତନ୍ତ୍ରବିତ୍, ଯାହାଙ୍କ ଦର୍ଶନମାତ୍ରେ ସ୍ୱୟଂ ଜଗଦମ୍ବାଙ୍କୁ ଦେଖିଥିଲେ, ସେହି ମା'ଙ୍କ କଥା ବିଚାରରେ ନୁହେଁ କେବଳ ବିଶ୍ୱାସରେ ବୁଝିହୁଏ। ବିଶ୍ୱାସର ଅନେକ ଘଟଣାରୁ ଗୋଟିଏ କହି ଏହା ଶେଷ କରିବି– ଦ୍ୱିତୀୟ ବିଶ୍ୱଯୁଦ୍ଧ, ମା' ତାଙ୍କ ସମସ୍ତ ଅଳଙ୍କାର, ଅର୍ଥ ମିତ୍ରଶକ୍ତିକୁ ଦେଇ ନିଜର ସମର୍ଥନ ଘୋଷଣା କଲେ ଏବଂ କହିଲେ ଏ ଯୁଦ୍ଧ ଦେଶ ଦେଶ ମଧ୍ୟରେ ନୁହେଁ ଦିବ୍ୟ–ଅଦିବ୍ୟ ଶକ୍ତି ମଧ୍ୟରେ ହେଉଛି। ହିଟ୍‌ଲର ସୀମା ବିସ୍ତାର କରିଚାଲିଥାଏ। ଶ୍ରୀଅରବିନ୍ଦ ଘୋଷଣା କଲେ, ହିଟଲ୍‌ରକୁ ଯଦି ଅଟକା ନ ଯାଏ ପୃଥିବୀ ଆଉ ମଣିଷର ଏତେ ଶ୍ରମ ତପସ୍ୟାରେ ଗଢ଼ା ସଭ୍ୟତା, ସଂସ୍କୃତି ରସାତଳକୁ ଚାଲିଯିବ। ସମଗ୍ର ବିଶ୍ୱ ମାନବର ଅଗୋଚରରେ ମା' ନିଜ ଗୁହ୍ୟ (ତନ୍ତ୍ର) ଶକ୍ତି ବଳରେ ଉପସ୍ଥିତ ହେଲେ ହିଟ୍‌ଲରଙ୍କ ଆଗରେ। ତାଙ୍କୁ ଅସୁର ରୂପରେ ରୁଷିଆକୁ ଆକ୍ରମଣ କରିବାକୁ କହିଲେ ଏବଂ କହିଲେ ଏହାପରେ ମୋ ରୂପରେ ଆଉ ଯିଏ ଆସିବ ତାହା କଥା ମୋଟେ ଶୁଣିବୁ ନାହିଁ। ହିଟଲର–ଷ୍ଟାଲିନ ମଧ୍ୟରେ ଯୁଦ୍ଧ ହେଲା, ଅସୁର–ଅସୁର ମଧ୍ୟରେ ଯୁଦ୍ଧ ହୋଇ ଅସୁର ଶକ୍ତି ହେଲା ଦୁର୍ବଳ, ଆଉ ମିତ୍ରଶକ୍ତିର ବିଜୟ। ଏଭଳି ଆମ ବିଶ୍ୱାସ ବାହାରେ ବହୁକଥା ରହିଛି– କିନ୍ତୁ ମା'ଙ୍କ ସର୍ବୋଚ୍ଚ କାର୍ଯ୍ୟ ହେଉଛି– ମଣିଷ ମଧ୍ୟରେ ଦେବତ୍ୱକୁ ପରିପ୍ରକାଶ କରିବା। ଆମ ସଭିଙ୍କ ବିଶ୍ୱାସ ଆଉ ବିଶ୍ୱାସ ବାହାରେ ଏ କାର୍ଯ୍ୟ ଏଠି ସାକାର ରୂପ ନେବାରେ ଲାଗିଛି।

ମୋ– ୯୪୩୭୬୪୧୪୧୩

## ଏଇ ଭାରତରେ

ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଜଣେ ବ୍ୟକ୍ତି ମତଦାନ କରି ଲୋକ ପ୍ରତିନିଧି ବାଛିବା ହେଉଛି ମୌଳିକ ଅଧିକାର। ଏହାକୁ ଆଦୌ ଅଣଦେଖା କରିବା ଉଚିତ ନୁହେଁ। କିନ୍ତୁ କେତେକ ନାଗରିକ ଭୋଟଦାନରୁ ବିରତ ରହିବାକୁ ପସନ୍ଦ କରିଥାଆନ୍ତି। ସେଥିପାଇଁ ଭୋଟଦାନ ହାର ହ୍ରାସ ପାଇଥାଏ। ଛତିଶଗଡ଼ ଯଶପୁରରେ ଜଣେ ବର ବିବାହ କରିବା ପୂର୍ବରୁ ମଙ୍ଗଳବାର ମତଦାନ କେନ୍ଦ୍ରରେ ପହଞ୍ଚି ଭୋଟଦେଇ ଏ ଦିଗରେ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ସେଥିପାଇଁ ନିର୍ଦ୍ଧାରିତ ସମୟଠାରୁ ଅଢ଼େଇଘଣ୍ଟା ବିଳମ୍ବରେ ବରଯାତ୍ରୀ କନ୍ୟାଘର ଅଭିମୁଖେ ଯାତ୍ରା ଆରମ୍ଭ କରିଥଲେ। ସ୍ଥାନୀୟ ତପକରା ଥାନା ଅଞ୍ଚଳରେ ଥିବା ଆମାଡିହା ଗାଁରେ ଘଟିଛି ଏହି ଘଟଣା। କେତେକ ଲୋକ ବର ପ୍ରଦୀପଙ୍କୁ ଭୋଟ ନ ଦେଇ ଶୀଘ୍ର ବାହାରିବାକୁ କହିଥିଲେ। କିନ୍ତୁ ସେ କହିଥିଲେ ପ୍ରଥମେ ଭୋଟଦାନ, ପରେ ପାଣିଗ୍ରହଣ। ସେ ପଗଡ଼ି ପିନ୍ଧିବା ଅବସ୍ଥାରେ ମତଦାନ କେନ୍ଦ୍ରକୁ ଯାଇ ଭୋଟ ଦେଇଥିଲେ। ଏହାପରେ ବାହାଘର ପାଇଁ କନ୍ୟାଘର ଅଭିମୁଖେ ଯାତ୍ରା କରିଥିଲେ। ଭୋଟଦାନ କରୁ ନ ଥିବା ଲୋକଙ୍କ ନିମନ୍ତେ ପ୍ରଦୀପଙ୍କ କର୍ତ୍ତବ୍ୟନିଷ୍ଠା ଏକ ସଚେତନତାର ବାର୍ତ୍ତା କହିଲେ ଅତ୍ୟୁକ୍ତି ହେବ ନାହିଁ।

## ୨୫ ବର୍ଷ ତଳର ଧରିତ୍ରୀ

୨୪ ଏପ୍ରିଲ ୧୯୯୪

- ଆମେରିକାର ପୂର୍ବତନ ରାଷ୍ଟ୍ରପତି ରିଚାର୍ଡ ନିକସନଙ୍କ ୮୧ ବର୍ଷ ବୟସରେ ପରଲୋକ।
- ଜାପାନର ନୂତନ ପ୍ରଧାନମନ୍ତ୍ରୀ ଭାବେ ମୁଣ୍ଡୁମୋ ହାତା ମନୋନୀତ।
- ପଞ୍ଚାୟତିରାଜ ଆଇନ ଆଜିଠାରୁ କାର୍ଯ୍ୟକାରୀ ହେଲା।

## ଚିରନ୍ତନୀ

ସବୁ ସ୍ମୃତି ସବୁ ସୁଖ ଭାବନାର ଢେଉ
ଦିନେ ଏ ଅନ୍ତର ଦେଶେ ବାଜିଥିଲା ଯେହୁ
ବନ୍ଦ ଏ ଦୁଆରେ ଆଜି
ଫେରିଯାଉ ବାଜି ବାଜି,
ଏ ତମିସ୍ର କୋଣୁଁ ମୋର ସମ୍ବାଦ ନ ଦେଉ
ସେ ଦିନ ଅନ୍ତର ଦେଶେ ବାଜିଥିଲା ଯେହୁ।
(ବନ୍ଦୀର ବିଳାପ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | | 6 | | | | | | |
| | | 3 | 5 | | | C | 9 | | | 4 | | | 2 | |
| | 8 | E | | 1 | C | A | | 2 | 0 | | | | 6 | D |
| | | | | 2 | | | 1 | | | | | 9 | 3 | 4 |
| 7 | 6 | | | | | | 0 | | | | | | | 1 |
| | | 5 | 2 | | | | | 8 | | | 3 | | | |
| | | 1 | | 7 | | 2 | B | C | D | | | 4 | | E |
| E | | 8 | | 0 | 5 | | | | | | 2 | B | A | |
| | | | D | | | | | 9 | 6 | | 1 | | | |
| | | | | 4 | | | | 7 | A | | E | 5 | | 0 |
| | | | | | | | 2 | D | | | 0 | | | 8 |
| 2 | 1 | | 8 | 3 | | | | | | | B | | | 9 |
| 5 | | | | | 0 | | C | A | | 3 | | D | | |
| | E | | 1 | | | | | | | A | C | | | 7 |
| 9 | | A | | 5 | 4 | B | 6 | 1 | | | D | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 7 | 9 | 2 | 8 | C | B | 4 | A | 1 | E | 6 | 5 | 3 | D |
| E | 3 | 8 | 5 | 6 | B | 1 | 0 | 9 | 4 | D | C | A | 7 | 2 |
| A | 2 | 4 | 3 | D | 0 | 6 | 8 | 7 | 9 | B | 5 | E | 1 | C |
| C | 6 | D | 1 | 7 | 9 | 2 | 5 | E | 8 | 3 | A | 4 | 0 | B |
| 5 | 1 | B | A | 4 | E | C | D | 3 | 0 | 2 | 7 | 6 | 9 | 8 |
| 6 | 8 | A | C | 0 | 1 | 9 | B | 5 | 3 | 4 | E | 2 | D | 7 |
| D | 5 | E | 8 | B | 2 | 7 | 3 | 1 | C | A | 0 | 9 | 4 | 6 |
| 7 | 4 | 3 | D | 9 | 6 | A | E | 2 | 5 | 1 | B | C | 8 | 0 |
| 9 | B | 2 | 7 | E | A | 4 | C | 0 | 6 | 8 | D | 3 | 5 | 1 |
| 1 | 0 | C | 4 | 5 | 3 | 8 | 6 | D | 2 | 7 | 9 | B | A | E |
| 4 | C | 7 | 9 | 1 | 5 | 3 | 2 | B | E | 0 | 8 | D | 6 | A |
| 3 | E | 0 | 6 | A | 8 | D | 1 | 4 | B | 5 | 2 | 7 | C | 9 |
| 2 | D | 6 | B | C | 4 | 5 | A | 8 | 7 | 9 | 1 | 0 | E | 3 |
| B | 9 | 1 | E | 3 | D | 0 | 7 | C | A | 6 | 4 | 8 | 2 | 5 |
| 8 | A | 5 | 0 | 2 | 7 | E | 9 | 6 | D | C | 3 | 1 | B | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଦଳଡିଆଁ ଆଉ ଅସନ୍ତୁଷ୍ଟ ହେବେ ନିର୍ଣ୍ଣାୟକ

ମହାଶୟ,

ଦଳଡିଆଁ ଏଥର ଅତୀତର ସବୁ ରେକର୍ଡକୁ ଅତିକ୍ରମ କରିଯାଇଛି। ନିର୍ବାଚନ ବୈତରଣୀ ପାର ହେବାକୁ ଯାଇ ରାଜନୈତିକ ଦଳମାନେ ସବୁ ନୀତି ଓ ଆଦର୍ଶକୁ ଦଳିମକଚି ଦେଇଛନ୍ତି। ଅପରପକ୍ଷେ ଅସନ୍ତୋଷ ସବୁ ଦଳରେ ଚରମ ସୀମାରେ ପହଞ୍ଚିଛି। ତୃଣମୂଳ ସ୍ତରରେ କର୍ମୀଟିଏ କ'ଣ ଚାହୁଁଛି ସେଥିପ୍ରତି ଧ୍ୟାନ ନ ଦେଇ ରାତି ଅଧିଆ ଅନ୍ୟ ଦଳର ଅସନ୍ତୁଷ୍ଟଙ୍କୁ ଆଣି ଲଦି ଦିଆଯାଇଛି। ଥରୁଟିଏ ମଧ୍ୟ କେହି ଭାବିବାକୁ ଚେଷ୍ଟା କରିନାହାନ୍ତି ଯେ ଦୀର୍ଘ ଦିନଧରି ଏଠାରେ ସଙ୍ଗଠନର ମଙ୍ଗ ଧରିଥିବା ନେତୃତ୍ୱର କ'ଣ ଅବସ୍ଥା ହେବ। ଏଭଳି ଅରୁଚିକର ଆଉ ଅପରିପକ୍ୱ ନିଷ୍ପତ୍ତି ଉଣାଅଧିକେ ସବୁ ଦଳରେ ଦେଖିବାକୁ ମିଳିଛି। ତେବେ ଏକଥା ନିଶ୍ଚିତ ଯେ, ଚଳିତ ନିର୍ବାଚନରେ ଏହି ଦଳଡିଆଁ ଓ ଅସନ୍ତୁଷ୍ଟମାନେ ହିଁ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ।

ବିରଞ୍ଚି ଦାସ, କୋରେଇ, ଯାଜପୁର

### ଜମାଖାତାରୁ ବ୍ୟାଙ୍କ ଟଙ୍କା କାଟିବା ସମ୍ବନ୍ଧରେ

କାଳିଆ ଯୋଜନାରେ ଚାଷୀଙ୍କ ପାଇଁ ଆକାଉଣ୍ଟରେ ସରକାର ୫ ହଜାର ଟଙ୍କା ଜମା କରିବା ପରେ ବ୍ୟାଙ୍କ ଚାଷୀଙ୍କ ଋଣ ଥିବା ହେତୁ ତାହା ସେଇ ବାବଦରେ କାଟି ନେବା ଖବର ପ୍ରକାଶ ପାଇଛି। ତେବେ ବ୍ୟାଙ୍କ କର୍ମକର୍ତ୍ତାଙ୍କୁ ଡାକି ସରକାର ଚାଷୀଙ୍କ ଏହି ଟଙ୍କା ଫେରାଇବା ପାଇଁ ନିର୍ଦ୍ଦେଶ ଦେଇଥିବା କୁହାଯାଉଛି। ବ୍ୟାଙ୍କର ଦେୟ ବକେୟା ଥିଲେ ଜମାକାରୀଙ୍କ ଖାତାରୁ ବ୍ୟାଙ୍କ ଟଙ୍କା କାଟିବା ଏକ ନିୟମିତ ଘଟଣା। ତେବେ ଅନେକଙ୍କ ଖାତାରେ କାଳିଆ ଟଙ୍କା ଜମା ହେଉ ନ ହେଉଣୁ ତାହା ଖର୍ଚ୍ଚ ସରିଲାଣି। ଆୟର ଉତ୍ସ ସୀମିତ କିନ୍ତୁ ଖର୍ଚ୍ଚ ପାଇଁ ଅସୀମ ଦ୍ୱାର ଉନ୍ମୁକ୍ତ। ଏ ଯୁଗରେ ପାଞ୍ଚହଜାର ଟଙ୍କା କିଛି ନୁହେଁ। ମାଗି ଆଣିବା ଡିଅଣ ସୁଡୁକାଏ। ସରକାର ଯେତେ ଦେଲେ ବି ନିଅଣ୍ଟ ପଡ଼ିବ ଓ ଚାହିଦା ବଢ଼ିବ।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)







## କପିଳାସ ରୋଡ-ସାଲେଗାଓଁ ରେଳପଥ ଦୋହରୀକରଣ କାର୍ଯ୍ୟ

# ଏପ୍ରିଲ ୨୫ରୁ ମେ ୮ ପର୍ଯ୍ୟନ୍ତ ବହୁ ଟ୍ରେନ୍ ବାତିଲ

- ଗୁରୁତ୍ୱପୂର୍ଣ୍ଣ ଟ୍ରେନ୍‌ର ମାର୍ଗ ପରିବର୍ତ୍ତନ
- କଟକ ଓ ନରାଜ ମଧ୍ୟରେ ଯାତ୍ରୀଙ୍କୁ ମାଗଣା ବସ୍ ସେବା

**ଭୁବନେଶ୍ୱର,୨୩।୪(ବ୍ୟୁରୋ):** ଖୋର୍ଦ୍ଧା ରୋଡ୍ ଡିଭିଜନ ଅଧୀନରେ ଥିବା କପିଳାସ ରୋଡ୍ ଓ ସାଲେଗାଓଁ ଷ୍ଟେଶନ ମଧ୍ୟରେ ରେଳଲାଇନ୍ ମରାମତି ତଥା ଦୋହରୀକରଣ କାର୍ଯ୍ୟ ପାଇଁ ଏପ୍ରିଲ ୨୫ରୁ ମେ ୮ ପର୍ଯ୍ୟନ୍ତ ଏହି ରୁଟ୍‌ର ଅଧିକାଂଶ ଟ୍ରେନ୍‌କୁ ବାତିଲ କରାଯାଇଛି । ଏହାସହ କେତେକ ଗୁରୁତ୍ୱପୂର୍ଣ୍ଣ ଟ୍ରେନ୍‌ର ମାର୍ଗ ପରିବର୍ତ୍ତନ କରାଯାଇଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ମିଳିଛି । ବାତିଲ ହେବାକୁଥିବା ଟ୍ରେନ୍ ମଧ୍ୟରେ ଖଡ଼ଗପୁର-ଖୋର୍ଦ୍ଧା ରୋଡ୍-ଖଡ଼ଗପୁର ଫାଷ୍ଟ ପାସେଞ୍ଜର ରହିଥିବା ବେଳେ ରବିବାର ବ୍ୟତୀତ ଏହା ଏପ୍ରିଲ ୨୫ରୁ ମେ ୮ ପର୍ଯ୍ୟନ୍ତ ଉଭୟ ଦିଗରୁ ବାତିଲ ରହିବ । ସେହିଭଳି ସନ୍ତ୍ରାଗାଛି-ପୁରୀ-ସନ୍ତ୍ରାଗାଛି ପାସେଞ୍ଜର, ପୁରୀ-ରାଉରକେଲା-ପୁରୀ ପାସେଞ୍ଜର, କଟକ-ଭଦ୍ରକ-କଟକ ପାସେଞ୍ଜର, କେନ୍ଦୁଝରଗଡ଼-ଭୁବନେଶ୍ୱର-କେନ୍ଦୁଝରଗଡ଼ ପାସେଞ୍ଜର, ତାଳଚେର-ପୁରୀ-ତାଳଚେର ମେମୁ ମଧ୍ୟ ଉପରୋକ୍ତ ଦିନରେ ବାତିଲ ହେବ । ୨୫ରୁ ୨ତାରିଖ ପର୍ଯ୍ୟନ୍ତ ବିଶାଖାପାଟଣା-ଦିଘା ଏକ୍ସପ୍ରେସ୍ ଏବଂ ୨୬ରୁ ୩ତାରିଖ ପର୍ଯ୍ୟନ୍ତ ଦିଘା-ବିଶାଖାପାଟଣା ଏକ୍ସପ୍ରେସ୍‌କୁ ବାତିଲ କରାଯିବ । ଏହାସହ ୨୭ରୁ ୪ତାରିଖ ପର୍ଯ୍ୟନ୍ତ ପୁରୀ-ଦିଘା ଏକ୍ସପ୍ରେସ୍, ୨୮ରୁ ୫ ପର୍ଯ୍ୟନ୍ତ ଦିଘା-ପୁରୀ ଏକ୍ସପ୍ରେସ୍ ଓ ବିଶାଖାପାଟଣା-ପାରାଦୀପ ଏକ୍ସପ୍ରେସ୍, ୨୯ରୁ ୬ତାରିଖ ପର୍ଯ୍ୟନ୍ତ ପାରାଦୀପ-ସନ୍ତ୍ରାଗାଛି ଏକ୍ସପ୍ରେସ୍, ୩୦ରୁ ୭ତାରିଖ ପର୍ଯ୍ୟନ୍ତ ସନ୍ତ୍ରାଗାଛି-ପାରାଦୀପ ଏକ୍ସପ୍ରେସ୍ ଏବଂ ମେ ୧ରୁ ୮ ପର୍ଯ୍ୟନ୍ତ ପାରାଦୀପ-ବିଶାଖାପାଟଣା ଏକ୍ସପ୍ରେସ୍ ବାତିଲ ରହିବ ।

ଅନ୍ୟପକ୍ଷରେ ଏପ୍ରିଲ ୨୬ରୁ ମେ ୮ ପର୍ଯ୍ୟନ୍ତ ସିଆଲଦା-ପୁରୀ-ସିଆଲଦା ଏକ୍ସପ୍ରେସ୍ ଉଭୟ ଦିଗରୁ କଟକ ମାର୍ଗ ଦେଇ ଯାତ୍ରା କରିବ । ସେହିଭଳି ଭୁବନେଶ୍ୱର-ନୂଆଦିଲ୍ଲୀ-ଭୁବନେଶ୍ୱର ଦୁରନ୍ତୋ ଏକ୍ସପ୍ରେସ୍ ମେ ୧ ଓ ୮ରେ ଭୁବନେଶ୍ୱରଠାରୁ ଏବଂ ମେ ୨ରେ ନୂଆଦିଲ୍ଲୀଠାରୁ କଟକ ଦେଇ ଭୁବନେଶ୍ୱର ଆସିବ । ଏପ୍ରିଲ ୨୬ ଓ ମେ ୩ରେ ସମ୍ବଲପୁର-ହାଓ୍ୱଡା-ସମ୍ବଲପୁର ଏକ୍ସପ୍ରେସ୍ ଢେଙ୍କାନାଳ ଦେଇ ସମ୍ବଲପୁର ଯିବ । ଏପ୍ରିଲ ୨୭ ଓ ମେ ୪ ଦିନ ହାଓ୍ୱଡାଠାରୁ ଢେଙ୍କାନାଳ-ଭଦ୍ରକ ମାର୍ଗ ଦେଇ ଯିବା ପରିବର୍ତ୍ତେ ଉଭୟ ଦିଗରେ ଝାରସୁଗୁଡ଼ା-ରାଉରକେଲା-ଖଡ଼ଗପୁର ମାର୍ଗରେ ଯାତ୍ରା କରିବ । ଭୁବନେଶ୍ୱର-ଏଲ୍‌ଟିଟି-ଭୁବନେଶ୍ୱର ଏକ୍ସପ୍ରେସ୍, ପୁରୀ-ଏଲ୍‌ଟିଟି-ପୁରୀ ଏକ୍ସପ୍ରେସ୍, ପୁରୀ-ଦୁର୍ଗ-ପୁରୀ ଏକ୍ସପ୍ରେସ୍, ପୁରୀ-ହାତିଆ-ପୁରୀ ଏକ୍ସପ୍ରେସ୍, ରାଉରକେଲା-ଗୁଣୁପୁର-ରାଉରକେଲା ରାଜ୍ୟରାଣୀ ଏକ୍ସପ୍ରେସ୍ କଟକ ପରିବର୍ତ୍ତେ ନରାଜ ମାର୍ଗ ଦେଇ ଯାତ୍ରା କରିବ । କଟକ ଷ୍ଟେଶନ ଯାତ୍ରୀଙ୍କ ପାଇଁ ଟ୍ରେନ୍ ନରାଜଠାରେ ରହିବ । ଏହି ସମୟ ମଧ୍ୟରେ କଟକ ଷ୍ଟେଶନଠାରେ ଓହ୍ଲାଇବାକୁ ଥିବା ଯାତ୍ରୀ ଏବଂ କଟକ ଷ୍ଟେଶନରୁ ଟ୍ରେନ୍ ଯାତ୍ରା କରିବାକୁ ଥିବା ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ପକ୍ଷରୁ କଟକ ଓ ନରାଜ ଷ୍ଟେଶନ ମଧ୍ୟରେ ଉଭୟ ଦିଗରୁ ମାଗଣା ବସ୍ ସେବା ଯୋଗାଇ ଦିଆଯିବ ।

## ଏସାର ପାଇପ୍ ଲାଇନ କାଟିଲେ ମାଓବାଦୀ

**ଚିତ୍ରକୋଣ୍ଡା,୨୩।୪(ଡି.ଏନ୍.ଏ.)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଅଞ୍ଚଳରେ ପୁଣି ନିଜର ଉପସ୍ଥିତି ଜାହିର କରିଛନ୍ତି ମାଓବାଦୀ । ମଙ୍ଗଳବାର ଆନ୍ଧ୍ର ସୀମାନ୍ତ ଚିତ୍ରକୋଣ୍ଡା ବ୍ଲକ ରାଲେଗଡ଼ା ପଞ୍ଚାୟତ ଦିଗଜାନବାଇ ପାଖ ଜଙ୍ଗଲ ଦେଇ ଯାଇଥିବା ଏସାର ପାଇପ ଲାଇନକୁ ମାଓବାଦୀମାନେ କାଟି ଦେଇଛନ୍ତି । ସେମାନେ ଓଡ଼ିଶା ସୀମାନ୍ତରେ ଏସାର ପାଇପ ଲାଇନକୁ ଅନେକଥର କାଟିଥିବାର ନଜିର ରହିଛି । ସ୍ଥାନୀୟ ଅଞ୍ଚଳରେ ହେଉଥିବା କ୍ଷୟକ୍ଷତିକୁ ଏସାର କମ୍ପାନୀ ବହନ କରିବା ପାଇଁ ମାଓବାଦୀମାନେ ଦାବିକରି ଏଭଳି ବାରମ୍ବାର କରୁଥିବା ଜଣାପଡ଼ିଛି । ତେବେ ଏନେଇ ପୋଲିସ କିଛି ସ୍ପଷ୍ଟ କରିନାହିଁ ।




## ଭାଜପାରୁ ସୁଜାତା ବହିଷ୍କୃତ

**ଭୁବନେଶ୍ୱର, ୨୩।୪(ବ୍ୟୁରୋ)**

ଅନୁଶାସନ ଭଙ୍ଗ ଏବଂ ବିଶୃଙ୍ଖଳିତ କାର୍ଯ୍ୟ ପାଇଁ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଅନୁମୋଦନକ୍ରମେ ଆଳି ନିର୍ବାଚନ କ୍ଷେତ୍ରର ସୁଜାତା ବାରିକଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କାର କରାଯାଇଛି । ଏନେଇ ଭାଜପା ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି ।

## ଜୁଲାଇ, ଅଗଷ୍ଟ ପାଇଁ ଗୋ ଏୟାରର ସ୍ୱତନ୍ତ୍ର ଭଡ଼ା ଘୋଷଣା

**ଭୁବନେଶ୍ୱର,୨୩।୪(ବ୍ୟୁରୋ)**

ଆସନ୍ତା ଜୁଲାଇ ଏବଂ ଅଗଷ୍ଟରେ ଭୁବନେଶ୍ୱର ଓ ମୁମ୍ବାଇ ମଧ୍ୟରେ ବିମାନ ଯାତ୍ରା କରିବା ପାଇଁ ଗୋ ଏୟାର ସ୍ୱତନ୍ତ୍ର ଭଡ଼ା ଘୋଷଣା କରିଛି । ଏ ନେଇ ଗୋ ଏୟାର ନିଜର ଅଫିସିଆଲ ଓ୍ୱେବ୍‌ସାଇଟ୍‌ରେ ଜଣାଇଛି । ଜୁଲାଇ ୮ରୁ ୨୧ ମଧ୍ୟରେ ଭୁବନେଶ୍ୱରରୁ ମୁମ୍ବାଇ ଯାତ୍ରା କରିବା ପାଇଁ ଟିକେଟ୍ ପିଛା ୩,୭୯୯ଟଙ୍କା ରହିଛି । ସେହିପରି ଅଗଷ୍ଟ ୫ରୁ ୩୧ ମଧ୍ୟରେ ମୁମ୍ବାଇରୁ ଭୁବନେଶ୍ୱର ଯାତ୍ରା ପାଇଁ ଟିକେଟ୍ ପିଛା ୩,୦୯୯ଟଙ୍କା ରହିଛି । ଏଥିଲାଗି ଯାତ୍ରୀମାନଙ୍କୁ ଏପ୍ରିଲ ୨୫ ଭିତରେ ଟିକେଟ୍ କାଟିବାକୁ ପଡ଼ିବ । ଗୋ ଏୟାର ଦେଶର ବିଭିନ୍ନ ସହରକୁ ମଧ୍ୟ ଏହିଭଳି ସ୍ୱତନ୍ତ୍ର ବ୍ୟବସ୍ଥା କରିଛି । ତେବେ ବାଗ୍‌ଡୋଗ୍ରା ଓ ଗୁଆହାଟୀ ମଧ୍ୟରେ ସବୁଠାରୁ କମ୍ ଟଙ୍କାର ଭଡ଼ା ରଖାଯାଇଛି । ଏହି ଦୁଇଟି ସ୍ଥାନ ମଧ୍ୟରେ ଯାତ୍ରା କରିବା ପାଇଁ ଟିକେଟ୍ ପିଛା ୧୩୭୫ଟଙ୍କା ରହିଛି । ସୂଚନାଯୋଗ୍ୟ, ଜୁଲାଇ ଓ ଅଗଷ୍ଟ ବିମାନସେବା କ୍ଷେତ୍ରରେ ଖରାପ ସମୟ ଭାବେ ଗଣନା ହୁଏ । ସେଥିପାଇଁ ଅଧିକାଂଶ ବିମାନ ଉଡ଼ାଣକାରୀ ସଂସ୍ଥା ଏହି ଦୁଇଟି ମାସ ପାଇଁ ସ୍ୱତନ୍ତ୍ର ଭଡ଼ା ବ୍ୟବସ୍ଥା କରିଥାଆନ୍ତି ।

**CAREER IN PACKAGING**

भारतीय पैंकेजिंग संस्थान
**Indian Institute of Packaging**
An autonomous body under the Ministry of Commerce & Industry, Govt. of India

**ANNOUNCES ADMISSION FOR TWO-YEAR FULL TIME POST GRADUATE DIPLOMA IN PACKAGING AT MUMBAI, DELHI, KOLKATA & HYDERABAD**

**Eligibility :** B.Sc (12+3) with Physics, Chemistry, Mathematics, Microbiology or B.Tech. / B.E in Chemical, Mechanical, Electrical, Electronics, Civil, Bio Chemical / Bio Technology, Agriculture, Food Science, Polymer Science, B. Pharma, Plastics, Printing with minimum Second Class. **Students awaiting result may also apply.**

**Admission :** Through Entrance Examination at Mumbai, Kolkata, Chennai, Delhi and Hyderabad on **13th June 2019.**

**Last date for receiving filled applications : 7th June 2019**

**Hostel :** Separate Hostel accommodation for Boys and Girls at Mumbai only. **Age Limit:** 30 Years for General Category, 33 Years for OBC and 35 Year for SC/ST as on **31/05/2019.**

**Prospects :** Excellent opportunity for placement in Food, Pharma, FMCG including MNCs and other Companies in India and Overseas. Over 3000 Alumni are working in Industries in India and Abroad. Application forms and Prospectus can be obtained on payment of **Rs.500/-**

100% Placement Assistance

**For more information VISIT our Website : www.iip-in.com**

For details, please contact:
**INDIAN INSTITUTE OF PACKAGING, KOLKATA CENTRE**
Block CP-10,Sector-V, Salt Lake City, Bidhan Nagar, Kolkata-700091
Phone: 033-2367 6016 / 0763, Phone/Fax: 033-2367 9561
Bidhan Das , Dy Director & Br. Head: 8017219939 (9am - 6pm)
Email- iipkolkata@iip-in.com ; iipcal@cal.vsnl.net.in







Format C-2

**Declaration about criminal actecedents of candidates set up by the party**

*(As per the judgement dated 25th September, 2018, of Hon'ble Supreme Court in WP (Civil) No.536 of 2011 (Public Interest Foundation & Ors. Vs. Union of India & Anr.).*

Name of Political Party : **BAHUJAN SAMAJ PARTY**
Name of Election : **Legislative Assembly Election 2019 PHASE-IV**
Name of State/UT : **Odisha**

| Sl. No. | Name of Candidate | Name of Constituency | Pending criminal cases | | Details about cases of conviction for criminal offences | |
|---|---|---|---|---|---|---|
| | | | Name of Court, cases No. & status of the case(s) | Sections of the Acts concerned & brief description of offence(s) | Name of Court & date(s) of order(s) | Description of offence(s) & punishment imposed |
| 1 | 2 | 3 | 4 | 5 | 6 | 7 |
| 1 | SUDHAKAR MALIK | Aul | Aul Police Station FIR No. 271/2016 JMFC AUL GR 528/2016 (Pending) | Section 147 148 341 323 307 302 379 427 149 Of IPC (The accused person Sudhakar Malik along with others restrained one Radha Shyam Biswal and assaulted him by means of Lathi and deadly weapons and for which he died | N.A | N.A |



“ ଆତଙ୍କବାଦୀଙ୍କ ଦ୍ୱାରା ବ୍ୟବହୃତ ଆଇଇଡି (ବିକଶିତ ବିସ୍ଫୋରକ ଉପକରଣ)ଠାରୁ ଭୋଟର ଆଇଡି ବେଶି ଶକ୍ତିଶାଳୀ।

- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



## ସଂକ୍ଷେପରେ

### ଫିଲିପାଇନ୍ସରେ ଭୂକମ୍ପ :୧୬ ମୃତ

**ମାନିଲା,୨୩।୪:** ଫିଲିପାଇନ୍ସର ଲୁଜନ ଆଇସଲାଣ୍ଡରେ ସୋମବାର ହୋଇଥିବା ଭୂକମ୍ପଜନିତ ମୃତ୍ୟୁସଂଖ୍ୟା ୧୬କୁ ବୃଦ୍ଧିପାଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୬.୧ ରହିଥିଲା। ବାଣିଜ୍ୟିକ କେନ୍ଦ୍ରର ଭଗ୍ନସ୍ତୁପ ତଳେ ଚାପିହୋଇ ରହିଥିବା ନିଖୋଜ ୩୦ ଜଣଙ୍କୁ ଉଦ୍ଧାର କରାଯିବା ଲାଗି ଯୁଦ୍ଧକାଳୀନ ଭିତ୍ତିରେ ପ୍ରୟାସ ଜାରି ରହିଥିବା ଅଧିକାରୀମାନେ ପ୍ରକାଶ କରିଛନ୍ତି। ଉତ୍ତର ମାନିଲାରୁ ୧୦୦ କିମି ଦୂର ପାପାଙ୍ଗା ପ୍ରୋଭିନ୍ସର ୧୫ ଜଣ ପ୍ରାଣ ହରାଇଛନ୍ତି। ପୋରାକସ୍ଥିତ ୪ ମହଲାବିଶିଷ୍ଟ ମଲର ଭଗ୍ନସ୍ତୁପ ତଳୁ ୯ ଜଣଙ୍କୁ ଉଦ୍ଧାର କରାଯାଇଛି। ଏହି ଭୟଙ୍କର ଭୂକମ୍ପରେ ୮୧ ଜଣ ଆହତ ହୋଇଥିବା ଓ ୧୪ ଜଣ ନିଖୋଜ ଥିବା ଜଣାପଡିଛି। ଭୂକମ୍ପରେ ରାସ୍ତାଘାଟ, ପୋଲ, ରେଳପଥ ଓ ବିମାନବନ୍ଦର ବହୁଳଭାବରେ କ୍ଷତି ହୋଇଛି। ବୁଧବାର ସକାଳ ପର୍ଯ୍ୟନ୍ତ ବିମାନ ଚଳାଚଳ ବନ୍ଦ ରହିବ ବୋଲି ବିମାନବନ୍ଦର ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ। ପାରୋକରେ ଥିବା ସପ୍ତଦଶ ଶତାବ୍ଦୀର ଚର୍ଚ୍ଚ ମଧ୍ୟ ଭୂକମ୍ପ କ୍ଷତିରୁ ବାଦ ପଡିନି।

ଅଦାଲତ ଅବମାନନା ମାମଲା

### ବ୍ୟକ୍ତିଗତ ହାଜର ହେବେନି ରାହୁଲ

**ନୂଆଦିଲ୍ଲୀ,୨୩।୪:** ରାଫାଲ ରାୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆକ୍ଷେପ କରି ‘ଚୌକିଦାର ଚୋର ହେଁ’ ବୋଲି ମନ୍ତବ୍ୟ ଦେଇଥିବା କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କୁ ମଙ୍ଗଳବାର ଆଶ୍ୱସ୍ତି ମିଳିଛି। ସେ ଆପରାଧିକ ଅଦାଲତ ଅବମାନନା ମାମଲାରେ ବ୍ୟକ୍ତିଗତ ଭାବେ ହାଜର ହେବେନାହିଁ। ଏନେଇ ତାଙ୍କୁ ନୋଟିସ ଜାରି କରାଯାଇଥିଲାବେଳେ ସୁପ୍ରିମକୋର୍ଟ ତାଙ୍କ ବ୍ୟକ୍ତିଗତ ହାଜିରାକୁ ଉଠାଇ ଦେଇଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ବର୍ତ୍ତମାନ ଲାଗି ଏହାକୁ କୋହଳ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୩୦ରେ କରାଯିବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ପ୍ରକାଶଥାଉ କି, ଭାଜପା ଏମ୍‌ପି ମୀନାକ୍ଷି ଲେଖି ରାହୁଲଙ୍କ ବିରୋଧରେ ଅଦାଲତ ଅବମାନନା ପାଇଁ ଆପରାଧିକ ମାମଲା ସକାଶେ ପିଟିଶନ ଦାୟର କରିଥିଲେ। ମାମଲା ବନ୍ଦ କରିବା ଲାଗି ରାହୁଲ ଆବେଦନ କରିଥିଲାବେଳେ ଏହାକୁ ଅଗ୍ରାହ୍ୟ କରାଯାଇଛି।

### ଭୂସ୍ଖଳନରେ ୫୦ରୁ ଉର୍ଦ୍ଧ୍ୱ ମୃତ

ୟାଙ୍ଗନ,୨୩।୪

ମିଆଁମାରର କାଚିନ ରାଜ୍ୟରେ ଭୂସ୍ଖଳନ ଯୋଗୁଁ ୫୦ରୁ ଉର୍ଦ୍ଧ୍ୱ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ଏକ ଫଳରେ ଖଣିରେ ଶୋଇଥିବା ଶ୍ରମିକମାନେ ଏହାର ଶିକାର ହୋଇଛନ୍ତି। ପୋଲିସ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ଶ୍ରମିକମାନେ ଖରିରେ ଶୋଇଥିବାବେଳେ ଭୂସ୍ଖଳନ ହେବାରୁ ସେମାନଙ୍କ ମୃତ୍ୟୁ ହୋଇଥିଲା। ମାଟି କାଦୁଅ ଭିତରେ ଏବେବି ୫୪ ଜଣ ଲୋକ ନିଖୋଜ ହୋଇଯାଇଥିବା ପୋଲିସ କହିଛି। ଉଦ୍ଧାର ଲାଗି ପ୍ରୟାସ ଜାରି ରହିଥିବା ଜଣାପଡିଛି।



[ଇତିହାସର ଆଇନାରେ]

### ଏପ୍ରିଲ ୨୪ର ପ୍ରମୁଖ ଘଟଣା

୧୯୫୩ ଏପ୍ରିଲ ୨୪ରେ କୁଇନ୍ ଏଲିଜାବେଥ୍ ଦ୍ୱିତୀୟ ଉଇନ୍‌ଷ୍ଟନ୍ ଚର୍ଚ୍ଚିଲଙ୍କୁ ନାଇଟ୍ ଉପାଧି ପ୍ରଦାନ କରିଥିଲେ। ଏଲିଜାବେଥ୍ ଦ୍ୱିତୀୟ ୧୯୨୬ ଏପ୍ରିଲ ୨୧ରେ ଜନ୍ମ ହୋଇଥିଲେ।

୨୦୧୩ ଏପ୍ରିଲ ୨୪ରେ ଢାକାରେ ଏକ କୋଠା ଭୁଶୁଡି ୧,୧୨୯ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨,୫୦୦ ଜଣ ଆହତ ହୋଇଥିଲେ। ଢାକା ହେଉଛି ବାଂଲାଦେଶର ରାଜଧାନୀ ତଥା ବୃହତ୍ ନଗରୀ।

■ ଗୁଜରାଟ ସରକାରଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ

# ବିଲ୍‌କିସ ବାନୋଙ୍କୁ ୫୦ ଲକ୍ଷ କ୍ଷତିପୂରଣ ଦିଅ

ନୂଆଦିଲ୍ଲୀ,୨୩।୪



**ଚାକିରି ସହ ରହିବାର ସୁବିଧା ମଧ ଦିଆଯିବ**

ଗୁଜରାଟରେ ୨୦୦୨ ଦଙ୍ଗାବେଳେ ଗଣବଳାତ୍କାରର ଶିକାର ହୋଇଥିବା ବିଲ୍‌କିସ ବାନୋଙ୍କୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ଓ ଚାକିରି ସହ ରହିବାର ସୁବିଧା ଯୋଗାଇଦେବା ଲାଗି ସୁପ୍ରିମକୋର୍ଟ ଗୁଜରାଟ ସରକାରଙ୍କୁ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ଗୁଜରାଟ ସରକାର ଏହି ମାମଲାରେ ଅଭିଯୁକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ପ୍ରଧାନ ବିଚାରପତି ଜଷ୍ଟିସ ରଞ୍ଜନ ଗୋଗୋଇଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠକୁ ଅବଗତ କରାଇଥିଲେ। ଅଭିଯୁକ୍ତଙ୍କ ପେନ୍‌ସନ ବେନିଫିଟ ବନ୍ଦ କରାଯିବା ସହ ବମ୍ବେ ହାଇକୋର୍ଟଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ ଆଇପିଏସ ଅଧିକାରୀଙ୍କ ପଦାବନତ କରାଯାଇଥିବା ରାଜ୍ୟ ସରକାର ଦର୍ଶାଇଥିଲେ।

ପୂର୍ବରୁ ବାନୋ ୫ ଲକ୍ଷ ଟଙ୍କାର ସହାୟତା ନେବାକୁ ମନା କରିଦେବା ସହ ରାଜ୍ୟ ସରକାର ଅଧିକ କ୍ଷତିପୂରଣ ଦେବା ଲାଗି ସର୍ବୋଚ୍ଚ କୋର୍ଟରେ ଆବେଦନ କରିଥିଲେ। ମାର୍ଚ୍ଚ ୨୯ ତାରିଖରେ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ଅଭିଯୁକ୍ତମାନଙ୍କ ବିରୋଧରେ ୨ ସପ୍ତାହ ମଧ୍ୟରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟଯେ, ଗୋଧ୍ରା ଦଙ୍ଗା ସମୟରେ ୫ ମାସର ଗର୍ଭବତୀ ଥିବା ବିଲ୍‌କିସଙ୍କୁ ଗଣବଳାତ୍କାର କରାଯିବା ସହ ପରିବାରର କେତେକ ଜଣଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ୧୧ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଦିଆଯାଇଥିଲାବେଳେ ପରେ ୫ ପୋଲିସ ଓ ୨ ଡାକ୍ତରଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧୂଳିଆ ଘରର ପୁଅ**
**ଆପଣା ପଦାର୍ଥ ପରକୁ ଦେଇ**
**ଡାକୁଛି ଧରମ ପୁଅ ।**

ନିଜର ଅଧିକାର ପରକୁ ଦେବା ଉଚିତ ହୋଇ ନ ଥାଏ। କାରଣ ଏପରି କରିବା ଦ୍ୱାରା ବ୍ୟକ୍ତି ଅନ୍ୟର ଗୋଡ଼ାଣିଆ ହୋଇଯିବା ସହ ନିଜତ୍ୱ ହରାଇ ବସିବା ଆଶଙ୍କା ରହିଥାଏ। ନିଜର ଧନସମ୍ପତ୍ତି ଏକାନ୍ତ ବ୍ୟକ୍ତିଗତ, ପରକୁ ଆପଣାର କରିବାକୁ ଯାଇ ଏସବୁକୁ ଦାନ କରିବସିଲେ ପଛରେ ହତାଶ ହେବା ହିଁ ସାର ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଧଣ୍ଡା ଧମଣା**
**ବୁଲି ବୁଲି କରି ସେଇ ଅଗଣା ।**

ଧଣ୍ଡ ଓ ଢମଣା ସାପ ବିଷହୀନ। ଏମାନେ ସେତେଟା କ୍ଷତିକାରକ ହୋଇ ନ ଥାନ୍ତି। ପରୋକ୍ଷରେ ସରଳ ବା ନିଷ୍କପଟ ଲୋକ ଅଭିମାନ କରେ ସତ, ମାତ୍ର ବେଇମାନି କରି ନ ଥାଏ। ସେ ସବୁଠି ସବୁବେଳେ ଅନୁରକ୍ତ ହୋଇ ରହୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡ୍‌ସ ପବ୍ଲିଶର୍ସ

## ତିନିପୁଅଙ୍କୁ ହରାଇଲେ ଡେନ୍‌ମାର୍କର ସବୁଠୁ ଧନୀ ବ୍ୟକ୍ତି

କଲମ୍ବୋ,୨୩।୪

**ଶ୍ରୀଲଙ୍କା ଆକ୍ରମଣ**



ଶ୍ରୀଲଙ୍କାରେ ଆତଙ୍କବାଦୀ ଆକ୍ରମଣରେ ଡେନମାର୍କର ସବୁଠାରୁ ଧନୀ ବ୍ୟକ୍ତି ଆଣ୍ଡର୍ସ ହଲ୍ଚ ପଭସେନ(୪୬) ନିଜର ୪ ପୁଅଙ୍କ ମଧ୍ୟରୁ ୩ ପୁଅଙ୍କୁ ହରାଇଥିବା ତାଙ୍କ ମୁଖପାତ୍ର ସୂଚନା ଦେଇଛନ୍ତି। ଗ୍ଲୋବାଲ ରିଟେଲ ଜିଆଣ୍ଟ ଏଏସ୍‌ଓଏସ୍ ଏବଂ ବେଷ୍ଟସେଲରର ଜଣେ ପ୍ରଖ୍ୟାତ ଫ୍ୟାଶନ ମୋଗଲ ଭାବେ ପରିଚିତ ପଭସନଙ୍କ ବେଷ୍ଟସେଲରର କମ୍ୟୁନିକେସନ ମ୍ୟାନେଜର ଜେସପର ଷ୍ଟବକିଏର ମଧ୍ୟ ଏନେଇ ବ୍ରିଟିଶ ନ୍ୟୁଜ ଏଜେନ୍ସିକୁ ସୂଚନା ଦେଇଛନ୍ତି। ଷ୍ଟବକିଏର ଏନେଇ ବିସ୍ତୃତ ଖବର ଦେଇ ନ ଥିଲେ ବି ଶ୍ରୀଲଙ୍କାକୁ ପଭସନ ତାଙ୍କ ସ୍ତ୍ରୀ ଓ ପିଲାମାନଙ୍କ ସହ ଛୁଟି କାଟିବାକୁ ଯାଇଥିଲେ ବୋଲି କୁହାଯାଇଛି। ତେବେ କିଭଳି ପରିସ୍ଥିତିରେ ଓ କେଉଁଠାରେ ଏମାନେ ବିସ୍ଫୋରଣର ଶିକାର ହେଲେ, ତାହା ଠିକ୍‌ଭାବେ ଜଣାପଡିନାହିଁ। ଶ୍ରୀଲଙ୍କାର ୩ ଚର୍ଚ୍ଚ ଓ ୩ ହୋଟେଲ ସମେତ ୮ଟି ସ୍ଥାନରେ ରବିବାର ଆତ୍ମଘାତୀ ବିସ୍ଫୋରଣ ହୋଇଥିଲା। ଏହି ଆକ୍ରମଣରେ ମୃତ୍ୟୁସଂଖ୍ୟା ୩୨୧ରେ ପହଞ୍ଚିଛି। ଏଏସ୍‌ଓଏସ୍ ହେଉଛି ବ୍ରିଟେନର ସବୁଠାରୁ ଜଣାଶୁଣା ଅନଲାଇନ ରିଟେଲ ୱେବସାଇଟ୍ସ। ଏହାର ରିଟେଲ ବିକ୍ରି ମୋଟ ୩.୦୬ ବିଲିୟନ ଡଲାର। ପଭସେନ ବ୍ରିଟେନରେ ସବୁଠାରୁ ଅଧିକ ଘରୋଇ ଜମିର ମାଲିକ ବୋଲି ‘ଟାଇମ୍ସ’ ଖବରକାଗଜ ଦର୍ଶାଇଛି। ପଭସେନ ଓ ତାଙ୍କ ସ୍ତ୍ରୀ ଆନ୍ନୀ ସ୍କଟିସ ହାଇଲାଣ୍ଡରେ ୨ ଲକ୍ଷ ଏକର ଜମିର ମାଲିକ ଥିବା ଜଣାପଡିଛି। ସ୍କଟଲାଣ୍ଡରେ ବ୍ରିଟିଶ ରାଜ ପରିବାର ପରେ ପଭସେନଙ୍କ ପରିବାର ନିକଟରେ ସବୁଠାରୁ ଅଧିକ ଜମି ରହିଛି। ଫବ୍ସ ରିପୋର୍ଟ ମୁତାବକ ପଭସେନଙ୍କ ପାଖରେ ୭.୯ ବିଲିୟନ ଡଲାରର ସମ୍ପତ୍ତି ରହିଛି।

## ସିଜେଆଇଙ୍କୁ ଫସାଇବା ଲାଗି ଯଚାଯାଇଥିଲା ଦେଢ଼କୋଟି

ନୂଆଦିଲ୍ଲୀ,୨୩।୪



**ଓକିଲଙ୍କୁ ସୁପ୍ରିମକୋର୍ଟ ନୋଟିସ**

ପ୍ରଧାନ ବିଚାରପତି ଜଷ୍ଟିସ ରଞ୍ଜନ ଗୋଗୋଇଙ୍କ ବିରୋଧରେ ମିଥ୍ୟା ଯୌନ ବ୍ୟଭିଚାର ମାମଲା ରୁଜୁ କରିବା ଲାଗି ଅଜୟ ନାମକ ଜଣେ ବ୍ୟକ୍ତି ଦେଢ଼ କୋଟି ଟଙ୍କା ଯାଚିଥିଲେ ବୋଲି ଓକିଲ ଉତ୍ସବ ବେନ୍ସ ଦାବି କରିଛନ୍ତି। ଏହି ଘଟଣା ଲୋକଲୋଚନକୁ ଆସିବା ପରେ ଜଷ୍ଟିସ ଅରୁଣ ମିଶ୍ରଙ୍କ ନେତୃତ୍ୱରେ ଗଠିତ ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ ମଙ୍ଗଳବାର ସମ୍ପୃକ୍ତ ଓକିଲଙ୍କୁ ନୋଟିସ ଜାରି କରିଛନ୍ତି। ଏହାସହ ବ୍ୟକ୍ତିଗତଭାବେ ଏପ୍ରିଲ ୨୪ ପୂର୍ବାହ୍ଣ ୧୦.୩୦ରେ ହାଜର ହେବାକୁ ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସିଜେଆଇ ଗୋଗୋଇଙ୍କୁ ବଦନାମ କରିବା ପାଇଁ ଅଜୟ ତାଙ୍କୁ ପ୍ରେସ୍ କ୍ଲବ୍ ଅଫ୍ ଇଣ୍ଡିଆରେ ଏକ ସାମ୍ବାଦିକ ସମ୍ମିଳନୀ କରିବାକୁ କହିଥିଲେ ବୋଲି ଉତ୍ସବ କହିଛନ୍ତି। ତେବେ ସେ ଏହି କଥାରେ ସେ ରାଜି ନ ହୋଇ ମହିଳାଙ୍କ ସହ ତାଙ୍କର ସମ୍ପର୍କ କ’ଣ ବୋଲି ପଚାରିଥିଲେ। ଜଷ୍ଟିସ ଗୋଗୋଇ ଇସ୍ତଫା ଦେବା ଲାଗି ସମସ୍ତ ଷଡଯନ୍ତ୍ର ରଚାଯାଇଥିଲା ବୋଲି ଉତ୍ସବ ଅଭିଯୋଗ କରିଛନ୍ତି। ନ୍ୟାୟପାଳିକାର ସ୍ୱାଧୀନତାରେ ଆଘାତ ପହଞ୍ଚାଇବା ଲାଗି ଉଦ୍ଦିଷ୍ଟ ଷଡଯନ୍ତ୍ରର ନ୍ୟାୟିକ ତଦନ୍ତ କରାଯିବା ଉଚିତ ବୋଲି ଉତ୍ସବ କହିଛନ୍ତି। ଏକ୍ଷେତ୍ରରେ ଏକ କର୍ପୋରେଟର ଫିଗର କାମ କରୁଥିବା ସେ ଅଭିଯୋଗ କରିଛନ୍ତି।

## ‘ତେରେ ନାମ୍’ ସିକ୍ୱେଲ ସ୍କ୍ରିପ୍ଟ ସମ୍ପୂର୍ଣ୍ଣ

**ମୁମ୍ବାଇ:** ୨୦୦୩ର ବ୍ଲକ୍‌ବଷ୍ଟର ଫିଲ୍ମ ‘ତେରେ ନାମ୍’ର ରୂପାନ୍ତର ପାଇଁ ସଂଳାପ ରଚନା ସମ୍ପୂର୍ଣ୍ଣ ହୋଇଛି ବୋଲି ଅଭିନେତା ତଥା ଫିଲ୍ମ ନିର୍ମାତା ସତୀଶ କୌଶିକ ପ୍ରକାଶ କରିଛନ୍ତି। ଉକ୍ତ ଫିଲ୍ମରେ ସୁପରଷ୍ଟାର ସଲମାନ ଖାନ୍ ପ୍ରମୁଖ ଭୂମିକାରେ ଅଭିନୟ କରିଥିଲେ। ଫିଲ୍ମ ନିର୍ମାଣ ସମ୍ପର୍କରେ ଆହୁରି କିଛି ନିଷ୍ପତ୍ତି ନେବା ବାକି ରହିଛି ବୋଲି ନିର୍ଦ୍ଦେଶକ କହିଛନ୍ତି। ଏ ସମ୍ପର୍କରେ କୌଶିକ କହନ୍ତି, ବର୍ତ୍ତମାନ ଉକ୍ତ ଫିଲ୍ମର ସିକ୍ୱେଲ ନିର୍ମାଣ ପାଇଁ ଲେଖା ପ୍ରସ୍ତୁତ ହୋଇଛି। ଫିଲ୍ମ ସମ୍ପର୍କରେ ବେଶି କିଛି ପ୍ରକାଶ କରା ନ ଗଲେ ମଧ୍ୟ ଏତିକି କୁହାଯାଇପାରେ ଯେ, ଜଣେ ଗ୍ୟାଙ୍ଗଷ୍ଟାରଙ୍କ ପ୍ରେମକାହାଣୀକୁ ଭିତ୍ତିକରି ଏହା ନିର୍ମାଣ ହେଉଛି। ପରବର୍ତ୍ତୀ ପ୍ରଡକ୍ସନ୍ ‘କାଗଜ’ ସମ୍ପୂର୍ଣ୍ଣ ହେବାପରେ ‘ତେରେନାମ୍’ର ସିକ୍ୱେଲ୍ ପାଇଁ ଶୁଟିଂ ଆରମ୍ଭ ହେବ। ତେବେ ସ୍କ୍ରିପ୍ଟ ସମ୍ପର୍କରେ ସଲମାନ୍ ଖାନ୍‌ଙ୍କ ସହିତ ଆଲୋଚନା କରାଯାଇ ନ ଥିବା ସେ ପ୍ରକାଶ କରିଛନ୍ତି। ୨୦୦୦ ପ୍ରାରମ୍ଭରେ ‘ତେରେ ନାମ୍’ ଫିଲ୍ମ ଖୁବ୍ ଚର୍ଚ୍ଚାକୁ ଆସିବା ପରେ ସଲମାନ୍‌ଙ୍କ କ୍ୟାରିୟର ଆଗକୁ ବଢ଼ିଥିଲା। କଲେଜ ଛାତ୍ର ରାଧେ ମୋହନ ଭାବେ ତାଙ୍କର ଅଭିନୟ ଦର୍ଶକଙ୍କ ପାଇଁ ଖୁବ୍ ଗ୍ରହଣୀୟ ହୋଇଥିଲା। ଏଥିରେ ଭୂମିକା ଚାୱଲା ଏବଂ ରବି କିଷାନ ମଧ୍ୟ ଅଭିନୟ କରିଥିଲେ।






ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କ ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**-ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘମୁକ୍ତ ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୪ | ୨୦.୦ |
| ଚାନ୍ଦବାଲି | ୩୬.୮ | ୨୧.୮ |
| କଟକ | ୩୭.୦ | ୧୯.୫ |
| ପାରାଦ୍ୱୀପ | ୩୨.୧ | ୨୦.୩ |
| ଭୁବନେଶ୍ୱର | ୩୬.୪ | ୨୦.୦ |
| ଗୋପାଳପୁର | ୩୪.୨ | ୨୪.୨ |
| ପୁରୀ | ୩୨.୮ | ୨୫.୪ |
| ଅନୁଗୋଳ | ୩୮.୧ | ୧୭.୦ |
| ବାରିପଦା | ୩୫.୮ | ୨୧.୪ |
| ଝାରସୁଗୁଡ଼ା | ୩୯.୨ | ୨୨.୬ |
| କେନ୍ଦୁଝର | ୩୬.୨ | ୨୦.୮ |
| ସମ୍ବଲପୁର | ୪୦.୨ | ୨୨.୬ |
| ସୁନ୍ଦରଗଡ଼ | ୩୯.୦ | ୨୧.୦ |
| ହୀରାକୁଦ | ୩୯.୧ | ୨୩.୦ |
| ତାଳଚେର | --- | --- |
| ଭବାନୀପାଟଣା | ୪୦.୦ | ୨୬.୦ |
| ବଲାଙ୍ଗୀର | --- | ୨୩.୦ |
| କୋରାପୁଟ | ୩୬.୦ | ୧୯.୦ |
| ଫୁଲବାଣୀ | ୩୮.୬ | --- |
| ଟିଟିଲାଗଡ଼ | ୪୨.୫ | ୨୩.୫ |
| ମାଲକାନଗିରି | ୪୧.୬ | ୧୯.୮ |
| ସୋନପୁର | ୪୦.୨ | ୨୧.୮ |
| ଦାରିଙ୍ଗିବାଡ଼ି | ୩୨.୫ | ୧୯.୦ |

ଡିଗ୍ରୀ ସେଲ୍‌ସିୟସ୍


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ମହୁମାଛି ଚାଷ
ମହୁମାଛି ଚାଷ କରିବା ପାଇଁ ଆଗ୍ରହୀ ଫାର୍ମ ହାଉସ୍ ମାଲିକମାନଙ୍କ ପାଇଁ ଉଦ୍ଦିଷ୍ଟ, (ସରକାରୀ ପ୍ରୋତ୍ସାହନ ଉଦ୍ଦିଷ୍ଟ 40%)
ଯୋଗାଯୋଗ: 8763499150
OMM HONEY

ASTROLOGY

FINANCE

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍ଚର୍
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
9899436770
8929606415
SCO- 106, Second Floor, Vishal Tower, Cannaught Place, Delhi.

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
CAPITAL FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
ସୁଧ 2% - ରିହାତି 40%
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର - ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
9499437218
House No.2, Ram Nagar, Narnol, Haryana

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Mysore, Karnataka 570001
Call or SMS Now
7895985440

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

DHARITRI Career appointment Every Wednesday and Saturday


### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

କେବଳ କଥାରେ ହୁଏ ନାହିଁ ଦେଶ ନିର୍ମାଣ

୫ ବର୍ଷରେ ବିଜେପି ଲୋକଙ୍କ ବିଶ୍ୱାସ ହରେଇଛି । ବିମୁଦ୍ରାକରଣ କଲେ । ଗରିବ ଆହୁରି ଗରିବ ହେଲା । ଜିଏସ୍‌ଟି କଲେ । ଯୁବକ ରୋଜଗାର ହରାଇଲେ । ଚାଷୀ ପାଇଁ କିଛି କଲେ ନାହିଁ । ଗରିବ,ଚାଷୀ, ମହିଳା, ଯୁବକ, ଏସ୍ ଟି ଏସ୍ ସି ଓ ସାଧାରଣ ଲୋକ ସମସ୍ତେ ହତାଶ । ସେଥିପାଇଁ ବିଜେପି ସବୁ ନିର୍ବାଚନରେ ହାରୁଛି ।

'ଶଙ୍ଖ' ଚିହ୍ନରେ ଭୋଟ୍ ଦେବା । ଦୁଇଥର । ଥରେ ଏମ୍.ପି.ପାଇଁ । ଥରେ ଏମ୍.ଏଲ୍.ଏ ପାଇଁ ।

ବିଜୁ ଜନତା ଦଳ

## ସଂକ୍ଷେପରେ

### ୬ଲକ୍ଷ ୫୦ ହଜାର ଟଙ୍କା ଜବତ କଲା ଫ୍ଲାଇଂ ସ୍କ୍ୱାଡ୍

**ଜଗତ୍‌ସିଂହପୁର ଅଫିସ,୨୩।୪ :** ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୁଜଙ୍ଗ ବ୍ଲକ୍‌ର ଚୌଧୁରୀ ଗଡ଼ା, ତାଳଦଣ୍ଡାଠାରୁ ମଙ୍ଗଳବାର ଫ୍ଲାଇଂ ସ୍କ୍ୱାଡ୍ ୬ଲକ୍ଷ ୫୦ ହଜାର ଟଙ୍କା ଜବତ କରିଛି। ସମ୍ପୃକ୍ତ ବ୍ୟକ୍ତି ଏକ ମହିନ୍ଦ୍ରା ଭେରିଟୋ (ନଂ.ଓଆର୦୫ଏଭି୩୮୦୭)ରେ ଏହି ଟଙ୍କା ନେଇ ଯାଉଥିବାବେଳେ ଫ୍ଲାଇଂ ସ୍କ୍ୱାଡ୍ ହାତରେ ଧରାପଡିଥିଲେ। ତେବେ ଏ ସମ୍ପର୍କରେ ସେ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ତେଣୁ ଟଙ୍କା ଜବତ କରି ଟ୍ରେଜେରୀରେ ରଖାଯିବା ସହ ତଦନ୍ତ ଜାରି ରହିଥିବା ଜିଲା ନିର୍ବାଚନ କାର୍ଯ୍ୟାଳୟ ସୂତ୍ରରୁ କୁହାଯାଇଛି।

### ଭୋଟ ଦେବାକୁ ଜନସାଧାରଣଙ୍କୁ ଧର୍ମେନ୍ଦ୍ରଙ୍କ ଅନୁରୋଧ

**ଭୁବନେଶ୍ୱର, ୨୩।୪(ବ୍ୟୁରୋ):** ପ୍ରଜାତନ୍ତ୍ରରେ ଭୋଟ ଏକ ଅମୂଲ୍ୟ ସମ୍ପଦ। ଜନତାଙ୍କ ଏକମାତ୍ର ଭୋଟ ଲମ୍ବା ସମୟ ପର୍ଯ୍ୟନ୍ତ ଦେଶ, ରାଜ୍ୟ, ସ୍ଥାନୀୟ ଅଞ୍ଚଳ ଓ ବ୍ୟକ୍ତିଗତ ଜୀବନର ଚଳଣିକୁ ବଦଳାଇ ଦେଇପାରିବ । ଜନତାଙ୍କ ଗୋଟିଏ ଭୋଟ ଏକ ଦୃଢ଼, ନିର୍ଣ୍ଣାୟକ ଓ କାମ କରିବା ଭଳି ସରକାର ବନେଇବାର ପ୍ରମୁଖ ମାଧମ । ତେଣୁ ବିକାଶ ପାଇଁ ଭୋଟ ଦିଅନ୍ତୁ ବୋଲି ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ନିଜ ଅଧିକାର ପାଇଁ ଓଡ଼ିଶା ମାଟିରେ ପାଇକ ବିଦ୍ରୋହ ହୋଇଥିଲା, ବକ୍ସି ଜଗବନ୍ଧୁ ଏଥିପାଇଁ ଲଢ଼େଇ କରିଥିଲେ। ଏହି ସୁଯୋଗକୁ ହାତଛଡା ନ କରି ଭୋଟ ଅଧିକାରକୁ ସାବ୍ୟସ୍ତ କରିବାକୁ ଧର୍ମେନ୍ଦ୍ର ଲୋକମାନଙ୍କୁ ଅନୁରୋଧ କରିଛନ୍ତି।

### ପୋଲିସ ପରିଚୟ ଦେଇ ଯୁବକଙ୍କୁ ଅପହରଣ ଅଭିଯୋଗ

ଗୋପାଳପୁର, ୨୩।୪- ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅଞ୍ଚଳର ଜଣେ ଯୁବକ ଧାର ଟଙ୍କା ଫେରସ୍ତ ନ କରିବାରୁ ତାଙ୍କ ଭାଇଙ୍କୁ ପୋଲିସ ପରିଚୟ ଦେଇ ବନ୍ଧୁକ ଦେଖାଇ ଅପହରଣ କରି ନିସ୍ତୁକ ମାଡ଼ ମାରିଥିବା ଗୋଳନ୍ଥରା ଥାନାରେ ମଙ୍ଗଳବାର ରାତି ପ୍ରାୟ ୯ଟାରେ ଅଭିଯୋଗ ହୋଇଛି। ଏ ନେଇ ନଂ. ୧୨୨/୧୯ରେ ମାମଲା ରୁଜୁ କରାଯାଇଛି। ପ୍ରକାଶ ଯେ, ଏହି ଥାନା ଅନ୍ତର୍ଗତ କନିଷି ହାଟ ଗ୍ରାମର ନିରଞ୍ଜନ ସାହୁ ୬ବର୍ଷ ତଳେ ରଣ୍ଡାଗ୍ରାମର ପ୍ରଭାକର ଦାସଙ୍କଠାରୁ ୨ଲକ୍ଷ ୨୦ ହଜାର ଟଙ୍କା ଧାର ନେଇଥିଲେ। ଏହି ଟଙ୍କା ଠିକ୍ ସମୟରେ ନିରଞ୍ଜନ ପ୍ରଭାକରଙ୍କୁ ଫେରାଇ ପାରି ନ ଥିଲେ। ଏହାକୁ ନେଇ ଉପରୋକ୍ତ ଘଟଣା ଘଟିଥିବା ଜଣାପଡିଛି ।

### ବିଜେଡିରେ ଯୋଗଦେଲେ ଭାଜପା ରାଷ୍ଟ୍ରୀୟ ପରିଷଦ ସଭ୍ୟ ଶରତ ଦାସ

ଭୁବନେଶ୍ୱର,୨୩।୪(ବ୍ୟୁରୋ)- ଭାଜପା ରାଷ୍ଟ୍ରୀୟ ପରିଷଦ ସଭ୍ୟ ତଥା ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚା ଉପସଭାପତି ଶରତ ଦାସ ମଙ୍ଗଳବାର ବିଜେଡିରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତିଙ୍କ ନେତୃତ୍ୱରେ ନବୀନ ନିବାସରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ବିଜେଡିରେ ସାମିଲ ହୋଇଥିବା ନେତାମାନଙ୍କ ମଧ୍ୟରେ ଅଛନ୍ତି- ଭଦ୍ରକ ଜିଲା ଓବିସି ମୋର୍ଚ୍ଚା ସଭାପତି ଜୟଦେବ ବାରିକ, ଭଦ୍ରକ ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ତଥା ଜିଲ୍ଲା କାର୍ଯ୍ୟକାରୀ ସଭ୍ୟ ପ୍ରଦୀପ ମହାନ୍ତି ପ୍ରମୁଖ। ସେହିପରି ଅନ୍ୟମାନଙ୍କ ମଧ୍ୟରେ ସୁଦର୍ଶନ ସେନାପତି, ଜୀବନ ଦାସ, ବୁଦ୍ଧଦେବ ପାତ୍ର, ନରେନ୍ଦ୍ର ଲେଙ୍କା, ଏସ.କେ. ହବିବ, ମାନସ ମହାନ୍ତି, ଖଗେଶ୍ୱର ନାୟକ, ସଂଜୟ ମହାପାତ୍ର, ଶ୍ରୀରାମ ପୁହାଣ, ଗୁପାଲି ନାୟକ, ସଂଗ୍ରାମ ଜେନା, ଲାଲମୋହନ ନାୟକ, ଶେଖର ଶଙ୍ଖୁଆ, ସତ୍ୟପ୍ରିୟ ପଣ୍ଡା, ତାରାକାନ୍ତ ମହଲା, ଗଜାନନ ପଣ୍ଡା, ଉମାକାନ୍ତ ମହାନ୍ତି ମଧ୍ୟ ବିଜେଡିରେ ସାମିଲ ହୋଇଛନ୍ତି।

## ଶ୍ରୀଲଙ୍କା ବିସ୍ଫୋରଣ

# ଦୁଇ ବିସ୍ଫୋରଣକାରୀ କୋଟିପତି ବ୍ୟବସାୟୀଙ୍କ ପୁଅ

**ନୂଆଦିଲ୍ଲୀ୨୩।୪**



ଶ୍ରୀଲଙ୍କା ବିସ୍ଫୋରଣ ପଛରେ ଥିବା ଦୁଇ ଆତ୍ମଘାତୀ ବିସ୍ଫୋରଣକାରୀଙ୍କ ସମ୍ପର୍କରେ ସୂଚନା ମିଳିଛି। ଏହି ଦୁଇଜଣ କୋଟିପତି ବ୍ୟବସାୟୀ ମହମ୍ମଦ ୟୁସୁଫ ଇବ୍ରାହିମଙ୍କ ପୁଅ ବୋଲି ଜଣାପଡିଛି। ଶ୍ରୀଲଙ୍କାରେ ଜଣାଶୁଣା ମସଲା ବ୍ୟବସାୟୀ ତଥା ବାମପନ୍ଥୀ ଜନତା ବିମୁକ୍ତି ପେରାମୁନା ପାର୍ଟିର ବରିଷ୍ଠ ନେତା ଇବ୍ରାହିମଙ୍କ ବଡପୁଅ ଇମ୍‌ସାତ ଅହମ୍ମଦ ଇବ୍ରାହିମ(୩୩) ଓ ଇହ୍ଲାମ ଅହମ୍ମଦ ଇବ୍ରାହିମ(୩୧) ଏଥିରେ ସମ୍ପୃକ୍ତ ଥିବା ଗୋଇନ୍ଦା ରିପୋର୍ଟରୁ ଜଣାପଡିଛି। ଦେମାତାଗୋଡାରେ ପରିବାର ସହ ତିନି ମହଲା ବିଳାସପୂର୍ଣ୍ଣ ଘରେ ରହୁଥିବା ଏହି ଦୁଇଭାଇ ଚିନ୍ନାମୋନ ଗ୍ରାଣ୍ଡ ଓ ଶାଙ୍ଗରୀ-ଲା ହୋଟେଲରେ ଆତ୍ମଘାତୀ ବିସ୍ଫୋରଣ କରିଥିଲେ ବୋଲି ଜଣାପଡିଛି। ବିସ୍ଫୋରକ ବୋଝେଇ ବ୍ୟାଗ୍ ସହ ସେମାନେ ପ୍ରଥମେ ହୋଟେଲର ବ୍ରେକ୍‌ଫାଷ୍ଟ ବଫେଟରେ ପଶିଥିଲେ ବୋଲି ଭାରତୀୟ ଗୋଇନ୍ଦା ବିଭାଗ ରିପୋର୍ଟରେ ଦର୍ଶାଯାଇଛି। ଏହି ଗୋଷ୍ଠୀର ତୃତୀୟ ବ୍ୟକ୍ତି କିଙ୍ଗ୍ସବରୀ ହୋଟେଲରେ ବିସ୍ଫୋରଣ କରିଥିଲେ। ଚତୁର୍ଥ ଆତ୍ମଘାତୀ ବିସ୍ଫୋରକ ପୋଲିସ ସହ ଯୁକ୍ତିତର୍କ କରିବା ପରେ ସାଙ୍ଗ୍ରି-ଲା ହୋଟେଲରେ ବିସ୍ଫୋରଣ କରିଥିଲା। ପ୍ରକାଶଥାଉ କି ଶ୍ରୀଲଙ୍କା ରାଷ୍ଟ୍ରପତି ଓ ଶିଳ୍ପମନ୍ତ୍ରୀଙ୍କ ସହ ମହମ୍ମଦ ୟୁସୁଫ ଇବ୍ରାହିମଙ୍କ ଭଲ ସମ୍ପର୍କ ଥିଲା। ଏତେବଡ କୋଟିପତି ବ୍ୟବସାୟୀଙ୍କ ପୁଅ ହୋଇ ଏଭଳି ବିସ୍ଫୋରଣ କରିବା ପଛରେ କ'ଣ ରହସ୍ୟ ରହିଛି, ତାହା ଜଣାପଡିନାହିଁ।



କଟକ ଝୋଲାସାହି ପ୍ରାଥମିକ ବିଦ୍ୟାଳୟ ବୁଥ୍‌ରେ ମତଦାନ ପାଇଁ ଅପେକ୍ଷା କରିଥିବା ମହିଳା ଓ ଯୁବତୀମାନେ ।

## ମତଦାନ କେନ୍ଦ୍ରରୁ ହତ୍ୟା ଅଭିଯୁକ୍ତ ଗିରଫ

**ଢେଙ୍କାନାଳ,୨୩।୪(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ପୁରୁମୁଣ୍ଡା ପ୍ରାଥମିକ ବିଦ୍ୟାଳୟ ମତଦାନ କେନ୍ଦ୍ରକୁ ଭୋଟ ଦେବାକୁ ଆସିଥିବା ଜଣେ ହତ୍ୟା ଅଭିଯୁକ୍ତଙ୍କୁ ପଣ୍ଡାପଡ଼ା ଥାନା ପୋଲିସ ଗିରଫ କରିଛି। ପଣ୍ଡାପଡ଼ାଥାନା ଅନ୍ତର୍ଗତ ପୁରୁମୁଣ୍ଡା ପଞ୍ଚାୟତ ଅସନବାହାଳି ଗ୍ରାମ ଧିରୁ ଜୁଆଙ୍ଗଙ୍କୁ ଗତ ୭ ବର୍ଷ ତଳେ ଜଙ୍ଗଲ ମଧ୍ୟରେ ମାରି ଫିଙ୍ଗି ଦେଇଥିବା ଅଭିଯୋଗ ହୋଇଥିଲା। ଏହି ହତ୍ୟା ଘଟଣାର ଅଭିଯୁକ୍ତ ମୁନ୍‌ସୀ ମୁଣ୍ଡା ସେବେଠାରୁ ଫେରାର୍ ହୋଇଯାଇଥିଲା। ମଙ୍ଗଳବାର ପୁରୁମୁଣ୍ଡା ପ୍ରାଥମିକ ବିଦ୍ୟାଳୟକୁ ମୁନସୀ ଭୋଟ ଦେବାକୁ ଆସିଥିବା କୌଣସି ସୂତ୍ରରୁ ଖବରପାଇ ପଣ୍ଡାପଡ଼ା ଥାନା ଅଧିକାରୀ ରଞ୍ଜୁହାସିନୀ ସଦଳବଳ ଭୋଟଗ୍ରହଣ କେନ୍ଦ୍ରରେ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ତାଙ୍କୁ ଥାନାରେ ଅଟକ ରଖାଯାଇଥିବା ସେ କହିଛନ୍ତି। ମୃତ ଧିରୁଙ୍କ ବାପା ଶିବ ଜୁଆଙ୍ଗ ଏବଂ ମା' ବାସଙ୍ଗ ଜୁଆଙ୍ଗ ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ।

## ନିର୍ବାଚନ ପ୍ରଚାର ପରେ ସରପଞ୍ଚଙ୍କ ମୃତ୍ୟୁ

କେନ୍ଦ୍ରାପଡ଼ାଅଫିସ/ଡେରାବିଶ (ସ୍ୱ.ପ୍ର.), ୨୩।୪

ନିର୍ବାଚନ ପ୍ରଚାର କରିବାକୁ ଆସିଥିବା କେନ୍ଦ୍ରାପଡ଼ା ବ୍ଲକ ଭାଗବତପୁର ପଞ୍ଚାୟତ ସରପଞ୍ଚ ଚିତ୍ତରଞ୍ଜନ ବେହେରା (୪୯)ଙ୍କ ମଙ୍ଗଳବାର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ସ୍ୱର୍ଗତ ବେହେରା କେନ୍ଦ୍ରାପଡା ସହର ଅନ୍ତର୍ଗତ ଗୁଲୁନଗରସ୍ଥିତ ଏକ କଲ୍ୟାଣମଣ୍ଡପରେ ବିଜେଡି ଦଳର ନିର୍ବାଚନୀ ବୈଠକରେ ଯୋଗଦେଇଥିଲେ। ବୈଠକରେ ଭାଷଣ ଦେବା ପରେ ମଧ୍ୟାହ୍ନ ସମୟରେ ସହରର ତିନିମୁହାଣଛକରୁ ଏକ ଦୋକାନରୁ ଲସି ପିଇଥିଲେ । ଏହି ସମୟରେ ହଠାତ୍ ହୃଦ୍‌ଘାତ ହେବାରୁ ସେ ଟଳି ପଡିଥିଲେ । ସ୍ଥାନୀୟ ବ୍ୟବସାୟୀ ଓ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ବିୟୋଗରେ ବିଜେଡି ବିଧାୟକ ପ୍ରାର୍ଥୀ ଶଶିଭୂଷଣ ବେହେରା, ଭାଜପା ନେତା ବିଷ୍ଣୁ ଦାସ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ଓ ବ୍ଲକ ଅଧ୍ୟକ୍ଷ ଅନାମ ବନ୍ଧୁ ଧଳ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ୪୦ ଡିଗ୍ରୀ ଟପିଲା ୫ ଜିଲା

- ପୁଣି ବଢ଼ିଲା ତାପମାତ୍ରା
- ପଶ୍ଚିମ ଓଡ଼ିଶା ଗରମ, ଉପକୂଳ ଥଣ୍ଡା

**ଭୁବନେଶ୍ୱର,୨୩।୪(ବ୍ୟୁରୋ)**

ରାଜ୍ୟରେ ପୁଣି ବଢ଼ିଛି ତାପମାତ୍ରା। ମଙ୍ଗଳବାର ରାଜ୍ୟର ୫ ଜିଲାରେ ପାରଦ ୪୦ଡିଗ୍ରୀ ଟପିଛି। ପଶ୍ଚିମ ଓଡ଼ିଶାରେ ତାପମାତ୍ରା ଅଧିକ ରହିଥିବା ବେଳେ ଉପକୂଳ ଓଡ଼ିଶାରେ କମ୍ ତାତି ରହିଛି। ମଙ୍ଗଳବାର ଟିଟିଲାଗଡ଼ ସବୁଠାରୁ ଉତ୍ତପ୍ତ ସହର ରହିଥିଲା। ଏଠାରେ ପାରଦ ୪୨.୫ଡିଗ୍ରୀକୁ ବୃଦ୍ଧି ପାଇଛି। ସେହିଭଳି ମାଲକାନଗିରିରେ ୪୧.୬ଡିଗ୍ରୀ ତାପମାତ୍ରା ରହିଥିବା ବେଳେ ସୁବର୍ଣ୍ଣପୁର ଓ ସମ୍ବଲପୁର ୪୦.୨, ଭବାନୀପାଟଣା ୪୦, ଝାରସୁଗୁଡ଼ା ୩୯.୨, ହୀରାକୁଦ ୩୯.୧, ସୁନ୍ଦରଗଡ଼ ୩୯, ଫୁଲବାଣୀ ୩୮.୬, ଅନୁଗୋଳ ୩୮.୧, କଟକ ୩୭, ଚାନ୍ଦବାଲି ୩୬.୮ ଓ ଭୁବନେଶ୍ୱର ୩୬.୪ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି। ମଙ୍ଗଳବାର ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ଅନୁଗୋଳ, ବୌଦ୍ଧ, କଳାହାଣ୍ଡି, କନ୍ଧମାଳ, ଯାଜପୁର, ଗଞ୍ଜାମ, ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ା ଆଦି ଜିଲାରେ ପବନ ସହିତ ବର୍ଷା ହୋଇଥିଲା। ଅନ୍ୟ ସବୁ ଜିଲାରେ ପାଗ ଶୁଖିଲା ରହିଥିଲା। ବୁଧବାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ନବରଙ୍ଗପୁର, କୋରାପୁଟ, ସୁନ୍ଦରଗଡ଼, ମାଲକାନଗିରି, କନ୍ଧମାଳ ଓ ଗଞ୍ଜାମ ଆଦି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସ୍ୱଳ୍ପ ପରିମାଣର ବର୍ଷା ସମ୍ଭାବନା ରହିଛି। ଗଞ୍ଜାମ, ନବରଙ୍ଗପୁର, କୋରାପୁଟ, କନ୍ଧମାଳ, ମୟୂରଭଞ୍ଜ ଓ ବାଲେଶ୍ୱରର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖୀ ହୋଇପାରେ। ଏହି ସମୟରେ ପ୍ରବଳ ବର୍ଷା ସହିତ ବଜ୍ରପାତ ସମ୍ଭାବନା ରହିଛି। ତେଣୁ ଏହି ୬ ଜିଲାକୁ ଭୁବନେଶ୍ୱର ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଆସନ୍ତା ୨ରୁ ୩ଦିନ ମଧ୍ୟରେ ଆଭ୍ୟନ୍ତରୀଣ ଓଡ଼ିଶାରେ ୩ରୁ ୪ଡିଗ୍ରୀ ଏବଂ ଉପକୂଳ ଓଡ଼ିଶାରେ ୨ରୁ ୩ଡିଗ୍ରୀ ତାପମାତ୍ରା ବୃଦ୍ଧି ପାଇବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଭୁବନେଶ୍ୱର ଓ ଆଖପାଖ ଅଞ୍ଚଳରେ ପାଗ ମେଘୁଆ ରହିବ ଏବଂ ସନ୍ଧ୍ୟାରେ କିମ୍ବା ରାତିରେ ବର୍ଷା ସହିତ ଝଡ଼ତୋଫାନ ହେବା ସମ୍ଭାବନା ରହିଛି। ଏଠାରେ ସର୍ବାଧିକ ତାପମାତ୍ରା ୩୮ଡିଗ୍ରୀ ଓ ସର୍ବନିମ୍ନ ୨୩ଡିଗ୍ରୀ ରହିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

## ପୂର୍ବତନ ଆକାଉଣ୍ଟାଣ୍ଟଙ୍କୁ ୨ବର୍ଷ ଜେଲ

**ଫୁଲବାଣୀ ଅଫିସ,୨୩।୪**

ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଭଗବାନ ପ୍ରଧାନ ଏକ ଲାଞ୍ଚ ମାମଲାର ବିଚାର କରି ଜଣେ ଆକାଉଣ୍ଟାଣ୍ଟଙ୍କୁ ୨ ବର୍ଷ ଜେଲ ଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୬ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ବୌଦ୍ଧ ଜିଲା ପୁରୁଣା କଟକ ଥାନା ଆଡେନିଗଡର ଓଡିଶା ବନ ଉନ୍ନୟନ ନିଗମ ପୂର୍ବତନ ଆକାଉଣ୍ଟାଣ୍ଟ କେ. କାମେଶ୍ୱର ପାତ୍ର। ମିଳିଥିବା ସୂଚନା ଅନୁଯାୟୀ, ଲଳିତା କୁମାରୀ ମହାପାତ୍ର ନାମକ ଜଣେ କାଠ ଟ୍ରାନ୍ସପୋର୍ଟ ଠିକାଦାରଙ୍କର ୪୫ ହଜାର ଟଙ୍କା ବକେୟା ପ୍ରାପ୍ୟ ନିଗମରୁ ପାଇବାର ଥିଲା । ଏହି ବିଲ୍ କରାଇଦେବାକୁ ଆକାଉଣ୍ଟାଣ୍ଟ ପାତ୍ର ୩ ହଜାର ଟଙ୍କା ଦାବି କରିଥିଲେ। ଏନେଇ ଲଳିତାଙ୍କ ସ୍ୱାମୀ ମଧୁସୂଦନ ବ୍ରହ୍ମପୁର ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଭିଜିଲାନ୍ସ ନଂ.୮/୧୬ରେ ଏକ ମାମଲା କରିଥିଲେ। ଯୋଜନା ମୁତାବକ ୨୦୧୬ ଫେବୃୟାରୀ ୧୫ରେ ଲଳିତା ବନଉନ୍ନୟନ ନିଗମ କାର୍ଯ୍ୟାଳୟରେ ପହଞ୍ଚି କାମେଶ୍ୱରଙ୍କୁ ୩ ହଜାର ଟଙ୍କା ଦେବାବେଳେ ଭିଜିଲାନ୍ସ ଟିମ୍ ଗିରଫ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁରେଶ କୁମାର ମହାପାତ୍ର ମାମଲା ପରିଚାଳନା କରୁଥିଲେ।

# ବିଜେଡିର ଗୁଣ୍ଡାରାଜ, ହିଂସାକାଣ୍ଡର ତାଲିକା ଦେଲା ଭାଜପା

**ଭୁବନେଶ୍ୱର,୨୩।୪(ବ୍ୟୁରୋ)**

ରାଜ୍ୟରେ ଶାସକ ଦଳର ଗୁଣ୍ଡମାନେ ନିର୍ବାଚନ ସୁପରିଚାଳନା କରିବାରେ ବାଧା ସୃଷ୍ଟି କରୁଛନ୍ତି। ତାଙ୍କ ଇଙ୍ଗିତରେ ରାଜ୍ୟରେ ଗୁଣ୍ଡାମାନେ ବିଭିନ୍ନ ଆପରାଧିକ କାର୍ଯ୍ୟକଳାପ ଘଟାଇ ନିର୍ବାଚନରେ ବାଧକ ସାଜୁଛନ୍ତି । ଗତ କିଛିଦିନ ଭିତରେ ରାଜ୍ୟର ବିଭିନ୍ନ ସ୍ଥାନରେ ହତ୍ୟା ଘଟଣା, ମରଣାନ୍ତକ ଆକ୍ରମଣ, ହିଂସା ଆଦି ବୃଦ୍ଧି ପାଇଛି । ଭାଜପା କର୍ମୀଙ୍କୁ ଆକ୍ରମଣ, ହତ୍ୟା,ଭାଜପା ସମର୍ଥକମାନଙ୍କୁ ଧମକ ଦେବା, ଭାଜପା ବିଧାୟକ ପ୍ରାର୍ଥୀଙ୍କୁ ଆକ୍ରମଣ କରାଯାଇଛି। ସେହିପରି ପ୍ରଥମ ଏବଂ ଦ୍ୱିତୀୟ ପର୍ଯ୍ୟାୟ ଭୋଟ ବେଳେ ବୁଥ ରିଗିଂ, କ୍ୟାପ୍‌ଚରିଙ୍ଗ ଆଦି ଘଟଣା ସାମ୍ନାକୁ ଆସିଛି। ଏହା ସତ୍ତ୍ୱେ ନିର୍ବାଚନ ଅଧିକାରୀ କିମ୍ବା ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ନିର୍ବାଚନକୁ ସୁପରିଚାଳନାକରିବା ପାଇଁ ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧୀ ଦଳ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ମାଧ୍ୟମରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଜଣାଇଛି।

ଏଥି ସହ ଶାସକ ବିଜେଡି ଘଟାଇଥିବା ହିଂସା, ହତ୍ୟାକାଣ୍ଡ, ବୁଥ ରିଗିଂ, ବୁଥ କ୍ୟାପ୍‌ଚରିଙ୍ଗର ତାଲିକା ପ୍ରଦାନ କରିଛି । ମହାନ୍ତି କହିଛନ୍ତି ଯେ, ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୨୭ଟି ବୁଥରେ ନିର୍ବାଚନ ସମୟରେ ଶାସକ ଦଳ ଦ୍ୱାରା ଅରାଜକତା କରାଯାଇଛି । ଶାସକ ଦଳର ଗୁଣ୍ଡାମାନେ ୬ଟି ବୁଥ କ୍ୟାପ୍‌ଚରିଙ୍ଗ କରିଥିବାର ତଥ୍ୟ ପ୍ରମାଣ ଗତ ୧୨ ତାରିଖରେ ପ୍ରଦାନ କରାଯାଇଥିଲା । ସେହିପରି ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ୨୫ଟି ବୁଥ କ୍ୟାପ୍‌ଚରିଙ୍ଗ, ୪୭ଟି ବୁଥରେ ବିଶୃଙ୍ଖଳା ଏବଂ ୩୩ଟି ବୁଥରେ ରିଗିଂ ହୋଇଥିବାର ରିପୋର୍ଟ କରାଯାଇଥିଲା । ଏହିସବୁର ତଥ୍ୟ ପ୍ରମାଣ ଭାଜପା ପକ୍ଷରୁ ଗତ ଏପ୍ରିଲ ୧୯ ତାରିଖରେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଦିଆଯାଇଥିଲା ।

ଶାସକ ବିଜେଡି ଦ୍ୱାରା ଖୋର୍ଦ୍ଧାଠାରେ ଭାଜପା ମଣ୍ଡଳ ସଭାପତି ମଙ୍ଗୁଳି ଜେନା ହତ୍ୟା, ଘଷିପୁରାଠାରେ ରାମଚନ୍ଦ୍ର ବେହେରା, ଆସ୍କାରେ କଂଗ୍ରେସ ନାହାକ, ଭଞ୍ଜନଗରଠାରେ ଭାଜପାର ୨ ଜଣ କାର୍ଯ୍ୟକର୍ତ୍ତାଙ୍କୁ ହତ୍ୟା କରାଯାଇଛି । ହିଞ୍ଜିଳି ଭାଜପା ବିଧାୟକ ପ୍ରାର୍ଥୀ ପୀତାମ୍ବର ଆଚାର୍ଯ୍ୟଙ୍କୁ ଧମକ ଦେବା, ଚିକିଟି ଭାଜପା ବିଧାୟକ ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନ ସାମନ୍ତରାୟଙ୍କୁ ଆକ୍ରମଣ, ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ, ଭୁବନେଶ୍ୱର ମଧ୍ୟ ଭାଜପା ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ, ଭୁବନେଶ୍ୱର ଉତ୍ତର ବିଧାନସଭା ପ୍ରାର୍ଥୀ ଅପରାଜିତା ମହାନ୍ତି, ବିଜେପୁର ଭାଜପା ବିଧାୟକ ପ୍ରାର୍ଥୀ ସନତ ଗଡ଼ତିଆ, ବ୍ରଜରାଜନଗର ବିଧାୟିକା ପ୍ରାର୍ଥିନୀ ରାଧାରାଣୀ ପଣ୍ଡା ପିଏସଓ, କେନ୍ଦ୍ରାପଡ଼ା ଲୋକ ସଭା ପ୍ରାର୍ଥୀଙ୍କ ଉପରକୁ ଶାସକ ବିଜେଡିର କର୍ମୀମାନେ ଆକ୍ରମଣ କରିଛନ୍ତି ।



ସିଇଓଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ଭାଜପା ନେତୃବୃନ୍ଦ ।

ସେହିପରି ଭଟଲି, ଭଞ୍ଜନଗର ସମେତ ଅନେକ ସ୍ଥାନରେ ଭାଜପାର କର୍ଯ୍ୟକର୍ତ୍ତାଙ୍କୁ ଶାସକ ଦଳର ଗୁଣ୍ଡାମାନେ ଆକ୍ରମଣ କରି ଲହୁ ଲୁହାଣ କରାଯାଇଛି । ଏଥିରୁ ସ୍ପଷ୍ଟହେଉଛି ଓଡ଼ିଶାରେ ନିର୍ବାଚନ ଚାଲିଥିବା ବେଳେ ପୋଲିସ ଶାସକ ଦଳ ଇଙ୍ଗିତରେ କାର୍ଯ୍ୟ କରୁଛି । ଶାସକ ଦଳର ଗୁଣ୍ଡାମାନଙ୍କୁ ଆପରାଧିକ କାର୍ଯ୍ୟ କରିବା ପାଇଁ ଖୋଲମଖୋଲା ଛାଡ଼ି ଦିଆଯାଇଛି । ୩ଟି ପର୍ଯ୍ୟାୟ ନିର୍ବାଚନ ସରିଥିବା ବେଳେ ୪ର୍ଥ ପର୍ଯ୍ୟାୟ ନିର୍ବାଚନ କିପରି ଶୃଙ୍ଖଳାର ସହ ହେବ ଏବଂ ଭାଜପା ସମେତ ଅନ୍ୟ ବିରୋଧୀଦଳମାନେ କିପରି ସୁରକ୍ଷାର ସହ ନିର୍ବାଚନ ପ୍ରଚାର କରିବେ, ସେଥିପ୍ରତି ନିର୍ବାଚନ କମିଶନ ଧ୍ୟାନ ଦେବାକୁ ପ୍ରତିନିଧୀ ଦଳ ଦାବି କରିଛି । ଏହି ପ୍ରତିନିଧୀ ଦଳରେ ରାଜ୍ୟ ଉପସଭାପତି ରମା ରଞ୍ଜନ ବଳିଆରସିଂହ ଏବଂ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ପ୍ରମୁଖ ସାମିଲ ହୋଇଥିଲେ ।

# ଭାଜପାର ଆଚରଣ ବିଧି ଉଲ୍ଲଂଘନ

- କାର୍ଯ୍ୟାନୁଷ୍ଠାନ ପାଇଁ ସିଇଓଙ୍କୁ ଫେରାଦ

**ଭୁବନେଶ୍ୱର,୨୩।୪(ବ୍ୟୁରୋ)**

ପ୍ରଚାର ବନ୍ଦ ସମୟରେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ବିଜୁ ଜନତା ଦଳ ୧୦ ଦଫା ଅଭିଯୋଗ ଉପସ୍ଥାପନ କରିଛି । ମଙ୍ଗଳବାର ବିଜେଡିର ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛି। ଫ୍ଲାଇଙ୍ଗ ସ୍କ୍ୱାଡକୁ ଡରାଇ ଧମକାଇଥିବା କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ବିଜେଡିର ଜଣେ ପୂର୍ବତନ ମନ୍ତ୍ରୀଙ୍କୁ ସମାନ ଅପରାଧ ପାଇଁ ଗିରଫ କରାଗଲା। ଅଥଚ ଧର୍ମେନ୍ଦ୍ରଙ୍କ ବିରୋଧରେ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇନି। ଭୁବନେଶ୍ୱର ମଧ୍ୟମ ଭାଜପା ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନଙ୍କ ଗାଡ଼ି ଉପରକୁ ବୋମାମାଡ଼ ନିଜସ୍ୱ ପ୍ରାୟୋଜିତ ଥିଲା। ଏହା ପଛରେ ଥିବା ମୁଖ୍ୟ ଷଡ଼ଯନ୍ତ୍ରକାରୀ ଧର୍ମେନ୍ଦ୍ରଙ୍କ ଲାଇ ଡିଟେକ୍ଟସନ ଏବଂ ନାରକୋ ଅନାଲିସିସ କରିବାକୁ ବିଜେଡି ଦାବି କରିଛି। ଏହାଛଡ଼ା ଧର୍ମେନ୍ଦ୍ରଙ୍କୁ ସପ୍ତାହେ ପାଇଁ ନିର୍ବାଚନ ପ୍ରଚାରରୁ ବାରଣ କରିବାକୁ ଦାବି କରାଯାଇଛି ।

ଭୁବନେଶ୍ୱର ଭାଜପା ଲୋକସଭା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ୨୦ରୁ ୨୫ ଜଣ ସମର୍ଥକଙ୍କ ସହ ଆସି ଆଇ ଆରସି ଭିଲେଜ ରେଣ୍ଟାଲ କଲୋନୀ ସ୍କୁଲ ଏବଂ ଯୋଗୀନାଥ ୟୁ.ପି ସ୍କୁଲ ବୁଥକୁ ପ୍ରବେଶ କରିଥିଲେ। ପୋଲିଂ କର୍ମଚାରୀମାନେ ସେମାନଙ୍କୁ ବାରଣ କଲେ ନାହିଁ କିମ୍ବା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ। ପ୍ରଚାର କଟକଣା ସମୟରେ ପ୍ରଥମ ପର୍ଯ୍ୟାୟ ଓ ଦ୍ୱିତୀୟ ପର୍ଯ୍ୟାୟରେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରାଯାଇଥିବା ବେଳେ ତୃତୀୟ ପର୍ଯ୍ୟାୟରେ ମଧ୍ୟ ଭାଜପା ନେତାମାନେ ସେପରି କରିଛନ୍ତି। ଏହା ସତ୍ତ୍ୱେ ଭାଜପା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଏପ୍ରିଲ ୨୨ ତାରିଖରେ ମଧ୍ୟ ଭାଜପା ଆଦର୍ଶ ଆଚରଣ ବିଧି ଖବରଦାତା ସମ୍ମିଳନୀ ଡାକି ଉଲ୍ଲଂଘନ କରିଥିଲା। ବାରମ୍ବାର ଦାବି ସତ୍ତ୍ୱେ ନିର୍ବାଚନ କମିଶନ କୌଣସି ପଦକ୍ଷେପ ନେଉ ନାହାନ୍ତି। ଘସିପୁରାରେ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ଓ ଭୁବନେଶ୍ୱର ମଧ୍ୟ ବିଜେଡି ପ୍ରାର୍ଥୀ ଅନନ୍ତ ନାରାୟଣ ଜେନାଙ୍କ ଉପରେ ହୋଇଥିବା ଆକ୍ରମଣର ପୋଲିସ କାର୍ଯ୍ୟାନୁଷ୍ଠାନ ଦାବି କରିଛି ବିଜେଡି। ଏହାଛଡ଼ା ବ୍ରହ୍ମଗିରିରେ ଇଭିଏମ ଭଙ୍ଗା ଘଟଣାକୁ ନେଇ ମଧ୍ୟ ବିଜେଡି ସିଇଓଙ୍କ ନିକଟରେ ଫେରାଦ ହୋଇଛି।



ଯିଏ ତୁମର ଉପକାର କରୁଛି ତାକୁ ଆପଣାର ବୋଲି ଭାବ,
ଯିଏ ତୁମର ଅହିତ ଚିନ୍ତା କରୁଛି, ତାହାଠାରୁ ଦୂରରେ ରୁହ ।
- ବ୍ୟାସଦେବ



ବିଜେଡି ଦେଇଛି ମହିଳାଙ୍କୁ ତାଙ୍କ ହକ୍ ।
୨୧ରୁ ୨୧ରେ 'ବିଜେଡି'କୁ ଜିତାଇବା ଓଡ଼ିଶାର ହକ୍ ପାଇଁ ଲଢ଼ିବା ।
ଚଳିତ ଲୋକସଭା ନିର୍ବାଚନରେ ଏକ ତୃତୀୟାଂଶ ମହିଳାଙ୍କୁ ପ୍ରାର୍ଥୀ କରିଛି ବିଜେଡି। କେନ୍ଦ୍ର ଯୋଜନାରେ ମହିଳାଙ୍କୁ ୫ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ମିଳୁଥିବା ବେଳେ 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା'ରେ ମିଳିବ ୧୦ ଲକ୍ଷ। 'ମିଶନ ଶକ୍ତି'ରେ ୫ ହଜାର କୋଟି ଟଙ୍କାର ବ୍ୟବସାୟ, ୫୦୦ କୋଟିର ଲାଭ। ବିନା ସୁଧରେ ୫ ଲକ୍ଷ ଟଙ୍କାର ଋଣ।
ବିଜୁ ଜନତା ଦଳ
ନବୀନ ଓଡ଼ିଶା : ସଶକ୍ତ ମହିଳା ସଶକ୍ତ ଓଡ଼ିଶା
'ଶଙ୍ଖ' ଚିହ୍ନରେ ଭୋଟ୍ ଦେବା। ଦୁଇଥର। ଥରେ ଏମ୍.ପି.ପାଇଁ। ଥରେ ଏମ୍.ଏଲ୍.ଏ ପାଇଁ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଇଣ୍ଟରନ୍ୟାଶନାଲ ଇନଷ୍ଟିଚ୍ୟୁଟ ଅଫ ଫ୍ୟାଶନ ଡିଜାଇନ(ଆଇଏନ୍ଆଇଏଫ୍‌ଡି)ର ପ୍ରଥମ ବାର୍ଷିକ ଉତ୍ସବ 'ନବଯାତ୍ରା ୨୦୧୯', ପଦ୍ମଜା ପ୍ରିମିୟମ ହୋଟେଲ ଆଣ୍ଡ କନଭେନ୍‌ଶନ, ଅପରାହ୍ନ ୩ଟା ଠାରୁ ସନ୍ଧ୍ୟା ୬ଟା।
- ଗୌରକଥା ମଣ୍ଡଳୀ ପକ୍ଷରୁ ଶ୍ରୀଗୌର କଥା ପ୍ରବଚନ, ଇସ୍କନ ମାଉସୀ ମା' ମନ୍ଦିର, ୟୁନିଟ-୮, ସନ୍ଧ୍ୟା ୬ଟାରୁ ରାତି ୯ଟା।

**ବାଲିଅନ୍ତା**

- ରାମଲୀଳାର ନାଟକ ଭରତ ମିଳନ, ଗୋତଲବିନ୍ଧା ସୀତା ରାମେଶ୍ୱର ମନ୍ଦିର ନିକଟ, ରାତି ୧୨ଟା।
- ରାମଲୀଳାର ନାଟକ ପରିବେଷଣ, କାକରୁଦ୍ରପୁର, ପତିତପାବନ ଦେବ ମନ୍ଦିର, ରାତି ୧୨ଟା।
- ରାମଲୀଳାର ନାଟକ ପରିବେଷଣ, ବେଣ୍ଟପୁର, ରାମଲୀଳା ପଡ଼ିଆ, ରାତି ୧୨ଟା।

## କେନାଲ ବନ୍ଧ କଡ଼ରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଗୋପ, ୨୩।୪(ଡି.ଏନ୍.ଏ.):** ଗୋପ ଥାନା ଅଧୀନ ନୟାହାଟ ଫାଣ୍ଡିସ୍ଥିତ ସ୍ଥାନୀୟ ବଜାର କୋଇଲା ଅଡ଼ା ନିକଟ କେନାଲ ବନ୍ଧ ପାର୍ଶ୍ୱରୁ ମଙ୍ଗଳବାର ଅପରାହ୍ନରେ ଜଣେ ଯୁବକଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ସେ ହେଲେ ନିଆଳି ଥାନା ଅନ୍ତର୍ଗତ କେନ୍ଦୁପାଟଣା ଗ୍ରାମର ପଦ୍ମନାଭ ଭୋଇ (୪୦)। ଏ ସମ୍ପର୍କରେ ଗୋପ ଥାନାରେ ନଂ୧୦/୧୯ ରେ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଛି। ଅପରାହ୍ନରେ ମୃତଦେହ ପଡ଼ିଥିବା ଖବର ପାଇ ଗୋପ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏହାକୁ ଉଦ୍ଧାର କରିଥିଲା। ପରେ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ଲାଗି ପଠାଇଥିଲା। ସଂପୃକ୍ତ ଯୁବକ ଜଣଙ୍କ ମାନସିକ ବିକୃତ ହୋଇ ଗତ କିଛିଦିନ ଧରି ଏହି ଅଞ୍ଚଳରେ ବୁଲାବୁଲି କରୁଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏ ସମ୍ପର୍କରେ ଥାନାଧିକାରୀ ସୌମ୍ୟଚିତ୍ ମିଶ୍ରଙ୍କୁ ପଚାରିବାରେ ଯୁବକଙ୍କ ମୃତ୍ୟୁକୁ ନେଇ ତଦନ୍ତ କରାଯାଉଛି। ତଦନ୍ତ ପରେ ଯାହା କିଛି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଜଟଣୀ, ୨୩।୪(ଡି.ଏନ.ଏ.):** ଜଟଣୀ ଥାନା ଅନ୍ତର୍ଗତ ବଡ଼ତୋଟା ଗ୍ରାମ ନିକଟରେ ଥିବା ସିଦ୍ଧାର୍ଥ ଭିଲେଜ ନାମକ ଏକ ସ୍ୱେଚ୍ଛାସେବୀ ସଙ୍ଗଠନର କ୍ୟାମ୍ପସ୍ ଭିତର ବିଲ୍ଡିଂରେ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ମଙ୍ଗଳବାର ପୋଲିସ ଜବତ କରିଛି। କ୍ୟାମ୍ପସ୍ ମଧ୍ୟରେ ଥିବା ବିଲ୍ଡିଂର ଦୁଇ ମହଲା ଝରକା ଗଳାରେ ପ୍ଲାଷ୍ଟିକ୍ ଦଉଡ଼ି ଫାଶ ପଡ଼ି ଯୁବକଙ୍କ ମୃତଦେହ ଝୁଲି ରହିଥିଲା। ତେବେ ମୃତ ଯୁବକଙ୍କ ପରିଚୟ ମିଳି ପାରିନାହିଁ। ମୃତ ଯୁବକ ଜଣକ ଖାକିରଙ୍ଗର ଫୁଲ୍‌ପ୍ୟାଣ୍ଟ ଓ କାର୍‌ବନ୍ ରଙ୍ଗର ବେନିୟନ୍ ପିନ୍ଧିଥିବା ବେଳେ ବୟସ ୨୫ ବର୍ଷ ହେବା ନେଇ ପୋଲିସ ଅନୁମାନ କରୁଛି। ତେବେ ଏହି ସ୍ୱେଚ୍ଛାସେବୀ ସଙ୍ଗଠନର କ୍ୟାମ୍ପସ୍ ମଧ୍ୟରେ ଜଣେ ଅପରିଚିତ ଯୁବକଙ୍କ ଏପରି ଅସ୍ୱାଭାବିକ ମୃତ୍ୟୁକୁ ନେଇ ସାଧାରଣରେ ନାନା କଳ୍ପନାଜଳ୍ପନା ସୃଷ୍ଟି କରିଛି। କିପରି ଏହି ଯୁବକ ଜଣକ କ୍ୟାମ୍ପସ୍ ମଧ୍ୟକୁ ଗଲେ ଓ ବିଲ୍ଡିଂ ଉପରେ ଚଢ଼ିଲେ ସେ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ (୨୨/୧୯) ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

### ■ ମା'ମଙ୍ଗଳାଙ୍କ ଝାମୁଯାତ୍ରା ଉଦ୍‌ଯାପିତ

# ରାଜରାଜେଶ୍ୱରୀ ବେଶରେ ଦର୍ଶନ କଲେ ଭକ୍ତ

**କାକଟପୁର, ୨୩।୪(ଡି.ଏନ୍.ଏ.)**

ଗତ ମାର୍ଚ୍ଚ ୨୬ରେ ଚୈତ୍ର ପ୍ରଥମ ମଙ୍ଗଳବାରଠାରୁ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା'ମଙ୍ଗଳାଙ୍କ ମନ୍ଦିରରେ ଆରମ୍ଭ ହୋଇଥିବା ଏକ ମାସବ୍ୟାପୀ ଝାମୁଯାତ୍ରା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନ ପର୍ବ ଦେଖିବା ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ବ୍ରାହ୍ମ ମୁହୂର୍ତ୍ତରୁ ମନ୍ଦିର ପହୁଡ଼ ଫିଟାଯାଇ ମା'ଙ୍କ ସ୍ନାନ, ମାର୍ଜଣା ନୀତି ପରେ ପୂଜାପଣ୍ଡା ସର୍ବେଶ୍ୱର ପାଢ଼ୀ ମା'ଙ୍କ ମୁଖାରବିନ୍ଦକୁ ଚନ୍ଦନ ପ୍ରଲେପ ଦେଇ ମା'ଙ୍କୁ ରାଜରାଜେଶ୍ୱରୀ ବେଶରେ ସଜ୍ଜିତ କରିଥିଲେ। ସକାଳଧୂପ ଓ ନୀତିକାନ୍ତି ପରେ ପ୍ରାତଃରେ ମନ୍ଦିର ଦ୍ୱାର ସର୍ବସାଧାରଣଙ୍କ ପାଇଁ ଖୋଲାଯାଇଥିଲା। ଭକ୍ତମାନେ ମନ୍ଦିର ଉତ୍ତର ଦ୍ୱାର ଦେଇ ବ୍ୟାରିକେଡ୍ ମଧ୍ୟରେ ଧାଡ଼ିରେ ମନ୍ଦିର ଭିତରକୁ ପ୍ରବେଶ କରି ମା'ଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ସଧବା ମହିଳାମାନେ ମନ୍ଦିର ବେଢ଼ାରେ ଥିବା ପଞ୍ଚେଇକୁ ପୂଜା କରିବା ସହିତ ମନ୍ଦିର ବେଢ଼ାରେ ନୂଆ ଅରୁଆ ଚାଉଳ, ବିରି ପକାଇ ଜାମୁ ଡାଳରେ ଓହଳାଇଥିଲେ। ଏପରି କଲେ ପରିବାରର ରିଷ୍ଟ ଖଣ୍ଡନ ହୋଇ ମଙ୍ଗଳ ହୋଇଥାଏ ବୋଲି ବିଶ୍ୱାସ ରହିଛି।

ଅପରାହ୍ନ ୨ଟାରେ ଘଣ୍ଟପାଟୁଆମାନେ ଏକ ବିରାଟ ପଟୁଆରରେ ପ୍ରାଚୀ ନଦୀର ଘଣ୍ଟତୋଳା ତୁଠକୁ ଯାଇ ଘଟସ୍ଥାପନ, ପାଣିତୋଳା କାର୍ଯ୍ୟ କରି ମନ୍ଦିରକୁ ଫେରିଥିଲେ। ସମସ୍ତେ ମା'ଙ୍କୁ ସ୍ତୁତି କରି ପୂଜାପଣ୍ଡାଙ୍କଠାରୁ ଆଜ୍ଞାମାଳ ପାଇବାପରେ ସିଂହଦ୍ୱାର ସମ୍ମୁଖରେ ପୂର୍ବରୁ ପ୍ରସ୍ତୁତ ରଡ଼ ନିଆଁପୂର୍ଣ୍ଣ ଗର୍ତ୍ତରେ ଖାଲିପାଦରେ ଝାମୁ ଚାଲିଥିଲେ। ହରିବୋଲ, ହୁଳହୁଳିରେ ମନ୍ଦିର ଓ ପ୍ରାଚୀ ଉପକୂଳ ପ୍ରକମ୍ପିତ ହୋଇଉଠିଥିଲା। ଝାମୁ ଉତ୍ସବରେ ଜଗତ୍‌ସିଂହପୁର ଅଞ୍ଚଳର ପାଟୁଆ ସତ୍ୟାନନ୍ଦ ମହାପାତ୍ର, ହୃଷୀକେଶ ମହାପାତ୍ର, ବୈଷ୍ଣବ ମହାପାତ୍ର, ବାଉରିବନ୍ଧୁ ମହାପାତ୍ର ପ୍ରମୁଖ ମନ୍ଦିର ବେଢ଼ାରେ ପାଟୁଆ ନୃତ୍ୟ ଓ ରଣପା ନୃତ୍ୟ ପ୍ରଦର୍ଶନ କରିଥିବାବେଳେ ସ୍ଥାନୀୟ ଅଞ୍ଚଳର ପାଟୁଆମାନେ ସିଂହଦ୍ୱାର ସମ୍ମୁଖରେ ପାଟୁଆନୃତ୍ୟ ପରିବେଷଣ କରିଥିଲେ। ବିଳମ୍ବିତ ରାତିରେ ମନ୍ଦିର ବେଢ଼ାରେ ଏବଂ ସେବକସାହି ଦାଣ୍ଡରେ କାଳିକାନୃତ୍ୟ ଅନୁଷ୍ଠିତ ହେବା ସହିତ ମା'ଙ୍କ ଉମଣୀ ନୀତି ଅନୁଷ୍ଠିତ ହୋଇଥିଲା। ରାଜ୍ୟର ବିଭିନ୍ନ ଦେବଦେବୀ ମନ୍ଦିର ମାନଙ୍କରେ ପଣା ସଂକ୍ରାନ୍ତି ଦିନ ଝାମୁ ଉତ୍ସବ ଅନୁଷ୍ଠିତ ହେଉଥିବାବେଳେ ମା'ମଙ୍ଗଳାଙ୍କ ମନ୍ଦିରରେ ଚୈତ୍ରମାସର ପଞ୍ଚମ ଅଥବା ବୈଶାଖ ମାସର ପ୍ରଥମ ମଙ୍ଗଳବାର ଝାମୁ ଉତ୍ସବ ଅନୁଷ୍ଠିତ ହୋଇଥାଏ। ଲକ୍ଷାଧିକ ଭକ୍ତଙ୍କ ସମାଗମରେ ସମଗ୍ର କାକଟପୁର ଅଞ୍ଚଳ ଉତ୍ସବମୁଖର ହୋଇପଡ଼ିଥିଲା। ବ୍ଲକ ଛକ, ମେଡିକାଲ ଛକ, ଦେଉଳିମଠ ଛକଠାରେ ଗାଡ଼ିଗୁଡ଼ିକୁ ପାର୍କିଂ କରାଯାଇଥିଲା। ଭକ୍ତମାନେ ଚାଲି ଚାଲି ମନ୍ଦିରକୁ ଯାଇଥିଲେ। ମାନସିକ ପୂରଣ ହୋଇଥିବା ପରିବାର ଗୁଡ଼ିକ ଛେଳି, ମେଣ୍ଢା, ବୋଦା ସବୁକୁ ଚଣ୍ଡୀଙ୍କ ପାଖରେ ଛେଦ ପକାଇ ପ୍ରାଚୀ ନଦୀ କୂଳରେ ମାଂସ ଭୋଜି କରିଥିଲେ। ଯାତ୍ରାକୁ ନେଇ କାକଟପୁର ଥାନା ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଭକ୍ତଙ୍କ ଉପରେ ପାଣି ଶିଞ୍ଚନ କରାଯାଇଥିବାବେଳେ ମାଗଣା ଭୋଜନ, ସୂଚନାକେନ୍ଦ୍ର ଖୋଲାଯାଇ ଭକ୍ତମାନଙ୍କୁ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯାଇଥିଲା।



ମା' ମଙ୍ଗଳାଙ୍କ ରାଜରାଜେଶ୍ୱରୀ ବେଶ।



ପୀଠରେ ଅନୁଷ୍ଠିତ ଝାମୁ ଯାତ୍ରା।

■ ଝାମୁରେ ଚାଲିଲେ ପାଟୁଆ
■ ଲକ୍ଷାଧିକ ଭକ୍ତଙ୍କ ସମାଗମ



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ନାଟ୍ୟଧାରାର ନାଟକ ପରିକ୍ରମାରେ ମଙ୍ଗଳବାର ଭବାନୀପାଟଣାର କାରୁଣ୍ଡ କଳା ମଞ୍ଚ ଦ୍ୱାରା ପରିବେଷିତ ନାଟକ 'ପୁଷ୍ ପରବ୍' ଏକ ଦୃଶ୍ୟ।

### ■ ସ୍ୱାଧୀନ ପ୍ରାର୍ଥୀଙ୍କୁ ଛୁରାମାଡ଼ ଘଟଣା

# ହସ୍ପିଟାଲରୁ ଆସି ଭୋଟ ଦେଲେ

**ବୟାନ ରେକର୍ଡ କଲା ପୋଲିସ**

**ପୁରୁଣା ଭୁବନେଶ୍ୱର, ୨୩।୪(ଡି.ଏନ.ଏ.):** ସୋମବାର ରାତି ୧୦ଟା ୪୫ ମିନିଟ୍‌ରେ ଏକାମ୍ର ନିର୍ବାଚନମଣ୍ଡଳୀର ସ୍ୱାଧୀନ ପ୍ରାର୍ଥୀ ଭୀଷ୍ମ ନାରାୟଣ ନାୟକଙ୍କୁ କେନାଲ ରୋଡରେ ଛୁରାମାଡ ହୋଇଥିଲା। ୨ ଜଣ ଦୁର୍ବୃତ୍ତ ତାଙ୍କୁ ପିଛା କରି ଗ୍ୟାରେଜ ଛକ କେନାଲ ରୋଡଠାରେ ପଛରୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଭୀଷ୍ମ ନିଜେ ବାଇକ୍ ଚଳାଇ ପ୍ରଥମେ ବିଏମ୍‌ସି ଏବଂ ପରେ କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚିଥିଲେ। ଗୁରୁତର ଅବସ୍ଥାରେ ତାଙ୍କର ଚିକିତ୍ସା କରାଯାଇଥିଲେ ହେଁ ସକାଳ ୬ଟା ଯାଏ ଚେତା ଫେରି ନ ଥିଲା। ପର ମଙ୍ଗଳବାର ଅପରାହ୍ନ ୪ଟାରେ ହସ୍ପିଟାଲରୁ ଆମ୍ବୁଲାନ୍ସରେ ବିଏମ୍ ହାଇସ୍କୁଲ ବୁଥ୍‌ରେ ନିଜର ମତଦାନ ସାବ୍ୟସ୍ତ କରି ପୁଣି ହସ୍ପିଟାଲକୁ ଫେରି ଯାଇଥିଲେ। ହସ୍ପିଟାଲରେ ପୋଲିସ ଭୀଷ୍ମଙ୍କ ବୟାନ ରେକର୍ଡ କରିଥିଲା। ସୁସ୍ଥ ହେବା ପରେ ଘଟଣା ନେଇ ପୋଲିସ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଘଟଣାର ଅନୁସନ୍ଧାନ ଓ ଦୋଷୀଙ୍କୁ ଗିରଫ ପାଇଁ ଦାବି ସେ କରିଛନ୍ତି। ଭୀଷ୍ମ ଏକାମ୍ର ଜନଜାଗରଣ ମଞ୍ଚ, ସାମାଜିକ ସଙ୍ଗଠନକୁ ନେଇ ଅତୀତରେ ବହୁ ବିଲ୍ଡରଙ୍କ ବେଆଇନ ଜମି ଜବରଦଖଲ, କପିଳେଶ୍ୱର ମନ୍ଦିର, ଶ୍ରୀଲିଙ୍ଗରାଜ ମନ୍ଦିର ଉପରେ ବିବାଦୀୟ ଘଟଣାକୁ ନେଇ ଆନ୍ଦୋଳନ କରି ଟାର୍ଗେଟ୍‌ରେ ଥିଲେ। ସମ୍ପ୍ରତି ସ୍ୱାଧୀନ ପ୍ରାର୍ଥୀ ବିରୋଧୀଙ୍କ ମଧ୍ୟ ଟାର୍ଗେଟ୍‌ରେ ରହି ଆସୁଥିଲେ।

### ■ ପିଆର୍‌ଏସ୍‌ଆଇ ଭୁବନେଶ୍ୱର ଚାପ୍ଟର ପକ୍ଷରୁ ଜାତୀୟ ଲୋକସମ୍ପର୍କ ଦିବସ

# ଦେଶ ଗଠନରେ ଲୋକସମ୍ପର୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର, ୨୩।୪(ବ୍ୟୁରୋ)**

ପବ୍ଲିକ ରିଲେଶନ ସୋସାଇଟି ଅଫ୍ ଇଣ୍ଡିଆ(ପିଆର୍‌ଏସ୍‌ଆଇ) ଭୁବନେଶ୍ୱର ଚାପ୍ଟର ପକ୍ଷରୁ ଜାତୀୟ ଲୋକସମ୍ପର୍କ ଦିବସ ଭୁବନେଶ୍ୱରଠାରେ ପାଳିତ ହୋଇଯାଇଛି। ଚଳିତବର୍ଷ ଲୋକସମ୍ପର୍କ ଦିବସର ଥିମ୍ 'ଏକ ରାଷ୍ଟ୍ର, ଏକ ସଂକଳ୍ପ, ଏକ ସ୍ୱର' ରହିଥିବା ବେଳେ ଏହାକୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସିଏସ୍‌ଏମ୍ ଟେକ୍ନୋଲୋଜି ପ୍ରତିଷ୍ଠାତା ତଥା ସିଇଓ ପ୍ରିୟଦର୍ଶୀ ପାଣି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଦେଶ ଗଠନରେ ସୂଚନା ଓ ଲୋକସମ୍ପର୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ପରିବର୍ତ୍ତନ କରିବାରେ ସୂଚନା ଆମମାନଙ୍କ ସ୍ୱରକୁ ଏଜେଣ୍ଡାରେ ପ୍ରଯୁକ୍ତିବିଦ୍ୟାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହାଦ୍ୱାରା ତଥ୍ୟ ଏବେ ଜ୍ଞାନରେ ପରିବର୍ତ୍ତନ ହୋଇ ସାମାଜିକ ବିକାଶରେ ଉପଯୋଗ ହୋଇପାରୁଥିବା ସେ କହିଥିଲେ। ପିଆର୍‌ଏସ୍‌ଆଇ ଭୁବନେଶ୍ୱର ଚାପ୍ଟର ଅଧ୍ୟକ୍ଷ ଅମରଜ୍ୟୋତି ମହାପାତ୍ର ପିଆର୍‌ଏସ୍‌ଆଇର ଭୂମିକା ଏବଂ ଜାତୀୟ ଲୋକସମ୍ପର୍କ ଦିବସ ପାଳନର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପିଆର୍‌ଏସ୍‌ଆଇ ଭୁବନେଶ୍ୱର ଚାପ୍ଟରର ବହୁ ସଦସ୍ୟ ଏବଂ ସାମ୍ବାଦିକତା ଓ ଗଣମାଧ୍ୟମ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଚାପ୍ଟରର ସମ୍ପାଦକ ସଞ୍ଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ । ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ଶିବ



ଜ୍ୟୋତି



ସୁମନପ୍ରିୟଦର୍ଶିନୀ



ସତ୍ୟରଞ୍ଜନ



ରମ୍ୟରଞ୍ଜନ



ସୁଶାନ୍ତ



ପ୍ରଣୟ



ସନ୍ତୋଷ

# ମତଦାନ କଲେ ଗଜପତି ମହାରାଜା
# ପ୍ରଥମେ ବ୍ୟକ୍ତି, ପରେ ଦଳ

**ପୁରୀ ଅଫିସ, ୨୩।୪**

ଗଣତନ୍ତ୍ରର ମହାନ ପର୍ବରେ ସାମିଲ ହୋଇ ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ। ମଙ୍ଗଳବାର ସକାଳେ ଗଜପତି ମହାରାଜା ଦୋଳମଣ୍ଡପ ସାହି ଉପ୍ରା ବିଦ୍ୟାଳୟ ୧୦୨ ନଂ. ବୁଥ୍‌କୁ ମହାରାଣୀଙ୍କ ସହ ଆସି ଭୋଟ ଦେଇଛନ୍ତି । ମତଦାନ ପରେ ଗଣମାଧ୍ୟମକୁ ଗଜପତି ମହାରାଜା କହିଥିଲେ, ମତାଧିକାର ସାବ୍ୟସ୍ତ କରିବା ପ୍ରତ୍ୟେକ ଭାରତୀୟ ନାଗରିକଙ୍କ ମୁଖ୍ୟ ଦାୟିତ୍ୱ ଓ କର୍ତ୍ତବ୍ୟ। ଏହାଦ୍ୱାରା ଆମ ରାଷ୍ଟ୍ର ତଥା ରାଜ୍ୟର ଭବିଷ୍ୟତ ନିର୍ମାଣ ହେବ। ଭୋଟ ହେଉଛି ସବୁଠୁ ମୂଲ୍ୟବାନ, ଏହାକୁ କାହା ସହିତ ତୁଳନା କରାଯାଇପାରିବ ନାହିଁ। ଏହା ଏକ ସ୍ୱତନ୍ତ୍ର ବିଧାନ, ସ୍ୱତନ୍ତ୍ର ଅଧିକାର ଏବଂ ସ୍ୱତନ୍ତ୍ର କର୍ତ୍ତବ୍ୟ। ମତଦାନ ସମୟରେ ପ୍ରଥମେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବ୍ୟକ୍ତିଙ୍କୁ ଦେଖିବା ଦରକାର, ପରେ ଦଳ। ବ୍ୟକ୍ତି ଠିକ୍ ରହିଲେ କାମ ଠିକ୍ ହେବ। ତେଣୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବ୍ୟକ୍ତିଙ୍କ ଚରିତ୍ର, ବ୍ୟକ୍ତିତ୍ୱ ଦେଖି ମତଦାନ କରିବା ଦରକାର। ଜନତାଙ୍କ ଦ୍ୱାରା ନିର୍ବାଚିତ ହୋଇ ଯେଉଁମାନେ ବିଧାନସଭା ଏବଂ ଲୋକ ସଭାକୁ ଯିବେ ସେମାନେ ପୁରୀକୁ ଅଗ୍ରାଧିକାର ଦେବେ ବୋଲି ଗଜପତି ଆଶା ରଖିଛନ୍ତି। ସେହିପରି ନୂଆକରି ଭିଭିପିଏଟିର ବ୍ୟବହାର ସମ୍ପର୍କରେ ପ୍ରଶ୍ନ ହେବାରୁ ଭୋଟ ଦେବା ପାଇଁ ସରଳ ବ୍ୟବସ୍ଥା ହୋଇଛି। କୌଣସି ନାଗରିକଙ୍କୁ ଭୋଟ ଦେବା ଲାଗି କିଛି ବି ଅସୁବିଧା ହେବ ନାହିଁ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ପୁରୀ କେବଳ ଆମ ରାଜ୍ୟର ଏକ ସହର ନୁହେଁ, ସମଗ୍ର ବିଶ୍ୱର ଆଧ୍ୟାତ୍ମିକ ମୂଳପୀଠ। ସମଗ୍ର ସନାତନ ବୈଦିକ ହିନ୍ଦୁଙ୍କର ମୂଳ ପୀଠ ହେଉଛି ଶ୍ରୀକ୍ଷେତ୍ର ପୁରୀ। ଏହାକୁ ଆମେ ସମସ୍ତେ ଠିକ୍ ଭାବେ ବୁଝିପାରିଲେ ପୁରୀର ଗୁରୁତ୍ୱ ଆହୁରି ବୃଦ୍ଧି ପାଇବ ବୋଲି ଗଜପତି ମହାରାଜା ପ୍ରକାଶ କରିଥିଲେ।


ଗଜପତି ମହାରାଜା ଦିବ୍ୟସିଂହ ଦେବ ମତଦାନ କରି ଫେରୁଛନ୍ତି।

**ମତଦାନ**


କଟକ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଓ ତାଙ୍କ ସ୍ତ୍ରୀ


ଭୋଟ ଦେବା ପରେ ନୟନ କିଶୋର ମହାନ୍ତି ଓ ତାଙ୍କ ସ୍ତ୍ରୀ।


ସ୍ତ୍ରୀଙ୍କ ସହ ସମ୍ବଲପୁର ବିଜେଡି ଏମ୍‌ପି ପ୍ରାର୍ଥୀ ନଳିନୀ ପ୍ରଧାନ।


ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ଭୋଟ ଦେବା ପରେ।

# ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ଦେଲେ ଧାରଣା

**କେନ୍ଦୁଝର, ୨୩।୪(ସ୍ୱ.ପ୍ର.):** ନିର୍ବାଚନରେ ସ୍ୱଚ୍ଛତା ଆଣିବା ପାଇଁ ଭୋଟ ଗ୍ରହଣ କେନ୍ଦ୍ରରେ ଦଳୀୟ ବା ପ୍ରାର୍ଥୀଙ୍କ ଏଜେଣ୍ଟଙ୍କ ଉପସ୍ଥିତି ଜରୁରୀ । ତେବେ ଘଷିପୁରା ନିର୍ବାଚନ ମଣ୍ଡଳୀରେ ଏକ ବୁଥରେ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ରଙ୍କ ଏଜେଣ୍ଟକୁ ପୋଲିସ ସୁରକ୍ଷାକର୍ମୀ ବୁଥ ଭିତରକୁ ନ ଛାଡିବାରୁ ବିବାଦ ଦେଖାଦେଇଥିଲା । ଫଳରେ ଏହାର ପ୍ରତିବାଦରେ ମନ୍ତ୍ରୀ ବଦ୍ରୀ ପାତ୍ର ଏକ ବୁଥ ସମ୍ମୁଖରେ ଧାରଣା ଦେଇଥିଲେ । ବିନା ଏଜେଣ୍ଟରେ ପାଖାପାଖି ୩ ଘଣ୍ଟା ଭୋଟ ଗ୍ରହଣ କରାଯାଇଥିବା ବେଳେ ଏନେଇ ପୋଲିସକୁ ଦାୟୀ କରି କାର୍ଯ୍ୟାନୁଷ୍ଠାନ ଦାବି କରିଥିବା ବିଜେଡି ନେତା ଧୀରେନ୍ଦ୍ର ରାଉତ କହିଛନ୍ତି । ସେହିପରି ମନ୍ତ୍ରୀ ପାତ୍ର ଗଡବାନ୍ଧଗୋଡା ଗ୍ରାମର ୨୮୧ ନମ୍ବର ବୁଥରେ ନିଜର ମତଦାନ କରିଛନ୍ତି।

# ହୃଦ୍‌ଘାତରେ ପୋଲିଂ କର୍ମଚାରୀ ମୃତ

**କାମାକ୍ଷାନଗର, ୨୩।୩(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଜଣେ ପୋଲିଂ କର୍ମଚାରୀଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ମୃତକ ହେଲେ ନବକିଶୋର ନାୟକ। ହିନ୍ଦୋଳ ପ୍ରାଣୀଧନ ଚିକିତ୍ସାଳୟର ୪ର୍ଥ ଶ୍ରେଣୀ କର୍ମଚାରୀ ହେଉଛନ୍ତି ନବକିଶୋର। ପରଜଙ୍ଗ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କଙ୍କଡ଼ାହାଡ଼ କଣ୍ଟାପାଳ ଥଇଥାନ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୪୧ନଂ. ବୁଥ୍‌ରେ ତାଙ୍କୁ ୪ର୍ଥ ପୋଲିଂ ଅଧିକାରୀଭାବେ ନିୟୋଜିତ କରାଯାଇଥିଲା। ରବିବାର କାମାକ୍ଷାନଗର ମହାବିଦ୍ୟାଳୟରେ ହୋଇଥିବା ଅସ୍ଥାୟୀ ଷ୍ଟ୍ରଙ୍ଗ୍‌ରୁମ୍‌ରୁ ଆନୁଷଙ୍ଗିକ ଉପକରଣ ସହ ସେ ବୁଥ୍‌କୁ ଯାଇଥିଲେ। ମଙ୍ଗଳବାର ମତଦାନ କାର୍ଯ୍ୟରେ ନିୟୋଜିତ ଥିବାବେଳେ ସେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ତୁରନ୍ତ ୧୦୮ ଆମ୍ବୁଲାନ୍ସ ସହାୟତାରେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

ଏ ନେଇ ଜରୁରିକାଳୀନ ଦାୟିତ୍ୱରେ ଥିବା ଡା. ସୁବାସ ଚନ୍ଦ୍ର ମଣ୍ଡଳ କୁହନ୍ତି, ଡାକ୍ତରଖାନାକୁ ଆସିବା ପୂର୍ବରୁ ରୋଗୀଙ୍କ ରକ୍ତଚାପ ଅସ୍ୱାଭାବିକ ଭାବେ ବୃଦ୍ଧି ଘଟିଥିଲା। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିଲା। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ସ୍ପଷ୍ଟ ହୋଇଛି। ଏ ନେଇ ଉପଜିଲାପାଳ ତଥା ରିଟର୍ନିଂ ଅଫିସର ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ କୁହନ୍ତି, କର୍ମଚାରୀ ଅସୁସ୍ଥ ଥିବା ଜଣାପଡ଼ିବା ପରେ ତାଙ୍କ ସ୍ଥାନରେ ଅନ୍ୟଜଣଙ୍କୁ ନିୟୋଜିତ କରାଯାଇଥିଲା। ନବକିଶୋରଙ୍କ ଏଭଳି ଆକସ୍ମିକ ମୃତ୍ୟୁରେ ପ୍ରଶାସନ ମର୍ମାହତ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ। ସରକାରୀ ନିୟମ ଅନୁଯାୟୀ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।


ଅଭିନେତା ସବ୍ୟସାଚୀ ମିଶ୍ର।



ଅଭିନେତ୍ରୀ ଅର୍ଚ୍ଚିତା ସାହୁ।


ଭୁବନେଶ୍ୱରର ଏକ ବୁଥ୍‌ରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିୟାନ ଓ ତାଙ୍କ ସ୍ତ୍ରୀ ସୁଜାତା ପାଣ୍ଡିୟାନ ଭୋଟ ଦେବାକୁ ଆସିଛନ୍ତି।


ବାରବାଟୀ-କଟକ ଭାଜପା ପ୍ରାର୍ଥୀ ସମୀର ଦେ ପରିବାର ସଦସ୍ୟଙ୍କ ସହ ଭୋଟ ଦେଇ ଫେରୁଛନ୍ତି।


ପୁରୀ ଲୋକ ସଭା ଭାଜପା ପ୍ରାର୍ଥୀ ଡା. ସମ୍ବିତ୍ ପାତ୍ର ପୁରୀ ମ୍ୟୁନିସିପାଲ ହାଇସ୍କୁଲ ମତଦାନ କେନ୍ଦ୍ର ବୁଲି ଦେଖୁଛନ୍ତି।


ଭୁବନେଶ୍ୱର ରାଜଭବନ ପ୍ରାଥମିକ ବିଦ୍ୟାଳୟ ମଡେଲ ବୁଥ୍‌ରେ ପ୍ରଥମ କରି ଭୋଟ ଦେଇଥିବା ମତଦାତା।

# ଭାଜପା-ବିଜେଡି ମୁହାଁମୁହିଁ

## ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତିଙ୍କୁ ଆକ୍ରମଣ

**ପୁରୀ ଅଫିସ, ୨୩।୪**

ପୁରୀ ଭାଜପା ଯୁବମୋର୍ଚ୍ଚା ଜିଲା ସଭାପତି ଜୟନ୍ତ କୁମାର ଦାଶଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୋମବାର ବିଳମ୍ବିତ ରାତିରେ ଜୟନ୍ତଙ୍କୁ ପେଣ୍ଠକଟା ନୋଳିଆ ବସ୍ତିରେ ୧୫ରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ମରଣାନ୍ତକ ଆକ୍ରମଣ କରିଥିବା ସମୁଦ୍ରକୂଳ ଥାନାରେ ଅଭିଯୋଗ ହୋଇଛି। ଏହାକୁ ନେଇ ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ ଦାବିରେ ଭାଜପା ଯୁବମୋର୍ଚ୍ଚାର ଶତାଧିକ କର୍ମୀ ସମୁଦ୍ରକୂଳ ଥାନା ଘେରାଉ କରିଥିଲେ। ଯୁବମୋର୍ଚ୍ଚା ଅଭିଯୋଗ କରିଛି ଯେ, ପୋଲିସ ଶାସକ ଦଳର ଏଜେଣ୍ଟ ସାଜିଛି। ସିଟି ଡିଏସ୍‌ପି ଉକ୍ତ ଅଞ୍ଚଳରେ ଡ୍ୟୁଟି କରୁଥିଲେ। ତାଙ୍କୁ ଘଟଣା ସମ୍ପର୍କରେ ଜଣାଇବା ସତ୍ତ୍ୱେ ସେ ଗୁରୁତ୍ୱ ଦେଇ ନ ଥିଲେ। ବରଂ ଯୁବମୋର୍ଚ୍ଚା କର୍ମୀମାନଙ୍କୁ ଗାଳିଗୁଲଜ କରିଥିଲେ। ଖବର ପାଇ ପୁରୀ ବିଧାନସଭା ଆସନର ଭାଜପା ପ୍ରାର୍ଥୀ ଜୟନ୍ତ ଷଡ଼ଙ୍ଗୀ ସମୁଦ୍ରକୂଳ ଥାନାରେ ପହଞ୍ଚି ପୋଲିସ ସହ ଆଲୋଚନା କରିଥିଲେ। ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ ପାଇଁ ସେ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ସୋମବାର ସନ୍ଧ୍ୟାରେ ପେଣ୍ଠକଟା ନୋଳିଆ ବସ୍ତିରେ ବିଜେଡି ସମର୍ଥକମାନେ ଘର ଘର ବୁଲି ଟଙ୍କା ବାଣ୍ଟୁଥିବା ଭାଜପା ଯୁବମୋର୍ଚ୍ଚା ପାଖରେ ଖବର ପହଞ୍ଚିଥିଲା। ଏ ନେଇ ଜିଲାପାଳ, ଉପଜିଲାପାଳ, ନିର୍ବାଚନ କମିଶନଙ୍କୁ ଅଭିଯୋଗ କରାଯାଇଥିଲା। ମାତ୍ର କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ପରେ ଭାଜପା ଯୁବମୋର୍ଚ୍ଚା ସଭାପତି ଜୟନ୍ତ ଦାଶ ଘଟଣାସ୍ଥଳକୁ ଟଙ୍କା ବଣ୍ଟାକୁ ବିରୋଧ କରିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ବିଜେଡି କର୍ମୀମାନେ ହଠାତ୍ ତାଙ୍କୁ ଆକ୍ରମଣ କରିଥିଲେ। ସେ ତଳେ ପଡ଼ିଯିବାରୁ ତାଙ୍କୁ ଦଳି ଦେଇଥିଲେ। ଆକ୍ରମଣରେ ତାଙ୍କ ବାମ ପଟ ଆଖିପତା ତଳ ଫାଟିଯାଇଛି। ମୁହଁ, ନାକ, ଓଠ ଏବଂ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଛି। ଭାଜପା ଯୁବମୋର୍ଚ୍ଚା ସଭାପତିଙ୍କୁ ଆକ୍ରମଣ ଖବର ପାଇ ତାଙ୍କୁ ଉଦ୍ଧାର କରିବାକୁ ଯାଇଥିବା ବିଶ୍ୱନାଥ ସେନାପତି, ଆଶିଷ ବରାଳ ଏବଂ ଅନ୍ୟ ୨ଜଣ ମଧ୍ୟ ଆକ୍ରମଣର ଶିକାର ହୋଇଛନ୍ତି। ବିଶ୍ୱନାଥଙ୍କ ମୁଣ୍ଡ ଫାଟିଛି। ସମୁଦ୍ରକୂଳ ଥାନା ପୋଲିସ ପହଞ୍ଚି ଆହତ ଦ୍ୱୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। ଜୟନ୍ତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ତେବେ ପୁରୀ ବିଜେଡି ନଗର ସଭାପତି ସବ୍ୟସାଚୀ ମହାପାତ୍ରଙ୍କୁ ପଚାରିବାରେ ଯୁବମୋର୍ଚ୍ଚାର ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ, ଭାଜପା ହାରିଯିବା ଭୟରେ ଔଷଧ ବିକଳରେ ତାଟିଆ କାମୁଡ଼ିବା ସଦୃଶ ବିଜେଡି ବିରୋଧରେ ଏଭଳି ମିଥ୍ୟା ଅଭିଯୋଗ ଆଣୁଛି। ଭାଜପା ଶସ୍ତା ରାଜନୀତି କରୁଛି। ତେବେ ବିଜେଡି ବହୁମତରେ ଜିତିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଥାନାଧିକାରୀ ଗୌରାଙ୍ଗ ପୃଷ୍ଟି କହିଛନ୍ତି ଯେ, ଘଟଣା ସମ୍ପର୍କରେ ଅଭିଯୋଗ ହୋଇଛି। ଏ ନେଇ ତଦନ୍ତ ଜାରି ରହିଛି। କୌଣସି ଅପ୍ରୀତିକର ପରିସ୍ଥିତି ଆଶଙ୍କାରେ ଘଟଣାସ୍ଥଳରେ ପୋଲିସ ମୁତୟନ କରାଯାଇଛି। ସେହିପରି ସିଟି ଡିଏସ୍‌ପି ସୁଧାକର ସାହୁ ଯୁବମୋର୍ଚ୍ଚାର ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କୌଣସି କର୍ମକର୍ତ୍ତାଙ୍କୁ ଗାଳିଗୁଲଜ କରି ନ ଥିବା କହିଛନ୍ତି।

### ୨ ବୁଥ୍‌ରେ ଉତ୍ତେଜନା

**ପୁରୀ ଅଫିସ, ୨୩।୪:** ପୁରୀ ପେଣ୍ଠକଟାସ୍ଥିତ ଆଇଟିଆଇ ବୁଥ୍‌ରେ ମଙ୍ଗଳବାର ଅପରାହ୍ନରେ ମତଦାନ ଚାଲିଥିବା ବେଳେ ଉତ୍ତେଜନା ପ୍ରକାଶ ପାଇଥିଲା। ବୁଥ୍‌ରେ ବିଜେଡି ସମର୍ଥକମାନେ ଜୋର ଜବରଦସ୍ତ ଭୋଟରଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଉସ୍‌କାଉଥିବା ଭାଜପା ଯୁବମୋର୍ଚ୍ଚା ଅଭିଯୋଗ ଆଣିଥିଲା। ଏ ନେଇ ଭାଜପା ଏବଂ ବିଜେଡି ସମର୍ଥକ ମୁହାଁମୁହିଁ ହୋଇଥିଲେ। ଦୀର୍ଘ ସମୟ ଧରି ଉଭୟ ଗୋଷ୍ଠୀ ଧସ୍ତାଧସ୍ତି ହୋଇଥିଲେ। ଖବର ପାଇ ଏସ୍‌ପି ଡା. ଉମାକାନ୍ତ ଦାଶ, ଉପଜିଲାପାଳ ଭବତାରଣ ସାହୁ, ସିଟି ଡିଏସ୍‌ପି ସୁଧାକର ସାହୁ ପ୍ରମୁଖ ପହଞ୍ଚି ଉଭୟ ଗୋଷ୍ଠୀକୁ ବୁଝାଶୁଝା କରିଥିଲେ। ବୁଥ୍ ନିକଟରୁ ଯୁବମୋର୍ଚ୍ଚା କର୍ମୀଙ୍କୁ ହଟାଇବାକୁ ନେଇ ଯୁବମୋର୍ଚ୍ଚା ସଭାପତି ଜୟନ୍ତ ଦାଶ ଏବଂ ଏସ୍‌ପି ଦାଶ, ଡିଏସ୍‌ପି ସାହୁ କଥା କଟାକଟି ହୋଇଥିଲେ। ବିଜେଡି ପାଖରେ ପୋଲିସ ବିକ୍ରି ହୋଇଯାଇଛି। ବୁଥ୍‌ରେ ବିଜେଡି ସମର୍ଥକ ର୍‌ୟାଗିଂ କରୁଥିବାବେଳେ ପୋଲିସ ଜାଣିଶୁଣି ନୀରବଦ୍ରଷ୍ଟା ସାଜିଛି ବୋଲି ଯୁବମୋର୍ଚ୍ଚା ସଭାପତି ଦାଶ ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି। ସେହିପରି ବାଲିନୋଳିଆ ସାହି ବୁଥ୍‌ରେ ବିଜେଡି ଓ ଭାଜପାର ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଖବରପାଇ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା।

### ଭୋଟରଙ୍କୁ ପ୍ରଲୋଭନ: ତରମାଳ ବୁଥ୍‌ରେ ଉତ୍ତେଜନା

ପୁରୀ ଅଫିସ, ୨୩।୪:ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଅଧୀନ ତରମାଳ ପ୍ରାଥମିକ ବିଦ୍ୟାଳୟ ବୁଥ୍‌ରେ ପୋଲିସର ବିରୋଧ ସତ୍ତ୍ୱେ ଜଣେ ନେତାଙ୍କ ସମର୍ଥକମାନେ ପଶି ଭୋଟରଙ୍କୁ ପ୍ରଲୋଭିତ କରିବା ଅଭିଯୋଗ ହୋଇଛି। ସନ୍ଧ୍ୟାରେ ମତଦାନ ସରିଥିଲା। ତେବେ ବୁଥରେ ଶେଷ ସମୟରେ ବହୁ ଭୋଟର ରହିଯାଇଥିଲେ। ଏଣୁ ରାତି ୯ଟା ପର୍ଯ୍ୟନ୍ତ ମତଦାନ ଚାଲିଥିଲା। ଏହି ସମୟରେ ବୁଥ୍ ମୁଖ୍ୟ ଫାଟକକୁ ପୋଲିସ ବନ୍ଦ ରଖିଥିଲା। ହଠାତ୍ ଶତାଧିକ ଯୁବକ ବୁଥ୍‌ରେ ଧସେଇ ପଶିଥିଲେ। ପୋଲିସର ବାରଣ ସତ୍ତ୍ୱେ ସେମାନେ ଏକ ନିର୍ଦ୍ଦିଷ୍ଟ ଦଳର ପ୍ରାର୍ଥୀଙ୍କୁ ଭୋଟ ଦେବା ଲାଗି ମତଦାତାଙ୍କୁ କହିଥିଲେ। ଏହାକୁ ଅନ୍ୟ ଦଳର କର୍ମୀ ବିରୋଧ କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଏ ନେଇ ଏସ୍‌ପି ଡା. ଉମାକାନ୍ତ ଦାଶଙ୍କୁ ପଚାରିବାରେ ଘଟଣାସ୍ଥଳକୁ ପୋଲିସ ଫୋର୍ସ ପଠାଯାଇଛି ବୋଲି କହିଥିଲେ।


ପୁରୀ ଲୋକ ସଭା କଂଗ୍ରେସ ପ୍ରାର୍ଥୀ ସତ୍ୟପ୍ରକାଶ ନାୟକ।


ପୁରୀ ବିଧାନସଭା କଂଗ୍ରେସ ପ୍ରାର୍ଥୀ ଅରୋପ୍ରସାଦ ମିଶ୍ର।


ପୁରୀ ବିଧାନସଭା ଭାଜପା ପ୍ରାର୍ଥୀ ଜୟନ୍ତ ଷଡ଼ଙ୍ଗୀ।


ଆଠମଲ୍ଲିକ ବିଧାନସଭା ବିଜେଡି ପ୍ରାର୍ଥୀ ରମେଶ ଚନ୍ଦ୍ର ସାଏ ଓ ତାଙ୍କ ସ୍ତ୍ରୀ।


ଭୁବନେଶ୍ୱର ମଧ୍ୟ ବିଜେଡି ବିଧାୟକ ପ୍ରାର୍ଥୀ ଅନନ୍ତ ନାରାୟଣ ଜେନା


ପରିବାରବର୍ଗଙ୍କ ସହ କାମାକ୍ଷାନଗର ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଫୁଲ ମଲ୍ଲିକ।

# PIONEERS AND INNOVATORS NOW INTRODUCE HYPREFORM




AFTER OFFERING PIONEERING PRODUCTS IN CROWNS, PLASTIC CLOSURES, ROPP CAPS AND TWIST-OFF CAPS MARKETS, ORIENTAL CONTAINERS LAUNCHES NEW GREEN FIELD FACILITY AT BHUBANESHWAR, ORISSA TO MANUFACTURE PREFORMS.

- India's first degated preforms outclassing others
- First to manufacture preforms with 100% online inspection
- India's first for production of preforms on SACMI lines
- Oriental Containers enters the preform market with the best technology and features of excellent quality and high precision in dimensions and repeatability




- Asiastar 2015 • Indiastar 2015
- World Packaging Organisation - Packaging Excellence 2016



Oriental Containers
A division of Oricon Enterprises Ltd.

Parijat House, 1076, Dr. E. Moses Rd., Worli, Mumbai 400 018, India | Ph.: +91 22 43662200 / 24964656 - 58
Email: ssb@ocl-india.com, kamath@ocl-india.com, sunder@ocl-india.com | http://www.orientalcontainers.com

OUR ESTEEMD CLIENTS:

Unilever, HEINEKEN, DIAGEO, Carlsberg, Hamdard, UB GROUP, BIG COLA THINK BIG, Coca-Cola, pepsi, Bisleri, Parle Agro refreshing India

## ସଂକ୍ଷେପରେ

### ପଦ୍ମକୁ ଭୋଟ ଦେବାରୁ ଯୁବକଙ୍କୁ ଆକ୍ରମଣ

**ପୁରୀ ଅଫିସ, ୨୩।୪:** ଭାଜପାକୁ ଭୋଟ ଦେବା ଜଣେ ଯୁବକଙ୍କ ପାଇଁ ମହଙ୍ଗା ପଡ଼ିଛି। ବିପକ୍ଷ ଦଳର ଆକ୍ରମଣରେ ସେ ଲହୁଲୁହାଣ ହୋଇ ଏବେ ଡାକ୍ତରଖାନାରେ ମୃତ୍ୟୁ ସହ ଯୁଝୁଛନ୍ତି। ଯୁବକ ଜଣକ ହେଲେ ସାହାଣୀକେରାର ଜନ୍ମେଶ୍ୱର ସାହୁ (୪୦)। ତାଙ୍କୁ ରକ୍ଷା କରିବାକୁ ଯାଇ ୩ଜଣ ଯୁବକ ମଧ ଆକମ୍ରଣରେ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ସୂର୍ଯ୍ୟକାନ୍ତ ଦଳାଇ, ବାବୁ ପ୍ରଧାନ ଓ ରାଜା ପ୍ରଧାନ। ସୂଚନା ଅନୁଯାୟୀ, ମଙ୍ଗଳବାର ଜନ୍ମେଶ୍ୱର ଭୋଟ ଦେଇ ଫେରୁଥିବାବେଳେ ସାହାଣୀକେରା ନିକଟରେ ବିପକ୍ଷ ଦଳର କେତେଜଣ ସମର୍ଥକ ତାଙ୍କୁ ଅଟକାଇଥିଲେ। ସେମାନେ ତାଙ୍କୁ କେଉଁ ପାର୍ଟିକୁ ଭୋଟ ଦେଲୁ ବୋଲି ପଚାରିଥିଲେ। ପଦ୍ମକୁ ଭୋଟ ଦେଲି ଜନ୍ମେଶ୍ୱର କହିବାରୁ ସେମାନେ ଉତ୍ତ୍ୟକ୍ତ ହୋଇ ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏହି ସମୟରେ ତାଙ୍କୁ ରକ୍ଷା କରିବାକୁ ଯାଇ ଅନ୍ୟ ୩ଜଣ ଯୁବକ ମଧ ଆକ୍ରମଣର ଶିକାର ହୋଇଛନ୍ତି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜନ୍ମେଶ୍ୱରଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ସେହିପରି ଆହତ ହୋଇଥିବା ୩ ଯୁବକ ବର୍ତ୍ତମାନ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ପଦ୍ମକୁ ଭୋଟ ଦେବାରୁ ତାଙ୍କୁ ଆକ୍ରମଣ କରାଯାଇଥିବା ଜନ୍ମେଶ୍ୱର ଗଣମାଧମ ଆଗରେ ଅଭିଯୋଗ କରିଛନ୍ତି। ତେବେ ଏ ନେଇ ସଦର ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି।

### ସନ୍ଧ୍ୟା ପରେ ମତଦାନକୁ ନେଇ ଗଣ୍ଡଗୋଳ

#### କାଠ ପାହାରରେ ଯୁବକଙ୍କ ମୁଣ୍ଡ ଫାଟିଲା

**ପୁରୀ ଅଫିସ, ୨୩।୪:** ଗିରଳ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ବୁଥ୍‌ରେ ମଙ୍ଗଳବାର ସନ୍ଧ୍ୟା ୬ଟା ପରେ ମତଦାନ ଚାଲିବାକୁ ନେଇ ଦୁଇ ଗୋଷ୍ଠୀଙ୍କ ମଧରେ ଗଣ୍ଡଗୋଳ ଘଟିଛି। ଗୋଟିଏ ଗୋଷ୍ଠୀ ପ୍ରତିପକ୍ଷ ଗୋଷ୍ଠୀର ଯୁବକ ରାଜେନ୍ଦ୍ର ବେହେରାଙ୍କ ମୁଣ୍ଡକୁ ଏକ ବହ୍ଲା କାଠରେ ପ୍ରହାର କରିଥିଲେ। ଏଥିରେ ତାଙ୍କ ମୁଣ୍ଡ ଫାଟିଛି। ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ଭୁବନେଶ୍ୱରସ୍ଥ ଏକ ଘରୋଇ ହସ୍‌ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଛି। ତେବେ ଏ ନେଇ ସଦର ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ଭାଜପା ଓ ବିଜେଡି କର୍ମୀଙ୍କ ମଧରେ ଏହି ଗଣ୍ଡଗୋଳ ଘଟିଥିବା କୁହାଯାଉଛି।

### ବୁଥ୍‌ରୁ ବାହାର କରି ଏଜେଣ୍ଟଙ୍କୁ ପିଟିଲେ

**ପୁରୀ ଅଫିସ, ୨୩।୪:** ସତ୍ୟବାଦୀ ନିର୍ବାଚନୀମଣ୍ଡଳୀ ଅଧୀନ କଣାସ ବ୍ଲକର ଗୋଛିଆଁରେ ମଙ୍ଗଳବାର ହିଂସାକାଣ୍ଡ ଘଟିଛି। ଭାଜପା ଏଜେଣ୍ଟ ଅଭୟ ନାଥ ଏବଂ ଅଦ୍ୱୈତ ନାହାକଙ୍କୁ ବୁଥରୁ ବାହାର କରି ଏକ ଗୋଷ୍ଠୀ ମାଡ଼ ମାରିଛନ୍ତି। ଖବର ପାଇ ବରିଷ୍ଠ ଭାଜପା ନେତା କୃଷ୍ଣ ଜଗଦେବ ସେଠାରେ ପହଞ୍ଚି ଏହାର ପ୍ରତିରୋଧ କରିବାରୁ ସମ୍ପୃକ୍ତ ଗୋଷ୍ଠୀ ତାଙ୍କ କାର୍ ଭଙ୍ଗାରୁଜା କରିବା ସହ ହତ୍ୟା ଧମକ ଦେଇଥିଲେ। ଏ ନେଇ ଅଭୟ ଓ ଅଦ୍ୱୈତ କଣାସ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଗୋଛିଆଁର ଏକ ବୁଥ୍‌ରେ ଗୋଟିଏ ନିର୍ଦ୍ଦିଷ୍ଟ ଦଳର ପ୍ରାର୍ଥୀଙ୍କ ସମର୍ଥକମାନେ ଭୋଟରଙ୍କୁ ପ୍ରଲୋଭିତ କରୁଥିଲେ। ଅଭୟ ଏବଂ ଅଦ୍ୱୈତ ଏହାର ବିରୋଧ କରିଥିଲେ। ଫଳରେ ଦୁହିଁଙ୍କୁ ସମ୍ପୃକ୍ତ ଦଳର କର୍ମୀମାନେ ବୁଥ ବାହାରକୁ ଡାକି ଆଣି ନିସ୍ତୁକ ପିଟିଥିଲେ ବୋଲି ଅଭିଯୋଗରେ ଦର୍ଶାଇଥିବା କୃଷ୍ଣ କହିଛନ୍ତି। ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସେ ଦାବି କରିଛନ୍ତି।

### ବୁଥ୍‌କୁ ପ୍ରବେଶ ବାରଣ ନେଇ ଉତ୍ତେଜନା

**ପୁରୀ ଅଫିସ, ୨୩।୪:** ପୁରୀ ଜିଲା ସ୍କୁଲ ବୁଥ୍‌ରେ ଭାଜପାର ଦୁଇଜଣ ପୋଲିଂ ଏଜେଣ୍ଟଙ୍କୁ ପ୍ରିଜାଇଡିଂ ଅଫିସର ବୁଥ୍ ଭିତରକୁ ଯିବା ପାଇଁ ବାରଣ କରିବାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ସମୟରେ ସେଠାରେ ଭାଜପାର ଜଣେ ବରିଷ୍ଠ ନେତା ପହଞ୍ଚି ଏହାର ବିରୋଧ କରିବାରୁ ପ୍ରିଜାଇଡିଂ ଅଫିସର ଓ ତାଙ୍କ ମଧରେ ଯୁକ୍ତିତର୍କ ହୋଇଥିଲା। ପରେ ସମ୍ପୃକ୍ତ ଏଜେଣ୍ଟଙ୍କୁ ବୁଥକୁ ଆସିବାକୁ ପ୍ରିଜାଇଡିଂ ଅଫିସର ଅନୁମତି ପ୍ରଦାନ କରିଥିଲେ ବୋଲି ଜଣାପଡ଼ିଛି।

## ବ୍ରହ୍ମଗିରି, ସତ୍ୟବାଦୀରେ ଭିଭିପିଏଟି, ଇଭିଏମ୍ ଭଙ୍ଗାରୁଜା

# ୨ଟି ବୁଥ୍‌ରେ ମତଦାନ ଅଧାରୁ ବନ୍ଦ

**ପୁରୀ ଅଫିସ,୨୩।୪**

ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ପୁରୀ ଜିଲାର କେତେକ ବୁଥ୍‌ରେ ହିଂସାକାଣ୍ଡ ଘଟିଛି। ତେବେ ବ୍ରହ୍ମଗିରି ଓ ସତ୍ୟବାଦୀ ନିର୍ବାଚନମଣ୍ଡଳୀର ଗୋଟିଏ ଲେଖାଏ ବୁଥ୍‌ରେ ଭିଭିପିଏଟି ଏବଂ ଇଭିଏମ୍‌କୁ ଲୋକେ ଭାଙ୍ଗିଦେଇଛନ୍ତି। ଫଳରେ ଏହି ଦୁଇଟି ବୁଥ୍‌ରେ ମତଦାନ ବନ୍ଦ ହୋଇଯାଇଛି। ଏ ନେଇ ପ୍ରିଜାଇଡିଂ ଅଫିସରଙ୍କ ପକ୍ଷରୁ ଏତଲା ଦିଆଯାଇଛି। ଏ ସଂକ୍ରାନ୍ତରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅବଗତ କରାଯାଇଛି। ତାଙ୍କଠାରୁ ନିର୍ଦ୍ଦେଶ ଆସିବା ପରେ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ଜ୍ୟୋତି ପ୍ରକାଶ ଦାସ କହିଛନ୍ତି।

ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର କମାଶାସନ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨୨୧ ଏବଂ ୨୨୨ ନଂ. ଦୁଇଟି ବୁଥ୍ ହୋଇଥିଲା। ଅପରାହ୍ନରେ ୨୨୨ନଂ. ବୁଥ୍‌ରେ ଭିଭିପିଏଟିରେ ତ୍ରୁଟି ଦେଖାଦେଇଥିଲା। ଫଳରେ ଲୋକେ ବୁଥ୍‌ରେ ପଶି ଭିଭିପିଏଟି ଏବଂ ଇଭିଏମ୍ ଭଙ୍ଗାରୁଜା କରିଥିଲେ। ସ୍ଥାନୀୟ ଭୋଟରଙ୍କ କହିବା ଅନୁଯାୟୀ, ଭିଭିପିଏଟିର ବଟନ୍ ଠିକ୍ ଭାବେ କାମ କରୁ ନ ଥିଲା। ଏହାକୁ ନେଇ କେତେଜଣ ଭୋଟର ଅଧିକାରୀଙ୍କୁ ଜଣାଇଥିଲେ। ଏହା ଠିକ୍ ହୋଇଯିବ ବୋଲି ସେ କହିଥିଲେ। ଜଣେ ମହିଳା ଭୋଟର ଏକ ନିର୍ଦ୍ଦିଷ୍ଟ ଚିହ୍ନରେ ଭୋଟ ଦେବାକୁ ଚାହିଁଥିଲେ। ହେଲେ ସେହି ବଟନ୍ ଚିପି ହେଉ ନ ଥିବାରୁ ସେ ସମ୍ପୃକ୍ତ ଅଧିକାରୀଙ୍କୁ ଜଣାଇଥିଲେ। ଯଦି ସେଥିରେ ନ ହେଉଛି ତେବେ ଅନ୍ୟ ଏକ ଚିହ୍ନରେ ଭୋଟ ଦେବାକୁ ଅଧିକାରୀ ଜଣଙ୍କ ସମ୍ପୃକ୍ତ ମହିଳାଙ୍କୁ କହିଥିଲେ। ଏହାପରେ ମହିଳା ଜଣଙ୍କ ବାହାରକୁ ଆସି ଲୋକଙ୍କ ଆଗରେ କହିବାରୁ ଉତ୍ତ୍ୟକ୍ତ ଲୋକେ ବୁଥ୍ ଭିତରେ ପଶି ଭିଭିପିଏଟିକୁ ଭାଙ୍ଗି ଦେଇଥିବା ଶୁଣିବାକୁ ମିଳୁଛି। ସେହିପରି ସତ୍ୟବାଦୀ ନିର୍ବାଚନମଣ୍ଡଳୀର ବୁଥ୍ ନଂ. ୭୮ (ବଳଭଦ୍ରପୁର)ରେ ଉତ୍ତ୍ୟକ୍ତ ଭୋଟର ଇଭିଏମ୍ ଭାଙ୍ଗି ଦେଇଛନ୍ତି। ତେବେ ଏକ ନିର୍ଦ୍ଦିଷ୍ଟ ଦଳର ଅଧିକ ଭୋଟ ହେବାରୁ ଅନ୍ୟ ଏକ ଦଳର ସମର୍ଥକମାନେ ଭଙ୍ଗାରୁଜା କରିଥିବା ଶୁଣିବାକୁ ମିଳୁଛି। ଏହି ଦୁଇ ଘଟଣାକୁ ନେଇ ନାନା କଥା ଆଲୋଚନା ଚାଲିଛି।





**ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଜଣାଇ ଦିଆଯାଇଛି: ଜିଲାପାଳ**

## କୃଷ୍ଣପ୍ରସାଦ: ୩ ବୁଥ୍‌ରେ ଉତ୍ତେଜନା

**କୃଷ୍ଣପ୍ରସାଦ,୨୩।୪(ଡି.ଏନ.ଏ.)**

### ଜଣେ ଆହତ, ୨ ଗିରଫ

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ମଙ୍ଗଳବାର ୩ୟ ପର୍ଯ୍ୟାୟ ଭୋଟ ଗ୍ରହଣ ଶେଷ ହୋଇଛି। ଭୋଟ ଆରମ୍ଭରୁ ହିଁ ମୋଟ ୮୭ ବୁଥ୍‌ରେ ମତଦାତାଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ମଧ୍ୟାହ୍ନରେ ରୌଦ୍ରତାପ ବୃଦ୍ଧି ପାଇବା ଆଶଙ୍କା ଯୋଗୁ ଏବଂ ଭୋଟରମାନେ ବୁଥ୍‌ଗୁଡ଼ିକରେ ସକାଳେ ଭିଡ଼ ଜମାଇଥିଲେ। ଶାନ୍ତିଶୃଙ୍ଖଳା ସହ ସମସ୍ତ ବୁଥ୍‌ରେ ଭୋଟଗ୍ରହଣ ଚାଲିଥିବାବେଳେ ବଜ୍ରକୋଟ ୭ ନମ୍ବର ବୁଥ୍‌ରେ ଜଣେ ଏଜେଣ୍ଟ ବାରମ୍ବାର ଭୋଟ ଦେଉଥିବା ଅଭିଯୋଗରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ଘଟଣା କ୍ରମେ ଗୋଷ୍ଠୀ ବିବାଦ ଆଡ଼କୁ ଗତି କରୁଥିବାବେଳେ ଖବରପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଉତ୍ତେଜନା ବୃଦ୍ଧି ପାଇବା ଅଶଙ୍କାରେ ଏଠାରେ ପୋଲିସ ମୁତୟନ ହୋଇଥିଲା। ତଥାପି ଦୀର୍ଘ ସମୟ ଧରି ଉତ୍ତେଜନା ଲାଗି ରହିଥିଲା। ସେହିଭଳି ଗିଳିନାସୀର ୨୦ ନମ୍ବର ବୁଥ୍ ମଧରେ ସଂଘର୍ଷ ଘଟି ରବୀନ୍ଦ୍ର ପ୍ରଧାନ ନାମକ ଜଣେ ବ୍ୟକ୍ତି ଆହତ ହୋଇଥିଲେ। ଅଭିଯୋଗକ୍ରମେ ଏ ଘଟଣା ନେଇ ଉକ୍ତ ଗ୍ରାମର ପ୍ରଦୀପ ପ୍ରଧାନକୁ ପୋଲିସ ଗିରଫ କରିଛି। ଉଦୟଗିରି ବୁଥ୍‌ରେ ମଧ କିଛି ସମୟ ପାଇଁ ଗଣ୍ଡଗୋଳ ଦେଖାଦେଇଥିବାବେଳେ ପୋଲିସ ପରିସ୍ଥିତିକୁ ଆୟତ୍ତ କରିନେଇଥିଲା। ଉପରୋକ୍ତ ୩ଟି ବୁଥ୍‌ରେ ପୋଲିସ ବିଶେଷ ଭାବେ ସଜାଗ ରହିଥିଲା। ତେବେ ବାଲିପାଟପୁର ବୁଥ୍‌ରେ ଇଭିଏମ୍‌ରେ ତ୍ରୁଟି ଦେଖାଦେବାରୁ ଠିକ୍ ସମୟରେ ମତଦାନ ହୋଇ ନ ପାରି ସକାଳ ୮ଟା ୩୦ରେ ଆରମ୍ଭ ହୋଇଥିଲା। ମୋଟାମୋଟି ଭାବେ ଶାନ୍ତିଶୃଙ୍ଖଳା ସହ ଭୋଟ ଗ୍ରହଣ ଶେଷ ହୋଇଥିବା ସୂଚନା ମିଳିଛି।

## ପୋଲିସ ହଟହଟା...

**ବାଲିପାଟଣା,୨୩।୪(ଡି.ଏନ୍.ଏ.)**

ବାଲିପାଟଣା ବ୍ଲକ ବିଶ୍ୱନାଥପୁରସ୍ଥିତ ୧୦୨ ନଂ ବୁଥରେ ମଙ୍ଗଳବାର ଭୋଟରଙ୍କୁ ଘଉଡାଇବାକୁ ଯାଇ ପୋଲିସ ହଟାହଟ ହେବା ସହ ଦୁଇଘଣ୍ଟା ଅଟକ ରହିଥିଲା। ବିଶ୍ୱନାଥପୁରସ୍ଥିତ ୧୦୨ନଂ ବୁଥରେ ୧୭୦୨ଜଣ ଭୋଟରଙ୍କ ମତଦାନ ବ୍ୟବସ୍ଥା ଥିଲା। ଦୁଇଟି ବୁଥର ନିୟମ ରହିଥିଲେ ମଧ ଗୋଟିଏ ବୁଥ୍ କରାଯାଇଥିବାରୁ ଅପରାହ୍ନ ୨ଟା ସୁଦ୍ଧା ୮୦୦ଭୋଟର ଭୋଟ ଦେଇଥିଲେ। ଲମ୍ବା ଲାଇନ ଲାଗିଥିଲେ ମଧ ଧାଡ଼ିରେ ଛିଡା ହେବା ପାଇଁ ସ୍ଥାନ ନ ଥିବାରୁ ବୁଥ ବାହାରେ ଭୋଟରମାନେ ଛିଡା ହୋଇଥିଲେ। ଭିଡ଼କୁ ଦୃଷ୍ଟିରେ ରଖି ଉପସ୍ଥିତ ଥିବା ପୋଲିସ ସେ ସ୍ଥାନ ଖାଲି କରିବାକୁ ବାହାରେ ଛିଡା ହୋଇଥିବା ଭୋଟରମାନଙ୍କୁ କହିଥିଲା। ଏଥିରେ ଜଣେ ମହିଳା ଲକ୍ଷ୍ମୀ ମୁଦୁଲି ଭୋଟ ଦେବାକୁ ଅପେକ୍ଷା କରିଛୁ ବୋଲି କହିଥିଲେ ମଧ ପୋଲିସ ତାଙ୍କୁ ରୁକ୍ଷ ଭାଷାରେ ଗାଳିଗୁଲଜ କରିଥିଲା। ଏହି କଥାକୁ ନେଇ ସେଠାରେ ଥିବା ଜନସାଧାରଣ ଓ ପୋଲିସଙ୍କ ମଧରେ ହୋହଲ୍ଲା ହୋଇଥିଲା। ଫଳରେ ଏଡିସିପି ତ୍ରିନାଥ ମିଶ୍ରଙ୍କୁ ଭୋଟରମାନେ ମିଶି ଦୁଇ ଘଣ୍ଟା ପର୍ଯ୍ୟନ୍ତ ଅଟକ ରଖିଦେବା ସହ ଭୁଲ୍ ନ ମାଗିଲେ ଛାଡ଼ିବୁ ନାହିଁ ବୋଲି ଜିଦ୍ ଧରିଥିଲେ। ଏ ସମ୍ପର୍କରେ ଏଡିସିପି ମିଶ୍ର କୁହନ୍ତି, ମୁଁ କୌଣସି ମହିଳାଙ୍କୁ ରୁକ୍ଷ ଭାଷାରେ କହି ନାହିଁ, ମୋ ନାମରେ ମିଥ୍ୟା ପ୍ରଚାର କରାଯାଉଛି।

## ବୁଥ୍ ଅଧିକାରୀଙ୍କ ଟେବୁଲରେ ନେତାଙ୍କ ଫଟୋ

**କଣାସ, ୨୩।୪(ଡି.ଏନ୍.ଏ.)**

### ମତଦାନ ୨ଘଣ୍ଟା ବିଳମ୍ବିତ

ଭୋଟ ଗ୍ରହଣ ସମୟରେ ପରିଚାଳନା ଦାୟିତ୍ୱରେ ଥିବା ପ୍ରିଜାଇଡିଂ ଅଫିସରଙ୍କ ଟେବୁଲ ଉପରେ ଏକ ନିର୍ଦ୍ଦିଷ୍ଟ ଦଳର ନେତାଙ୍କ ଫଟୋ ଓ ସଙ୍କେତ ପ୍ରକାଶିତ ଏକ ଖବର କାଗଜକୁ ନେଇ ଡେଲାଙ୍ଗ ବ୍ଲକର ବସନ୍ତପୁର ମତଦାନ କେନ୍ଦ୍ରରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ଫଳରେ ଦିନ ୧୨ଟାରୁ ୨ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ବାଧାପ୍ରାପ୍ତ ହୋଇଥିଲା। ଏ ସମ୍ପର୍କରେ ଖବର ପାଇ ଡେଲାଙ୍ଗ ବିଡିଓ କ୍ଷୀରୋଦ୍ର ପ୍ରଧାନ ଓ ଡେଲାଙ୍ଗ ଥାନା ଅଧିକାରୀ ରଶ୍ମିରଞ୍ଜନ ପଟ୍ଟନାୟକ ସଦଳବଳ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଇଥିଲେ। ପରେ ମତଦାନ ଆରମ୍ଭ ହୋଇଥିଲା।

ସେହିପରି ପୁରୀ ଜିଲାର ୧୧୦ ପିପିଲି-ଡେଲାଙ୍ଗ ବିଧାନସଭା ନିର୍ବାଚନ ମଣ୍ଡଳୀର ଡେଲାଙ୍ଗ ବ୍ଲକର ୨୧ ପଞ୍ଚାୟତରେ ଥିବା ୧୧୯ ମତଦାନ କେନ୍ଦ୍ରରେ ଶାନ୍ତିପୂର୍ଣ୍ଣ ଭାବେ ଭୋଟ ଗ୍ରହଣ ସମ୍ପନ୍ନ ହୋଇଛି। କେତେକ ସ୍ଥାନରେ ଇଭିଏମ୍‌ରେ ତ୍ରୁଟି ଯୋଗୁ ବିଭିନ୍ନ ବୁଥ୍‌ରେ ମତଦାନରେ ବିଳମ୍ବିତ ହୋଇଥିଲା। ଭୋଟ ଗ୍ରହଣ କେନ୍ଦ୍ରକୁ ଯୋଗାଇଦିଆଯାଇଥିବା ଇଭିଏମ୍‌ର କଣ୍ଟ୍ରୋଲ ୟୁନିଟ୍, ବାଲଟ ୟୁନିଟ୍ ଓ ଭିଭିପିଏଟି ଅକାମୀ ହୋଇ ଯିବାରୁ ୨୪ଟି ମତଦାନ କେନ୍ଦ୍ରରେ ଇଭିଏମ୍ ସେଟ ବଦଳ ତଥା ମରାମତି କରାଯିବା ପରେ ଭୋଟ ଗ୍ରହଣ ଆରମ୍ଭ ହୋଇଥିଲା। ଏହା ସହିତ କେତେକ ସ୍ଥାନରେ ଇଭିଏମ୍‌ରେ ସାମାନ୍ୟ ତ୍ରୁଟି ଦେଖାଦେବାରୁ ଏହାକୁ ମରାମତିକରାଯାଇଥିଲା ଫଳରେ ୧ଘଣ୍ଟା ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା।

## ନକଲି ଭୋଟର, ଟେଣ୍ଡର ବାଲଟରେ ଭୋଟ ଦେଲେ ଅସଲି

**ପୁରୁଣା ଭୁବନେଶ୍ୱର, ୨୩।୪(ଡି.ଏନ.ଏ.)**

୩ ପର୍ଯ୍ୟାୟ ନିର୍ବାଚନ ଚାଲିଥିବା ବେଳେ ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀର ୨୨ନଂ. ବୁଥ୍‌ରେ ଜଣେ ଭୋଟରଙ୍କୁ ହଟହଟା ହେବାକୁ ପଡିଥିଲା। ତାଙ୍କ ଜାଗାରେ କେହି ନକଲି ଭୋଟ ଦେଇଥିବାରୁ ଶେଷରେ ସେ ଟେଣ୍ଡର ବାଲଟରେ ଭୋଟ ଦେବାକୁ ପଡ଼ିଥିଲା। ଖବର ମୁତାବକ ବରମୁଣ୍ଡା ହାଇସ୍କୁଲର ୨୨ ନଂ.ବୁଥ୍‌ରେ ସୁଶାନ୍ତ ସାହୁ ନାମକ ଜଣେ ଭୋଟର ଭୋଟ ଦେବାକୁ ଯାଇଥିଲେ। ମାତ୍ର ତାଙ୍କ ପୂର୍ବରୁ କେହି ଜଣେ ନକଲି ଭୋଟର ତାଙ୍କ ନାମରେ ଭୋଟ ଦେଇ ସାରିଥିବା ଏଜେଣ୍ଟମାନେ କହିଥିଲେ। ତାଙ୍କୁ ଫେରିଯିବାକୁ କୁହାଯାଇଥିଲା। ତେବେ ସୁଶାନ୍ତ ଭୋଟ ଦେବେ ବୋଲି ଜିଦ୍ କରିଥିଲେ। ଭୋଟ ନ ଦେଲେ ଏଠାରୁ ଯିବିନାହିଁ ବୋଲି କହିଥିଲେ। କିଛି ସମୟ ପାଇଁ ଯୁକ୍ତିତର୍କ ହୋଇଥିଲା। ପରେ ପ୍ରିଜାଇଡିଂ ଅଫିସର ସୁଶାନ୍ତଙ୍କୁ ଟେଣ୍ଡର ବାଲଟ୍‌ରେ ଭୋଟ ଦେଇ ଯିବାକୁ କହିଥିଲେ। ପରେ ସେ ଭୋଟ ଦେଇ ଫେରିଥିଲେ।

## ରାତି ୧୦ଟା ଯାଏ ଚାଲିଲା ଭୋଟ

**ଫୁଲନଖରା,୨୩।୪(ଡି.ଏନ୍.ଏ.)**

କଟକସଦର ନିର୍ବାଚନମଣ୍ଡଳୀ ସିଏମ୍‌ସି ୫୯ନମ୍ବର ୱାର୍ଡର ୨୦, ୨୧ ଓ ୨୨ ନମ୍ବର ବୁଥର ଇଭିଏମ୍ ସମସ୍ୟା ପାଇଁ ମଙ୍ଗଳବାର ରାତି ୧୦ଟା ପର୍ଯ୍ୟନ୍ତ ଲୋକେ ଧାଡିରେ ଛିଡା ହୋଇ ଭୋଟ ଦେଇଥିବା ଦେଖିବାକୁ ମିଳିଥିଲା। ସକାଳ ୭ଟାରୁ ଭୋଟଦାନ ଆରମ୍ଭରୁ ହିଁ ଇଭିଏମ୍ ରେ ତ୍ରୁଟି ଦେଖାଯିବାରୁ ୮ଟା ୩୦ ପର୍ଯ୍ୟନ୍ତ ଭୋଟ ଦେଇ ନ ପାରି ଲୋକେ। ପରେ ଭୋଟ ଗ୍ରହଣ ପୁଣି ଆରମ୍ଭ ହୋଇଥିଲା। ମାତ୍ର ଛାମୁଣ୍ଡିଆ, ଟେଣ୍ଟ ତିଆରି କରାଯାଇ ନ ଥିବାରୁ ଲୋକେ ଖରାରେ ଘଣ୍ଟାଘଣ୍ଟା ଧରି ଧାଡ଼ିରେ ରହିଥିଲେ। ପୁଣି ଅପରାହ୍ନ ୪ଟା ୩୦ ଓ ସନ୍ଧ୍ୟାରେ ଇଭିଏମ୍ ବାରମ୍ବାର ଅଚଳ ହୋଇପଡିଥିଲା। ଇଭିଏମ ଧିମା ଗତିରେ ଚାଲିବାରୁ ରାତି ୧୦ଟା ପର୍ଯ୍ୟନ୍ତ ମତଦାନ ଦେଇଥିଲେ। ତେଣୁ ସିଏମ୍‌ସିର ୫୯ନଂ ୱାର୍ଡରେ ୧୪୦୦ଭୋଟର ଥିବାବେଳେ ରାତି ବଢ଼ିଯିବାରୁ କେବଳ ୯୦୦ଲୋକ ମତଦାନ କରିଥିବା ଜଣାପଡ଼ିଛି।


ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

ବ୍ଲକ ଏବଂ ପଞ୍ଚାୟତ ସ୍ତରୀୟ ନିଯୁକ୍ତି ପାଇଁ
ସମସ୍ତ ଜିଲ୍ଲାରୁ ପ୍ରାର୍ଥୀ ଆବଶ୍ୟକ।
ଯୋଗ୍ୟତା - ୧୦ମ ରୁ ଉର୍ଦ୍ଧ
ଦରମା - ୭୦୦୦/- ରୁ ୩୫୦୦୦/-
9668051710

PART / FULL TIME
ଘରକାମ/ରୋଷେଇ/ରୋଗୀଙ୍କ ଯତ୍ନ/ଛୋଟପିଲାଙ୍କ ଯତ୍ନ ଏବଂ ଡ୍ରାଇଭର ଆବଶ୍ୟକ
Contact Number - 7381222430, 9090909300

URGENT REQUIRED
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରେ Candidate ଆବଶ୍ୟକ। ଦରମା: 27,000/-, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact: 8339922964

All Odisha Aadarsha Vidyalaya Vacancy
Post- SECURITY GUARD, DATA ENTRY, PEON, SWEEPER (Male / Female)
Sal-10000/ Above, Qual-8th/Above
Contact : 8480659517

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., ମାସିକ ଦରମା upto Rs.25000/-.
Contact Immediately
Mob: 8763257042

URGENT REQUIRED FOR AIRPORT JOB
Ground Staff (Male/Female)
Qualification : +2/Graduation
Salary : Rs.14000 To Rs.35000. Age : 18 To 30 yrs. Free Accommodation
Mob : 9090732106, 9090391585 (Bhubaneswar)

REQUIRED
Required one Lady Receptionist-cum-Accountant (Computer known), One Lady Supervisor for housekeeping & One Cook specially for Tandoor, for a reputed Hotel at Puri.
Apply with Bio-data, Passport size Photo & Contact No. to M/S DEEP RESORTS PVT. LTD., SEA BEACH ROAD, PURI-752001 within 10 days.
Contact: 7064836206, 06752-232834, 220848, 232835

REQUIREMENT
In immediate requirement of Computer Designer, having knowledge on Autocad, Photoshop, Coreldraw & others basic computing fields.
Contact No: 9338467646, 9861334152
IDOL Copier, Plot-5, Janpath, BBSR.

Contact: 9938414918
Bhubaneswar ଅଫିସ୍ ପାଇଁ 10th/ above Candidates (M/F) ଆବଶ୍ୟକ। ବୟସ: (18-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24000/-.

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-. (Part Time/Full Time)
Contact: 9938676412

SR. ACCOUNTANT, PROJECT HEAD, MARKETING, EXCEL EXPERT, TELE-CALLER, LABOUR CONTRACTOR, RECOVERY AGENT, SUPERVISOR
FOR PRE-CAST MANUFACTURING UNIT
Two-Wheeler Must, all Odisha.
9040019196/9778821577

DIRECT JOINING (NO INTERVIEW)
ଏକ Delhi Based Company ତାର Odisha ର Branch Expansion ପାଇଁ 35 (M/F) ଜଣ Candidates ଙ୍କୁ Direct Selection କରୁଛି। Qualification : 10th Pass / +2 and above. Monthly Income - 10,000/- + Free Accommodation. Age - 18+, ଆସନ୍ତା ୪ ଦିନ ମଧ୍ୟରେ Bio-data ସହିତ ସାକ୍ଷାତ କରନ୍ତୁ। (NO CHARGES)
MICRO EXPANSION, N//6, 1st Floor, IRC Village, Jayadev Vihar, Bhubaneswar, Ph : 9238100178

REQUIRED
FOR HOTEL RECEPTION MANAGER AT 148, HOTEL TAJ PALACE, BAPUJI NAGAR, BBSR
CONTACT- 9776967006, 9438143208

REQUIRED
Audit Assistant-cum-Accountant with minimum B.Com qualification having good knowledge in Accountancy
Contact:- R.C. LAL & Co. Chartered Accountants, 41, Ashok Nagar (East), Bhubaneswar-751009

Direct Joining
Customer Care (Airtel) Data Entry & Security Guard
Qual. : 10th, +2, +3, ITI, Diploma, B.Tech
Salary : Rs.6500/- To Rs.15000/-
Mob : 7440044313

ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବା ପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
Mob : 8895725158

ଶିକ୍ଷାର୍ଥୀ ଆବଶ୍ୟକ
ଶୁଶ୍ରୂଷା ଅଧୀନରେ ଘରୋଇସେବା ବା ହୋମ୍‌ନର୍ସିଂ ଟ୍ରେନିଂ ନେବା ପାଇଁ ୧୮ ବର୍ଷରୁ ୩୫ବର୍ଷ ବୟସ୍କ ନବମ ଶ୍ରେଣୀ ବା ତଦୂର୍ଦ୍ଧ୍ୱ ଶିକ୍ଷାଗତ ଯୋଗ୍ୟତା ଥିବା ମହିଳା ପ୍ରାର୍ଥୀ ଆବଶ୍ୟକ। ୨ମାସ ଟ୍ରେନିଂ ପରେ ଆକର୍ଷଣୀୟ ଦରମା ସହିତ ନିଯୁକ୍ତି ପାଇବେ। ମଇ ୩ ତାରିଖ ୨୦୧୯ଠାରୁ ଟ୍ରେନିଂ ଆରମ୍ଭ ହେବ। ଦରଖାସ୍ତ ଦେବାର ଶେଷ ତାରିଖ ୩୦ ଅପ୍ରେଲ ୨୦୧୯। ଟ୍ରେନିଂ ସମୟରେ କୌଣସି କୋର୍ସ ଫି ନିଆଯିବ ନାହିଁ ଏବଂ ହଷ୍ଟେଲରେ ମାଗଣାରେ ରହିବାର ଓ ଖାଇବାର ସୁବିଧା ରହିଛି।
ଯୋଗାଯୋଗ ଠିକଣା: ସମ୍ପାଦିକା ଶୁଶ୍ରୂଷା।
ପ୍ଲଟ୍ ନଂ. ୪୯୩, ଭୀମପୁର, କାର୍‌ଗିଲ୍‌ରୋଡ଼, ପଳାଶପଲ୍ଲୀ, ଭୁବନେଶ୍ୱର-୭୫୧୦୨୦
ଟେଲିଫୋନ୍: ୭୯୭୮୮୩୯୧୧୦, ମୋ: ୮୮୯୫୩୪୦୫୪୫, ଯୋଗାଯୋଗ ସମୟ: ୧୦.୩୦ଠାରୁ ୪ଟା ପର୍ଯ୍ୟନ୍ତ

CHILD HELP FOUNDATION
REQUIRES:
Telecampaigners.
Freshers / Experienced Both can apply.
Fluency in English & Hindi is must
Salary + Attractive Incentives + T.A
Contact - 7504029820 / 9776825919
Email : pradeep@childhelpfoundationindia.org
Walk in interview : Timing 10 am to 6 pm
Add: Room No - 409, 4th Floor, Janpath Tower, Ashok Nagar, Bhubaneshwar - 751009

FOR DOMESTIC PROCESS
FUSION BPO
NASSCOM® MEMBER
CAREER FAIR AT BHUBANESWAR
WALK IN WITH YOUR RESUME
20TH April 2019 (Saturday) 9:30 am - 5:00 pm
ADDRESS
SR CORPORATE GUEST HOUSE-2
PLOT NO: 17, AMRAPALI, AHALYA NAGAR, OPPOSITE KOEL CAMPUS, NEAR SAI TEMPLE, PATIA, Bhubaneswar, Odisha 751024
CALL US FOR TELEPHONIC INTERVIEW
9874178232 / 6290829832 / 7003064969 / 9875323773
8617773228 / 7980533049 / 6290829833 / 8336900210

See CAREER APPOINTMENT on every Wednesday & Saturday

REQUIRED
A leading Distributor of Electrical Test & Measurement Instruments and Engineering design Software requires.
a) Sales Engineer for Bhubaneswar office. Job involves travelling. B.Tech ECE/EE with experience in Industrial Sales preferred. E-mail resume to.-
elmaxsolutionscal@gmail.com

URGENTLY REQUIRED
1. MANAGER-2 NO. (EXPERIENCE IN SKILL WITH COMPUTER)
2. D.G.M-1 NO. (EXPERIENCE IN NGO SECTOR), 3. PEON-02 NO.
4. ADMIN.-1 NO. (RETD.) 5. CO-ORDINATOR-2 NO. (MBA / MCA)
6. MANAGER-02 NO. (EXPERIENCE IN SOFTWARE MARKETING OR DATA PROCESSING WORK)
PERLCT B-11, CIE, Patia, BBSR., Near KIIMS, Mob. 8260222053, 8093502498
STP-DDUGKY, PMKVY, ESDM, NULM, OULM, RPL, SC

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।



ଯିଏ ଖାଦ୍ୟ ସଂଯମ କରିପାରିଛି, ସିଏ ମୁକ୍ତି ଆଡ଼କୁ ବହୁ ଦୂର ଆଗେଇ ଯାଇଛି।
-ସେନେକା






ୟୁନିଟ୍-୬ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ହୋଇଥିବା ଆଦର୍ଶ ମତଦାନ କେନ୍ଦ୍ର।



ନୟାପଲ୍ଲୀସ୍ଥିତ ସୟଦ୍ ମମ୍‌ତାଜ୍‌ଅଲ୍ଲୀ ହାଇସ୍କୁଲ ବୁଥ୍‌କୁ ହ୍ୱିଲ୍ ଚେୟାର୍‌ରେ ଆସିଥିବା ଜଣେ ୯୭ ବର୍ଷୀୟା ଭୋଟର୍।



ୟୁନିଟ୍-୮ ସ୍ଥିତ ପାୱାର୍ ହାଉସ୍ ନୋଡାଲ୍ ସ୍କୁଲ୍ ବୁଥ୍‌ରେ ଭୋଟ୍ ଦେଇଥିବା ଦିବ୍ୟାଙ୍ଗମାନେ।



ମହିଳା ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ଘାଟିକିଆ ପୋଲିଂ ବୁଥ୍ ପାଖରେ ମତଦାତାମାନଙ୍କୁ ଦହି ସର୍‌ବତ୍ ବଣ୍ଟନ କରାଯାଉଛି।



ଚିନ୍ତାମଣିଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ବୁଥ୍‌ରେ ଶୃଙ୍ଖଳିତ ତଥା ସୁରକ୍ଷିତ ମତଦାନ ପାଇଁ ମୁତୟନ ଥିବା ଜଣେ ସଶସ୍ତ୍ର ସୁରକ୍ଷା କର୍ମୀ।



ୟୁନିଟ୍-୬ସ୍ଥିତ ସରକାରୀ ବାଳକ ବିଦ୍ୟାଳୟ ମଡେଲ୍ ବୁଥ୍‌ରେ ମହିଳା ଭୋଟରଙ୍କୁ ଗୋଲାପ ଦେଇ ସ୍ୱାଗତ କରାଯାଉଛି।

# ରାଜଧାନୀରେ ଶାନ୍ତିଶୃଙ୍ଖଳାରେ ସରିଲା ଭୋଟ

**ଭୁବନେଶ୍ୱର, ୨୩।୪(ବ୍ୟୁରୋ)**

କମିଶନରେଟ ପୋଲିସ ଅନ୍ତର୍ଗତ ରାଜଧାନୀ ଭୁବନେଶ୍ୱର ଓ ଏହାର ଉପକଣ୍ଠରେ ହୋଇଥିବା ୧୧୫୬ ବୁଥ୍‌ରେ ଶାନ୍ତି ଶୃଙ୍ଖଳାର ସହ ଭୋଟ ଗ୍ରହଣ ଶେଷ ହୋଉଛି। ସେପରି କୌଣସି ସ୍ଥାନରେ ଆପରାଧିକ କିମ୍ବା ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନାହିଁ। ମାତ୍ର ଇଭିଏମ୍ ସମସ୍ୟାକୁ ନେଇ କେତେକ ବୁଥ୍‌ରେ ମତଦାନ ବିଳମ୍ବିତ ହୋଇଥିବାବେଳେ ଉତ୍ତେଜନା ଦେଖାଦେଇଥିଲା। ବିଶେଷକରି ଭୋଟ ଦେବା ପାଇଁ ଲାଇନ୍‌ରେ ବହୁ ସମୟ ଧରି ଅପେକ୍ଷା କରିଥିବା ଭୋଟରମାନେ ଅସନ୍ତୋଷ ପ୍ରକାଶ କରିବା ସହ ହୋହଲ୍ଲା କରିଥିବା ଦେଖିବାକୁ ମିଳିଥିଲା। ତେବେ ଦାୟିତ୍ୱରେ ଥିବା ଅଧିକାରୀ ଓ ସୁରକ୍ଷା କାର୍ଯ୍ୟରେ ନିୟୋଜିତ ପୋଲିସ ଲୋକଙ୍କୁ ବୁଝାଶୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଜଟଣୀ ପୋଡପଡା ୧୪୯ ନମ୍ବର ବୁଥ୍‌ରେ ଯାନ୍ତ୍ରିତ ତ୍ରୁଟି ଯୋଗୁ ବିଳମ୍ବରେ ଭୋଟ ଗ୍ରହଣ ଆରମ୍ଭ ହୋଇଥିଲା। ସେହିଭଳି ଭୁବନେଶ୍ୱର-ଉତ୍ତର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୭୬ ବୁଥ୍, ଜଟଣୀ ପୌର ପରିଷଦର ୧୭୯,୧୮୦ ଓ ୧୮୧ ବୁଥ୍‌ରେ ଇଭିଏମ୍‌ରେ ତ୍ରୁଟି ଦେଖିବାକୁ ମିଳିଥିଲା। ଫଳରେ ଏସବୁ ବୁଥ୍‌ରେ କିଛି ସମୟ ଧରି ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ଇଭିଏମ୍ ମରାମତି ପରେ ମତଦାନ ସ୍ୱାଭାବିକ ଚାଲିଥିଲା। ଇଭିଏମ୍ ସମସ୍ୟା ଯୋଗୁ ମତଦାନରେ ବିଳମ୍ବ ହୋଇଥିବା ବୁଥ୍‌ଗୁଡିକରେ ରାତି ପ୍ରାୟ ୭ଟା ପର୍ଯ୍ୟନ୍ତ ଭୋଟରମାନେ ଲାଇନ୍‌ରେ ଛିଡା ହୋଇଥିବା ଦେଖିବାକୁ ମିଳିଥିଲା।

ଅନ୍ୟପକ୍ଷରେ ମିଶନରେଟ ପୋଲିସର ନଜରରେ ଥିଲା ୩୮୩ ସମ୍ବେଦନଶୀଳ ବୁଥ୍। କେତେକ ସମ୍ବେଦନଶୀଳ ବୁଥ୍‌ରେ କିଛି ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ ଦଳକୁ ଭୋଟ ଦେବାକୁ ଲୋକଙ୍କୁ ଧମକାଉଥିଲେ। ଏହା ନଜରକୁ ଆସିବା ପରେ ସୁରକ୍ଷାକର୍ମୀ ସେମାନଙ୍କୁ ତାଗିଦ କରି ସେଠାରୁ ତଡ଼ି ଦେଇଥିଲେ। ହେଲେ ଆଉ କେତେକ ସମ୍ବେଦନଶୀଳ ବୁଥ୍‌ରେ ସୁରକ୍ଷାକର୍ମୀଙ୍କ କଥାକୁ ନ ଶୁଣି ଭୋଟରଙ୍କୁ ପ୍ରଭାବିତ କରାଯାଉଥିବା ଦେଖିବାକୁ ମିଳିଥିଲା। ତେବେ ପୋଲିସ କମିଶନର ସତ୍ୟଜିତ ମହାନ୍ତି ସମସ୍ତ ସମ୍ବେଦନଶୀଳ ବୁଥ୍‌କୁ ପରିଦର୍ଶନ କରି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ। ନୟାପଲୀ ସାଲିଆସାହି, ଚିନ୍ତାମଣିଶ୍ୱର, ଇନ୍‌ଫୋସିଟିର ଶିଖରଚଣ୍ଡୀ ବସ୍ତି, ଲକ୍ଷ୍ମୀସାଗର, ରଘୁନାଥପୁର, ଜଟଣୀ ଓ ଗୋଠପାଟଣା ଆଦି ଅଞ୍ଚଳରେ ଥିବା ସମ୍ବେଦନଶୀଳ ବୁଥ୍‌ଗୁଡିକୁ ବୁଲି ଆଇନଶୃଙ୍ଖଳା ପରିସ୍ଥିତିର ଅନୁଧ୍ୟାନ କରିଥିଲେ। ଯେଉଁ ବୁଥ୍‌ରେ ଢ଼ିଲା ସୁରକ୍ଷା ବ୍ୟବସ୍ଥା ଥିବା ନଜରକୁ ଆସିଥିଲା ସେଠାରେ କଡାକଡି କରିବାକୁ ଉପସ୍ଥିତ ସୁରକ୍ଷା ଅଧିକାରୀଙ୍କୁ କହିଥିଲେ। ଭୋଟ ଶେଷ ପର୍ଯ୍ୟନ୍ତ କମିଶନର ବିଭିନ୍ନ ବୁଥ୍ ବୁଲିଥିଲେ।

ଏନେଇ ପୋଲିସ କମିଶନର ମହାନ୍ତି କହିଛନ୍ତି, ମୁଁ ନିଜେ ସମ୍ବେଦନଶୀଳ ବୁଥ୍‌ଗୁଡିକୁ ଯାଇଥିଲି। ଲୋକମାନେ ଶାନ୍ତି ଶୃଙ୍ଖଳାରେ ଆସି ଭୋଟ ଦେଇଥିଲେ। କେତେକ ସ୍ଥାନରେ ଇଭିଏମ୍‌ରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଭୋଟ ଗ୍ରହଣ ବିଳମ୍ବରେ ଆରମ୍ଭ ହୋଇଥିଲା ଓ ଏହାକୁ ନେଇ ସାମାନ୍ୟ ଉତ୍ତେଜନା ସୃଷ୍ଟି ହୋଇଥିଲା। ବାକି ବୁଥ୍‌ଗୁଡ଼ିକରେ ଶାନ୍ତି ଶୃଙ୍ଖଳାରେ ଭୋଟ ଗ୍ରହଣ ଶେଷ ହୋଇଛି।



ବିଜେବି କଲେଜ କେନ୍ଦ୍ରରେ ଇଭିଏମ୍ ଦାଖଲ କରାଯାଉଛି।

## ଭୋଟ ଦେବାପରେ କାନ୍ଦିଲେ ପୋଲିସ ଡିଜି

ଗଣତାନ୍ତ୍ରିକ ନିର୍ବାଚନରେ ସାମିଲ ହୋଇ ଭୋଟ ଦେଇଛନ୍ତି ଓଡ଼ିଶା ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା। ସେ ୟୁନିଟ୍-୬ ହାଇସ୍କୁଲ ୪୩ ନମ୍ବର ବୁଥ୍‌ରେ ଭୋଟ ଦେଇଥିଲେ। ଏହି ଅବସରରେ ସେ ବହୁତ ଉତ୍ସାହିତ ଥିବା କହିଥିଲେ। ତେବେ ସେ ସବୁଥର ସ୍ତ୍ରୀଙ୍କ ସହ ଆସି ଭୋଟ ଦେଇଥାନ୍ତି। କିନ୍ତୁ ଚଳିତ ମାସରେ ତାଙ୍କ ସ୍ତ୍ରୀଙ୍କର ପରଲୋକ ଘଟିଥିବାରୁ ସେ ଏଥର ଏକାକୀ ଭୋଟ ଦେବାକୁ ଆସିଥିଲେ। ଏକଥା କହିବାବେଳେ ଗଣମାଧ୍ୟମ ଆଗରେ ଡା. ଶର୍ମା କାନ୍ଦି ପକାଇଥିଲେ।

## କଡ଼ା ସୁରକ୍ଷାରେ ଷ୍ଟ୍ରଙ୍ଗ୍ ରୁମ୍‌ରେ ଇଭିଏମ୍

ଇଭିଏମ୍ ସମସ୍ୟା ଯୋଗୁ କେତେକ ସ୍ଥାନରେ ବହୁ ରାତି ପର୍ଯ୍ୟନ୍ତ ମତଦାନ ଚାଲିଥିଲା। ଭୋଟ ଗ୍ରହଣ ସରିବା ପରେ ଇଭିଏମ୍‌ଗୁଡିକୁ ସିଲ୍ କରାଯାଇଥିଲା। ଏହାକୁ କଡା ସୁରକ୍ଷାରେ ପୋଲିଂ ପାର୍ଟିମାନେ ବିଜେବି କଲେଜସ୍ଥିତ ଷ୍ଟ୍ରଙ୍ଗ୍ ରୁମ୍‌ରେ ଦାଖଲ କରିଥିଲେ। ତେବେ ବିଳମ୍ବିତ ମତଦାନ ଯୋଗୁ ନିର୍ଦ୍ଧାରିତ ସମୟ ଭିତରେ ଇଭିଏମ୍ ଦାଖଲ ହୋଇପାରି ନ ଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ପୋଲିଂ କର୍ମଚାରୀମାନେ ଲାଇନ୍‌ରେ ରହି ଦାଖଲ ପ୍ରକ୍ରିୟା ଜାରି ରଖିଥିଲେ। ଏଥିପାଇଁ ବିଜେବି କଲେଜରେ ରାତିରେ ଗହଳି ଲାଗି ରହିଥିଲା।

## ସଂକ୍ଷେପରେ

### ନୂଆଗାଁ ୧୬୮ ନଂ. ବୁଥ୍‌ରେ ଉତ୍ତେଜନା

**ପୁରୁଣା ଭୁବନେଶ୍ୱର,୨୩। ୪(ଡି.ଏନ.ଏ.):** ଏକାମ୍ର ନିର୍ବାଚନମଣ୍ଡଳୀର ନୂଆଗାଁ ୧୬୮ ନଂ. ବୁଥ୍‌ରେ ଇଭିଏମ୍ ଅଚଳ ଯୋଗୁ ଚାପା ଉତ୍ତେଜନା ଦେଖାଦେଇଥିଲା। ବୁଥର ପ୍ରାୟ ୧୧୯୬ ଜଣ ଭୋଟରଙ୍କ ମଧ୍ୟରୁ ୯୮୨ ଜଣ ମତଦାନ ସାବ୍ୟସ୍ତ କରି ସାରିଥିଲେ। ସନ୍ଧ୍ୟା ପ୍ରାୟ ୭ଟାରେ ଅଚଳ ହୋଇଯାଇଥିଲା। ବୁଥ ଭିତରେ ରହିଯାଇଥିବା ଭୋଟରମାନେ ଭୋଟ ଦେବାକୁ ଅପେକ୍ଷା କରିଥିଲେ। ରାତି ପ୍ରାୟ ୮ଟା ପର୍ଯ୍ୟନ୍ତ ଇଭିଏମ୍ କାର୍ଯ୍ୟକ୍ଷମ ନ ହେବାରୁ ଧାଡିରେ ରହିଥିବା ଭୋଟରମାନେ ହୋହଲ୍ଲା କରିଥିଲେ। ଘଟଣାକୁ ନେଇ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା।

### ରାତି ୮ଟା ୧୫ମିନିଟ୍ ଯାଏ ଚାଲିଲା ମତଦାନ

**ପୁରୁଣା ଭୁବନେଶ୍ୱର, ୨୩। ୪(ଡି.ଏନ.ଏ.):** ୩ ପର୍ଯ୍ୟାୟ ନିର୍ବାଚନ ଲାଗି ପିପିଲି ନିର୍ବାଚନମଣ୍ଡଳୀର ଲକ୍ଷ୍ମୀନାରାୟଣପୁର ୧୬୩ ନଂ. ବୁଥରେ ଇଭିଏମ୍ ଅଚଳ ହୋଇଯାଇଥିଲା। ବିଧାନସଭା ଆସନ ପାଇଁ ଥିବା ଇଭିଏମ୍ ବନ୍ଦ ହୋଇଯିବାରୁ ଭୋଟ ଗ୍ରହଣ ହୋଇ ପାରି ନ ଥିଲା। ଇଭିଏମ୍ ସଜଡା ଯିବାରେ ୨ ଘଣ୍ଟା ବିଳମ୍ବ ହୋଇଥିଲା। ପରେ ଭୋଟ ଗ୍ରହଣ ସ୍ୱାଭାବିକ ହୋଇଥିଲା। ବୁଥ୍‌ରେ ମୋଟ ଭୋଟରଙ୍କ ୧୧୩୬ ମଧ୍ୟରୁ ୮୬୦ ଜଣ ମତଦାନ ରାତି ୮ଟା ୧୫ମିନିଟ୍ ପର୍ଯ୍ୟନ୍ତ କରାଯାଇଥିବା ପ୍ରିଜାଇଡିଂ ଅଫିସର ପ୍ରଭାକର ନାୟକ ସୂଚନା ଦେଇଛନ୍ତି।

### ନମାଜ ପଢ଼ିବାକୁ ଯାଇ ଟ୍ରେନ୍‌ରେ କଟିଗଲେ

**ଭୁବନେଶ୍ୱର,୨୩।୪(ବ୍ୟୁରୋ):** ଏୟାର ଫିଲ୍ଡ ଥାନା ଅଧୀନ ପୋଖରୀପୁଟ ନିକଟ ରେଳଧାରଣାରୁ ଜଣେ ବ୍ୟକ୍ତିଙ୍କ କ୍ଷତବିକ୍ଷତ ମୃତଦେହ ମଙ୍ଗଳବାର ଉଦ୍ଧାର କରାଯାଇଛି। ସେ ହେଲେ ଉତ୍ତର ପ୍ରଦେଶ ଦେଉଣିଆ ଥାନା ଅଞ୍ଚଳର ଅଜି ମୁଲ୍ଲା(୫୬)। ମିଳିଥିବା ସୂଚନା ମୁତାବକ, ପୋଖରୀପୁଟ ଆଜାଦ ନଗରରେ ଅଜି ମୁଲ୍ଲାଙ୍କ ଶ୍ୱଶୁର ଘର। କିଛିଦିନ ତଳେ ସେ ଏଠାକୁ ଚିକିତ୍ସିତ ହେବା ଲାଗି ଆସିଥିଲେ। ମଙ୍ଗଳବାର ମଧ୍ୟାହ୍ନରେ ନମାଜ ପଢ଼ିବା ପାଇଁ ପାଖ ମସ୍‌ଜିଦକୁ ଯାଇଥିଲେ। ହେଲେ ପରବର୍ତ୍ତୀ ସମୟରେ ତାଙ୍କ ମୃତଦେହକୁ ଜିଆର୍‌ପି ଥାନା ପୋଲିସ ରେଳଧାରଣାରୁ ଉଦ୍ଧାର କରିଥିଲା। ଏହାପରେ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲା। ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିବା ପରେ ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲ ପଠାଯାଇଛି। ଅନ୍ୟପକ୍ଷରେ ଅଜି ଚଳନ୍ତା ଟ୍ରେନ୍ ଆଗକୁ ଚାଲିଆସିଥିବା ନେଇ ଟ୍ରେନ୍ ଚାଳକ ଜିଆର୍‌ପି ଥାନାକୁ ଜଣାଇଥିବା ପୋଲିସ କହିଛି। ତେବେ ସେ ଜ୍ଞାତସାରରେ ଚଳନ୍ତା ଟ୍ରେନ୍ ଆଗକୁ ଚାଲିଆସିଥିଲେ ନା ରେଳଧାରଣା ପାର୍ ବେଳେ ଟ୍ରେନ୍ ଧକ୍କା ଦେଇଥିଲା, ପୋଲିସ ତାହାର ତଦନ୍ତ କରୁଛି। ଏ ନେଇ ନଂ. ୨୮/୧୯ରେ ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ରେଭେନ୍‌ଶା ବିଜ୍‌ନେସ ଆଡମିନିଷ୍ଟ୍ରେଶନ ବିଭାଗରେ ପ୍ରଥମ ପିଏଚ୍‌ଡି

**ଭୁବନେଶ୍ୱର,୨୩।୪:** ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ବିଜ୍‌ନେସ ଆଡ୍‌ମିନିଷ୍ଟ୍ରେଶନ ବିଭାଗରେ ପ୍ରଥମ ପିଏଚ୍‌ଡି ପ୍ରଦାନ କରାଯାଇଛି।



୨୬ ବର୍ଷୀୟ ସ୍ମାରକୀ ପଟ୍ଟନାୟକ ମାନବ ସମ୍ବଳ ବିକାଶ କ୍ଷେତ୍ରରେ ଗବେଷଣା କରି ପିଏଚ୍‌ଡି ପାଇବାର ଯୋଗ୍ୟତା ହାସଲ କରିଛନ୍ତି। ମନସ୍ତାତ୍ତ୍ୱିକ ବୁଝାମଣାରେ ସଙ୍ଗଠନର ସଂସ୍କୃତି ଓ କର୍ମଚାରୀଙ୍କ ଆନନ୍ଦର ପ୍ରଭାବ ଉପରେ ରାଷ୍ଟ୍ରାୟତ୍ତ ଏବଂ ବେସରକାରୀ ଉଦ୍ୟୋଗର ମାନବ ସମ୍ବଳକୁ ନେଇ ଗବେଷଣା କରିଛନ୍ତି। ବିଶ୍ୱବିଦ୍ୟାଳୟର ବିଜନେସ ଆଡ୍‌ମିନିଷ୍ଟ୍ରେଶନ ବିଭାଗୀୟ ମୁଖ୍ୟ ପ୍ରଫେସର କିଶୋର କୁମାର ଦାସଙ୍କ ତତ୍ତ୍ୱାବଧାନରେ ସେ ଗବେଷଣା କରୁଥିଲେ। ତାଙ୍କର ଗବେଷଣା ସନ୍ଦର୍ଭଟି ଦିଲ୍ଲୀ ବିଶ୍ୱବିଦ୍ୟାଳୟ ବରିଷ୍ଠ ପ୍ରଫେସର ଓ ଡିନ ଏମ୍.ଏଲ୍. ସିଙ୍ଗଲା ଓ ଜିୱାଜୀ ବିଶ୍ୱବିଦ୍ୟାଳୟ ପ୍ରଫେସର ଏସ୍.କେ. ଶୁକ୍ଲାଙ୍କ ଦ୍ୱାରା ପରୀକ୍ଷିତ ହେବା ସହ ଉଚ୍ଚ ପ୍ରଶଂସିତ ହୋଇଛି। ସେ ଉଭୟ ମ୍ୟାନେଜମେଣ୍ଟ ସ୍ନାତକ ଏବଂ ସ୍ନାତକୋତ୍ତରରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଡ.ସ୍ମାରକୀ ପଟ୍ଟନାୟକ ପ୍ରତିଷ୍ଠିତ ମ୍ୟାନେଜମେଣ୍ଟ ଗୁରୁ ଡ.ବିଶ୍ୱଜିତ ପଟ୍ଟନାୟକଙ୍କର ଜ୍ୟେଷ୍ଠ କନ୍ୟା।

## ହାଉସ୍ ଅଫ୍ ଡ୍ୟାନ୍ସ ଆଣ୍ଡ୍ ଲିପ୍‌ସ ଅନ୍ ବିଟ୍‌ସର ବାର୍ଷିକ ଉତ୍ସବ

**ଭୁବନେଶ୍ୱର, ୨୩।୪(ବ୍ୟୁରୋ)**

ହାଉସ୍ ଅଫ୍ ଡ୍ୟାନ୍ସ (ମଡ଼ର୍ନ) ଓ ଲିପ୍‌ସ ଅନ୍ ବିଟ୍‌ସର ପ୍ରଥମ ବାର୍ଷିକ ଉତ୍ସବ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ମୁଖ୍ୟ ଲିଲିପ୍ତା ମହାପାତ୍ର, ଅଧ୍ୟକ୍ଷ ଅଭିଶେକ ସାମଲ ଓ ଶୁଭାଶିଷ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଶାନି ଏକାଡ଼େମୀ ଅଧ୍ୟକ୍ଷ ରବୀନ୍ଦ୍ରକୁମାର ଗୌଡ଼ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ୱିକସ୍ ବିଭାଗ ଯୁଗ୍ମ ସମ୍ପାଦକ ମନୋରଞ୍ଜନ ମହାପାତ୍ର, ସମାଜସେବୀ ତଥା ଇଞ୍ଜିନିୟର ଦିଲୀପକୁମାର ସାହୁ, ଡ଼ିଭାଇନ ଡ୍ୟାନ୍ସ ଏକାଡ଼େମୀ ଅଧ୍ୟକ୍ଷ ବିଜୟ କୁମାର ଦାସ ଓ ନରସିଂହ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଗୁରୁ ହରିହର ଦାସ, ଅମିତ ନାୟକ, ପୁଷ୍ପିତା ମିଶ୍ର ଓ ରଶ୍ମିରେଖା ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗତ ୧୪ ତାରିଖରେ ହୋଇଥିବା ନୃତ୍ୟ ପ୍ରତିଯୋଗିତାରେ ୫୦୦ଛାତ୍ରୀଛାତ୍ର ଭାଗନେଇଥିଲେ। ସୁମିତ୍ରା ତ୍ରିପାଠୀ ଓ ଶୁଭଦର୍ଶନୀ ବିଚାରକ ଭାବେ ଯୋଗଦେଇ କୃତୀମାନଙ୍କୁ ମନୋନୀତ କରିଥିଲେ। ଉତ୍ସବକୁ ତୁଷାର ରଞ୍ଜନ ସାମଲ, ଭାରତୀ ମହାପାତ୍ର, ଚନ୍ଦ୍ରିକା ଦାସ, ପ୍ରଦୋଷ କୁମାର ଦାସ, ମନୋଜ ମହାପାତ୍ର, ବୈଜୟନ୍ତୀ ସାହୁ ପରିଚାଳନା କରିଥିବାବେଳେ ଚନ୍ଦ୍ରଶେଖରପୁରସ୍ଥିତ ଜେଡ଼ୱାନ୍, ରୟାଲ ଲାଗୁନ୍, କ୍ଲବ୍ ଟାଉନ୍ ଓ ବିଷ୍ଣୁପ୍ରିୟା ଆପାର୍ଟମେଣ୍ଟସ୍ଥିତ ହାଉସ୍ ଅଫ୍ ଡ୍ୟାନ୍ସର ଛାତ୍ରୀଛାତ୍ରଙ୍କ ଦ୍ୱାରା ଓଡ଼ିଶୀ ଓ ମଡ଼ର୍ନ ଡ୍ୟାନ୍ସ ପରିବେଷଣ କରାଯାଇଥିଲା।



ବାର୍ଷିକ ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନେ।

## ବଟି ନ ଦେବାରୁ ଦୋକାନୀଙ୍କୁ କଟୁରିରେ ଆକ୍ରମଣ

**ପୁରୁଣା ଭୁବନେଶ୍ୱର,୨୩।୪ (ଡି.ଏନ୍.ଏ.)**

ଶ୍ରୀଲିଙ୍ଗରାଜ ଥାନା ଅଧୀନ ସାନିଟାରି ଛକଠାରେ ଜଣେ ସାର ଦୋକାନୀଙ୍କୁ କଟୁରିରେ ଆକ୍ରମଣ ହୋଇଛି। ଆକ୍ରମଣର ଶିକାର ଦୋକାନୀ ଜଣକ ହେଲେ ସୁଧାକର ସାହାଣୀ। ତାଙ୍କ ବାମ ହାତ କହୁଣୀ ଓ ଡାହାଣ ହାତ ମଝି ଆଙ୍ଗୁଠିରେ ଆଘାତ ଲାଗିଛି। ପୋଲିସ ସୂଚନାନୁଯାୟୀ, ୨ମାସ ତଳେ ଜଣେ ଯୁବକ ସୁଧାକରଙ୍କୁ ପ୍ରାୟ ୪ଲକ୍ଷ ଟଙ୍କା ବଟି ମାଗିଥିଲେ। ହେଲେ ମଙ୍ଗଳବାର ସନ୍ଧ୍ୟାରେ ସେ ବଟି ଦେବାକୁ ମନା କରିଦେବାରୁ ଯୁବକ ଜଣକ ତାଙ୍କୁ କଟୁରିରେ ଆକ୍ରମଣ କରିଥିଲେ।

**ଖୋର୍ଦ୍ଧା ଜିଲାରେ ୬୦.୦୫ ପ୍ରତିଶତ ମତଦାନ**

## ତ୍ରିସ୍ତରୀୟ ସୁରକ୍ଷା ବଳୟ ମଧ୍ୟରେ ଇଭିଏମ୍

**ଖୋର୍ଦ୍ଧା ଅଫିସ,୨୩।୪**

ଭୁବନେଶ୍ୱର ଲୋକ ସଭା ଅଧୀନରେ ଥିବା ଖୋର୍ଦ୍ଧା ଜିଲାର ୭ ବିଧାନସଭା ଆସନ ଓ ପୁରୀ ଲୋକ ସଭା ଅଧୀନରେ ଥିବା ଚିଲିକା ବିଧାନସଭା ଆସନ ପାଇଁ ମତଦାନ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ମଙ୍ଗଳବାର ସକାଳ ୭ଟାଠାରୁ କଡା ସୁରକ୍ଷା ବଳୟ ମଧ୍ୟରେ ମତଦାନ ଆରମ୍ଭ ହୋଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲୁ ରହିଥିଲା। ଜିଲାରେ ୬୦.୦୫ ପ୍ରତିଶତ ମତଦାନ ହୋଇଥିବା ପ୍ରାଥମିକ ଆକଳନରୁ ଜଣାପଡ଼ିଛି।

ଖୋର୍ଦ୍ଧା ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ରଙ୍କ ସୂଚନା ଅନୁସାରେ, ପ୍ରାକ୍ ଆକଳନ ଅନୁଯାୟୀ ୧୧୧ ନଂ. ଜୟଦେବ ନିର୍ବାଚନମଣ୍ଡଳୀର ସର୍ବାଧିକ ୭୨ ପ୍ରତିଶତ ମତଦାନ ହୋଇଛି। ୧୧୨ନଂ. ଭୁବନେଶ୍ୱର(ମଧ୍ୟ)ରେ ୪୦ ପ୍ରତିଶତ, ୧୧୩ ନଂ. ଭୁବନେଶ୍ୱର(ଉତ୍ତର)ରେ ୪୦ ପ୍ରତିଶତ, ୧୧୪ ନଂ. ଭୁବନେଶ୍ୱର ଏକାମ୍ର ୫୯ ପ୍ରତିଶତ, ୧୧୫ ନଂ. ଜଟଣୀ ନିର୍ବାଚନମଣ୍ଡଳୀରେ ୬୯ ପ୍ରତିଶତ, ୧୧୬ ନଂ. ବେଗୁନିଆ ନିର୍ବାଚନମଣ୍ଡଳୀରେ ୬୯ ପ୍ରତିଶତ, ୧୧୭ ନଂ. ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ୬୮ ପ୍ରତିଶତ ଓ ୧୧୮ ନଂ. ଚିଲିକା ନିର୍ବାଚନମଣ୍ଡଳୀରେ ୬୭ ପ୍ରତିଶତ ମତଦାନ ହୋଇଛି। ତେବେ ବୁଧବାର ଏହା ବିଧିବଦ୍ଧ ଭାବେ ଘୋଷଣା ହେବ।




## ବେଣୁପୁରରେ ୨ ମଡେଲ ବୁଥ୍



**ବାଲିଅନ୍ତା,୨୩।୪(ଡି.ଏନ୍.ଏ.)**

ଜୟଦେବ ନିର୍ବାଚନମଣ୍ଡଳୀ ଅଧୀନ ବାଲିଅନ୍ତା ବ୍ଲକର ବେଣୁପୁରସ୍ଥିତ ଆଚାର୍ଯ୍ୟ ହରିହର ସରକାରୀ ଉଚ୍ଚ ବିଦ୍ୟାଳୟରେ ଚଳିତ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ନିର୍ବାଚନ କମିଶନ ପକ୍ଷରୁ ୨ଟି ମଡେଲ ବୁଥ ଖୋଲାଯାଇଥିଲା। ଏହି ବିଦ୍ୟାଳୟ ପରିସରରେ ୧୯, ୨୦ ଓ ୨୧ ନଂର ମତଦାନ କେନ୍ଦ୍ର ହୋଇଥିଲା। ସେଥିମଧ୍ୟରୁ ୧୯ ଓ ୨୦ ବୁଥକୁ ମଡେଲ ବୁଥ ରୂପେ ବିବେଚନା କରାଯାଇଥିଲା। ଭୋଟରମାନଙ୍କୁ ଖରାରୁ ରକ୍ଷା ସହ ବିଶ୍ରାମ ପାଇଁ ୨ଟି ରେଷ୍ଟସେଡ ନିର୍ମିତ ହୋଇଥିଲା। ଦିବ୍ୟାଙ୍ଗ ଓ ବୃଦ୍ଧାବୃଦ୍ଧ ଭୋଟରମାନଙ୍କ ବସିବା ପାଇଁ ଚେୟାର ସହ ୪ଟି ଫ୍ୟାନର ବ୍ୟବସ୍ଥା କରାଯାଇଥିଲା। ସମସ୍ତ ଭୋଟରଙ୍କୁ ଲେମ୍ବୁ ଓ ଦହି ସରବତ ବଣ୍ଟନ କରାଯାଇଥିଲା। ଭୋଟରଙ୍କୁ ଆକର୍ଷିତ କରିବା ପାଇଁ ପ୍ରବେଶ ପଥରେ ଆକର୍ଷଣୀୟ ତୋରଣ ନିର୍ମାଣ ହୋଇଥିଲା ଏବଂ ବୁଥ ପରିସରରେ ସିସିଟିଭି ମଧ୍ୟ ଲଗାଯାଇଥିଲା।

Dollar 69.62 (5) | Sensex 38,564.26 (80.30) | Nifty 11,575.95 (18.50) | Gold 32,770.00 (₹100) | Silver 38,425.00 (₹145)

## ସଂକ୍ଷେପରେ

### ସ୍ୱାମୀଙ୍କ ସହ ଚନ୍ଦା କୋଚରଙ୍କୁ ଇଡି ସମନ




ନୂଆଦିଲ୍ଲୀ,୨୩-୪: ଭିଡିଓକନ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଆଇସିଆଇସିଆଇ ବ୍ୟାଙ୍କର ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଚନ୍ଦା କୋଚର ଏବଂ ତାଙ୍କ ସ୍ୱାମୀ ଦୀପକ କୋଚରଙ୍କୁ ସମନ ଜାରି କରିଛନ୍ତି। ସେମାନେ ଆସନ୍ତା ସପ୍ତାହରେ ଦିଲ୍ଲୀ ମୁଖ୍ୟାଳୟରେ ହାଜର ହେବାକୁ କୁହାଯାଇଛି। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଚନ୍ଦାଙ୍କୁ ମେ ୩ରେ ଏବଂ ଦୀପକ ଓ ତାଙ୍କ ଭାଇ ରାଜୀବଙ୍କୁ ଚଳିତ ମାସ ୩୦ରେ ଯାଞ୍ଚ ଅଧିକାରୀଙ୍କ ନିକଟରେ ଉପସ୍ଥିତ ହେବେ। ସେମାନଙ୍କଠାରୁ ପିଏମ୍ଏଲ୍ଏ ଆଇନ ଅଧୀନରେ ବୟାନ ନିଆଯିବ। ଚନ୍ଦାଙ୍କ ସମେତ ଅନ୍ୟମାନଙ୍କୁ ଗତ ସପ୍ତାହରେ ସମନ ପଠାଯାଇଛି ବୋଲି ସେ କହିଛନ୍ତି। ଯାଞ୍ଚକୁ ଆଗକୁ ବଢ଼ାଇବା ଲାଗି ସେମାନଙ୍କ ଉପସ୍ଥିତି ଅତ୍ୟନ୍ତ ଜରୁରୀ ହୋଇପଡିଛି। ଏହାଛଡ଼ା ସେମାନଙ୍କୁ ବ୍ୟକ୍ତିଗତ ଆର୍ଥିକ ଦସ୍ତାବିଜ ଆଣିବାକୁ କୁହାଯାଇଛି। ସୂଚନାଥାଉ କି, ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ଭିଡିଓକନ ଗ୍ରୁପ୍‌କୁ ୧୮୭୫ କୋଟି ଟଙ୍କାର ଋଣ ମଞ୍ଜୁରୀ ବେଳେ ଅନିୟମିତତା ହୋଇଥିବା ଅଭିଯୋଗ ଉଠିଛି। ସିବିଆଇ, ଇଡି ଏହାର ସ୍ୱତନ୍ତ୍ର ଯାଞ୍ଚ କରିଛି।

### ଆଧାର ଏକ ପରିଚୟ ପତ୍ର: ନିଲେକାନି

ବେଙ୍ଗାଲୁରୁ,୨୩-୪: ଆଧାର କୌଣସି ବ୍ୟକ୍ତିର ଗୋପନୀୟତା ବା ତାଙ୍କ ଉପରେ ନଜର ରଖିବାର ମାଧ୍ୟମ ନୁହେଁ, ବରଂ ଏହା ଏକ ପରିଚୟ ମାତ୍ର ବୋଲି ଆଇଟି କମ୍ପାନୀ ଇନ୍‌ଫୋସିସ୍‌ର ସହପ୍ରତିଷ୍ଠାତା ତଥା ଭାରତୀୟ ବିଶିଷ୍ଟ ପରିଚୟ ପ୍ରାଧିକରଣ(ୟୁଆଇଡିଏଆଇ)ର ପୂର୍ବତନ ଅଧ୍ୟକ୍ଷ ନନ୍ଦନ ନିଲେକାନି କହିଛନ୍ତି। ଆଧାର ସପକ୍ଷରେ ମନ୍ତବ୍ୟ ଦେଇ ସେ କହିଛନ୍ତି ଯେ, ଏହାଦ୍ୱାରା କେବେ ହେଲେ କୌଣସି ବ୍ୟକ୍ତିର ସୂଚନା ଏକତ୍ରିତ କରାଯାଏ ନାହିଁ। ଏହା ଅତ୍ୟନ୍ତ ସରଳ ପ୍ରଣାଳୀ ବୋଲି ଉଲ୍ଲେଖ କରି ନିଲେକାନି କହିଛନ୍ତି ଯେ, କୌଣସି ସଂଗଠନ ଏହା ମାଧ୍ୟମରେ ତଥ୍ୟ ସଂଗ୍ରହ କଲେ ଗୋପନୀୟତା ସମ୍ପର୍କିତ ଚିନ୍ତା ଆହୁରି ବଢ଼ିଯାଏ। ସେ କହିଛନ୍ତି ଯେ, ଆଧାର ଏକ ପରିଚୟ ପତ୍ର ଭଳି ଜଣଙ୍କୁ ଚିହ୍ନଟ କରିବାରେ ସହାୟତା କରିଥାଏ। ଏହି କାରଣରୁ ଏହାକୁ ନଜର ରଖିବାର ଉପକରଣ ଭାବେ ମନେ କରାଯିବା ଅନୁଚିତ। କାହା ଉପରେ ନଜର ରଖିବା ଏବଂ ଗୋପନୀୟତା ଦୁଇଟି ଭିନ୍ନ ପ୍ରସଙ୍ଗ ବୋଲି ସେ କହିଛନ୍ତି।

### ପି ଆଣ୍ଡ ଜି ଖାଇଗଲା ୨୫୦ କୋଟି ଲାଭ

ନୂଆଦିଲ୍ଲୀ,୨୩-୪: ସାମଗ୍ରୀ ଏବଂ ସେବା ଟିକସ(ଜିଏସ୍‌ଟି) ଅଧୀନରେ ଗ୍ରାହକଙ୍କୁ ଫାଇଦା ନ ଦେଇ ଆମେରିକାର ମଲ୍ଟି ନ୍ୟାଶନାଲ ଏଫ୍ଏମ୍‌ସିଜି କମ୍ପାନୀ ପ୍ରକ୍ଟର ଆଣ୍ଡ ଗ୍ୟାମ୍ବଲ(ପି ଆଣ୍ଡ ଜି) ୨୫୦ କୋଟି ଟଙ୍କା ଚଳୁ କରିଦେଇଛି ବୋଲି ଜିଏସ୍‌ଟି ଲାଭ ଯାଞ୍ଚ କରୁଥିବା ଏଜେନ୍ସି ଧରିଛି। ଆର୍ଥିକ ବ୍ୟାପାର ଷ୍ଟାଣ୍ଡିଂ କମିଟି ନିକଟରେ ଏ ସଂକ୍ରାନ୍ତରେ ଏକ ଅଭିଯୋଗ ଆସିବା ପରେ ଡାଇରେକ୍ଟୋରେଟ ଜେନେରାଲ ଅଫ୍ ଆଣ୍ଟି ପ୍ରଫିଟିୟରିଂ(ଡିଜିଏପି) ପି ଆଣ୍ଡ ଜିର ୨୦୧୭ ନଭେମ୍ବର ୧୫ ପୂର୍ବ ଏବଂ ପର ଆକାଉଣ୍ଟ ଯାଞ୍ଚ ଆରମ୍ଭ କରିଥିଲା। ଜିଏସ୍‌ଟି କାଉନସିଲର ନିଷ୍ପତ୍ତି ସତ୍ତ୍ୱେ ଏହି କଞ୍ଜ୍ୟୁମର ଗୁଡ୍ସ ମାନୁଫାକଚରିଂ କମ୍ପାନୀ କେତେକ ସାମଗ୍ରୀର ଦରକୁ ୨୮ରୁ ୧୮%କୁ ହ୍ରାସ କରି ନଥିଲା ବୋଲି ଜଣାପଡିଛି। ଡିଜିଏପି ରିପୋର୍ଟରେ ପି ଆଣ୍ଡ ଜି ୨୫୦ କୋଟି ଟଙ୍କା ଫାଇଦା ପାଇଛି ବୋଲି ଦର୍ଶାଯାଇଛି।



> କ୍ଲିନମ୍ୟାକ୍ସ ସୋଲାର ଆସନ୍ତା ବର୍ଷକ ମଧ୍ୟରେ ସୋଲାର କ୍ଷମତାକୁ ୫୦୦ ମେଗାୱାଟକୁ ବୃଦ୍ଧି କରିବାର ଯୋଜନା ରହିଛି।
> –କୁଲଦୀପ ଜୈନ, ଏମ୍‌ଡି, କ୍ଲିନମ୍ୟାକ୍ସ ସୋଲାର



> ଇରାନ ବିରୋଧରେ ଆମେରିକାର କଟକଣା କୋହଳ ପ୍ରତ୍ୟାହାର ହେବା ଦ୍ୱାରା ଭାରତର ରପ୍ତାନି ପ୍ରଭାବିତ ହେବ।
> – ମୋହିତ ସିଙ୍ଗଲା, ଅଧ୍ୟକ୍ଷ, ଟ୍ରେଡ ପ୍ରମୋଶନ କାଉନସିଲ ଅଫ୍ ଇଣ୍ଡିଆ

# ଜେଟ୍ ପୁନରୁଦ୍ଧାର ଆଶା କ୍ଷୀଣ

ନୂଆଦିଲ୍ଲୀ,୨୩-୪

ଜେଟ୍ ଏୟାରୱେଜର ପୁନରୁଦ୍ଧାର ଆଶା କ୍ଷୀଣ ହେବାରେ ଲାଗିଛି। ଏହାର ବିମାନ ପୁଣିଥରେ ଉଡ଼ିବାର ସମ୍ଭାବନା ନ ଥିଲା ଭଳି ମନେ ହେଉଛି। କାରଣ ଏହି କମ୍ପାନୀରେ ପୁଞ୍ଜିନିବେଶ ସମ୍ଭାବନା ଖୋଜୁଥିବା ଏଟିହାଦ ଏୟାରୱେଜ, ଟିପିଜି କ୍ୟାପିଟାଲ ଏବଂ ଇଣ୍ଡିଗୋ ପାର୍ଟନର୍ସ ଜେଟ୍‌କୁ ନେଇ ବିଶେଷ ଆଶାବାଦୀ ନୁହନ୍ତି। ଏହାଛଡ଼ା ଜେଟ୍‌ର ବିଡିଂ ପ୍ରକ୍ରିୟାକୁ ନେଇ ସେମାନଙ୍କ ମନରେ ଉଠିଥିବା କେତେକ ପ୍ରଶ୍ନର ଉତ୍ତର ସେମାନଙ୍କୁ ମିଳିନାହିଁ। ଏଥିସହିତ କେନ୍ଦ୍ର ସରକାର ଜେଟ୍‌ର ଉଡ଼ାଣ ସ୍ଲଟ୍‌କୁ ଅନ୍ୟ ଏୟାରଲାଇନ୍ସକୁ ବଣ୍ଟନ କରିବାକୁ ନିଷ୍ପତ୍ତି ନେବା ପରେ ବିଡିଂ ପ୍ରକ୍ରିୟାରେ ସାମିଲ କମ୍ପାନୀଗୁଡିକ ହତୋତ୍ସାହିତ ହୋଇଛନ୍ତି। ଏତେ ସବୁ ନକାରାତ୍ମକ ଦିଗ ଭିତରେ ପୁଞ୍ଜିନିବେଶରୁ ଫାଇଦା ମିଳିବ ନାହିଁ ବୋଲି ମନେ କରି ସେମାନେ ବିଡିଂ ପ୍ରକ୍ରିୟାରୁ ପଛଘୁଞ୍ଚା ଦେଲେଣି। ସେମାନେ ବିଡିଂ ପ୍ରକ୍ରିୟାରେ ସାମିଲ ନ ହେବା ନେଇ ବିଚାର କରୁଛନ୍ତି।




ଜେଟ୍ ଋଣପ୍ରଦାନକାରୀ ଓ ବିଡ୍ ପ୍ରକ୍ରିୟା ଚଳାଉଥିବା ଏସ୍‌ବିଆଇ କ୍ୟାପିଟାଲ ମାର୍କେଟସ ଡ୍ୟୁ ଡିଲିଜେନ୍ସ ପ୍ରୋସେସ୍ ଆରମ୍ଭ କରିଛି। ନିବେଶକ ମେ ୧୦ ତାରିଖ ସୁଦ୍ଧା ସେମାନଙ୍କର ବିଡ୍ ଦାଖଲ କରିପାରିବେ। ବିଡ୍ ପ୍ରକ୍ରିୟା ସହ ଜଡ଼ିତ ଜଣେ ଅଧିକାରୀ କହିଛନ୍ତି ଯେ, ଜେଟ୍‌ର ୪୦୦ରୁ ଅଧିକ ଲାଭଜନକ ସ୍ଲଟ୍ ଅନ୍ୟ ଏୟାରଲାଇନ୍ସକୁ ମିଳୁଥିବାରୁ ନିବେଶକମାନେ ନିରାଶ ହୋଇଛନ୍ତି। ସେମାନେ ଜେଟ୍‌ରେ ନିବେଶ କରି କ'ଣ ପାଇବେ ସେ ନେଇ ପ୍ରଶ୍ନ କରିବା ଆରମ୍ଭ କଲେଣି। ତେବେ ସରକାର କହୁଛନ୍ତି ଅସ୍ଥାୟୀ ଭାବେ ଏହା ଦିଆଯାଉଛି। କିନ୍ତୁ ସରକାରଙ୍କ କଥାରେ ନିବେଶକମାନେ ସନ୍ତୁଷ୍ଟ ନୁହନ୍ତି। କାରଣ ଦିଆଯାଇଥିବା ସ୍ଲଟ ଫେରସ୍ତ ପାଇବା ସେତେଟା ସହଜ ନୁହେଁ। ଏହାଛଡ଼ା ବିମାନକୁ ଲିଜ୍‌ରେ ଦିଆଯାଉଛି। ଏହି କାରଣରୁ ଜେଟ୍‌ରେ ନିବେଶ କରିବା ଦ୍ୱାରା ଫାଇଦା ମିଳିବାର ସମ୍ଭାବନା କମ୍ ବୋଲି ସେମାନେ ବିଚାର କରୁଛନ୍ତି। ଏହାଛଡ଼ା ଋଣପ୍ରଦାନକାରୀଙ୍କ ନିକଟରେ ଏବେ ମଧ୍ୟ ୩୧% ଶେୟାର ରହିଛି, ଯାହାକୁ ନରେଶ ଗୋୟଲ ବନ୍ଧା ରଖିଛନ୍ତି। ସେହିପରି ଋଣପ୍ରଦାନକାରୀ ଜରୁରୀ ପାଣ୍ଠି ନ ଦେବା ପଛରେ ରହିଥିବା ରହସ୍ୟ ସେମାନେ ବୁଝିପାରୁନ ଥିବାରୁ ନିବେଶକମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି।

**▶ଅନ୍ୟ କମ୍ପାନୀକୁ ସ୍ଲଟ୍ ପ୍ରଦାନ ଅସ୍ଥାୟୀ : ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ**

ଜେଟ୍ ଏୟାରୱେର ସ୍ଲଟକୁ ନେଇ ବିବାଦ ଉପୁଜୁଥିବା ବେଳେ ଏହାକୁ ନେଇ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ନିଜର ପ୍ରତିକ୍ରିୟା ରଖିଛି। ବିମାନ କମ୍ପାନୀର ସ୍ଲଟକୁ ଅସ୍ଥାୟୀ ଭାବେ ଅନ୍ୟ ସଂସ୍ଥାକୁ ଦିଆଯାଉଛି ବୋଲି ମନ୍ତ୍ରଣାଳୟ ପ୍ରକାଶ କରିଛି। ଜେଟ୍ ପରିଚାଳନା ସ୍ଥିତିକୁ ଆସିଗଲେ ସ୍ଲଟ୍‌ଗୁଡିକ ପୁଣି ଥରେ ଏହାକୁ ଦିଆଯିବା ନେଇ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି।

**▶ସ୍ଲଟ୍ ପ୍ରସଙ୍ଗକୁ ନେଇ କର୍ମଚାରୀ ଅସନ୍ତୁଷ୍ଟ**

ଜେଟ୍‌ର ଭାଗରେ ପଡିଥିବା ସ୍ଲଟ୍‌କୁ ଅନ୍ୟ ସଂସ୍ଥାଗୁଡିକୁ ପ୍ରଦାନ କରିବା ଯୋଗୁ କର୍ମଚାରୀମାନେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଜେଟ୍‌ର ବିଡିଂ ପ୍ରକ୍ରିୟା ନ ଶେଷ ହେବା ଯାଏ ଏହାର ସ୍ଲଟ୍‌କୁ ଅନ୍ୟ କୌଣସି କମ୍ପାନୀକୁ ନ ଦିଆଯାଉ ବୋଲି କର୍ମଚାରୀ ସଂଘ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ ନିବେଦନ କରିଛି।

**▶ବିମାନ ଯାତ୍ରା ଅଭିବୃଦ୍ଧି ପ୍ରଭାବିତ**

ଗତ ୫୪ ମାସ ଧରି ଘରୋଇ ବିମାନ ଶିଳ୍ପରେ ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ଧାରା ଲାଗି ରହିଥିବା ବେଳେ ଜେଟ୍ ଉଡାଣ ଅନିର୍ଦ୍ଦିଷ୍ଟ କାଳ ଲାଗି ବନ୍ଦ ରହିବା ଯୋଗୁ ଏହା ପ୍ରଭାବିତ ହୋଇଛି। ୨୦୧୯ରେ ଦେଶ ମଧ୍ୟରେ ୧.୧୫ କୋଟି ଲୋକ ବିମାନ ଯାତ୍ରା କରିଥିଲେ। ଏହା ଗତ ବର୍ଷ ତୁଳନାରେ ମାତ୍ର ୦.୧% ଅଧିକ ରହିଛି। ଅପରପକ୍ଷରେ ଦେଶ ମଧ୍ୟରେ ଫ୍ଲାଇଟ୍ ସଂଖ୍ୟା କମିବା ଯୋଗୁ ଏଭଳି ସ୍ଥିତି ଉପୁଜିଛି।

**▶ଇସ୍ତଫା ଦେଇସାରିଛନ୍ତି ଜେଟ୍‌ର ୪୧୦ ପାଇଲଟ**

ଜେଟ୍ ଏୟାରୱେଜ ପୁଣିଥରେ ଉଡ଼ିବା ନେଇ ସଂଶୟ ରହିଛି। ଗତ ୭ ମାସ ମଧ୍ୟରେ ୪୧୦ ଜଣ ପାଇଲଟ ଓ କ୍ୟାପ୍ଟେନ ଚାକିରି ଛାଡ଼ିଛନ୍ତି। ଏବେ ଜେଟ୍ ନିକଟରେ ୧୫୨୭ ପାଇଲଟ ରହିଛନ୍ତି ବୋଲି ଏୟାରଲାଇନର ପାଇଲଟ ସଂଘ, ନ୍ୟାଶନାଲ ଏଭିଏଟର୍ସ ଗିଲ୍ଡ କହିଛି। କିଛି ବିମାନକୁ ଏହାର ବିମାନ ପରିଚାଳନା ଦଳ ସହିତ ଅନ୍ୟ ଏୟାରଲାଇନ୍ସକୁ ଭଡ଼ାରେ ଦିଆଯିବାର ପ୍ରସ୍ତାବ ରହିଛି।



# ହୋଣ୍ଡାର ନୂଆ ଆମେଜ୍ ଭିଏକ୍ସ ସିଭିଟି

ନୂଆଦିଲ୍ଲୀ,୨୩-୪

ପ୍ରମୁଖ ଅଟୋମୋବାଇଲ ମାନୁଫାକ୍ଚରର ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡ(ଏଚ୍‌ସିଆଇଏଲ୍) ପକ୍ଷରୁ ନୂଆ ଆମେଜ୍ ଭିଏକ୍ସ ସିଭିଟି ବଜାରକୁ ଆସିଛି। ହୋଣ୍ଡା ଆମେଜ୍ ଫ୍ୟାମିଲି ସେଡାନ୍ ବର୍ଗରେ କମ୍ପାନୀର ଏକ ଲୋକପ୍ରିୟ ବ୍ରାଣ୍ଡ ହୋଇଥିବା ବେଳେ ଏଥିରେ ଏକ ନୂଆ ଗ୍ରେଡ୍ ଯୋଡିହୋଇଛି। ଉଭୟ ପେଟ୍ରୋଲ ଏବଂ ଡିଜେଲ ଭାରିଆଣ୍ଟରେ ଏହା ଉପଲବ୍ଧ। ଏସ୍ ଏବଂ ଭି ଗ୍ରେଡ୍‌ରେ ସିଭିଟି ଭାରିଆଣ୍ଟ ଉପଲବ୍ଧ ହେବ ବୋଲି କମ୍ପାନୀ ପ୍ରକାଶ କରିଛି। ଏହି ସେଗ୍‌ମେଣ୍ଟରେ ଦ୍ୱିତୀୟ ପିଢି ହୋଣ୍ଡା ଆମେଜ ଏକ ଲୋକପ୍ରିୟ ମଡେଲ ହୋଇ ପାରିଛି ବୋଲି କମ୍ପାନୀର ବିକ୍ରି ଓ ମାର୍କେଟିଂ ନିର୍ଦ୍ଦେଶକ ତଥା ବରିଷ୍ଠ ଉପସଭାପତି ରାଜେଶ ଗୋଏଲ ସୂଚନା ଦେଇଛନ୍ତି। ପେଟ୍ରୋଲ ଏବଂ ଡିଜେଲ ବର୍ଗରେ ଗ୍ରାହକମାନେ ଅତ୍ୟାଧୁନିକ ସିଭିଟି ମଡେଲ ପ୍ରତି ଆଗ୍ରହ ଦେଖାଉଛନ୍ତି। ଏଭଳି ପ୍ରସଙ୍ଗକୁ ଧ୍ୟାନରେ ରଖି ନୂଆ ମଡେଲଟିକୁ ବଜାରକୁ ଆଣିଛୁ ବୋଲି ଗୋଏଲ କହିଛନ୍ତି। ନୂଆ ମଡେଲଟିରେ ଅତ୍ୟାଧୁନିକ ଇନଫୋଟେନମେଣ୍ଟ ସିଷ୍ଟମ, ସାଟେଲାଇଟ ସଂଯୁକ୍ତ ହୋଇଥିବା ଟର୍ନ ସିଷ୍ଟମ, ଅଗ୍ରଣୀ ସ୍ମାର୍ଟଫୋନ କନେକ୍ଟିଭିଟି, ଆଇଆର୍ ରିମୋଟ କଣ୍ଟ୍ରୋଲ, ଅତିରିକ୍ତ ୟୁଏସ୍‌ବି ଇନ୍‌ପୋର୍ଟ, ରିୟର କ୍ୟାମେରା ଗାଇଡ୍ ଭଳି ବୈଶିଷ୍ଟ୍ୟ ଗ୍ରାହକ ଏଥିରେ ଲାଭ କରିପାରିବେ।




## ରେନୋ ପକ୍ଷରୁ ସମର ସର୍ଭିସ କ୍ୟାମ୍ପ

ଭୁବନେଶ୍ୱର,୨୩-୪

**୨୮ ଏପ୍ରିଲ ଯାଏ ଚାଲିବ**

RENAULT Passion for life

ୟୁରୋପୀୟ ଅଟୋମୋଟିଭ୍ ବ୍ରାଣ୍ଡ ରେନୋ ଇଣ୍ଡିଆ ପକ୍ଷରୁ ଦେଶବ୍ୟାପୀ ସମର ସର୍ଭିସ କ୍ୟାମ୍ପର ଶୁଭାରମ୍ଭ ଘୋଷଣା କରାଯାଇଛି। ଏହା ଚଳିତ ମାସ ୨୨ ଠାରୁ ୨୮ ଯାଏ କମ୍ପାନୀର ସର୍ଭିସ ଫାସିଲିଟିଗୁଡିକରେ ଅନୁଷ୍ଠିତ ହେବ। ଗ୍ରାହକ ସନ୍ତୁଷ୍ଟି ପଦକ୍ଷେପ ବୃଦ୍ଧି ସ୍ୱରୂପ କମ୍ପାନୀ ଉନ୍ନତ ବିକ୍ରି ପରବର୍ତ୍ତୀ ସେବା ଯୋଗାଣକୁ ଏହା ଦ୍ୱାରା ଧ୍ୟାନରେ ରଖିବ। ଏହାକୁ କମ୍ପାନୀର ୪୫୦ ଟଚ୍ ପଏଣ୍ଟରେ ଆରମ୍ଭ କରାଯାଇଛି। ଅଭିଜ୍ଞ ସର୍ଭିସ ଟେକ୍ନିସିଆନଙ୍କ ଦ୍ୱାରା ଯାନର ସର୍ଭିସ ସୁବିଧା ଯୋଗାଇଦିଆଯିବ। ଏହି ସମୟରେ ଗ୍ରାହକମାନେ ବଛା ଆସେସୋରିଜ ଉପରେ ୫୦% ପର୍ଯ୍ୟନ୍ତ ରିହାତି, ପାର୍ଟସ ଉପରେ ୧୦% ରିହାତି, ଲେବର ଚାର୍ଜ ଏବଂ ଅନ୍ୟାନ୍ୟ ଭାଲ୍ୟୁ ଆଡେଡ ସେବା ଉପରେ ୧୫% ସହ ରେନୋ ସୁକ୍ୟୁର ଦ୍ୱାରା ୧୦% ରିହାତି ପାଇବାର ସୁବିଧା କରାଯାଇଛି। ଏହାବାଦ ଟାୟାର ଏବଂ ଇଞ୍ଜିନ ଅଏଲ ପରିବର୍ତ୍ତନ ଉପରେ ରିହାତି ଦିଆଯାଉଛି। ମାଇଁ ରେନୋ ଆପ୍ ଡାଉନଲୋଡ କରିଥିବା ଗ୍ରାହକଙ୍କ ପାଇଁ ଅତିରିକ୍ତ ରିହାତି ସୁବିଧା ଦିଆଯିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

## ଜେଏମ୍‌ଜି ହିରୋରେ ଗ୍ରାହକ ସମ୍ମିଳନୀ




କଟକ,୨୩-୪

ପ୍ରମୁଖ ଦୁଇଚକିଆ ଯାନ ନିର୍ମାତା ହିରୋ ମୋଟୋକର୍ପ ଲିମିଟେଡର ଅଧିକୃତ ବିକ୍ରେତା ଜେଏମ୍‌ଜି ହିରୋ ପକ୍ଷରୁ ଗୁଡ୍ ଲାଇଫ ଗ୍ରାହକମାନଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ୭୦ ଜଣଙ୍କୁ ଏଠାରେ କମ୍ପାନୀ ପକ୍ଷରୁ ପୁରସ୍କୃତ କରାଯାଇଛି। ଜେଏମ୍‌ଜି ଅଟୋମୋବାଇଲର ସ୍ୱତ୍ତ୍ୱାଧିକାରୀ ପ୍ରଦୀପ ଅଗ୍ରୱାଲ ଉପସ୍ଥିତ ରହି ଗ୍ରାହକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କମ୍ପାନୀର ଗୁଡ୍‌ଲାଇଫ ଯୋଜନା ଗ୍ରାହକଙ୍କ ପାଇଁ କାର୍ଯ୍ୟକାରୀ କରାଯାଇଥିବା ଅଗ୍ରୱାଲ କହିଛନ୍ତି। ଏହା ଦ୍ୱାରା ସେବା, ବିକ୍ରି ଓ ଯନ୍ତ୍ରାଂଶ କ୍ରୟ ଉପରେ ଗ୍ରାହକ ପଏଣ୍ଟ ଲାଭ କରିପାରିବେ। ଗ୍ରାହକଙ୍କ ସହ ଯୋଡି ହୋଇ ରହିବା ଲାଗି ଏହା ଏକ ଯୋଜନା ବୋଲି ଅଗ୍ରୱାଲ ପ୍ରକାଶ କରିଛନ୍ତି।

## ୨୬% ହାରରେ କମୁଛି ନିଯୁକ୍ତି

ନୂଆଦିଲ୍ଲୀ,୨୩-୪

ବିଗତ କିଛି ମାସ ହେବ ଦେଶରେ ଧିମା ହୋଇଛି ନିଯୁକ୍ତି। କର୍ମଚାରୀ ଭବିଷ୍ୟନିଧି ସଂଗଠନ(ଇପିଏଫଓ)ର ସଦ୍ୟତମ ପରିସଂଖ୍ୟାନକୁ ଅନୁଧ୍ୟାନ କଲେ ଏହା ଜଣାପଡୁଛି। ଗତବର୍ଷ ଅକ୍ଟୋବରରୁ ସଂଗଠିତ କ୍ଷେତ୍ରରେ ନିଯୁକ୍ତି ସୃଷ୍ଟି ହାରାହାରି ୨୬% ହାରରେ କମିବାରେ ଲାଗିଛି। ତେବେ କେବଳ ନଭେମ୍ବର ୨୦୧୮ରେ ହାରାହାରି ୧୨୬୨ ନୂଆ ନିଯୁକ୍ତି ସୃଷ୍ଟି ହୋଇଥିଲା।

ସୂଚନାଯୋଗ୍ୟ ଯେ, ଇପିଏଫ୍‌ଓ ପକ୍ଷରୁ ୨୦୧୭ ସେପ୍ଟେମ୍ବରରୁ ନୂଆ ନିଯୁକ୍ତି ସୃଷ୍ଟିର ପରିସଂଖ୍ୟାନ ସଂଗ୍ରହ କରାଯାଉଛି। ସେପ୍ଟେମ୍ବର ୨୦୧୭ରୁ ଫେବୃୟାରୀ ୨୦୧୯ ମଧ୍ୟରେ ମିଳିଥିବା ତଥ୍ୟରୁ ଜଣାପଡୁଛି ଯେ, ନିଯୁକ୍ତି ସୃଷ୍ଟି ଧିମା ହେବାରେ ଲାଗିଛି। ଗତବର୍ଷ ଅକ୍ଟୋବରରେ ଜାରି ତଥ୍ୟ ଅନୁଯାୟୀ, ସେପ୍ଟେମ୍ବର ୨୦୧୭ରୁ ଅଗଷ୍ଟ ୨୦୧୮ ମଧ୍ୟରେ ୬.୧୦ ଲକ୍ଷ ପ୍ରତି ମାସରେ ନୂଆ ନିଯୁକ୍ତି ସୃଷ୍ଟି ହୋଇଛି। ସେହିପରି ନଭେମ୍ବରରେ ଏହା ମାତ୍ର ୧୨୬୨ ହୋଇଥିଲା। ତେବେ ୨୦୧୭ ସେପ୍ଟେମ୍ବରରୁ ଅକ୍ଟୋବର ୨୦୧୮ ମଧ୍ୟରେ ୫.୬୫ ଲକ୍ଷ ପ୍ରତିମାସରେ ନୂଆ ରୋଜଗାର ସୃଷ୍ଟି ହୋଇଥିଲା। ଏଭଳି ଭାବେ ଚଳିତବର୍ଷ ଜାନୁୟାରୀରେ ଜାରି ତଥ୍ୟ ଅନୁଯାୟୀ, ସେପ୍ଟେମ୍ବର ୨୦୧୭ରୁ ୨୦୧୮ ନଭେମ୍ବର ମଧ୍ୟରେ ପ୍ରତି ମାସରେ ୪.୯୦ ଲକ୍ଷ ରୋଜଗାର ସୃଷ୍ଟି ହୋଇଥିଲା।

# ଅନ୍ୟ ଦେଶରୁ ତେଲ କିଣାଯିବ: ଧର୍ମେନ୍ଦ୍ର

ନୂଆଦିଲ୍ଲୀ,୨୩-୪

ଆସନ୍ତା ମେ' ୨ ପରେ ଭାରତ ସମେତ ୮ଟି ଦେଶ ଇରାନରୁ ଅଶୋଧିତ ତେଲ କିଣିପାରିବେ ନାହିଁ। ଏ ସଂକ୍ରାନ୍ତରେ ପୂର୍ବରୁ ଆମେରିକା କଟକଣା କୋହଳ କରିଥିଲା। ତେବେ ଉକ୍ତ ତାରିଖ ପରେ କଟକଣା ପୁନର୍ବାର ଲାଗୁ ହେବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଷ୍ପତ୍ତି ନେବା ପରେ ଭାରତ ବିକଳ୍ପ ପନ୍ଥା ବାହାର କରିଛି। ତୈଳ ଯୋଗାଣକାରୀ ଅନ୍ୟ ବୃହତ୍ ଦେଶରୁ ଭାରତ ତା'ର ନିୟଣ୍ଟ ଭରଣା କରିବ ବୋଲି ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏ ସଂକ୍ରାନ୍ତରେ ସେ ଟୁଇଟ୍ କରି କହିଛନ୍ତି ଯେ, ଭାରତ ଏହାର ତୈଳ ଆବଶ୍ୟକତା ପୂରଣ ପାଇଁ ଯୋଜନା ପ୍ରସ୍ତୁତ କରିସାରିଛି। ଦେଶର ତୈଳ ବିଶୋଧନାଗାରକୁ ତେଲ ଯୋଗାଣ ବଜାୟ ରଖିବା ଲାଗି ଅନ୍ୟ ତୈଳ ଯୋଗାଣକାରୀ ଦେଶଠାରୁ ଅତିରିକ୍ତ ତେଲ କିଣାଯିବ। ଦେଶର ରିଫାଇନେରିଗୁଡ଼ିକ ପେଟ୍ରୋଲ, ଡିଜେଲ ଓ ଅନ୍ୟ ପେଟ୍ରୋଲିୟମ ପଦାର୍ଥ ଚାହିଦା ପୂରଣ କରିବାରେ ସମ୍ପୂର୍ଣ୍ଣ ସମର୍ଥ ବୋଲି ଧର୍ମେନ୍ଦ୍ର ଟୁଇଟ୍‌ରେ ଦର୍ଶାଇଛନ୍ତି। ସୂଚନାଥାଉ କି, ଆମେରିକା ୨୦୧୮ ନଭେମ୍ବରରେ ଇରାନ ବିରୋଧରେ ସମ୍ପୂର୍ଣ୍ଣ କଟକଣା ଲାଗୁ କରିଥିଲା। ତେବେ ଭାରତ, ଚାଇନା, ଜାପାନ, ଦକ୍ଷିଣ କୋରିଆ, ତୁର୍କୀ ଆଦି ଦେଶକୁ ଚଳିତବର୍ଷ ମେ' ପହିଲା ପର୍ଯ୍ୟନ୍ତ ତେଲ କିଣିବାକୁ ଏହା ଅନୁମତି ଦେଇଥିଲା। କିନ୍ତୁ ସୋମବାର ଟ୍ରମ୍ପ ଆଉ ସମୟ ବୃଦ୍ଧି କରିବାକୁ ରାଜି ନୁହନ୍ତି ବୋଲି ଜଣାଇ ଦେଇଛନ୍ତି।



ଧର୍ମେନ୍ଦ୍ର ପ୍ରଧାନ।

**ଇରାନ ତେଲ କଟକଣା**



### କେଉଁ କେଉଁ କ୍ଷେତ୍ର ହେବ ପ୍ରଭାବିତ

ଇରାନଠାରୁ ତେଲ ଆମଦାନି ବନ୍ଦ କରିବାକୁ ଭାରତ ସମେତ ୮ ଦେଶକୁ ଆମେରିକା ନିର୍ଦ୍ଦେଶ ଦେବା ପରେ ଏହାର ପ୍ରଭାବ ଅନ୍ତର୍ଜାତୀୟ ବଜାର ଉପରେ ପଡିଛି। ମଙ୍ଗଳବାର ଅଶୋଧିତ ତେଲ ପାଞ୍ଚ ମାସର ସର୍ବୋଚ୍ଚ ସ୍ତର ଛୁଇଁଛି। ଆମେରିକାର ଏଭଳି ନିଷ୍ପତ୍ତି ଭାରତୀୟ ଅର୍ଥ ବ୍ୟବସ୍ଥା ଏବଂ ବିତ୍ତୀୟ ଶୃଙ୍ଖଳା ଉପରେ ପ୍ରତିକୂଳ ପ୍ରଭାବ ପକାଇବ ବୋଲି ବଜାର ବିଶେଷଜ୍ଞମାନେ ଆଶଙ୍କା ପ୍ରକଟ କରିଛନ୍ତି। ଜୁନ୍ ମାସର ଡେଲିଭରି ଲାଗି ଥିବା ବ୍ରେଣ୍ଟ ଫ୍ୟୁଚର ଦର ୦.୬% ବୃଦ୍ଧି ଘଟି ବ୍ୟାରେଲ ପିଛା ୭୪.୫୧ ଡଲାର ଛୁଇଁଛି। ୩୧ ଡିସେମ୍ବରରେ ଏହା ବ୍ୟାରେଲ ପିଛା ୫୪.୫୭ ଡଲାର ଥିଲା। ଏହାବାଦ ବ୍ରେଣ୍ଟ ନର୍ଥ ତୈଳ ମଙ୍ଗଳବାର ବ୍ୟାରେଲ ପିଛା ୭୪.୭୦ ଡଲାର ରହିଛି। ଏହା ନଭେମ୍ବର ପରଠାରୁ ସର୍ବୋଚ୍ଚ ସ୍ତର। ଅପରପକ୍ଷରେ ଡବ୍ଲ୍ୟୁଟିଆଇ ମଧ୍ୟ ୬ ମାସର ସର୍ବୋଚ୍ଚ ସ୍ତର ୬୬.୧୯ ଡଲାର ଛୁଇଁଥିବା ଜଣାଯାଇଛି। ଏହାର ପ୍ରଭାବ ଭାରତ ବଜାରର ଅନ୍ୟ କ୍ଷେତ୍ର ଉପରେ ମଧ୍ୟ ଦେଖିବାକୁ ମିଳିଛି।

### ଶେୟାର ବଜାର

ସୋମବାର ଆମେରିକାର ଏଭଳି ନିଷ୍ପତ୍ତି ଶେୟାର ବଜାର ଉପରେ ତତ୍କାଳ ପ୍ରଭାବ ପକାଇଛି। ଚଳିତ ବର୍ଷ ଦେଶର ପୁଞ୍ଜିବଜାରରେ ବିଦେଶୀ ନିବେଶକମାନେ ମୋଟ ୬୩,୦୦୦ କୋଟି ଟଙ୍କାର ନିବେଶ କରିଛନ୍ତି। ଅଶୋଧିତ ତୈଳ ଲଗାତର ବୃଦ୍ଧି ଘଟିଲେ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ପ୍ରଭାବିତ ହେବ। ଏହା ଦ୍ୱାରା ବିଦେଶୀ ନିବେଶ ଉପରେ ପ୍ରତିକୂଳ ପ୍ରଭାବ ପଡିବ ବୋଲି ଆଶଙ୍କା କରାଯାଉଛି।

### ବିଦେଶୀ ନିବେଶ

ଭାରତ ଏହାର ବ୍ୟବହାର ଲାଗି ୮୦% ତୈଳ ଆମଦାନୀ କରିଥାଏ। ଅଶୋଧିତ ତୈଳ ଦର ବୃଦ୍ଧି ଯୋଗୁ ଡଲାର ଚାହିଦା ବୃଦ୍ଧି ଘଟିବ। ଟଙ୍କାର ମୂଲ୍ୟ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡ଼ିବ। ଟଙ୍କା ଦୁର୍ବଳ ହେବା ଯୋଗୁ ବିଦେଶୀ ନିବେଶକଙ୍କୁ ଡଲାରର ରିଟର୍ନ କମିବ।

### ଚଳନ୍ତି ଖାତା ନିଅଣ୍ଟ

ଆକଳନ ମୁତାବକ ଅଶୋଧିତ ତୈଳ ବ୍ୟାରେଲ ପିଛା ୧୦ ଡଲାର ବଢିଲେ ଏହା ଦେଶର ଚଳନ୍ତି ଖାତା ନିଅଣ୍ଟ(ସିଏଡି) ଉପରେ ପ୍ରତିକୂଳ ସ୍ଥିତି ଉପୁଜାଇବ। ଏହାଯୋଗୁ ସିଏଡି ଦେଶର ଜିଡିପି ତୁଳନାରେ ୦.୪% ବୃଦ୍ଧି ଘଟିପାରେ। ଏହା ଦରଦାମ ଉପରେ ମଧ୍ୟ ୦.୨୦% ପ୍ରଭାବ ପକାଇବ ବୋଲି ଆକଳନ କରାଯାଇଛି।

### ରିଜର୍ଭ ବ୍ୟାଙ୍କ ସୁଧହାର

ସିଏଡି ଏବଂ ଦରଦାମ ପ୍ରଭାବିତ ହେଲେ ଏହା ରିଜର୍ଭ ବ୍ୟାଙ୍କର ମୁଦ୍ରାନୀତି ଉପରେ ପ୍ରଭାବ ପକାଇପାରେ। ଏଭଳି ସ୍ଥିତିକୁ ଦେଖି ରିଜର୍ଭ ବ୍ୟାଙ୍କ ସୁଧହାର ବଢାଇପାରେ। ଫଳରେ ଘରୋଇ ବଜାରର ଅସୁବିଧା ଆହୁରି ବଢିପାରେ। ଜୁନରେ ସୁଧହାର ହ୍ରାସ ହେବା ନେଇ ବଜାର ଆଶା ରଖିଥିବା ବେଳେ ଏହା ଉପରେ ବର୍ତ୍ତମାନର ସ୍ଥିତି କ'ଣ ପ୍ରଭାବ ପକାଉଛି ତାହା ଦେଖିବାକୁ ବାକି ରହିଲା।

### ଶିଳ୍ପଗୁଡିକର ଖର୍ଚ୍ଚ

ଆମେରିକାର ନିଷ୍ପତ୍ତି ଦ୍ୱାରା ରସାୟନ, ଅଟୋମୋବାଇଲ, କଞ୍ଜ୍ୟୁମର ଷ୍ଟେପଲ୍ସ, ପେଣ୍ଟ ଏବଂ ଲୁବ୍ରିକାଣ୍ଟ ଭଳି ଶିଳ୍ପର ପରିଚାଳନା ପୁଞ୍ଜି, କଞ୍ଚାମାଲ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ବଢିବ। ବିଶେଷଜ୍ଞଙ୍କ ଆକଳନ ଅନୁସାରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୮୦ରୁ ୮୫ ଡଲାର ଛୁଇଁପାରେ। ଏହା ହେଲେ ଶିଳ୍ପଗୁଡିକ କେତେକ ଦ୍ୱରିତ ସମସ୍ୟା ସାମ୍ନା କରିବେ।

> ଆସନ୍ତା ବିଶ୍ୱକପ୍ ପାଇଁ ଆମ ଦଳକୁ ଅଣ୍ଡର ଡଗ୍ ବିଚାରିଲେ ଭଲ। କାରଣ, ଏହାଦ୍ୱାରା ଆମ ଖେଳାଳିମାନେ କମ୍ ଚାପରେ ରହିବେ ।
> —ସର୍ଫରାଜ ଅହମ୍ମଦ, ପାକିସ୍ତାନ ଅଧିନାୟକ



> ଫର୍ମରେ ଥିବା ଭାରତ ଏକ ସନ୍ତୁଳିତ ଦଳ ହୋଇଥିବାରୁ ଆସନ୍ତା କ୍ରିକେଟ ବିଶ୍ୱକପ୍‌ରେ ସେମିଫାଇନାଲ ପ୍ରବେଶ ନିଶ୍ଚିତ ମନେ ହେଉଛି ।
> —ଚାମିଣ୍ଡା ଭାସ୍, ପୂର୍ବତନ ଶ୍ରୀଲଙ୍କା ଅଧିନାୟକ



## ସଂକ୍ଷେପରେ

### ଶିବାଙ୍କୁ କ୍ରମାଗତ ୪ର୍ଥ ଏସିଆନ୍ ପଦକ

**ବ୍ୟାଙ୍କକ୍,୨୩।୪(ପିଟି):** ଶିବା ଥାପ୍ପା (୬୦ କି.ଗ୍ରା.) କ୍ରମାଗତ ୪ର୍ଥ ଥର ପାଇଁ ଏସିଆନ୍ ବକ୍ସିଂ ପଦକ ନିଶ୍ଚିତ କରିଛନ୍ତି। ତାଙ୍କ ଭଳି ଏଲ୍. ସରିତା ଦେବୀ (୬୦ କି.ଗ୍ରା.) ମଧ୍ୟ ଏଠାରେ ଚାଲିଥିବା ଏସିଆନ ବକ୍ସିଂ ଚାମ୍ପିୟନଶିପ୍‌ର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୨୫ ବର୍ଷୀୟ ଥାପ୍ପା ଏକତରଫା ମୁକାବିଲାରେ ଥାଇଲାଣ୍ଡର ରୁଜାକ୍ରାନ ଜୁଣ୍ଟରଙ୍ଗଙ୍କୁ ହରାଇ ଦେଇଛନ୍ତି। ସେ ସେମି ଫାଇନାଲ ପର୍ଯ୍ୟାୟରେ କାଜାଖସ୍ତାନର ଜାକିର ସାଫିଉଲିନଙ୍କୁ ଭେଟିବେ। ପୂର୍ବରୁ ଥାପ୍ପା ୨୦୧୩ ସଂସ୍କରଣରେ ସ୍ୱର୍ଣ୍ଣ, ୨୦୧୫ରେ ବ୍ରୋଞ୍ଜ ଓ ୨୦୧୭ରେ ରୌପ୍ୟ ପଦକ ଜିତିସାରିଛନ୍ତି। ମହିଳାଙ୍କ ମଧ୍ୟରେ ପୂର୍ବତନ ବିଶ୍ୱ ଚାମ୍ପିୟନ ସରିତା କାଜାଖସ୍ତାନର ରିମା ଭୋଲୋସେଙ୍କୋଙ୍କୁ ପରାସ୍ତ କରିଛନ୍ତି। ଏହି ବିଜୟ ବଳରେ ସେ ପ୍ରାୟ ୧୦ ବର୍ଷ ପରେ ଏସିଆନ୍ ବକ୍ସିଂ ଚାମ୍ପିୟନଶିପ୍‌ରେ ପଦକ ନିଶ୍ଚିତ କରିଛନ୍ତି।

### ଭାରତକୁ ମିଳିଲାନି ରୌପ୍ୟ ପଦକ

**ଦୋହା,୨୩।୪:** ଏଠାରେ ଚାଲିଥିବା ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଭାରତୀୟ ଦଳ ଏକ ରୌପ୍ୟ ପଦକରୁ ବଞ୍ଚିତ ରହିଛି। ପୁରୁଷ ୧୦,୦୦୦ ମିଟର ଦୌଡ଼ରେ ରୌପ୍ୟ ପଦକ ଜିତିଥିବା ବାହାରିନର ହାସନ ଚାନି ଇଭେଣ୍ଟରେ ଟେକ୍‌ନିକାଲ ନିୟମ ଭଙ୍ଗ କରିଥିଲେ। ଦୌଡ଼ିବା ବେଳେ ତାଙ୍କ ପଛ ଭାଗରେ ନମ୍ବର ଲଗାଇ ନ ଥିଲେ। ଏଣୁ ତାଙ୍କୁ ଅଯୋଗ୍ୟ ଘୋଷଣା କରାଯିବା ଉଚିତ। ଏ ନେଇ ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ଧାବକ ମୁରଲୀ କୁମାର ଗାଭିଟ ଓ ଭାରତୀୟ ଦଳ ଚାନିଙ୍କୁ ରୌପ୍ୟ ପଦକ ପ୍ରଦାନ କରାଯିବାକୁ ବିରୋଧ କରିଥିଲେ। କିନ୍ତୁ ଇଭେଣ୍ଟର ଟେକ୍‌ନିକାଲ ପ୍ରତିନିଧି ଭାରତୀୟ ଦଳର ଦାବିକୁ ପ୍ରତ୍ୟାଖ୍ୟାନ କରିଥିଲେ। ଅନ୍ତର୍ଜାତୀୟ ଆଥ୍‌ଲେଟିକ୍ସ ଫେଡେରେଶନ (ଆଇଏଏଏଫ୍) ପ୍ରତିଯୋଗିତା ନିୟମ ଅନୁଯାୟୀ, ପ୍ରତ୍ୟେକ ଆଥ୍‌ଲେଟ୍‌ଙ୍କୁ ଦୁଇଟି ନମ୍ବର ପ୍ରଦାନ କରାଯାଏ। ଗୋଟିଏ ଛାତିରେ ଓ ଅନ୍ୟଟି ପଛ ଭାଗରେ ଲଗାଯାଏ। ଏହି ନମ୍ବର ଗୁଡ଼ିକୁ କଟା କିମ୍ବା ଫୋଲ୍ଡ ଯାଇପାରିବ ନାହିଁ। ଏହି ନିୟମକୁ କାର୍ଯ୍ୟକାରୀ କରା ନ ଗଲେ ଆଥ୍‌ଲେଟ୍‌ଙ୍କୁ ଅଯୋଗ୍ୟ ଘୋଷିତ କରାଯିବ। କିନ୍ତୁ ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିୟନ୍ସଶିପ ଟେକ୍‌ନିକାଲ ପ୍ରତିନିଧି ବାହାରିନ ଧାବକଙ୍କୁ ଅଯୋଗ୍ୟ ଘୋଷଣା କରିବା ବଦଳରେ ଭାରତୀୟ ଦଳ ପକ୍ଷରୁ କରାଯାଇଥିବା ଦାବିକୁ ପ୍ରତ୍ୟାଖ୍ୟାନ କରିଥିଲେ। ଏଠାରେ ନିୟମ ଭଙ୍ଗ କରାଯାଇଛି। ତ୍ରୁଟି ପୂର୍ଣ୍ଣ ଆରମ୍ଭ କିମ୍ବା ଧାଡ଼ି ପରିବର୍ତ୍ତନ ଭଳି ନମ୍ବର ପରିଧାନ କରିବାରେ ତ୍ରୁଟି ହେଲେ ଆଥ୍‌ଲେଟ୍‌ଙ୍କୁ ଅଯୋଗ୍ୟ ଘୋଷଣା କରାଯାଇପାରିବ।




ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ହେପ୍‌ଟାଥଲନ ଜାଭେଲିନ୍ ଥ୍ରୋ ଅବସରରେ ଭାରତର ଦୁଇ ପ୍ରତିଯୋଗୀ ସ୍ୱପ୍ନା ବର୍ମନ ଓ ଓଡ଼ିଶାର ପୂର୍ଣ୍ଣିମା ହେମ୍ବ୍ରମ।

## ପଣ୍ଡିଚେରୀକୁ ହରାଇ କ୍ୱାର୍ଟରରେ ଓଡ଼ିଶା

**କଟକ ଅଫିସ, ୨୩।୪:** ମହାରାଷ୍ଟ୍ରର କୋହ୍ଲାପୁରଠାରେ ଚାଲିଥିବା ଜୁନିୟର ବାଳିକା ଜାତୀୟ ଫୁଟବଲ ଚାମ୍ପିୟନଶିପରେ ମଙ୍ଗଳବାର ଓଡ଼ିଶା ବୃହତ୍ ଗୋଲ ବ୍ୟବଧାନରେ ପଣ୍ଡିଚେରୀକୁ ପରାସ୍ତ କରିଛି । ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ଛତିଶଗଡ଼କୁ ହରାଇଥିବା ଓଡ଼ିଶାର ଏହା ଦ୍ୱିତୀୟ ବିଜୟ ହୋଇଥିବା ବେଳେ ଦଳ ଏହି ବିଜୟ ସହ କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛି । ପଣ୍ଡିଚେରୀ ବିପକ୍ଷରେ ଓଡ଼ିଶା ୧୩-୦ ଗୋଲରେ ବିଜୟୀ ହୋଇଛି। ଓଡ଼ିଶା ପକ୍ଷରୁ ଜ୍ୟୋତି କୁମାରୀ ସର୍ବାଧିକ ୭ଟି ଗୋଲ ସ୍କୋର କରିଥିଲେ। ଏହାଛଡ଼ା ମନୀଷା ନାୟକ ୩ଟି ଗୋଲ ସ୍କୋର କରିଥିବା ବେଳେ ଶୁଭସ୍ମିତା ଶୁଭଦର୍ଶିନୀ ଦାସ, ମାଳତୀ ମୁଣ୍ଡା, ସାଲଗେ ମାଝି ଗୋଟିଏ ଲେଖାଏ ଗୋଲ ଦେଇଛନ୍ତି। ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ସମ୍ପାଦକ ସଞ୍ଜୟ ବେହେରା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

# ୨୦୦ ମିଟର ଫାଇନାଲରେ ଦୂତୀ

**ଭୁବନେଶ୍ୱର, ୨୩।୪(କ୍ରୀଡ଼ା ପ୍ରତିନିଧି)**

### ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍

ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ ଦୋହାଠାରେ ଚାଲିଥିବା ୨୩ତମ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ମହିଳା ୨୦୦ ମିଟର ରେସ୍ ଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ହିଟ୍‌ରେ ଦୂତୀ ୨୩.୩୩ ସେକେଣ୍ଡ ସମୟ ନେଇ ଏହି ସଫଳତା ପାଇଛନ୍ତି। ହିଟ୍-୩ରେ ଦୌଡ଼ିଥିଲେ ଦୂତୀ। ଏଥିରେ ସେ ଅନ୍ୟ ୭ ପ୍ରତିଯୋଗୀଙ୍କୁ ପଛରେ ପକାଇ ପ୍ରଥମସ୍ଥାନ ଅଧିକାର କରିଥିଲେ। ଚାଇନାର କୋଙ୍ଗ ଲିଙ୍ଗୱେଇ ୨୩.୫୧ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନରେ ରହିବା ସହ ଏହି ହିଟ୍‌ରୁ ଫାଇନାଲ ଯୋଗ୍ୟତା ପାଇଛନ୍ତି। ହିଟ୍-୧ରୁ ଚାଇନାର ଜି ମାନ୍‌ଗି ୨୩.୪୬ ଓ ବାହାରିନର ଇଡିଡଙ୍ଗ ଓଡିଅଙ୍ଗ ୨୩.୫୩ ସେକେଣ୍ଡ ସମୟ ନେଇ ଏବଂ ହିଟ-୨ରୁ ବାହାରିନର ସାଲ୍‌ୱା ନାସେର ୨୨.୮୪ ଓ କାଜାଖସ୍ତାନର ଓଲ୍‌ଗା ସାଫ୍ରାନୋଭା ୨୨.୯୮ ସେକେଣ୍ଡ ସମୟ ନେଇ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ ପ୍ରତିଯୋଗିତାର ୧୦୦ ମିଟର ରେସ୍‌ରେ ଦୂତୀ ହିଟ୍‌ରେ ୧୧.୨୮ ଓ ସେମିଫାଇନାଲରେ ୧୧.୨୬ ସେକେଣ୍ଡ ସମୟ ନେଇ ଦୁଇଥର ଜାତୀୟ ରେକର୍ଡ ଭାଙ୍ଗିଥିଲେ ହେଁ ଫାଇନାଲରେ ନୈରାଶ୍ୟଜନକଭାବେ ୧୧.୪୪ ସେକେଣ୍ଡ ସମୟ ନେଇ ୫ମ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ।



ମହିଳା ୨୦୦ ମିଟର ଅବସରରେ ଓଡ଼ିଶାର ଦୂତୀ ଚାନ୍ଦ।

# ହେପ୍‌ଟାଥଲନରେ ସ୍ୱପ୍ନାଙ୍କୁ ରୌପ୍ୟ, ପୂର୍ଣ୍ଣିମା ପଞ୍ଚମ

**ଦୋହା, ୨୩।୪**

ଦୋହାରେ ଚାଲିଥିବା ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ହେପ୍‌ଟାଥଲନ ଇଭେଣ୍ଟରେ ଭାରତର ସ୍ୱପ୍ନା ବର୍ମନ ରୌପ୍ୟ ପଦକ ପାଇଛନ୍ତି। ଏଥିରେ ଭାଗ ନେଇଥିବା ଓଡ଼ିଶାର ପୂର୍ଣ୍ଣିମା ହେମ୍ବ୍ରମ ୫ମ ସ୍ଥାନ ପାଇଛନ୍ତି। ତୃତୀୟ ଦିବସରେ ଅନୁଷ୍ଠିତ ୮୦୦ ମିଟରରେ ସ୍ୱପ୍ନା ୨:୨୦.୨୪ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନ ସହ ୮୨୦ ପଏଣ୍ଟ ପାଇଥିଲେ। ପୂର୍ଣ୍ଣିମା ୨:୨୮.୪୮ ସେକେଣ୍ଡ ସମୟ ନେଇ ୭୧୨ ପଏଣ୍ଟ ପାଇଥିଲେ। ଫଳରେ ୭ ଇଭେଣ୍ଟ ବିଶିଷ୍ଟ ପ୍ରତିଯୋଗିତାରେ ସ୍ୱପ୍ନା ୫୯୯୩ ପଏଣ୍ଟ ସହ ରୌପ୍ୟ ପଦକ ହାସଲ କରିଥିଲେ। ଅନ୍ୟପକ୍ଷରେ ପୂର୍ଣ୍ଣିମା ୫୫୨୮ ପଏଣ୍ଟ ପାଇ ୫ମ ସ୍ଥାନ ଅଧିକାର କରିଥିଲେ। ପୂର୍ବରୁ ଅନୁଷ୍ଠିତ ଲଙ୍ଗଜମ୍ପରେ ସ୍ୱପ୍ନା ୬.୦୧ ମିଟର କ୍ଲିୟର କରି ୮୫୩ ପଏଣ୍ଟ ପାଇଥିଲେ। ପୂର୍ଣ୍ଣିମା ୫.୯୯ ମିଟର ସହ ୮୪୬ ପଏଣ୍ଟ ହାସଲ କରିଥିଲେ। ଜାଭେଲିନ୍ ଥ୍ରୋରେ ସ୍ୱପ୍ନା ୪୬.୮୩ ମିଟର ସହ ୭୯୯ ଏବଂ ପୂର୍ଣ୍ଣିମା ୩୯.୭୦ ମିଟର ସହ ୬୬୨ ପଏଣ୍ଟ ହାସଲ କରିଥିଲେ। ପ୍ରକାଶ ଯୋଗ୍ୟ ଯେ ସୋମବାର ହେପ୍‌ଟାଥଲନର ୪ ଇଭେଣ୍ଟ ପରେ ସ୍ୱପ୍ନା ୩୫୨୧ ପଏଣ୍ଟ ସହିତ ୩ୟ ଓ ପୂର୍ଣ୍ଣିମା ୩୩୦୮ ପଏଣ୍ଟ ସହ ୫ମ ସ୍ଥାନରେ ଥିଲେ।

# ଆତଙ୍କବାଦର ଚ୍ୟାଲେଞ୍ଜ

**ଗୌତମ ଗମ୍ଭୀର**

ଆମେ ଏବେ ଅସୁରକ୍ଷିତ ସମୟ ଦେଇ ଗତିକରୁଛି। ଗତମାସ ନ୍ୟୁଜିଲାଣ୍ଡରେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ଏବେ ରବିବାର ଶ୍ରୀଲଙ୍କାରେ ମଧ୍ୟ ଆହୁରି ଭୟାନକ ଆତଙ୍କବାଦୀ ଆକ୍ରମଣ ହୋଇଛି। ଏଥିରୁ କୌଣସି ଦେଶ ସୁରକ୍ଷିତ ନୁହଁ ବୋଲି ସ୍ପଷ୍ଟ ହୋଇଛି। ଏହି ଦୁଇଦେଶ ଶାନ୍ତିପ୍ରିୟ ହୋଇଥିବା ବେଳେ ଏଠାରେ କ୍ରିକେଟକୁ ଯଥେଷ୍ଟ ନେଇ ଭଲ ପାଇବା ରହିଛି। ନ୍ୟୁଜିଲାଣ୍ଡ ଭଳି ଶାନ୍ତିପ୍ରିୟ ଦେଶରେ ଏମିତି ଘଟଣା ମତେ ଚକିତ କରିଛି। କେତୋଟି ଦଶନ୍ଧିର ଅଶାନ୍ତି ପରେ ଶ୍ରୀଲଙ୍କାରେ ମଧ୍ୟ ଶାନ୍ତି ବିରାଜମାନ ହୋଇଥିଲା। କ୍ରିକେଟ ଖେଳିବାର ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଶ୍ରୀଲଙ୍କା ସବୁଠାରୁ ଉତ୍ତମ ଦେଶ ବୋଲି ମୁଁ ବିଚାର କରେ। ଶେଷରେ ଏ ସବୁ ଭୁଲ ପ୍ରମାଣିତ ହୋଇଛି। ଆତଙ୍କବାଦ କାର୍ଯ୍ୟକଳାପ ଏବେ କ୍ରୀଡ଼ା ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। କିନ୍ତୁ ପ୍ରଶ୍ନ ଉଠୁଛି ଯେ, ଆମେ ଏଥିରୁ କିଛି ଶିକ୍ଷା ଲାଭ କରିଛୁ ନା ନାହିଁ? ଆମେ ଆବଶ୍ୟକ ଅନୁସାରେ ସତର୍କତା ଅବଲମ୍ବନ କରିଛୁ ନା ନାହିଁ?

ପେସାଦାର କ୍ରିକେଟର ହିସାବରେ ଆମେ ଭରପୂର ଷ୍ଟାଡିୟମରେ ଖେଳିଛୁ ଓ ବିଶ୍ୱର ଅତି ବ୍ୟସ୍ତ ବହୁଳ ବିମାନବନ୍ଦର ଦେଇ ଯାତ୍ରା କରିଛୁ। ସମସ୍ତଙ୍କ ନଜର ମଧ୍ୟ ଏହି ଅବସରରେ ଆମ ଉପରେ ରହିଥାଏ। ତେବେ ଏହା ସତ୍ତ୍ୱେ ମୁଁ କେବେ କୌଣସି ବିପଦ ଥିବା ଅନୁଭବ କରି ନାହିଁ। ଦୁଇଟି ଝିଅର ବାପା ହିସାବରେ ଏବେ କିନ୍ତୁ ମୁଁ ବ୍ୟଥିତ। ମୁଁ ଜଣେ ନିରାପତ୍ତା ବିଶେଷଜ୍ଞ ହୋଇ ନ ଥିଲେ ମଧ୍ୟ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଓ ଆଗାମୀ ବିଶ୍ୱକପ୍ ଭଳି ବଡ଼ ଇଭେଣ୍ଟ ପୂରା ସୁରକ୍ଷାର ଆୟୋଜନ ହେଉ ବୋଲି ଆଶା କରୁଛି। ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣକୁ ପଣ୍ଡ କରିବା ଭଳି ସବୁ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଆଶା କରୁଛି।

ବିସ୍ଫୋରଣ ଘଟିବା ଦିନ ଶ୍ରୀଲଙ୍କା ପୂର୍ବତନ କ୍ରିକେଟର ମୁଥିଆ ମୁରଲୀଧରନ ସନରାଇଜର୍ସ ହାଇଦ୍ରାବାଦ ଡଗ୍‌ଆଉଟ୍‌ରେ ବସିଥିଲେ। ଏହି ଘଟଣା ତାଙ୍କୁ ବ୍ୟଥିତ କରିଥିବ ଓ ସେ କ୍ରିକେଟରେ ମନୋନିବେଶ କରି ନ ଥିବେ। ମୁରଲୀଙ୍କୁ ହାଇଦ୍ରାବାଦ ଟିମ୍ ମ୍ୟାନେଜମେଣ୍ଟ ସ୍ୱଦେଶ ତଥା ଘରକୁ ଯିବା ପାଇଁ ନିଶ୍ଚିତ ଭାବେ ଅନୁମତି ପ୍ରଦାନ କରିଥିବ ବୋଲି ଭାବୁଛି। ମୁରଲୀଙ୍କ ପୂର୍ବତନ ଫ୍ରାଞ୍ଚାଇଜ୍ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଏବେ ଅନିଶ୍ଚିତ ପରିସ୍ଥିତିରେ ଥିବ ବୋଲି ମୁଁ ଭାବୁଛି। କୋଲକାତା ନାଇଟ ରାଇଡର୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସକୁ ପରାସ୍ତ କରିବା ପରେ ବାଙ୍ଗାଲୋରର ଆତ୍ମବିଶ୍ୱାସରେ ବୃଦ୍ଧି ଘଟିଥିବ ବୋଲି ଭାବୁଛି। ବାଙ୍ଗାଲୋର ଆହୁରି କେତେକ ସମସ୍ୟା ରହିଛି ଓ ଏଗୁଡିକର ସମାଧାନ ହେବା ଆବଶ୍ୟକ ବୋଲି ଭାବୁଛି। ବୁଧବାର ରବିଚନ୍ଦ୍ରନ ଅଶ୍ୱିନଙ୍କ କିଙ୍ଗ୍ସ ଏକାଦଶ ପଞ୍ଜାବ ବିରାଟ କୋହଲିଙ୍କ ବାଙ୍ଗାଲୋର ମଧ୍ୟରେ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ରେ ଅଶ୍ୱିନ ଓ କୋହଲିଙ୍କ ମଧ୍ୟରେ ଏକ ବ୍ୟକ୍ତିଗତ ଲଢେଇ ହେବ ବୋଲି ମୁଁ ଭାବୁଛି। ବିଶ୍ୱକପ୍ ଦଳରେ ସ୍ଥାନ ପାଇ ନ ଥିବାରୁ ଅଶ୍ୱିନ ନିରାଶ ହୋଇଥିଲେ। ତେବେ ସେ ସମସ୍ତଙ୍କୁ କିଛି କରି ଦେଖାଇବାକୁ ପ୍ରୟାସ କରିବେ। ଅନ୍ୟପଟେ କୋହଲି ମଧ୍ୟ ଆହୁରି ଭଲ ଖେଳି ବିଶ୍ୱକପ୍ ପାଇଁ ପ୍ରସ୍ତୁତି ଜୋର୍‌ଦାର କରିବା ଲକ୍ଷ୍ୟରେ ରହିଛନ୍ତି। ମୁଁ କୋଲକାତାର ଅଧିନାୟକ ଥିବାବେଳେ ଚେନ୍ନାଇ ବିପକ୍ଷ ମ୍ୟାଚ୍‌ରେ ମହେନ୍ଦ୍ର ସିଂ ଧୋନୀଙ୍କୁ ସାମନା କରୁଥିଲି। ଏହି ମୁକାବିଲା ଗୁଡିକର ମଜା ମଧ୍ୟ ନିଆରା ଥିଲା।

(ଗେମ୍ ପ୍ଲାନ୍)

SEAGRAM'S
ROYAL STAG
MEGA CRICKET · CRICKET GEAR

## ଆଇସିସି ବିଶ୍ୱକପ

**ଆଉ ୩୫ ଦିନ**

# ୱେଷ୍ଟଇଣ୍ଡିଜକୁ କ୍ରମାଗତ ଦ୍ୱିତୀୟ ଟାଇଟଲ

ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଦିନିକିଆ ବିଶ୍ୱକପ୍‌ର ଦ୍ୱିତୀୟ ସଂସ୍କରଣ ୧୯୭୯ରେ ଆୟୋଜିତ ହୋଇଥିଲା। ଇଂଲଣ୍ଡରେ କ୍ରମାଗତ ଦ୍ୱିତୀୟଥର ପାଇଁ ଏହି ମେଗା ଇଭେଣ୍ଟ ଖେଳାଯାଇଥିଲା। ଆନୁଷ୍ଠାନିକ ଭାବେ ଏହାକୁ ପ୍ରୁଡେନ୍ସିଆଲ କପ୍ ୭୯ ବୋଲି କୁହାଯାଉଥିଲା। ବିଭିନ୍ନ ଦୃଷ୍ଟିକୋଣରୁ ଏହି ବିଶ୍ୱକପ୍ ବିଶେଷ ଭାବେ ଗୁରୁତ୍ୱ ବହନ କରିଥିଲା। ଆଇସିସି ଦ୍ୱାରା ଆୟୋଜିତ ହୋଇଥିବା ବିଶ୍ୱକପ୍‌ରେ ୱେଷ୍ଟଇଣ୍ଡିଜ୍ କ୍ଲାଇଭ୍ ଲୟଡଙ୍କ ନେତୃତ୍ୱରେ ଚାମ୍ପିୟନ ହେବା ସହ ଦ୍ୱିତୀୟଥର ପାଇଁ ଟାଇଟଲ ହାସଲ କରିଥିଲା। ଫର୍ମାଟରେ କୌଣସି ପରିବର୍ତ୍ତନ ହୋଇ ନ ଥିଲା। ଅର୍ଥାତ୍ ଟୁର୍ନାମେଣ୍ଟ ରାଉଣ୍ଡ- ରବିନ ଓ ନକ୍-ଆଉଟ୍ ଭିତ୍ତିରେ ଖେଳାଯାଇଥିଲା। ଫାଇନାଲରେ ୱେଷ୍ଟଇଣ୍ଡିଜଠାରୁ ପରାସ୍ତ ହୋଇ ଇଂଲଣ୍ଡ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଟୁର୍ନମେଣ୍ଟରେ ୮ଟି ଦେଶ ଅଂଶଗ୍ରହଣ କରିଥିଲେ ଓ ମୋଟ ୧୫ଟି ମ୍ୟାଚ୍ ଖେଳାଯାଇଥିଲା। ୱେଷ୍ଟଇଣ୍ଡିଜ ଓପନର ଗର୍ଡନ ଗ୍ରିନିଜ୍ ସର୍ବାଧିକ ୨୫୩ ରନ ସଂଗ୍ରହ କରି ସଫଳତମ ବ୍ୟାଟ୍ସମ୍ୟାନ ବିବେଚିତ ହୋଇଥିଲେ। ସେହିପରି ଇଂଲଣ୍ଡର ମାଇକ ହେଣ୍ଡ୍ରିକ ମୋଟ ୧୦ ଉଇକେଟ ନେଇ ସଫଳତମ ବୋଲର ସାବ୍ୟସ୍ତ ହୋଇଥିଲେ। ଜୁନ୍ ୯ରୁ ଆରମ୍ଭ ହୋଇ ଏହି ବିଶ୍ୱକପ୍ ୨୩ ତାରିଖରେ ଶେଷ ହୋଇଥିଲା। ୧୪ ଦିନଧରି ଖେଳାଯାଇଥିବା ଏହି ଟୁର୍ନାମେଣ୍ଟ ୮ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିଲା। ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ଦୁଇଟି ଦଳ ସେମିଫାଇନାଲରେ ପ୍ରବେଶ କରିଥିଲେ ଓ ଫାଇନାଲ ମ୍ୟାଚ୍ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଖେଳାଯାଇଥିଲା। ମ୍ୟାଚଗୁଡ଼ିକ ୬୦ ଓଭର ବିଶିଷ୍ଟ ହୋଇଥିଲା। ଖେଳାଳିମାନେ ଧଳା ପୋଷାକ ଓ ନାଲି ବଲ୍‌ରେ ମ୍ୟାଚ୍ ଖେଳିଥିଲେ। ଦିନରେ ଖେଳାଯାଇଥିବାରୁ ମ୍ୟାଚ୍‌ଗୁଡ଼ିକ ସଅଳ ଆରମ୍ଭ ହୋଇଥିଲା।

ଟେଷ୍ଟ ମାନ୍ୟତା ପାଇ ନ ଥିଲେ ମଧ୍ୟ ଶ୍ରୀଲଙ୍କା ଓ କାନାଡ଼ା ୧୯୭୯ ଆଇସିସି ଟ୍ରଫି ଫାଇନାଲରେ ପ୍ରବେଶ କରି ଏହି ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ। ପ୍ରଥମ ବିଶ୍ୱକପ୍ ଖେଳିଥିବା ଇଷ୍ଟ ଆଫ୍ରିକା କିନ୍ତୁ ଏହି ସଂସ୍କରଣରେ ଖେଳିବାର ସୁଯୋଗ ପାଇ ନ ଥିଲା। ଫଳରେ ଏହି ବିଶ୍ୱକପ୍‌ରେ ଆଫ୍ରିକାର କୌଣସି ଦେଶ ଅଂଶଗ୍ରହଣ କରି ନ ଥିଲେ। ୬ଟି ଭେନ୍ୟୁରେ ମ୍ୟାଚ୍ ଆୟୋଜିତ ହୋଇଥିଲା। ଲଣ୍ଡନର ଲର୍ଡ୍ସ ଓ ଦି ଓଭାଲ, ବର୍ମିଂହାମର ଏଜବାଷ୍ଟନ କ୍ରିକେଟ ଗ୍ରାଉଣ୍ଡ, ନଟିଂହାମ୍‌ର ଟ୍ରେଣ୍ଟ ବ୍ରିଜ୍, ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫର୍ଡ କ୍ରିକେଟ ଗ୍ରାଉଣ୍ଡ ଓ ଲିଡ୍ସର ହେଡିଂଲେ ଷ୍ଟାଡିୟମରେ ମ୍ୟାଚ୍‌ଗୁଡ଼ିକ ଅନୁଷ୍ଠିତ ହୋଇଥିଲା।



ଗ୍ରୁପ୍ ଏ'ରେ ଇଂଲଣ୍ଡ, ପାକିସ୍ତାନ, ଅଷ୍ଟ୍ରେଲିଆ ଓ କାନାଡ଼ା ସାମିଲ ରହିଥିଲେ। ସେହିପରି ଗ୍ରୁପ୍ ବି'ରେ ୱେଷ୍ଟଇଣ୍ଡିଜ୍, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା ଓ ଭାରତ ପରସ୍ପର ମଧ୍ୟରେ ମ୍ୟାଚ୍ ଖେଳିଥିଲେ। ଗ୍ରୁପ୍ ଏ'ରେ ଇଂଲଣ୍ଡ ୩ଟି ମ୍ୟାଚ୍ ଖେଳି ସବୁଥିରେ ବିଜୟୀ ହୋଇ ୧୨ ପଏଣ୍ଟ ପାଇ ଶୀର୍ଷରେ ରହିବା ସହ ସେମିକୁ ଉଠିଥିଲା। ସେହିପରି ପାକିସ୍ତାନ ୩ଟି ମ୍ୟାଚ୍ ଖେଳି ୨ଟି ବିଜୟ ଓ ଗୋଟିଏ ପରାଜୟ ସହ ୮ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିବା ସହ ସେମିରେ ପ୍ରବେଶ କରିଥିଲା। ତେବେ ପ୍ରଥମ ବିଶ୍ୱକପ୍‌ର ରନର୍ସଅପ୍ ଦଳ ଅଷ୍ଟ୍ରେଲିଆ ୩ଟି ମ୍ୟାଚରୁ ୧ ଗୋଟିଏ ବିଜୟ ଓ ଦୁଇଟି ପରାଜୟ ସହ ୪ ପଏଣ୍ଟ ପାଇ ଟୁର୍ନାମେଣ୍ଟରୁ ବାଦ୍ ପଡିଥିଲା। ଅନ୍ୟପଟେ କାନାଡ଼ା ୩ଟି ମ୍ୟାଚ୍ ଖେଳି ସବୁଥିରେ ପରାସ୍ତ ହୋଇ ଖାତା ଖୋଲି ନ ପାରି ଚତୁର୍ଥ ସ୍ଥାନରେ ରହିଥିଲା। ଅନ୍ୟପଟେ ଗ୍ରୁପ୍ ବି'ରେ ୱେଷ୍ଟଇଣ୍ଡିଜ ୩ଟି ମ୍ୟାଚ୍ ଖେଳି ୨ଟି ବିଜୟ ସହ ୧୦ ପଏଣ୍ଟ ପାଇଁ ଶୀର୍ଷରେ ରହିବା ସହ ସେମିକୁ ଉଠିଥିଲା। ଗୋଟିଏ ମ୍ୟାଚ୍‌ର ଫଳାଫଳ ବାହାରି ପାରି ନ ଥିଲା। ସେହିପରି ନ୍ୟୁଜିଲାଣ୍ଡ ୩ଟି ମ୍ୟାଚ୍ ଖେଳି ୨ଟି ବିଜୟ ଓ ଗୋଟିଏ ପରାଜୟ ସହ ୮ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହି ସେମିରେ ପ୍ରବେଶ କରିଥିଲା। ଶ୍ରୀଲଙ୍କା ୩ଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ୬ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହି ବାଦ୍ ପଡିଥିଲା। ତେବେ ଭାରତ ୩ଟି ମ୍ୟାଚ୍ ଖେଳି ସବୁଥିରେ ପରାସ୍ତ ହୋଇ ଖାତା ଖୋଲିପାରି ନ ପାରି ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା।

ସେମିଫାଇନାଲରେ ଇଂଲଣ୍ଡ ନ୍ୟୁଜିଲାଣ୍ଡକୁ ହରାଇ ଓ ୱେଷ୍ଟଇଣ୍ଡିଜ ପାକିସ୍ତାନକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ଲର୍ଡ୍ସରେ ଫାଇନାଲରେ ୱେଷ୍ଟଇଣ୍ଡିଜ ଆୟୋଜକ ଇଂଲଣ୍ଡକୁ ହରାଇ ବାଜି ମାରିଥିଲା। ଟସ୍ ହାରି ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ୍ ୬୦ ଓଭରରେ ୯ ଉଇକେଟ ହରାଇ ୨୮୬ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଭିଭିଆନ ରିଚାର୍ଡ୍ସ ୧୩୮ ରନର ଶତକୀୟ ପାଳି ଖେଳି ଅପରାଜିତ ରହି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିପରି କଲିସ୍ କିଙ୍ଗ୍ ଦ୍ରୁତ ୮୬ ରନର ପାଳି ଖେଳିଥିଲେ ମଧ୍ୟ ଅନ୍ୟମାନେ ବିଫଳ ହୋଇଥିଲେ। ଇଂଲଣ୍ଡର ତରଫରୁ ବୋଲିଂରେ ଇଆନ ବୋଥାମ, ମାଇକ୍ ହେଣ୍ଡ୍ରିକ, କ୍ରିସ୍ ଓଲ୍ଡ ଓ ଫିଲ ଏଡମଣ୍ଡ୍ସ ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଇଂଲଣ୍ଡ ଭଲ ଆରମ୍ଭ କରିଥିଲେ ମଧ୍ୟ ୫୧ ଓଭରରେ ୧୯୪ ରନ କରି ଅଲଆଉଟ ହୋଇ ୯୨ ରନରେ ପରାସ୍ତ ହୋଇଥିଲା। ଦଳକ ତରଫରୁ ଓପନ ତଥା ଅଧିନାୟକ ମାଇକ୍ ବ୍ରେୟରଲି ସର୍ବାଧିକ ୬୪, ଜେଫ ବୟକଟ ୫୭, ଗ୍ରାହମ ଗୁଚ୍ ୩୨ ଓ ଡେରେକ ରାଣ୍ଡଲ ୧୫ ରନକରି ଆଉଟ ହୋଇଥିବା ବେଳେ ବାକି ୭ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁପାରି ନ ଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ ତରଫରୁ ଜୋଏଲ ଗାର୍ନର ସର୍ବାଧିକ ୫, କଲିନ କ୍ରଫ୍ଟ ୩ ଓ ମାଇକେଲ ହୋଲ୍ଡିଂ ୨ଟି ଉଇକେଟ ଅକ୍ତିଆର କରିଥିଲେ।

## ୨୫ ବଲରୁ ଟି୨୦ ଶତକ

**ଲଣ୍ଡନ,୨୩।୪:** ସ୍କଟଲାଣ୍ଡ ବ୍ୟାଟ୍ସମ୍ୟାନ ଜର୍ଜ ମୁନ୍‌ସେ ଟି୨୦ କ୍ରିକେଟରେ ୨୫ ବଲରୁ ଶତକ ଲଗାଇଛନ୍ତି। ଗ୍ଲୁଷ୍ଟରଶାୟର ଦ୍ୱିତୀୟ ଏକାଦଶ ଓ ବାଥ ସିସି ମଧ୍ୟରେ ଖେଳାଯାଇଥିବା ଅନ୍‌ଅଫିସିଆଲ ଟି୨୦ ମ୍ୟାଚ୍‌ରେ ମୁନ୍‌ସେ ୩୯ ବଲରୁ ୧୪୭ ରନ୍ କରିଛନ୍ତି। ମୁନ୍‌ସେଙ୍କ ଇନିଂସରେ ୨୦ ଛକା ଓ ୫ ଚୌକା ସାମିଲ ଥିଲା। ଏହି ଇନିଂସ ଅବସରରେ ସେ ଗୋଟିଏ ଓଭରରେ ୬ ଛକା ମଧ୍ୟ ଲଗାଇଥିଲେ।

**ପୂର୍ବ ତଟ ରେଳପଥ**
**ଭଡ଼ା ସୂତ୍ରରେ ଗାଡ଼ି**
ଫାଇଲ ନଂ.DRM/Engg/KUR/19-20/E-tender/04, ତା.18.04.2019ରିଖ
ଟେଣ୍ଡର ବିଜ୍ଞପ୍ତି ସଂ.e-Tender HQ-KUR-10-2019, ତା.16.04.2019ରିଖ
**ବିବରଣୀ :** 18 ମାସ ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ସେଟେଲମେଣ୍ଟ/ଖୋର୍ଦ୍ଧା ରୋଡ୍‌ଙ୍କ ନିମନ୍ତେ ପ୍ରସ୍ତାବିତ 01 ଗୋଟି ହାଲୁକା ମୋଟର ଗାଡ଼ି (ଟାଟା ସୁମୋ / ବୋଲେରୋ) ଭଡ଼ା ସୂତ୍ରରେ ନେବା ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 6.90 ଲକ୍ଷ, EMD (ଟଙ୍କାରେ) : 13,800/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 2,360/-, ଶେଷ ହେବା ଅବଧି : 18 (ଅଠର) ମାସ ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.08.05.2019 ରିଖ 1500 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ଭାବେ ପ୍ରେରଣ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବକୁ ଫାର୍ମ (Firm) ର ଲେଟର ହେଡ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯାଇଥିଲେ ମଧ୍ୟ ଗ୍ରହଣ କରାଯିବ ନାହିଁ । ସେହି ସବୁ ମାନୁଆଲ ପ୍ରସ୍ତାବ ଗୁଡ଼ିକୁ ଅବୈଧ ଭାବେ ଘୋଷଣା କରାଯିବ ତଥା ତା' ଉପରେ କୌଣସି ବିଚାର କରାନଯାଇ ନାକଚ କରି ଦିଆଯିବ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ଦଶ ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ)
ଖୋର୍ଦ୍ଧା ରୋଡ୍
PR-48/K/19-20

## ଆଜିର ମ୍ୟାଚ



ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର
ବନାମ
କିଙ୍ଗ୍ସ ଇଲେଭେନ୍ ପଞ୍ଜାବ

ପ୍ରସାରଣ
ସ୍ଥାନ : ବାଙ୍ଗାଲୋର
ସମୟ : ରାତି ୮ଟା
ଷ୍ଟାର ସ୍ପୋର୍ଟ୍ସ

"ରିକି ପଣ୍ଟିଂ ଏବଂ ସୌରଭ ଗାଙ୍ଗୁଲିଙ୍କ ଭଳି ବ୍ୟକ୍ତିଙ୍କୁ କୋଚ୍ ଓ ଉପଦେଷ୍ଟା ଭାବେ ପାଇଥିବାରୁ ଆମ ଦଳ ଚଳିତ ଆଇପିଏଲ୍‌ରେ ଭଲ ପ୍ରଦର୍ଶନ କରୁଛି ।
–ପୃଥ୍ୱୀ ଶ', ଦିଲ୍ଲୀ କ୍ୟାପିଟାଲ୍ସ ଓପନର



"ରାଜସ୍ଥାନ ରୟାଲ୍ସ ବିପକ୍ଷରେ ମ୍ୟାଚ ଜିତିବା ପରେ ଯେତେବେଳେ ସୌରଭ ଗାଙ୍ଗୁଲି ମୋତେ ଖୁସିରେ ଟେକି ଧରିଲେ ସେତେବେଳର ଅନୁଭବ ଅବର୍ଣ୍ଣନୀୟ ।
–ରିଷଭ ପନ୍ତ, ଦିଲ୍ଲୀ କ୍ୟାପିଟାଲ୍ସ ଖେଳାଳି



# ଶୀର୍ଷକୁ ଫେରିଲା ଚେନ୍ନାଇ

ଚେନ୍ନାଇ,୨୩।୪(ପି.ଟି.)

ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଚେନ୍ନାଇ ସୁପର କିଙ୍ଗ୍ସ ମଙ୍ଗଳବାର ଆଇପିଏଲ୍‌ର ୪୧ତମ ମ୍ୟାଚ୍‌ରେ ସନରାଇଜର୍ସ ହାଇଦ୍ରାବାଦକୁ ଗୋଟିଏ ବଲ୍ ବାକିଥାଇ ୬ ଉଇକେଟରେ ପରାସ୍ତ କରିଛି । ଏଥିସହ ଚେନ୍ନାଇ ୧୧ଟି ମ୍ୟାଚ୍ ଖେଳି ୮ ବିଜୟ ଓ ୩ ପରାଜୟ ସହ ୧୬ ପଏଣ୍ଟ ପାଇ ତାଲିକା ଶୀର୍ଷକୁ ଫେରିଛି । ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ହାଇଦ୍ରାବାଦ ୩ ଉଇକେଟ ହରାଇ ୧୭୫ ରନ କରିଥିଲା । ଜବାବରେ ଚେନ୍ନାଇ ୧୯.୫ ଓଭରରେ ୪ ଉଇକେଟ ହରାଇ ୧୭୬ ରନ କରି ବିଜୟୀ ହୋଇଛି । ୯୬ ରନର ଦ୍ରୁତ ଇନିଂସ ଖେଳି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଚେନ୍ନାଇ ଅଭିଜ୍ଞ ଓପନର ଶେନ୍ ୱାଟସନ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ।





୧୭୬ ରନ ବିଜୟ ଲକ୍ଷ୍ୟର ପିଛା କରି ଚେନ୍ନାଇ ଆରମ୍ଭରୁ ଫାଫ୍ ଡୁପ୍ଲେସି (୧ ରନ୍)ଙ୍କୁ ହରାଇଥିଲା । ଡୁପ୍ଲେସି ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ୍ ହୋଇଥିଲେ । ଦ୍ୱିତୀୟ ଉଇକେଟ ଯୋଡିରେ ୱାଟସନ ଓ ସୁରେଶ ରାଇନା ୪୪ ବଲରୁ ୭୭ ରନ ସଂଗ୍ରହ କରିଥିଲେ । ରାଇନା ଦ୍ରୁତ ରନ୍ ସଂଗ୍ରହ କରିବାକୁ ଯାଇ ୨୪ଟି ବଲ୍‌ରୁ ୬ ଚୌକା ଓ ୧ ଛକା ସହ ୩୮ ରନ କରି ଆଉଟ୍ ହୋଇଥିଲେ । ଏହାପରେ ଓପନର ୱାଟସନ୍ ୫୩ଟି ବଲ୍ ଖେଳି ୯ ଚୌକା ଓ ୬ ଛକା ସହ ୯୬ରନର ଧୂଆଁଧାର ଇନିଂସ ଖେଳି ଆଉଟ ହେବା ପୂର୍ବରୁ ବିଜୟପଥ ପରିଷ୍କାର କରିଥିଲେ । ସେ ଭୁବନେଶ୍ୱର କୁମାରଙ୍କ ବଲ୍‌ରେ ବେୟାରଷ୍ଟୋଙ୍କୁ କ୍ୟାଚ୍ ଦେଇ ୪ ରନ ପାଇଁ ଶତକ ହାସଲରୁ ବଞ୍ଚିତ ହୋଇଥିଲେ । ଅମ୍ବାତି ରାୟୁଡୁ ୨୫ ବଲରୁ ୨୧ ରନ କରି ସନ୍ଦୀପ ଶର୍ମାଙ୍କ ଦ୍ୱାରା ଆଉଟ୍ ହୋଇଥିଲେ । କେଦାର ଯାଦବ ୧୦ ବଲରୁ ୧୧ ରନ କରି ଦଳ ବିଜୟରେ ମୁଣ୍ଡି ମାରିଥିଲେ । ବୋଲିଂ ହାଇଦ୍ରାବାଦ ତରଫରୁ ଭୁବନେଶ୍ୱର, ସନ୍ଦୀପ ଓ ରସିଦ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ ।

ପୂର୍ବରୁ ଇନ୍‌ଫର୍ମ ଓପନର ଜନୀ ବେୟାରଷ୍ଟୋଙ୍କୁ ହରାଇ ହାଇଦ୍ରାବାଦ ଆରମ୍ଭରୁ ଝଟ୍‌କା ଖାଇଥିଲା । ବେୟାରଷ୍ଟୋ ବିନା ସ୍କୋରରେ ଅଭିଜ୍ଞ ସ୍ପିନର ହରଭଜନ ସିଂଙ୍କ ବଲ୍‌ରେ ଉଇକେଟ କିପର ଧୋନୀଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ । ଚଳିତ ଆଇପିଏଲ୍‌ରେ ବେୟାରଷ୍ଟୋ ତାଙ୍କ ଅନ୍ତିମ ମ୍ୟାଚ୍‌ରେ ବିଫଳ ହୋଇଛନ୍ତି । ସାରା ସେସନରେ ଜବରଦସ୍ତ ବ୍ୟାଟିଂର ନମୁନା ପ୍ରଦର୍ଶନ କରିଥିଲେ ମଧ୍ୟ ଶେଷ ମ୍ୟାଚ୍‌ରେ ସେ ଖାତା ଖୋଲିବାରେ ବିଫଳ ହୋଇଛନ୍ତି । ବେୟାରଷ୍ଟୋ ଏବେ ଇଂଲଣ୍ଡ କ୍ରିକେଟ ଦଳର ବିଶ୍ୱକପ୍ ପ୍ରସ୍ତୁତି ଶିବିରରେ ଯୋଗଦେବେ ଓ ଏଥିପାଇଁ ଆଇପିଏଲ୍‌ରୁ ସେ ଓହରିଯିବାକୁ ନିଷ୍ପତ୍ତି ନେଇଛନ୍ତି । ଏହାପରେ ଦ୍ୱିତୀୟ ଉଇକେଟ ଯୋଡିରେ ବିସ୍ଫୋରକ ଓପନର ଡେଭିଡ ୱାର୍ନର ଓ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ମନୀଷ ପାଣ୍ଡେ ୭୨ଟି ବଲ୍‌ର ସମ୍ମୁଖୀନ ହୋଇ ୧୧୫ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିବା ସହ ଭଲ ମୂଳଦୁଆ ପ୍ରଦାନ କରିଥିଲେ । ତେବେ ୱାର୍ନର ୪୫ଟି ବଲର ସମ୍ମୁଖୀନ ହୋଇ ୩ ଚୌକା ଓ ୨ ଛକା ସହ ୫୭ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଧୋନୀଙ୍କ ଦ୍ୱାରା ଷ୍ଟମ୍ପ ଆଉଟ ହୋଇ ହରଭଜନଙ୍କ ଦ୍ୱିତୀୟ ଶିକାର ହୋଇଥିଲେ । ଅଲରାଉଣ୍ଡର ବିଜୟ ଶଙ୍କର ଦ୍ରୁତଗତିରେ ରନ୍ ସଂଗ୍ରହ କରିବାକୁ ଯାଇ ୨୦ ବଲରୁ ୨ ଚୌକା ଓ ୧ ଛକା ସହ ୨୬ ରନ କରି ଦୀପକ ଚହରଙ୍କ ବଲ୍‌ରେ ରବୀନ୍ଦ୍ର ଜାଡେଜାଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ । ମନୀଷ ୪୯ଟି ବଲର ସମ୍ମୁଖୀନ ହୋଇ ୭ ଚୌକା ଓ ୩ ଛକା ସହ ୮୩ ରନର ଧୂଆଁଧାର ପାଳି ଖେଳି ଅପରାଜିତ ରହିଥିଲେ । ସେହିପରି ୟୁସୁଫ ପଠାନ୍ ୪ ବଲରୁ ୫ ରନ କରି ଅପରାଜିତ ରହିଥିଲେ । ବୋଲିଂରେ ଚେନ୍ନାଇ ତରଫରୁ ହରଭଜନ ୨ ଓ ଚହର ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ ।

### ସଂକ୍ଷିପ୍ତ ସ୍କୋର

- ସନ୍‌ରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୭୫/୩ (ମନୀଷ- ୮୩*, ୱାର୍ନର- ୫୭, ଶଙ୍କର- ୨୬, ହରଭଜନ-୨/୩୯, ଚହର- ୧/୩୦)।
- ଚେନ୍ନାଇ ସୁପର କିଙ୍ଗ୍ସ ୧୯.୫ ଓଭରରେ ୧୭୬/୪ (ୱାଟସନ- ୯୬, ରାଇନା- ୩୮, ରାୟୁଡୁ- ୨୧, ଯାଦବ- ୧୧, ଭୁବନେଶ୍ୱର- ୧/୧୮, ସନ୍ଦୀପ- ୧/୫୪, ରସିଦ- ୧/୪୪)।

## ବିଶାଖାପାଟଣାରେ ୨ ପ୍ଲେ-ଅଫ୍ ମ୍ୟାଚ

**ଅମରାବତୀ, ୨୩।୪ (ପି.ଟି.):** ବନ୍ଦର ସହର ବିଶାଖାପାଟଣା ଚଳିତ ଇଣ୍ଡିଆନ ଆଇପିଏଲ୍‌ର ଦୁଇଟି ପ୍ଲେ-ଅଫ୍ ମ୍ୟାଚ୍‌ର ଆୟୋଜନ କରିବ । ମ୍ୟାଚ ଦୁଇଟି ମେ ୮ ଓ ୧୦ରେ ଖେଳାଯିବ ବୋଲି ଆନ୍ଧ୍ର କ୍ରିକେଟ ଆସୋସିଏଶନ (ଏସିଏ) ପକ୍ଷରୁ ଏକ ପ୍ରେସ୍ ଇସ୍ତାହାରରେ ଏହା ପ୍ରକାଶ କରାଯାଇଛି । ଏହି ପ୍ଲେ-ଅଫ୍ ମ୍ୟାଚ ପ୍ରକୃତରେ ଚେନ୍ନାଇଠାରେ ଖେଳାଯିବା କାର୍ଯ୍ୟକ୍ରମ ଥିଲା । ମାତ୍ର ଅନିବାର୍ଯ୍ୟ କାରଣବଶତଃ ଏହାକୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଥିବା ଏସିଏ ସାଧାରଣ ସମ୍ପାଦକ ସିଏଚ୍ ଅରୁଣ କୁମାର ସୂଚନା ଦେଇଛନ୍ତି । ଆଇପିଏଲ୍ ଅଫିସିଆଲମାନେ ନିକଟରେ ୱାଇଏସ୍ଆର୍-ଏସିଏ କ୍ରିକେଟ ଷ୍ଟାଡିୟମ ପରିଦର୍ଶନ କରିଥିଲେ । ସେଠାରେ ରହିଥିବା ବନ୍ଦୋବସ୍ତ ନେଇ ସେମାନେ ସନ୍ତୋଷ ବ୍ୟକ୍ତ କରିଥିଲେ । କୌଣସି ପରିସ୍ଥିତି ପାଇଁ ଏହାକୁ ଷ୍ଟାଣ୍ଡବାଇ ଭେନ୍ୟୁ ଭାବେ ସଂରକ୍ଷିତ ରଖିବା ଲାଗି ନିଷ୍ପତ୍ତି ନିଆଯାଇଥିଲା । ବିଶାଖାପାଟଣା ହେଉଛି ଏକ ଅନ୍ତର୍ଜାତୀୟ ଭେନ୍ୟୁ । ୨୦୧୬ରେ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ମ୍ୟାଚ ଆୟୋଜନ ଉପରେ ମହାରାଷ୍ଟ୍ର ହାଇକୋର୍ଟଙ୍କ କଟକଣା ପରେ କେତେକ ଆଇପିଏଲ ମ୍ୟାଚ୍ ଏହି ଭେନ୍ୟୁରେ ଖେଳାଯାଇଥିଲା ।

## ରେସ୍‌ଲର ନରସିଂହ ସସ୍‌ପେଣ୍ଡ

**ମୁମ୍ବାଇ, ୨୩।୪ (ପି.ଟି.):** ରେସ୍‌ଲର ନରସିଂହ ଯାଦବଙ୍କୁ ମହାରାଷ୍ଟ୍ର ପୋଲିସ ଫୋର୍ସରୁ ସସ୍‌ପେଣ୍ଡ କରାଯାଇଛି । ସେ ଜଣେ କଂଗ୍ରେସ ପାର୍ଥିଙ୍କ ସପକ୍ଷରେ ନିର୍ବାଚନ ପ୍ରଚାର କରିଥିବା ଅଭିଯୋଗ ହୋଇଛି । ଆସିଷ୍ଟାଣ୍ଟ କମିଶନର ପାହ୍ୟା ପଦବୀରେ ଥିବା ଯାଦବଙ୍କ ବିରୋଧରେ ଏଫ୍ଆଇଆର୍ ଦରଜ କରାଯାଇଛି । ଯାଦବ ମୁମ୍ବାଇ ପୋଲିସ ଲୋକାଲ ଆର୍ମ୍ସ ଡିଭିଜନରେ ଅବସ୍ଥାପିତ । ସେ ମୁମ୍ବାଇ ନର୍ଥୱେଷ୍ଟ ଲୋକସଭା ଆସନ ପାଇଁ ଲଢୁଥିବା କଂଗ୍ରେସ ନେତା ସଞ୍ଜୟ ନିରୂପମଙ୍କ ସପକ୍ଷରେ ନିର୍ବାଚନ ପ୍ରଚାର କରିଥିଲେ । ଆଇନ ଅନୁସାରେ ଜଣେ ସରକାରୀ କର୍ମଚାରୀ ନିର୍ବାଚନ ପ୍ରଚାରରେ ଅଂଶଗ୍ରହଣ କରିପାରିବେ ନାହିଁ । ୨୦୧୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୭୪କେ.ଜି. ପୁରୁଷ ଫ୍ରି-ଷ୍ଟାଇଲ କାଟେଗୋରୀରେ ସ୍ୱର୍ଣ୍ଣ ଜିତିଥିବା ଯାଦବ ଏବେ ବିଭାଗୀୟ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବେ । ବାରଣାସୀରେ ଜନ୍ମିତ ଯାଦବ ଏସିଆନ ଗେମ୍ସ ଏବଂ ଏସିଆନ ଚାମ୍ପିୟନଶିପ୍‌ରେ ମଧ୍ୟ ପଦକ ଜିତିଛନ୍ତି ।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ଖେଳିଛି | ଜିତିଛି | ହାରିଛି | ପଏଣ୍ଟ | ରନ ହାର |
|---|---|---|---|---|---|
| ସୁପର କିଙ୍ଗ୍ସ | ୧୧ | ୮ | ୩ | ୧୬ | ୦.୦୯୧ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୧ | ୭ | ୪ | ୧୪ | ୦.୧୮୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୦ | ୬ | ୪ | ୧୨ | ୦.୩୫୭ |
| ସନ୍‌ରାଇଜର୍ସ | ୧୦ | ୫ | ୫ | ୧୦ | ୦.୬୫୪ |
| କିଙ୍ଗ୍ସ ଇଲେଭେନ | ୧୦ | ୫ | ୫ | ୧୦ | –୦.୦୪୪ |
| ନାଇଟ ରାଇଡର୍ସ | ୧୦ | ୪ | ୬ | ୮ | –୦.୦୧୩ |
| ରାଜସ୍ଥାନ ରୟାଲ୍ସ | ୧୦ | ୩ | ୭ | ୬ | –୦.୪୭୦ |
| ରୟାଲ ଚ୍ୟାଲେଞ୍ଜର୍ସ | ୧୦ | ୩ | ୭ | ୬ | –୦.୮୩୬ |

## ଓଡ଼ିଶା ୩–୦ ସେଟ୍‌ରେ ବିଜୟୀ

**ଭୁବନେଶ୍ୱର, ୨୩।୪ (କ୍ରୀଡ଼ା ପ୍ରତିନିଧି):** ମହାରାଷ୍ଟ୍ରର ସିରିଡିସ୍ଥିତ କୋକାନ୍ଥନଠାରେ ଚାଲିଥିବା ୨୭ତମ ଜାତୀୟ ଭଲିବଲ ଚାମ୍ପିୟନଶିପରେ ଓଡ଼ିଶା ୩–୦ ସେଟ୍‌ରେ ଚଣ୍ଡିଗଡ଼କୁ ପରାସ୍ତ କରିଛି । ଓଡ଼ିଶା ୨୫–୧୦, ୨୫–୧୨ ଓ ୨୫–୧୫ ପଏଣ୍ଟରେ ବିଜୟୀ ହୋଇଥିଲା । ଓଡ଼ିଶା ଭଲିବଲ ଆସୋସିଏଶନ ସମ୍ପାଦକ ଡ. ଗଗନେନ୍ଦୁ ଦାଶ ଓଡ଼ିଶା ଦଳକୁ ଅଭିନନ୍ଦନ ଜଣାଇଛନ୍ତି ।

# ବଜରଙ୍ଗଙ୍କୁ ସ୍ୱର୍ଣ୍ଣ, ପର୍‌ବିନ୍‌ଙ୍କୁ ରୌପ୍ୟ

ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍

ଜିଆନ୍ (ଚାଇନା), ୨୩।୪ (ପି.ଟି.)

ବିଶ୍ୱର ନମ୍ବର ୱାନ କୁସ୍ତିଯୋଦ୍ଧା ଭାରତର ବଜରଙ୍ଗ ପୁନିଆ ଏସିଆନ ଚାମ୍ପିୟନଶିପ୍‌ରେ ଆଉଥରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ପର୍‌ବିନ୍ ରାଣା ରୌପ୍ୟ ଜିତିଛନ୍ତି । ମଙ୍ଗଳବାର ପୁରୁଷ ୬୫କେଜି ଫ୍ରିଷ୍ଟାଇଲ ବିଭାଗରେ ଏକ ଜୋର୍‌ଦାର ମୁକାବିଲାରେ ସେ କାଜାଖସ୍ତାନର ସାୟତବେକ୍ ଓକାସୋଭ୍‌ଙ୍କୁ ୧୨–୭ ପଏଣ୍ଟ ବ୍ୟବଧାନରେ ହରାଇ ଦେଇଥିଲେ । ରାଜ୍ୟଗୋଷ୍ଠୀ କ୍ରୀଡ଼ା ଏବଂ ଏସିଆନ ଗେମ୍ସ ଚାମ୍ପିୟନ ବାଉଟ୍‌ରେ ପ୍ରଥମେ ୨–୭ ପଛୁଆ ରହିଥିଲେ । ମାତ୍ର ପରବର୍ତ୍ତୀ ସମୟରେ କ୍ରମାଗତ ୧୦ ପଏଣ୍ଟ ହାସଲ କରି ଲଢେଇ ଜିତିନେଇଥିଲେ । କାଜାଖସ୍ତାନ ବକ୍ସର କ୍ଳାନ୍ତ ଜଣାପଡୁଥିବା ବେଳେ ଚାପରେ ଥିବା ବଜରଙ୍ଗ ତାଙ୍କ ବଳିଷ୍ଠ ଶକ୍ତିର ପରିଚୟ ଦେଇ ବିଜୟ ହାସଲ କରିଥିଲେ । ଚାମ୍ପିୟନଶିପ୍‌ରେ ବଜରଙ୍ଗଙ୍କ ଏହା ଥିଲା ଦ୍ୱିତୀୟ ସ୍ୱର୍ଣ୍ଣ । ଏହା ପୂର୍ବରୁ ସେ ୨୦୧୭ରେ ଜିତିଥିଲେ । ଭାରତୀୟ କୁସ୍ତି ଯୋଦ୍ଧାଙ୍କର ଟୁର୍ନାମେଣ୍ଟରେ କିନ୍ତୁ ଓଭରାଲ ଏହା ଥିଲା ୫ମ ପଦକ । ବଜରଙ୍ଗ ତାଙ୍କର ଏହି ପ୍ରଦର୍ଶନ ଦ୍ୱାରା ୨୦୨୦ ଟୋକିଓ ଅଲିମ୍ପିକ୍ସର ତାଙ୍କ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ପ୍ରତି ସତର୍କଘଣ୍ଟି ବଜାଇଛନ୍ତି । ସେ ଏଥିରେ ଜଣେ ପଦକ ଦାବିଦାର ବୋଲି ସୂଚାଇ ଦେଇଛନ୍ତି । ବଜରଙ୍ଗ ଫାଇନାଲ ପ୍ରବେଶ ପଥରେ ମାତ୍ର ଗୋଟିଏ ପଏଣ୍ଟ ହରାଇଥିଲେ । ସେମିଫାଇନାଲରେ ସେ ଉଜ୍‌ବେକିସ୍ତାନର ସିରୋଜିଦ୍ଦିନଙ୍କୁ ୧୨–୧ରେ ପରାସ୍ତ କରିବା ପୂର୍ବରୁ ଉନ୍ନତ ଟେକ୍‌ନିକ୍ ଭିତ୍ତିରେ ସେ ଶ୍ରୀଲଙ୍କାର ଚାର୍ଲସ ଫେରନଙ୍କ ବିପକ୍ଷରେ ବିଜୟ ହାସଲ କରିଥିଲେ । ଇରାନର ପେମାନ ବାଏବାନିଙ୍କୁ ସେ ୬–୦ରେ ହରାଇ ଦେଇଥିଲେ । ସ୍ୱର୍ଣ୍ଣ ପଦକ ଦୌଡ଼ରେ ଥିବା ଅନ୍ୟ ଜଣେ କୁସ୍ତି ଯୋଦ୍ଧା ହେଲେ ପର୍‌ବିନ୍ ରାଣା । ୭୯ କାଟେଗୋରିରେ କାଜାଖସ୍ତାନର ଗାଲିମଝାନ ଉସେରବାୟେଭଙ୍କ ବିପକ୍ଷରେ ୩–୨ରେ ବିଜୟ ହାସଲ ପରେ ସେ ଫାଇନାଲରେ ପ୍ରବେଶ କରିଛନ୍ତି । ସ୍ୱର୍ଣ୍ଣ ପଦକ ବାଉଟ୍‌ରେ ସେ ଇରାନର ବାହମାନ ମହମ୍ମଦ ତେମୋରିଙ୍କଠାରୁ ୦–୩ରେ ହାରି ରୌପ୍ୟ ପାଇଛନ୍ତି । ୫୭ କେଜି ଓଜନ କାଟେଗୋରିର ରିପିଚେଜ୍‌ରେ ତାଇପେର ଚିଆ ତିସୋ ଲି ୟୁଙ୍କ ବିପକ୍ଷରେ ୪–୦ରେ ବିଜୟ ହାସଲ ପରେ ରବି କୁମାର ବ୍ରୋଞ୍ଜ ପଦକ ପ୍ଲେ–ଅଫ୍ ରାଉଣ୍ଡରେ ପ୍ରବେଶ କରିଛନ୍ତି । ସେ ଜାପାନର ୟୁକି ତାକାହାଶିଙ୍କ ବିପକ୍ଷରେ ଲଢିବେ । ସାତ୍ୟୱ୍ରତ କାଡିଆନ ମଧ୍ୟ ୯୭କେଜି କାଟେଗୋରି ବ୍ରୋଞ୍ଜ ପଦକ ରାଉଣ୍ଡରେ ପ୍ରବେଶ କରିଛନ୍ତି ।





ବଜରଙ୍ଗ ପୁନିଆ

# କ୍ରମାଗତ ତୃତୀୟ ବିଜୟ ଲକ୍ଷ୍ୟରେ ଆର୍‌ସିବି

ବେଙ୍ଗାଲୁରୁ, ୨୩।୪(ପି.ଟି.)

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ବୁଧବାର ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓ କିଙ୍ଗ୍ସ ଇଲେଭେନ ପଞ୍ଜାବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ । ଖରାପ ଆରମ୍ଭ କରିଥିବା ଆରସିବି ଗତ ୨ଟି ମ୍ୟାଚରେ ବିଜୟୀ ହୋଇଥିବାରୁ ଏହି ଧାରା ବଜାୟ ଆଶାରେ ରହିଛି । ମେମୋଣ୍ଟମ ଧରି ରଖି ବିଜୟରେ ହ୍ୟାଟ୍ରିକ କରିବା ଏହି ଦଳର ମୁଖ୍ୟ ଲକ୍ଷ୍ୟ ।

ଆରସିବି ଓ ଚେନ୍ନାଇ ସୁପରକିଙ୍ଗ୍ସ ମ୍ୟାଚ ଅତ୍ୟନ୍ତ ରୋମାଞ୍ଚକ ହୋଇଥିଲା । ଶେଷରେ ୧ ରନରେ ବିଜୟୀ ହୋଇଥିଲା ବିରାଟ କୋହଲିଙ୍କ ଦଳ । ଶେଷ ଓଭରରେ ଧୋନୀ ଧମାକା ସତ୍ତ୍ୱେ ବିଜୟ ସମ୍ଭବ ହୋଇଥିବାରୁ ଆରସିବି ଖେଳାଳିଙ୍କ ମନୋବଳ ବଢ଼ିଛି । ଗତ ମ୍ୟାଚରେ କୋହଲି ଏବଂ ଏବି ଡିଭିଲର୍ସ କ୍ଲିକ୍ କରି ନ ଥିଲେ । ଏହି ବିଫଳତା ସେମାନଙ୍କୁ ଆଗାମୀ ମ୍ୟାଚରେ ବଡ଼ ସ୍କୋର କରିବାକୁ ନିଶ୍ଚିତ ପ୍ରେରୀତ କରିବ । କିଙ୍ଗ୍ସ ଇଲେଭେନ ବିପକ୍ଷ ପ୍ରଥମ ଚରଣ ମ୍ୟାଚରେ କୋହଲି ୬୭ ଓ ଡିଭିଲର୍ସ ଅପରାଜିତ ୫୯ ରନର ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ । ଏହା ଆଗାମୀ ମ୍ୟାଚରେ ସେମାନଙ୍କୁ ନିଶ୍ଚିତ ସହାୟତା କରିବ । କ୍ରମାଗତ ୬ ପରାଜୟ ପରେ ପଞ୍ଜାବ ବିପକ୍ଷରେ ହିଁ କୋହଲିଙ୍କ ଦଳ ବିଜୟ ସ୍ୱାଦ ଚାଖିଥିଲା । ତେବେ ଡେଲ୍ ଷ୍ଟେଇନ ଆସିବା ସତ୍ତ୍ୱେ ଦଳର ବୋଲିଂ ଚିନ୍ତାର କାରଣ ହୋଇଛି । ଡେଥ୍ ଓଭର ବୋଲିଂ ବିଫଳତା ଯୋଗୁ ଗତ ମ୍ୟାଚରେ ଧୋନୀ ଏକପ୍ରକାର ମ୍ୟାଚ ଛଡ଼ାଇନେଇଥିଲେ କହିଲେ ଭୁଲ ହେବନି । ବାଙ୍ଗାଲୋର ପ୍ରଥମେ ବ୍ୟାଟିଂ କରି ୧୬୧ ରନ କରିଥିଲା । ଶେଷ ଓଭରର ୬ ବଲ୍‌ରୁ ୨୬ ରନ ଥିଲେ ହେଁ ଦଳର ସ୍ଥିତି ଅସମ୍ଭାଳ ହୋଇ ଯାଇଥିଲା । ଧୋନୀ ବିସ୍ଫୋରକ ବ୍ୟାଟିଂ କରିବାରୁ ଶେଷ ବଲ୍‌ରୁ ଚେନ୍ନାଇକୁ ମାତ୍ର ୨ ରନ ଆବଶ୍ୟକ ହେଉଥିଲା । ଉଇକେଟ କିପର ପାର୍ଥିବ ପଟେଲ ମ୍ୟାଚ ବଞ୍ଚାଇ ଦେଇଥିଲେ ଏବଂ ଶାର୍ଦ୍ଦୁଳ ଠାକୁରଙ୍କୁ ରନ ଆଉଟ କରିବାରୁ ଆରସିବି ପାଇଁ ୧ ରନର ବିଜୟ ସମ୍ଭବ ହୋଇଥିଲା । ୧୦ ଗେମ୍‌ରୁ କୋହଲିଙ୍କ ଦଳପାଇଁ ଏହାଥିଲା ମାତ୍ର ୩ୟ ବିଜୟ । ପଞ୍ଜାବ ୧୦ ମ୍ୟାଚରୁ ୫ମ ବିଜୟ ସହ ପଏଣ୍ଟ ଟେବୁଲର ୫ମ ସ୍ଥାନରେ ରହିଛି । ମୋମେଣ୍ଟମକୁ ସାଥିକରି ଏହି ଦଳ ବିପକ୍ଷରେ ଆଉ ଏକ ବିଜୟ ଲକ୍ଷ୍ୟରେ ରହିଛି ଆରସିବି ।

ରବିଚନ୍ଦ୍ରନ ଅଶ୍ୱିନଙ୍କ ନେତୃତ୍ୱାଧୀନ କିଙ୍ଗ୍ସ ଇଲେଭେନ ପ୍ରଦର୍ଶନରେ ମଧ୍ୟ ସ୍ଥିରତା ରହିନାହିଁ । ଫଳସ୍ୱରୂପ ବିସ୍ଫୋରକ ବ୍ୟାଟ୍ସମ୍ୟାନ କ୍ରିସ୍ ଗେଲ୍, ଲୋକେଶ ରାହୁଲ ଓ ଡେଭିଡ ମିଲରଙ୍କ ଉପସ୍ଥିତି ସତ୍ତ୍ୱେ ଏହି ଦଳ ପ୍ଲେ-ଅଫ୍‌ରେ ନିଜର ସ୍ଥାନ ସୁରକ୍ଷିତ କରି ପାରିନାହିଁ । ତେବେ ଆଗାମୀ ମ୍ୟାଚରେ ଆରସିବିର ଦୁର୍ବଳ ବୋଲିଂରୁ ଫାଇଦା ନେବାକୁ ଏହି ଦଳ ଲକ୍ଷ୍ୟ ରଖିଛି । ପେସର ମହମ୍ମଦ ସାମି ଏବଂ ସ୍ପିନର ଅଶ୍ୱିନ ପଞ୍ଜାବ ପାଇଁ ଏପର୍ଯ୍ୟନ୍ତ ସଫଳ ବୋଲର ସାବ୍ୟସ୍ତ ହୋଇ ଆସିଛନ୍ତି । ଆଗାମୀ ମ୍ୟାଚରେ ମଧ୍ୟ ଦଳ ତାଙ୍କଠାରୁ ଏପରି ପ୍ରଦର୍ଶନ ଆଶା କରୁଛି । ଅନ୍ୟମାନଙ୍କ ମଧ୍ୟରେ ଅଙ୍କିତ୍ ରାଜପୁତ, ସାମ୍ କୁରାନ, ହର୍ଡୁସ ଭିଲଜନ ଓ ଆଣ୍ଡ୍ର୍ୟୁ ଟାଇଙ୍କୁ ନେଇ ପଞ୍ଜାବର ବୋଲିଂ ବିଭାଗ ବେଶ୍ ସନ୍ତୁଳିତ । ତେବେ ପ୍ରଦର୍ଶନରେ ଅସ୍ଥିରତା ଦଳକୁ ଏପର୍ଯ୍ୟନ୍ତ ସୁରକ୍ଷିତ ସ୍ଥାନରେ ପହଞ୍ଚାଇ ପାରିନାହିଁ । ଚଳିତ ସିଜନରେ ଦଳ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ୧୪ ରନରେ ବିଜୟ ସହ ଅଭିଯାନ ଆରମ୍ଭ କରିଥିବାବେଳେ ପରବର୍ତ୍ତୀ ମ୍ୟାଚରେ କୋଲକାତା ନାଇଟ ରାଇଡର୍ସ ନିକଟରୁ ୨୮ ରନରେ ହାରି ଯାଇଥିଲା । ୩ୟ ଓ ୪ର୍ଥ ମ୍ୟାଚକୁ ମୁମ୍ବାଇ ଇଣ୍ଡିଆନ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଯଥାକ୍ରମେ ୮ ଉଇକେଟରେ ଏବଂ ୧୪ ରନରେ ଜିତିଥିଲେ ହେଁ ୫ମ ମ୍ୟାଚରେ ଚେନ୍ନାଇ ପକ୍ଷରୁ ୨୨ ରନରେ ହାରି ଯାଇଥିଲା । ପରେ ସନ୍ ରାଇଜର୍ସ ହାଇଦ୍ରାବାଦକୁ ୬ ଉଇକେଟରେ ହରାଇଥିବାବେଳେ ମୁମ୍ବାଇ ପାଖରୁ ୩ ଉଇକେଟରେ ଏବଂ ବାଙ୍ଗାଲୋରଠାରୁ ୮ ଉଇକେଟରେ ହାରି ଯାଇଥିଲା । ସେହିପରି ପରବର୍ତ୍ତୀ ମ୍ୟାଚରେ ରାଜସ୍ଥାନ ରୟାଲ୍ସକୁ ୧୨ ରନରେ ହରାଇଥିଲେ ହେଁ ଦିଲ୍ଲୀ ନିକଟରୁ ୫ ଉଇକେଟରେ ହାରି ଆଗାମୀ ମ୍ୟାଚ ଖେଳିବାକୁ ଯାଉଛି ।

ଅନ୍ୟପକ୍ଷରେ ଆରସିବି ପ୍ରତିପକ୍ଷ ଚେନ୍ନାଇ, ମୁମ୍ବାଇ, ହାଇଦ୍ରାବାଦ, ରାଜସ୍ଥାନ, କୋଲକାତା ଏବଂ ଦିଲ୍ଲୀଠାରୁ କ୍ରମାଗତ ୬ ମ୍ୟାଚରେ ପରାଜିତ ହେବାପରେ ପଞ୍ଜାବ ବିପକ୍ଷରେ ବିଜୟୀ ହୋଇ ନୂଆ ଜୀବନ ପାଇଥିଲା । ପରବର୍ତ୍ତୀ ମ୍ୟାଚରେ ମୁମ୍ବାଇଠାରୁ ୫ ଉଇକେଟରେ ହାରିଥିଲେ ହେଁ କ୍ରମାଗତ ୨ଟି ମ୍ୟାଚରେ କୋଲକାତାକୁ ୧୦ ରନରେ ଏବଂ ଚେନ୍ନାଇକୁ ୧ ରନରେ ହରାଇ ବିଜୟ ପଥରେ ରହିଛି ।



ମଙ୍ଗଳବାର ଅଭ୍ୟାସ ଅବସରରେ ରୟାଲ୍ ଚ୍ୟାଲେଞ୍ଜର୍ସର ଟିମ୍ ସୌଦି ଓ ମହମ୍ମଦ ସିରାଜଙ୍କ ସହ କିଙ୍ଗ୍ସ ଇଲେଭେନ ପଞ୍ଜାବର କରୁଣ ନାୟାର ଓ ସାମ କୁରାନ ।

## ରିଲେରେ ଭାରତ ବ୍ରୋଞ୍ଜରୁ ବଞ୍ଚିତ

**ଦୋହା, ୨୩।୪:** ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ମହିଳା ୪x୧୦୦ ମିଟର ରିଲେ ରେସ୍‌ରେ ଭାରତ ଅଳ୍ପକେ ବ୍ରୋଞ୍ଜ ପଦକରୁ ବଞ୍ଚିତ ହୋଇଛି । ଭାରତୀୟ ଦଳର ସଦସ୍ୟା ଭାବେ ଦୂତୀ ମଧ୍ୟ ସମାନ ଫଳ ପାଇଛନ୍ତି । ଅର୍ଚ୍ଚନା ସୁସେନ୍ଦ୍ରା, ରେବତୀ ବୀରମଣି, ରଙ୍ଗା କୁନାଥ ଓ ଦୂତୀ ଚାନ୍ଦଙ୍କୁ ନେଇ ଗଠିତ ଭାରତୀୟ ଦଳ ୪୩.୮୧ ସେକେଣ୍ଡ ସମୟ ନେଇ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ରହିଛି । ଚାଇନା ସ୍ୱର୍ଣ୍ଣ ପାଇଥିବାବେଳେ କାଜାଖସ୍ତାନ ଓ ବାହାରିନ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ।


## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଉମାକାନ୍ତ ଦାଶ
ଆବିର୍ଭାବ: ୨୧।୦୭।୧୯୪୦
ତିରୋଧାନ: ୦୬।୦୪।୨୦୧୮
ଶାସ୍ତ୍ରୀ ନଗର, ଜନନୀ ହସପିଟାଲ ରୋଡ଼, ବ୍ରହ୍ମପୁର, ଗଞ୍ଜାମ
ଆମ ଆଧ୍ୟାତ୍ମିକ ଓଡ଼ିଆ ସାହିତ୍ୟର ଲେଖକ, Academy of Technocrats College (BAM). Hi-tech (Jaipure)ର ପ୍ରତିଷ୍ଠାତା
ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା । ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆନ୍ତରିକତା, ଭଗବତ ପ୍ରେମ, ପରୋପକାରିତା, ଆଦର୍ଶ, ସ୍ୱାଭିମାନ, ସରଳ ଓ ନିଷ୍କପଟ ଜୀବନଶୈଳୀ, ହସ ହସ ମୁଖମଣ୍ଡଳ ଆମ ପାଇଁ ସର୍ବଦା ଉତ୍ସହୋଇ ରହିବ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ ।
ଶୋକସନ୍ତପ୍ତ: ପୁଅ–ଦୀପକ, ବୋହୂ– ଅମିତା, ଝିଅ– ଦୀପା, ରୂପା, ଜ୍ୱାଇଁ– ରାମ, ଦ୍ୱାରିକା, ନାତିନାତୁଣୀ ଓ ପରିବାରବର୍ଗ ।
ଧ–୪୯୨୯୩

### ପଞ୍ଚମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ସାବିତ୍ରୀ ସାହୁ
ଆବିର୍ଭାବ: ୧୮।୦୮।୧୯୫୩
ତିରୋଧାନ: ୨୪।୦୪।୨୦୧୪
ଚାହୁଁ ଚାହୁଁ ପାଞ୍ଚବର୍ଷ ବିତିଗଲା । କାଲିପରି ଲାଗୁଛି, ସବୁକିଛି ଅଛି ତୁମେ ନାହିଁ । ବହୁତ ଶୂନ୍ୟତା ତଥାପି ତୁମର ସ୍ମୃତିକୁ ପାଥେୟ କରି ଆଗେଇ ଚାଲିଛୁ । ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ତ୍ୟାଗ ସଦ୍‌ଭାବନା ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛି । ଏହି ପୁଣ୍ୟ ତିଥିରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀଚରଣାରବିନ୍ଦରେ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ବିନମ୍ର ପ୍ରାର୍ଥନା କରୁଛୁ ।
ହତଭାଗ୍ୟ: ଝୁନ୍‌ମୁନ୍, ରାୟେନ୍, ଲିଜୁଲ, ସଙ୍ଗୀତା, ରିପୁଲ, ଲିଟୁନା ଓ ପରିବାରବର୍ଗ ।
ଧ–୬୧୯୧୫



## ପୂର୍ବ ତଟ ରେଳପଥ
### ଇଞ୍ଜିନିୟରିଂ କାର୍ଯ୍ୟ

ଫାଇଲ ନଂ.DRM/Engg/KUR/19-20/E-tender/03, ତା.18.04.2019ରିଖ

**1. ଟେଣ୍ଡର ବିଜ୍ଞପ୍ତି ସଂ.e-Tender NORTH-KUR-06-2019, ତା.15.04.2019ରିଖ**
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ପର୍ଜ୍ଜନପୁର ଷ୍ଟେସନ ଠାରେ ଗୁଡ୍‌ସ ପ୍ଲାଟଫର୍ମ ଠାରୁ ପଳାସପଙ୍ଗ ରୋଡ୍ ପର୍ଯ୍ୟନ୍ତ ସଂଯୋଗ କରୁଥିବା ସିମେଣ୍ଟ କଂକ୍ରିଟ ପ୍ରବେଶ ପଥର ବ୍ୟବସ୍ଥା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 88.30 ଲକ୍ଷ, EMD (ଟଙ୍କାରେ) : 1,76,600/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 06 (ଛଅ) ମାସ ।

**2. ଟେଣ୍ଡର ବିଜ୍ଞପ୍ତି ସଂ.e-Tender NORTH-KUR-07-2019, ତା.15.04.2019ରିଖ**
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ଭଦ୍ରକ ଷ୍ଟେସନ ଠାରେ ପ୍ଲାଟଫର୍ମ ନଂ.1 ରେ 10 bay ପ୍ଲାଟଫର୍ମ ସେଲ୍ଟର ର ନିର୍ମାଣ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ) : 123.79 ଲକ୍ଷ, EMD (ଟଙ୍କାରେ) : 2,11,900/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 08 (ଆଠ) ମାସ ।

**3. ଟେଣ୍ଡର ବିଜ୍ଞପ୍ତି ସଂ.e-Tender CENT-KUR-08-2019, ତା.15.04.2019ରିଖ**
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ ଯନ୍ତ୍ରୀ (ନିର୍ମାଣ) ପରିସୀମା ଅଧୀନରେ 2 ବର୍ଷ ସମୟାବଧି ନିମନ୍ତେ ସହାୟକ ମଣ୍ଡଳ ଯନ୍ତ୍ରୀଙ୍କ ଅନୁଯାୟୀ ରେଳବାଇ ସାମଗ୍ରୀଗୁଡ଼ିକର ପରିବହନ ନିମନ୍ତେ 01 ଟନ୍ ଏବଂ 10 ଟନ୍ କ୍ଷମତା ବିଶିଷ୍ଟ ଟ୍ରକ୍‌ର ପ୍ରସ୍ତାବିତ ପ୍ଲେସ୍‌ମେଣ୍ଟ (Placement) ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 71.93 ଲକ୍ଷ, EMD (ଟଙ୍କାରେ) : 1,43,900/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 24 (ଚବିଶି) ମାସ ।

**4. ଟେଣ୍ଡର ବିଜ୍ଞପ୍ତି ସଂ.e-Tender HQ-KUR-09-2019, ତା.15.04.2019ରିଖ**
ବିବରଣୀ : ଖୋର୍ଦ୍ଧା ରୋଡ୍ ୟାର୍ଡ଼ ଠାରେ ବାଲାଷ୍ଟ ସାଇଡ଼ିଙ୍ଗର ପ୍ରସ୍ତାବିତ ରୂପାନ୍ତରଣ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 60.89 ଲକ୍ଷ, EMD (ଟଙ୍କାରେ) : 1,21,800/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 06 (ଛଅ) ମାସ ।

**5. ଟେଣ୍ଡର ବିଜ୍ଞପ୍ତି ସଂ.e-Tender ESTATE-KUR-11-2019, ତା.15.04.2019ରିଖ**
ବିବରଣୀ : ସହାୟକ ମଣ୍ଡଳ ଯନ୍ତ୍ରୀ / ସେଟେଲମେଣ୍ଟ / ମୁଖ୍ୟାଳୟ / ଭୁବନେଶ୍ୱର ଅଧୀନରେ ରେଳ କୁଞ୍ଜ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଠାରେ ଡୁପ୍ଲେକ୍ସ-1 ଠାରୁ 12 ୟୁନିଟ୍ ପର୍ଯ୍ୟନ୍ତ ଏବଂ ରେଳ ହାଉସ୍ (Rail House)ର ଚଟାଣ, ଶୌଚାଳୟ, ସାନିଟାରୀ ଫିଟିଙ୍ଗ୍ ଏବଂ ଛାତ ଇତ୍ୟାଦିର ମରାମତି ଭଳି ବିବିଧ କାର୍ଯ୍ୟ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 92.75 ଲକ୍ଷ, EMD (ଟଙ୍କାରେ) : 1,85,500/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 06 (ଛଅ) ମାସ ।

**6. ଟେଣ୍ଡର ବିଜ୍ଞପ୍ତି ସଂ.e-Tender EAST-KUR-13-2019, ତା.16.04.2019ରିଖ**
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର କଟକ ଷ୍ଟେସନ ଠାରେ 04 ଗୋଟି ଲିଫ୍ଟ ବ୍ୟବସ୍ଥା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 78.17 ଲକ୍ଷ, EMD (ଟଙ୍କାରେ) : 1,56,300/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 08 (ଆଠ) ମାସ ।

**7. ଟେଣ୍ଡର ବିଜ୍ଞପ୍ତି ସଂ.e-Tender EAST-KUR-15-2019, ତା.16.04.2019ରିଖ**
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର କଟକ-ପାରାଦ୍ୱୀପ ସେକ୍ସନରେ ବାଲାଷ୍ଟ ରିଟେନିଙ୍ଗ୍ ୱାଲ, ପାରାପେଟ୍ ୱାଲ, ଯାଞ୍ଚ ସିଡ଼ି (Inspection Steps), ବ୍ରିକ୍ ଟାବଲେଟ୍, ପୋଲ ପ୍ରବେଶ ପଥ ସେସ୍ (Cess)ର ପ୍ରଶସ୍ତୀକରଣ, ରେନ୍‌ଫୋର୍ସମେଣ୍ଟ ଏକ୍ସପୋଜ୍‌ଡ୍ (Reinforcement exposed) ସ୍ଥାନର ଦେଖାଶୁଣା, ଷ୍ଟୋନ୍ ପିଟିଙ୍ଗ୍, ସେଣ୍ଟ୍ରାଲ ଡ୍ରେନ୍ ଇତ୍ୟାଦିଗୁଡ଼ିକର ମରାମତି ତଥା ଛୋଟ ପୋଲ/ବଡ଼ ପୋଲ ଏବଂ ଏହାର ପ୍ରବେଶ ପଥଗୁଡ଼ିକର ବିବିଧ ମରାମତି ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 169.10 ଲକ୍ଷ, EMD (ଟଙ୍କାରେ) : 2,34,600/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 12 (ବାର) ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.08.05.2019 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ଭାବେ ପ୍ରେରଣ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବକୁ ଫାର୍ମ (Firm) ର ଲେଟର ହେଡ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯାଇଥିଲେ ମଧ୍ୟ ଗ୍ରହଣ କରାଯିବ ନାହିଁ । ସେହି ସବୁ ମାନୁଆଲ ପ୍ରସ୍ତାବ ଗୁଡ଼ିକୁ ଅବୈଧ ଭାବେ ଘୋଷଣା କରାଯିବ ତଥା ତା' ଉପରେ କୌଣସି ବିଚାର କରାନଯାଇ ନାକଚ କରି ଦିଆଯିବ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ଦଶ ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ)
ଖୋର୍ଦ୍ଧା ରୋଡ୍
PR-47/K/19-20

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ବୁଧବାର, ଏପ୍ରିଲ୍ ୨୪/୨୦୧୯ Bhubaneswar, Wednesday, April 24/2019

# ଜଙ୍ଗଲରୁ ମୃତଦେହ ଉଦ୍ଧାର

ବାରଙ୍ଗ,୨୩।୪(ଡି.ଏନ୍.ଏ.)

ଚନ୍ଦକା ଥାନା ଅନ୍ତର୍ଗତ ସିମିଳିପାଟଣା ନିକଟ ଜଙ୍ଗଲରୁ ମଙ୍ଗଳବାର ପୋଲିସ ଏକ ମୃତଦେହ ଉଦ୍ଧାର କରିଛି। ସେ ହେଲେ ଉକ୍ତ ଗ୍ରାମର ବିକ୍ରମଚରଣ ଦାସ (୪୮)। ଗତ ତିନିଦିନ ପୂର୍ବରୁ ବିକ୍ରମ ନିଖୋଜ ଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପରିବାର ଲୋକେ ଚାରିଆଡେ ଖୋଜାଖୋଜି କରି ନିରାଶ ହୋଇଥିବା ବେଳେ ଏହି ଘଟଣା ସୋସିଆଲ ମିଡିଆରେ ପ୍ରଚାରିତ ହୋଇଥିଲା। ମଙ୍ଗଳବାର ସକାଳେ କେତେଜଣ ପିଲା ଜଙ୍ଗଲ ବାଟଦେଇ ଆସୁଥିବାବେଳେ ଏକ ଆପର୍ଟମେଣ୍ଟ ପଛପଟରେ ମୃତଦେହ ପଡିଥିବା ଦେଖିବାପରେ ଘଟଣା ପ୍ରଘଟ ହୋଇଥିଲା। ପ୍ରଥମେ ପରିବାର ଲୋକେ ପହଞ୍ଚି ମୃତଦେହକୁ ଚିହ୍ନଟ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା। ମୃତ ବିକ୍ରମଙ୍କ ପ୍ୟାଣ୍ଟ ପକେଟରୁ ସୁସାଇଡ ନୋଟ୍ ସହ ପାଖରେ ପଡ଼ିଥିବା ଏକ ବୋତଲକୁ ପୋଲିସ ଜବତ କରିଥିଲା। ଏହି ସୁସାଇଡ ନୋଟରେ ବିକ୍ରମଙ୍କ ମୃତ୍ୟୁ ପାଇଁ କେହି ଦାୟୀ ନୁହନ୍ତି ବୋଲି ଲେଖାଯାଇଥିବାବେଳେ ପାରିବାରିକ ଅଶାନ୍ତି କାରଣରୁ ବିକ୍ରମ ଆତ୍ମହତ୍ୟା କରିଥିବା ପୋଲିସ ଅନୁମାନ କରୁଛି। ପରେ ନଂ ୬୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ନିର୍ବାଚନ ଆଚରଣବିଧି ଉଲ୍ଲଂଘନ

# ଚନ୍ଦ୍ରସାରଥି, ଦେବାଶିଷ, ପ୍ରକାଶଙ୍କୁ ନୋଟିସ

**କଟକ ଅଫିସ, ୨୩।୪:** ନିର୍ବାଚନ ଆଚରଣବିଧି ଉଲ୍ଲଂଘନ ଅଭିଯୋଗରେ କଟକ ସଦର ବିଧାନସଭା ନିର୍ବାଚନମଣ୍ଡଳୀ ବିଜେଡି ପ୍ରାର୍ଥୀ ଚନ୍ଦ୍ରସାରଥି ବେହେରା, ବାରବାଟୀ–କଟକ ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ ଓ ଭାଜପା ଲୋକ ସଭା ପ୍ରାର୍ଥୀ ପ୍ରକାଶ ମିଶ୍ରଙ୍କୁ ନୋଟିସ ଜାରି କରାଯାଇଛି। ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଜବାବ ଦାଖଲ ନିମନ୍ତେ ଏହି ନୋଟିସ ଜାରି କରିଥିଲେ। ତେବେ ସେମାନଙ୍କ ମଧ୍ୟରୁ ଦେବାଶିଷ ଓ ପ୍ରକାଶ ଜବାବ ଦାଖଲ ଦେଇଥିବା ବେଳେ ଚନ୍ଦ୍ରସାରଥି ଜବାବ ଦେଇ ନ ଥିବା ଜଣାପଡ଼ିଛି। ସୂଚନାଥାଉକି, ତୃତୀୟ ପର୍ଯ୍ୟାୟ ନିର୍ବାଚନ ନିମନ୍ତେ ରବିବାର ସନ୍ଧ୍ୟାରୁ ପ୍ରଚାର ଶେଷ ହୋଇଥିଲା। ମାତ୍ର ଉପରୋକ୍ତ ପ୍ରାର୍ଥୀମାନଙ୍କ ମଧ୍ୟରୁ ପ୍ରକାଶ ଓ ଚନ୍ଦ୍ରସାରଥି ଏକ ଛାପା ଗଣମାଧ୍ୟମରେ ନିଜର ଏକ ସାକ୍ଷାତ୍କାର ଦେଇଥିବା ବେଳେ ବିଧାୟକ ସାମନ୍ତରାୟଙ୍କର ଭୋଟ ପ୍ରଚାର ସାମାଜିକ ଗଣମାଧ୍ୟମରେ ହୋଇଥିବା ଜିଲା ନିର୍ବାଚନ ଅଧିକାରୀଙ୍କ ନଜରକୁ ଆସିଥିଲା। ଫଳରେ ଏହି ୩ ଜଣଙ୍କୁ ନିର୍ବାଚନ ଅଧିକାରୀ ନୋଟିସ ଜାରି କରିଥିଲେ।













BRIGHT
38
3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଯିଏ ଖାଦ୍ୟ ସଂଯମ କରିପାରିଛି, ସିଏ ମୁକ୍ତି ଆଡ଼କୁ ବହୁ ଦୂର ଆଗେଇ ଯାଇଛି।
-ସେନେକା



## ସଂକ୍ଷେପରେ

### ୩ ଦିନରେ ୨୬ ଗିରଫ, ୨୫ ଲକ୍ଷର ମଦ ଜବତ

**କଟକ ଅଫିସ, ୨୩।୪:** ନିର୍ବାଚନକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ କଟକରେ ମଦ ବିକ୍ରି ୨୧ ତାରିଖରୁ ବନ୍ଦ ରହିଛି। ହେଲେ ବେଆଇନ ମଦ କାରବାର ଜିଲାର ସବୁ ସ୍ଥାନରେ ଚାଲିଛି। ଗତ ୨୦ ତାରିଖରୁ ମଙ୍ଗଳବାର ମଧ୍ୟରେ ଜିଲା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୨୫ ଲକ୍ଷ ଟଙ୍କାର ମଦ ସହ ଭାଙ୍ଗ, ୩ କାର୍ ଓ ୬ ବାଇକ ଜବତ କରାଯାଇଛି। ଏହି ଘଟଣାରେ ୨୮ଟି ମାମଲା ରୁଜୁ ହୋଇଥିବାବେଳେ ସମ୍ପୃକ୍ତ ୨୬ ଜଣଙ୍କୁ ଗିରଫ କରାଯାଇଛି। ଏ ନେଇ ଜିଲା ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି।ମିଳିଥିବା ସୂଚନାନୁସାରେ, କଟକ ସହର ସମେତ ଆଠଗଡ଼, ଖୁଣ୍ଟୁଣି, ସାଲେପୁର, ଚୌଦ୍ୱାର, ଫୁଲନଖରା ଆଦି ଅଞ୍ଚଳରୁ ଏହି ମଦ ଜବତ କରାଯାଇଛି। ଏଥିମଧ୍ୟରୁ ୨୫୦୦ ଲିଟର ଆଇଡି ମଦ, ୩୦୯ ଲିଟର ବିୟର, ୨୫ ହଜାର ୨୪୦ ଲିଟର ପୋଚ ଓ ୨୭୫ କେଜି ଭାଙ୍ଗ ରହିଛି। ଅବକାରୀ ବିଭାଗ କମିଶନର ନିର୍ଦ୍ଦେଶ କ୍ରମେ ଜିଲା ଅବକାରୀ ବିଭାଗ ଅଧିକାରୀ ଅଶୋକ କୁମାର ଶତପଥୀଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।

### ୪ ବୁଥ୍‌ରେ ମତଦାନ ବାଧାପ୍ରାପ୍ତ

**ଖୁଣ୍ଟୁଣୀ, ୨୩।୪(ଡି.ଏନ୍.ଏ.):**ଆଠଗଡ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖୁଣ୍ଟୁଣୀରେ ବିଭିନ୍ନ ଭୋଟ ଗ୍ରହଣ କେନ୍ଦ୍ରରେ ଇଭିଏମ ତ୍ରୁଟି ଯୋଗୁ ଭୋଟ ଗ୍ରହଣ ଆରମ୍ଭରୁ ବାଧାପ୍ରାପ୍ତ ହୋଇଥିଲା। ଖୁଣ୍ଟୁଣୀର ୧୭୭ନଂ ବୁଥ୍‌ରେ ନିର୍ଦ୍ଧାରିତ ସମୟ ୭ଟା ବେଳେ ଭୋଟ ଗ୍ରହଣ ଆରମ୍ଭ ହେବା ମାତ୍ରେ ଇଭିଏମରେ ତ୍ରୁଟି ଦେଖାଦେଇଥିଲା। ପରେ ପୋଲିଂ ଅଫିସରଙ୍କ ଉଦ୍ୟମ ଯୋଗୁ ୪୫ମିନିଟ୍ ବିଳମ୍ବରେ ଭୋଟଗ୍ରହଣ ହୋଇଥିଲା। ସେହିପରି ନଂ ୧୫୯ ରାଧାରମଣପୁର ବୁଥ୍‌ର ଇଭିଏମ୍ ମାତ୍ର ଅଧଘଣ୍ଟା ଚାଲିବା ପରେ ଅଚଳ ହୋଇଯିବାରୁ ଅନ୍ୟ ଏକ ଇଭିଏମ ବ୍ୟବହୃତ ହୋଇଥିଲା। ୧୭୪ ରାଧାଶ୍ୟାମପୁର ବୁଥ୍‌ରେ ଦେଢଘଣ୍ଟା ବିଳମ୍ବରେ ଭୋଟ ଗ୍ରହଣ ହୋଇଥିବ ବେଳେ ୧୯୭ ପୁରୁଷୋତ୍ତମପୁରରେ ଘଣ୍ଟାଏ ୧୫ମିନିଟ୍ ବିଳମ୍ବରେ ଭୋଟ ଗ୍ରହଣ ହୋଇଥିଲା।

### ଦେଢ଼ ଘଣ୍ଟା ଇଭିଏମ୍ ଅଚଳ

**କଟକ ଅଫିସ, ୨୩।୪:** ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀର ପୁରୁଣା ଏଲ୍ଆଇସି କଲୋନୀସ୍ଥିତ ବୁଥ୍‌ରେ ଅପରାହ୍ନ ପ୍ରାୟ ୨ଟା ୪୫ରୁ ୪ଟା ୫ ପର୍ଯ୍ୟନ୍ତ ଇଭିଏମ୍ ଅଚଳ ରହିବା ଯୋଗୁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ବିଜେଡ଼ି ବିଧାୟକ ପ୍ରାର୍ଥୀ ସୌଭିକ ରଞ୍ଜନ ବିଶ୍ୱାଳ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ଉପଜିଲାପାଳ ସୁକାନ୍ତ ପ୍ରଧାନ ସେଠାରେ ପହଞ୍ଚି ଇଭିଏମ୍ ଯାଞ୍ଚ କରିବା ସହ କାର୍ଯ୍ୟକ୍ଷମ କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଇଭିଏମ ଅଚଳ ହେବାବେଳେ ଭୋଟର ସଂଖ୍ୟା କମ୍ ରହିଥିଲା। ପରେ ସମସ୍ତେ ଭୋଟ ଦେଇଥିବା ଉପଜିଲାପାଳ ପ୍ରଧାନ କହିଛନ୍ତି।

### ୩ କି.ମି. ଚାଲିଲେ ଭୋଟର

**ବାଙ୍କୀ, ୨୩।୪(ବି.ପ୍ର.):** ବାଙ୍କୀ ନିର୍ବାଚନମଣ୍ଡଳୀର ଡମପଡ଼ା ବ୍ଲକ ଅଧୀନ ଶିମିଳିପୁର ପଞ୍ଚାୟତରେ ରହିଛି ଶୁଖୁଆଖଳା ଗାଁ। ୨ଟି ୱାର୍ଡ ବିଶିଷ୍ଟ ଏହି ଗାଁରେ ୩୫୦ରୁ ଉର୍ଦ୍ଧ୍ୱ ମତଦାତା ରହିଛନ୍ତି। ସେମାନେ ନିଜର ମତଦାନ ମଙ୍ଗଳବାର ପାଇଁ ଝାଇଁଝାଇଁ ଖରାରେ ଦୀର୍ଘ ୩କିମି ରାସ୍ତା ଚାଲି ଶିମିଳିପୁରସ୍ଥିତ ମଧ ଇଂରାଜୀ ବିଦ୍ୟାଳୟର ୧୪୫ନଂ କେନ୍ଦ୍ରରେ ଆସି ମତଦାନ କରିଛନ୍ତି। ଏନେଇ ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଶୁଖୁଆଖଳାଠାରେ ବୁଥ୍ କରାଯାଇଥିଲେ ଚାଲିବାକୁ ପଡ଼ି ନ ଥାନ୍ତା ବୋଲି କହିଥିଲେ।

### ମାଳିଗାଁରେ ଇଭିଏମ୍ ଅଚଳ

**ନିଶ୍ଚିନ୍ତକୋଇଲି, ୨୩।୪(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ବ୍ଲକର କଟକ ସଦର ନିର୍ବାଚନମଣ୍ଡଳୀ ଅଧୀନ ୧୪ ପଞ୍ଚାୟତରେ ଶାନ୍ତି ଶୃଙ୍ଖଳା ସହ ନିର୍ବାଚନ ଶେଷ ହୋଇଛି। ନେମାଳ ପଞ୍ଚାୟତ ମାଳିଗାଁର ୨୧୩ ନଂ ବୁଥରେ ଇଭିଏମ ଅଚଳ ହୋଇଯାଇଥିବାରୁ ପ୍ରାୟ ୧୦ଟା୧୫ ପରେ ମତଦାନ ଆରମ୍ଭ ହୋଇଥିଲା। ଅଚ୍ୟୁତାନନ୍ଦ ବିଦ୍ୟାପୀଠରେ ୩ଟି ଆଦର୍ଶ ବୁଥ କରାଯାଇ ଭୋଟରଙ୍କୁ ଆକୃଷ୍ଟ କରାଯାଇଥିଲା। ମତଦାନ ସମୟରେ ବନ୍ଧୁପୁରରେ ସାମାନ୍ୟ ଉତ୍ତେଜନା ଦେଖିବାକୁ ମିଳିଥିଲା। ସଦର ନିର୍ବାଚନମଣ୍ଡଳୀରେ ଶାନ୍ତିପୂର୍ଣ୍ଣଭାବେ ନିର୍ବାଚନ ଶେଷ ହୋଇଥିବା ବିଡିଓ ସୁରେଶ ଚନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି।

■ ମାହାଙ୍ଗା, ସାଲେପୁରରେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ସଭା

# ମହିଳାଙ୍କୁ ମିଳିବ ୧୦ ଲକ୍ଷର ସ୍ୱାସ୍ଥ୍ୟ ସହାୟତା

■ଧନୀ ଲୋକଙ୍କ ପାଇଁ କାମ କରୁଛି ଭାଜପା ସରକାର

■ବିମୁଦ୍ରୀକରଣ ଯୋଗୁ ଚାକିରି ହରାଇଛନ୍ତି ବହୁ ଯୁବକ

**ମାହାଙ୍ଗା/ସାଲେପୁର, ୨୩।୪ (ସ୍ୱ.ପ୍ର./ଡି.ଏନ.ଏ.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର କଟକ ଜିଲାର ମାହାଙ୍ଗା ଓ ସାଲେପୁର ନିର୍ବାଚନମଣ୍ଡଳୀ ଗସ୍ତକରି ୨ଟି ନିର୍ବାଚନୀ ସଭାରେ ଯୋଗ ଦେଇଛନ୍ତି। ମାହାଙ୍ଗା ଜେ.ଏନ. କଲେଜ ପଡ଼ିଆରେ ଆୟୋଜିତ ସଭାରେ ଯୋଗଦେଇ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିବା ସହ କାଳିଆ ଯୋଜନାକୁ ଯେଉଁ ଚକ୍ରାନ୍ତ କରି ବନ୍ଦ କରି ଦିଆଯାଇଛି, ତାକୁ ବନ୍ଦ ହେବାକୁ ଦେବି ନାହିଁ। ଆପଣଙ୍କ ଆଶୀର୍ବାଦରେ ଯେଉଁ ଦିନ ବିଜେଡି ସରକାର ଗଠନ କରିବ ସେହି ଦିନ ହିଁ କାଳିଆ ଟଙ୍କା ଚାଷୀଙ୍କ ନିକଟକରେ ପହଞ୍ଚିବ ବୋଲି କହିଥିଲେ। ତେଣୁ ମାହାଙ୍ଗା ବିଜେଡି ବିଧାୟକ ପ୍ରାର୍ଥୀ ପ୍ରତାପ ଜେନା ଓ କେନ୍ଦ୍ରାପଡ଼ା ଏମ୍‌ପି ପ୍ରାର୍ଥୀ ଅନୁଭବ ମହାନ୍ତିଙ୍କୁ ଭୋଟ ଦେଇ ବିଜୟୀ କରିବାକୁ ନିବେଦନ କରିଥିଲେ।

ଏହି ସଭା ମାହାଙ୍ଗା ବିଧାୟକ ପ୍ରାର୍ଥୀ ପ୍ରତାପ ଜେନାଙ୍କ ପୌରୋହିତ୍ୟରେ ହୋଇଥିଲା। ମୁଖ୍ୟମନ୍ତ୍ରୀ ମାହାଙ୍ଗା ନିର୍ବାଚନମଣ୍ଡଳୀ ସୀମାନ୍ତ ଯାଜପୁର ଜିଲା ନଳୀପୁରଠାରେ ହେଲିକପ୍ଟର ଦ୍ୱାରା ଅବତରଣ କରିବା ପରେ ବାଲିଚନ୍ଦ୍ରପୁରଠାରୁ ଏକ ରୋଡ୍ ଶୋରେ କଲେଜ ପଡ଼ିଆ ନିକଟକୁ ଆସିଥିଲେ। ସଭାରେ ମାହାଙ୍ଗା ବିଜେଡି ବିଧାୟକ ପ୍ରାର୍ଥୀ ପ୍ରତାପ ଜେନା ଓ କେନ୍ଦ୍ରାପଡ଼ା ଏମ୍‌ପି ପ୍ରାର୍ଥୀ ଅନୁଭବ ମହାନ୍ତି, ଜୁନାଗଡ଼ ବିଧାୟକ ପ୍ରାର୍ଥୀ କ୍ୟାପେଟନ ଦିବ୍ୟଶଙ୍କର ମିଶ୍ର, ରାଜ୍ୟ ବିଜେଡି ମହିଳା ସଭାନେତ୍ରୀ ମିନତୀ ବେହେରା, କେନ୍ଦ୍ରାପଡ଼ା ବିଜେଡି ମହିଳା ସମ୍ପାଦିକା ଭକ୍ତମୟୀ କର, ଛାତ୍ରନେତା ଅଙ୍କିତ ପ୍ରତାପ ଜେନା, ବ୍ଲକ୍ ବିଜେଡି ସଭାପତି ରାଜକିଶୋର ଜେନା, ବ୍ଲକ ଅଧ୍ୟକ୍ଷ ଶରତ ନାୟକ, ନିଶ୍ଚିନ୍ତକୋଇଲି ବ୍ଲକ୍ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ସୋସିଆଲ ମିଡିଆ ସଭାପତି ଅଶୋକ ଓଝା, ବିଜେଡି ପର୍ଯ୍ୟବେକ୍ଷକ ବିବେକାନନ୍ଦ ସାମନ୍ତରାୟ, ସଂଖ୍ୟାଲଘୁ ସେଲ ଉପସଭାପତି ଜାକିର ଖାଁ ଓ ମହିଳା ବିଜେଡି ସଭାନେତ୍ରୀ ନର୍ମଦା ନାୟକ ପ୍ରମୁଖ ଯୋଗ ଦେଇଥିଲେ।




ମାହାଙ୍ଗାରେ ଆୟୋଜିତ ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଉଛନ୍ତି।

ସେହିପରି ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ସାଲେପୁର ହାଇସ୍କୁଲ୍ ପଡ଼ିଆଠାରେ ଆୟୋଜିତ ଏକ ନିର୍ବାଚନୀ ସଭାରେ ଯୋଗଦେଇ କେନ୍ଦ୍ରାପଡ଼ା ଜନସାଧାରଣଙ୍କୁ ବିଜୁବାବୁ ଓ ତାଙ୍କ ପରିବାର ଭଲ ପାଉଥିଲେ। ମୁଁ କେନ୍ଦ୍ରାପଡ଼ାବାସୀଙ୍କ ସହ ଅଛି। କେନ୍ଦ୍ରାପଡ଼ା ଲୋକଙ୍କ ଉପରେ ମୋର ବହୁ ଭରସା ଥିବାରୁ ମୁଁ ବିଜେଡିରୁ ଯାହାକୁ ଦୁଇଥର ସାଂସଦ ପ୍ରାର୍ଥୀ କରିଥିଲି ଆପଣ ତାଙ୍କୁ ଭୋଟ ଦେଇଥିଲେ। ଏବେ ସେ ମୋର ବିଶ୍ୱାସକୁ ଭାଙ୍ଗିବା ସହ ଆପଣଙ୍କ ସହ ବିଶ୍ୱାସଘାତକତା କରିଛନ୍ତି। ତେଣୁ ଆପଣମାନେ ଏହାର ଉଚିତ୍ ଜବାବ୍ ଭୋଟରେ ଦେବେ ବୋଲି କହିଥିଲେ। ଏଥିସହିତ ସେ କହିଥିଲେ, ଭାଜପା ହେଉଛି ଧନୀ ଲୋକଙ୍କ ଦଳ। ଧୀନ ଲୋକଙ୍କ ପାଇଁ ସେ କାମ କରେ। ଦେଶରେ ବିମୁଦ୍ରୀକରଣ ହେବାରୁ ବହୁ ଯୁବକ ଚାକିରି ହରାଇଛନ୍ତି। ସେଥିପାଇଁ କେନ୍ଦ୍ରର ଭାଜପା ସରକାର ସବୁଆଡ଼େ ହାରୁଛି। ଏଠି ମଧ୍ୟ ହାରିବ। ଜିଏସ୍‌ଟି ସୁବିଧା ଧନୀଲୋକ ପାଉଥିବାବେଳେ ଗରିବ ଅଧିକ ଗରିବ ହେଉଛନ୍ତି। କେନ୍ଦ୍ରର ଆୟୁଷମାନ ଭାରତ ସ୍ୱାସ୍ଥ୍ୟବୀମା ଯୋଜନାରେ ମହିଳାଙ୍କୁ ୫ ଲକ୍ଷ ଟଙ୍କାର ସହାୟତା ମିଳୁଛି। ଏଠାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଏବେ ମହିଳାଙ୍କୁ ୧୦ ଲକ୍ଷ ଟଙ୍କା ସହାୟତା ମିଳିବ ବୋଲି କହିଥିଲେ। ଏଠାରେ ମଧ୍ୟ ସେ କାଳିଆ ଯୋଜନା କଥା କହିଥିଲେ। କେନ୍ଦ୍ରାପଡ଼ା ଲୋକ ସଭା ପାଇଁ ମୁଁ ଜଣେ ଭଲ ପ୍ରାର୍ଥୀ ଦେଇଛି। ତାଙ୍କୁ ଭୋଟ୍ ଦେଇ ଜିତାନ୍ତୁ ବୋଲି ନିବେଦନ କରିଥିଲେ। କେନ୍ଦ୍ରାପଡ଼ାର ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ଉଦ୍ଦେଶ୍ୟରେ କଡ଼ା ଟିପ୍ପଣୀ ଦେଇଥିଲେ। ସଭାରେ ମାହାଙ୍ଗା ବିଧାୟକ ପ୍ରାର୍ଥୀ ଜେନା, ସାଲେପୁର ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ବେହେରା, କେନ୍ଦ୍ରାପଡ଼ା ଲୋକସଭା ପ୍ରାର୍ଥୀ ମହାନ୍ତି, ଆସ୍କା ସଂସଦୀୟ କ୍ଷେତ୍ରର ପ୍ରାର୍ଥୀ ପ୍ରମିଳା ବିଶୋୟୀ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ସଭାକୁ ସାଲେପୁର ବ୍ଲକ ଉପାଧ୍ୟକ୍ଷ ଦିଲୀପ ଦାଶ ସଂଯୋଜନା କରିଥିଲେ। କଣ୍ଟାବାଞ୍ଜି ବିଧାୟକ ଆୟୁବ୍ ଖାଁ, ବିଜେଡି ମହିଳା ନେତ୍ରୀ ଶ୍ରୀମୟୀ ମିଶ୍ର, ଆଶିଷ୍ ସାହୁ, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ଜୟଶ୍ରୀ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ରମେଶ ଜେନା, ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ନାରାୟଣ ପତିଙ୍କ ସମେତ ବହୁ ନେତା ମଞ୍ଚରେ ଉପସ୍ଥିତ ଥିଲେ।




ଆଠଗଡ଼ର ଏକ ବୁଥ୍‌ରେ ବିଧାୟକ ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଭୋଟ ଦେଉଛନ୍ତି।




କଟକ ସଦର ନିର୍ବାଚନୀମଣ୍ଡଳୀର ଏକ ବୁଥ୍‌କୁ ସ୍ୱେଚ୍ଛାସେବୀ ଜଣେ ବୃଦ୍ଧ ଭୋଟରଙ୍କୁ ନେଉଛନ୍ତି।

## ଆଦର୍ଶ ବୁଥ୍‌ରେ ଅବ୍ୟବସ୍ଥା

**ବାଙ୍କୀ, ୨୩।୪(ବି.ପ୍ର.)**

ବାଙ୍କୀ ଏନଏସି ଅନ୍ତର୍ଗତ ୧୧୬ନଂ ବୁଥ୍ ଖମାରଙ୍ଗ (ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠ)କୁ ଆଦର୍ଶ ବୁଥ୍‌ରେ ସ୍ଥାନିତ କରାଯାଇଥିଲା। ବିଡମ୍ବନାର ବିଷୟ ପରିଚାଳନା ଗତ ତ୍ରୁଟି ହେତୁ ଏହି କେନ୍ଦ୍ରରେ ରାତି ୭ଟା ସୁଦ୍ଧା ୩୫୦ରୁ ଉର୍ଦ୍ଧ୍ୱ ଭୋଟର ଧାଡି ବାନ୍ଧି ଛିଡା ହୋଇଥିଲେ। ଆଦର୍ଶ ଭୋଟ କେନ୍ଦ୍ରରେ ଭିନ୍ନକ୍ଷମ ଏବଂ ଅନ୍ୟାନ୍ୟ ଦିଗ ପ୍ରତି ଦୃଷ୍ଟି ଦିଆ ନ ହେବା ହେତୁ ଭୋଟର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପରି କି ହୁଇଲ୍ ଚେୟାରରେ ଭିନ୍ନକ୍ଷମଙ୍କୁ ଦୀର୍ଘସମୟ ଅପେକ୍ଷା କରିବାକୁ ପଡୁଥିଲା। ପରେ ପ୍ରିଜାଇଡିଂ ଅଫିସର ଆସି ସବୁ ସମସ୍ୟାର ସମାଧାନ କରିଥିଲେ।

## ୩୨ ବୁଥ୍‌ରେ ଇଭିଏମ୍ ତ୍ରୁଟି

### ବଡ଼ମ୍ବାର ଗୋଟିଏ ବୁଥ୍‌ରେ ହେବ ପୁନଃ ମତଦାନ

**କଟକ ଅଫିସ/ବଡ଼ମ୍ବା, (ଡି.ଏନ୍.ଏ.)୨୩।୪**

ତୃତୀୟ ପର୍ଯ୍ୟାୟ ନିର୍ବାଚନ ନିମନ୍ତେ ମଙ୍ଗଳବାର ସକାଳ ୭ଟାରୁ ମତଦାନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମାତ୍ର କଟକ ଲୋକ ସଭା ଅଧୀନରେ ଥିବା ଅଧିକାଂଶ ବୁଥ୍‌ଗୁଡ଼ିକରେ ଇଭିଏମ୍‌ରେ ତ୍ରୁଟି ପରିଲକ୍ଷିତ ହୋଇଥିଲା। ଫଳରେ କେତେକ ସ୍ଥାନରେ ଭୋଟରମାନେ ଅସନ୍ତୋଷବ୍ୟକ୍ତ କରି ଘରକୁ ଫେରି ଯାଇଥିଲେ। ମୋଟ ୩୨ଟି ବୁଥ୍‌ରେ ଇଭିଏମ୍ ତ୍ରୁଟି ଦେଖାଯାଇଥିବା ବେଳେ ଆଠଗଡ଼ର ୧୪୧ ନମ୍ବର ବୁଥ୍‌ରେ ଭିଭିପିଏଟି ମେଶିନରୁ ଧୂଆଁ ବାହାରିବାକୁ ନେଇ ସେଠାରେ ମଧ୍ୟ ମତଦାନ ପ୍ରକ୍ରିୟା ବିଳମ୍ବିତ ହୋଇଥିଲା। ଅନ୍ୟପକ୍ଷରେ ବଡ଼ମ୍ବା ବିଧାନସଭା ଆସନର ୧୯୬ ନମ୍ବର ବୁଥ୍‌ରେ ଏମ୍‌ପି ପ୍ରାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ଇଭିଏମ୍‌କୁ ପ୍ରିଜାଇଡିଂ ଅଫିସର ଭୁଲ ବଶତଃ ବିଧାୟକ ପ୍ରାର୍ଥୀଙ୍କ ଜାଗାରେ ସଂଯୋଗ କରିଦେଇଥିଲେ। ଏହା ଜଣାପଡ଼ିଲା ବେଳକୁ ବହୁ ସଂଖ୍ୟକ ମତଦାନ ହୋଇସାରିଥିଲା। ତେଣୁ ଏ ସମ୍ପର୍କରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅବଗତ କରାଯାଇଛି। ଉକ୍ତ ବୁଥ୍‌ରେ ପୁନଃ ମତଦାନ ନିମନ୍ତେ ଆଉ ଏକ ଦିନ ସ୍ଥିର କରାଯିବ ବୋଲି ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀ ଅରବିନ୍ଦ ଅଗ୍ରୱାଲ ସୂଚନା ଦେଇଛନ୍ତି। ତେବେ ପରବର୍ତ୍ତୀ ସମୟରେ ଇଭିଏମ୍‌ଗୁଡ଼ିକୁ ସଜଡ଼ା ଯାଇଥିଲେ ମଧ୍ୟ ସନ୍ଧ୍ୟା ପର୍ଯ୍ୟନ୍ତ କଟକ-ବାରବାଟୀ ଓ ଚୌଦ୍ୱାର-କଟକ ଅଞ୍ଚଳର କେତେକ ବୁଥ୍‌ରେ ମତଦାନ ଜାରି ରହିଥିଲା। ସନ୍ଧ୍ୟା ୭ଟା ସୁଦ୍ଧା ମିଳିଥିବା ରିପୋର୍ଟ ଅନୁଯାୟୀ କଟକ ସଦର ନିର୍ବାଚନମଣ୍ଡଳୀରେ ସର୍ବାଧିକ ୬୭ ପ୍ରତିଶତ ମତଦାନ ହୋଇଥିବା ବେଳେ କଟକ-ବାରବାଟୀରେ ୪୨.୬୩, ଚୌଦ୍ୱାର-କଟକରେ ୫୨ ପ୍ରତିଶତ, ଆଠଗଡ଼ରେ ୬୨.୧ ପ୍ରତିଶତ, ବାଙ୍କୀରେ ୬୩.୭ ପ୍ରତିଶତ ଓ ବଡ଼ମ୍ବାରେ ୬୦.୧ ପ୍ରତିଶତ ମତଦାନ ହୋଇଥିଲା। ସେହିପରି କଟକ ଲୋକ ସଭା ଆସନରେ ୫୯.୫୮ ପ୍ରତିଶତ ମତଦାନ ହୋଇଥିବା ଜିଲା ନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ଇଭିଏମ୍, ଭିଭିପିଏଟି ଖରାପ ଯୋଗୁ ମତଦାନରେ ବିଳମ୍ବ

**ଆଠଗଡ଼, ୨୩।୪(ସ୍ୱ.ପ୍ର.)**

### ଆଠଗଡ଼ରେ ୭୦%ରୁ ଉର୍ଦ୍ଧ୍ୱ ମତଦାନ

ଆଠଗଡ଼ ନିର୍ବାଚନମଣ୍ଡଳୀରେ ମଙ୍ଗଳବାର ମତଦାନ ଅନୁଷ୍ଠିତ ହୋଇଛି। ପ୍ରବଳ ଗ୍ରୀଷ୍ମପ୍ରବାହ ସତ୍ତ୍ୱେ ପ୍ରାୟ ୭୦ ପ୍ରତିଶତରୁ ଉର୍ଦ୍ଧ୍ୱ ମତଦାତା ସେମାନଙ୍କ ମତ ସାବ୍ୟସ୍ତ କରିଥିବା ସୂଚନା ମିଳିଛି। ଆଠଗଡ ବ୍ଲକର ୧୪୩ ବୁଥ ଓ ଏନଏସି ଅଞ୍ଚଳର ୧୦ ବୁଥରେ ୪୦ରୁ ଉର୍ଦ୍ଧ୍ୱ ଇଭିଏମ ଓ ଭିଭିପିଏଟି ଖରାପ ଥିବାରୁ ଯୁଦ୍ଧକାଳୀନ ଭିତିରେ ତାହା ବଦଳାଯାଇ ମତଦାନ କରାଯାଇଥିଲା। ହେଲେ ଏଥିରେ ବିଳମ୍ବ ହେବାରୁ ନିର୍ଦ୍ଦିଷ୍ଟ ସମୟର ୨ଘଣ୍ଟା ବିଳମ୍ବରେ ମତଦାନ ଶେଷ ହୋଇଥିଲା। ପ୍ରଥମରୁ ମତଦାତା ଲମ୍ବାଧାଡିରେ ଠିଆହୋଇ ମତଦାନ କରିଥିଲେ। ଏହାପରେ ଇଭିଏମ ଓ ଭିଭିପିଏଟି ଖରାପ ହୋଇପଡିଥିଲା। ପ୍ରିଜାଇଡିଂ ଅଫିସରଙ୍କଠାରୁ ସୂଚନା ପାଇ ସେକ୍ଟର ଅଫିସରମାନେ ସଂରକ୍ଷିତ ଥିବା ଇଭିଏମ ଓ ଭିଭିପିଏଟି ସମ୍ପୃକ୍ତ ବୁଥରେ ଯୋଗାଇ ଦେଇଥିଲେ। ମଧ୍ୟାହ୍ନରେ ମତଦାନ କ୍ଷେତ୍ରରେ ସାମାନ୍ୟ ଫିକା ପଡିଥିଲା। ଅପରାହ୍ନରେ ମତଦାତାଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା। ମତଦାନ ପରେ ସମସ୍ତ ବୁଥରୁ ଇଭିଏମ ଓ ଭିଭିପିଏଟିକୁ ଆଠଗଡ଼ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟ ସ୍ଥିତ ଷ୍ଟ୍ରଙ୍ଗରୁମକୁ ଅଣାଯାଇଥିଲା। ବିଳମ୍ବିତ ସମୟ ପର୍ଯ୍ୟନ୍ତ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀ ତାହା ଗ୍ରହଣ କରିଥିଲେ। ଶୃଙ୍ଖଳିତ ନିର୍ବାଚନ ପରିଚାଳିତ ହୋଇଥିଲେ ହେଁ, କାଁଭାଁ ସ୍ଥାନରେ ସାମାନ୍ୟ ଗଣ୍ଡଗୋଳ ହୋଇଥିବା ଓ ପରେ ତାହା ସମାଧାନ ହୋଇଥିବା ଜଣାପଡିଛି। ଆଠଗଡ଼ କଟକିଆସାହି ପଞ୍ଚାୟତର ବଳରାମପୁର ବୁଥରେ ପରିଚାଳନା କରୁଥିବା କର୍ମଚାରୀ ମତଦାତାଙ୍କୁ ନିର୍ଦ୍ଦିଷ୍ଟ ଚିହ୍ନରେ ମତଦାନ ପାଇଁ ପ୍ରବର୍ତ୍ତାଉଥିବା କଂଗ୍ରେସ ବିଧାୟକ ପ୍ରାର୍ଥୀ ଉମାବଲ୍ଲଭ ରଥ ଅଭିଯୋଗ କରିବା ସହ ଉକ୍ତ କେନ୍ଦ୍ରରେ ସାନି ମତଦାନ ପାଇଁ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି କରିଥିବା ଜଣାପଡିଛି। ଉପଜିଲାପାଳ ତଥା ରିଟର୍ନିଂ ଅଫିସର ଅମୀୟ କୁମାର ସାହୁ ଏ ସମ୍ବନ୍ଧରେ କୌଣସି ଅଭିଯୋଗ ପାଇ ନ ଥିବା ପ୍ରକାଶ କରିଛନ୍ତି।

## ଶାନ୍ତିଶୃଙ୍ଖଳାର ସହ ସରିଲା ତୃତୀୟ ପର୍ଯ୍ୟାୟ ଭୋଟ

**କଟକ ଅଫିସ, ୨୩।୪**

କଟକରେ ତୃତୀୟ ପର୍ଯ୍ୟାୟ ଭୋଟ ପ୍ରକ୍ରିୟା ମଙ୍ଗଳବାର ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ସକାଳ ୭ଟାରୁ ବିଭିନ୍ନ ପୋଲିଂ ବୁଥ୍‌ରେ ଭୋଟରଙ୍କ ଲମ୍ବା ଲାଇନ ଦେଖିବାକୁ ମିଳିଥିଲା। ଭୋଟରମାନେ ହାତରେ ଭୋଟ ପରିଚୟପତ୍ର ସହ ଆଧାର କାର୍ଡ ଧରି ମତଦାନ ନିମନ୍ତେ ଲାଇନରେ ଛିଡ଼ା ହୋଇଥିଲେ। ଝୋଲାସାହି, ନିମସାହି, ଡଗରପଡ଼ା ଅନାଥାଶ୍ରମ ସ୍କୁଲ, ଖଟବିନ ସାହି ବୁଥ୍‌ରେ ଇଭିଏମ୍‌ର ସମସ୍ୟା ଯୋଗୁ ମତଦାନ ପ୍ରକ୍ରିୟା ୨ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା। ସକାଳ ୭ଟାରୁ ଲାଇନରେ ଛିଡ଼ା ହୋଇଥିବା ଭୋଟରମାନେ ନିରାଶ ହୋଇ ଘରକୁ ପଳାଇ ଯିବା ସହ ବିଳମ୍ବରେ ଆସି ନିଜ ମତ ଦେଇଥିଲେ। ବିଭିନ୍ନ ବୁଥ୍‌ରେ ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ପ୍ରଥମ କରି ମଧୁସୂଦନ ଆଇନ ମହାବିଦ୍ୟାଳୟରେ କିନ୍ନରମାନେ ନିଜ ମତ ସାବ୍ୟସ୍ତ କରିଥିଲେ। ଅନେକ ବୁଥ୍‌ରେ ପାଣି କିମ୍ବା ଖରାରୁ ରକ୍ଷା ନିମନ୍ତେ ପଙ୍ଖାର ବ୍ୟବସ୍ଥା କରାଯାଇ ନ ଥିବା ଯୋଗୁ ଭୋଟରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ବୁଥ୍‌ଗୁଡ଼ିକରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ମହିଳାପୁରୁଷ ଦୁଇଟି ଲାଇନ କରି ଛିଡ଼ା ହୋଇ ମତଦାନ ସାବ୍ୟସ୍ତ କରିଥିଲେ। ବୟସ୍କ ବ୍ୟକ୍ତିଙ୍କୁ ଗାଡ଼ି ମୋଟର ସାହାଯ୍ୟରେ ବୁଥ୍‌କୁ ଅଣାଯାଇ ମତ ସାବ୍ୟସ୍ତ କରିବାକୁ ଦେଖାଯାଇଥିଲା। ସହରର ଝାଞ୍ଜିରିମଙ୍ଗଳା, ଝୋଲାସାହି, ବାରବାଟୀ ଅଞ୍ଚଳରେ ଥିବା ବୁଥ୍‌ରେ ଭୋଟରମାନେ ସନ୍ଧ୍ୟା ପର୍ଯ୍ୟନ୍ତ ଭୋଟ ଦେବା ନିମନ୍ତେ ଗହଳି ଦେଖିବାକୁ ମିଳିଥିଲା। ସକାଳୁ ବାରବାଟୀ ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ ଝାଞ୍ଜିରିମଙ୍ଗଳା ମନ୍ଦିର ନିକଟସ୍ଥ ସ୍କୁଲ ବୁଥ୍‌କୁ ଯାଇ ନିଜ ମତଦାନ ସାବ୍ୟସ୍ତ କରିଥିଲେ। ସେହିପରି ବାରବାଟୀ ଅଞ୍ଚଳରେ ଥିବା ଝୋଲାସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଓଡ଼ିଆ ଫିଲ୍ମ ଷ୍ଟାର ତଥା କେନ୍ଦ୍ରାପଡ଼ା ଲୋକ ସଭା ପ୍ରାର୍ଥୀ ଅନୁଭବ ମହାନ୍ତି ଭୋଟରଙ୍କ ସହ ଲାଇନରେ ଛିଡ଼ା ହୋଇ ନିଜ ପରିବାର ସମେତ ଭୋଟ ଦେଇଥିଲେ।



ତିଗିରିଆର ଏକ ବୁଥ୍‌ରେ ଭୋଟ ଦେବାକୁ ଭୋଟରମାନେ ଲମ୍ୱାଧାଡ଼ିରେ ଛିଡ଼ା ହୋଇଛନ୍ତି।

## ସାହିତ୍ୟିକା ରମା କରଙ୍କ ବିୟୋଗରେ ଶୋକ

**କଟକ ଅଫିସ, ୨୩।୪**

ବିଶିଷ୍ଟ ସମାଜସେବିକା, ସୁଲେଖିକା ତଥା ମାସିକ ସାହିତ୍ୟ ପତ୍ରିକା ସହକାରର ପୂର୍ବତନ ସମ୍ପାଦିକା ରମା କରଙ୍କ ବିୟୋଗରେ କଟକ ଜିଲା ଉତ୍କଳ ସମ୍ମିଳନୀର ସଭାପତି ଡା. ରବିରଞ୍ଜନ ସାହୁ ଗଭୀର ଶୋକ ପ୍ରକାଶ କରିଛନ୍ତି। ପରଲୋକଗତ ଆତ୍ମାର ସଦ୍‌ଗତି କାମନା ସହ ଶୋକାକୁଳ ପରିବାରବର୍ଗଙ୍କୁ ଡାକ୍ତର ସାହୁ ସମବେଦନା ଜଣାଇଛନ୍ତି।

## ତ୍ରୁଟି ସଂଶୋଧନ

**କଟକ ଅଫିସ, ୨୩।୪**

ମଙ୍ଗଳବାର ପ୍ରକାଶିତ ଲେଖିକା ରମା କରଙ୍କ ପରଲୋକ ସମ୍ବନ୍ଧିତ ଖବରରେ ଭୁଲ ବଶତଃ ରମା କରଙ୍କ ସ୍ୱାମୀ ବିଚିତ୍ରାନନ୍ଦ କର ନାମ ବଦଳରେ ବିକାଶ କରଙ୍କ ନାମ ପ୍ରକାଶ ପାଇଛି। ବିକାଶ କରଙ୍କ ବଦଳରେ ତାଙ୍କ ସ୍ୱାମୀ ବିଚିତ୍ରାନନ୍ଦ କର ପଢିବାକୁ ଅନୁରୋଧ।

## ଭୋଟରଙ୍କ ପ୍ରତିକ୍ରିୟା

" ଖରାକୁ ଦୃଷ୍ଟିରେ ରଖି ସକାଳ ୭ଟାରୁ ଭୋଟ ଦେବାକୁ ଆସିଥିଲୁ। ଇଭିଏମ୍ ତ୍ରୁଟି ଯୋଗୁ ୨ ଘଣ୍ଟା ହେବ ଲାଇନରେ ଛିଡ଼ା ହୋଇଥିଲୁ। ୨ ଘଣ୍ଟା ପରେ ଇଭିଏମ୍ ସଜଡ଼ା ହେବା ପରେ ଯାଇ ଭୋଟ ଦେଇଥିଲୁ।

**- ମୀନା କୁମାରୀ ଦାସ, ଭୋଟର**

" ୫ ବର୍ଷକୁ ଥରେ ମତଦାନ କରିବାର ସୁଯୋଗ ମିଳୁଛି। ଯାହାକି ଗଣତନ୍ତ୍ରକୁ ସୁଯୋଗ୍ୟ ନେତା ବାଛିବାରେ ସହାୟକ ହେବ। ଗତ ଥର ଭଳି ଏଥର ମଧ ମତଦାନ କରିବାକୁ ଆସିଛି। ରାଜ୍ୟ, ଦେଶ ତଥା ଯବାନମାନଙ୍କ ନିମନ୍ତେ ଏବଂ ଯୁବପିଢ଼ିଙ୍କୁ ରୋଜଗାର ଦେବାରେ ଯେଉଁ ସରକାର ଆଗେଇ ଆସିବ ସେଭଳି ପ୍ରାର୍ଥୀଙ୍କୁ ଭୋଟ ଦେଇଛୁ।

**-ଦେବାନନ୍ଦ ସିଂ, ଭୋଟର**

" ଦ୍ୱିତୀୟ ଥର ନିମନ୍ତେ ମୁଁ ମତଦାନ କରିବାକୁ ଆସିଛି। ପ୍ରଥମ ଥର ଯାହାଙ୍କୁ ମତଦାନ କରିଥିଲୁ ସେ କୌଣସି କାର୍ଯ୍ୟ କରି ନ ଥିବାବେଳେ ଏଥର ଆମେ ପରିବର୍ତ୍ତନ ଚାହୁଁଛୁ। ସହରରେ ଲାଗି ରହିଥିବା ଡ୍ରେନେଜ ସମସ୍ୟା, ଶିକ୍ଷା, ଯୁବ ପିଢିଙ୍କୁ ରୋଜଗାର ଦେଇ ପାରୁଥିବା ପ୍ରାର୍ଥୀଙ୍କୁ ଏଥର ଆମେ ଭୋଟ ଦେଇଛୁ।

**-ଅମିତ କୁମାର ସିଂ, ଭୋଟର**

" ଏଥର ଭୋଟ ଦେଇ ବହୁତ ବଢିଆ ଲାଗୁଛି। ଗଣତନ୍ତ୍ରର ଏହା ଏକ ବଡ଼ପର୍ବ। ଯିଏ ଦେଶ ଓ ରାଜ୍ୟ ପାଇଁ କାମ କରିବ ସେମାନଙ୍କୁ ଭୋଟ ଦିଆଯାଇଛି। ବିଶେଷକରି ସହରର ଟ୍ରାଫିକ ସମସ୍ୟା, ପାଣି ସମସ୍ୟା, ସ୍ୱାସ୍ଥ୍ୟ ସମସ୍ୟା ଦୂର କରି ପାରିବାକୁ ପ୍ରାର୍ଥୀମାନଙ୍କୁ ଭୋଟ ଦେଇଛୁ।

**-ଦେବେନ୍ଦ୍ର କୁମାର ବେହେରା, ଭୋଟର**

## କିଏ କେଉଁଠି ଦେଇଥିଲେ ଭୋଟ

**କଟକ ଅଫିସ, ୨୩।୪**

କଟକ ଲୋକ ସଭା ବିଜେଡି ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଚାନ୍ଦିନୀଚୌକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଭାଜପାର ଲୋକ ସଭା ପ୍ରାର୍ଥୀ ପ୍ରକାଶ ମିଶ୍ର ବକ୍ସିବଜାରସ୍ଥିତ ହାଡ଼ିବନ୍ଧୁ ବିଦ୍ୟାପୀଠରେ ମତଦାନ ସାବ୍ୟସ୍ତ କରିଥିଲେ। ସେହିପରି ବାରବାଟୀ-କଟକ କଂଗ୍ରେସ ପ୍ରାର୍ଥୀ ଇଂ. ମହମ୍ମଦ ମୋକିମ ଖଟବିନସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବିଜେଡି ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ ଝାଞ୍ଜିରିମଙ୍ଗଳାସ୍ଥିତ ପ୍ରାଥମିକ ବିଦ୍ୟାଳୟରେ, ଭାଜପା ପ୍ରାର୍ଥୀ ସମୀର ଦେ ନିମସାହିସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମତଦାନ କରିଥିଲେ। ସେହିପରି ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀ ଅନ୍ତର୍ଭୁକ୍ତ ବିଜେଡି ପ୍ରାର୍ଥୀ ସୌଭିକ ବିଶ୍ୱାଳ ମହାନଦୀବିହାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ନୟନ ମହାନ୍ତି ମହାନଦୀବିହାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସପତ୍ନୀକ ସହ ଆସି ମତଦାନ ସାବ୍ୟସ୍ତ କରିଥିଲେ। ପୋଲିସ କମିଶନର ସତ୍ୟଜିତ ମହାନ୍ତି ବକ୍ସିବଜାରସ୍ଥିତ ହାଡ଼ିବନ୍ଧୁ ବିଦ୍ୟାପୀଠ ସପତ୍ନୀକ ଆସି ଭୋଟ ଦେଇଥିଲେ। ଗଡ଼ଖାଇ ପୋଲିଂ ବୁଥ୍‌ରେ କଟକ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ସପତ୍ନୀକ ସହ ଆସି ମତଦାନ ସାବ୍ୟସ୍ତ କରିଛନ୍ତି।



ଯିଏ ଖାଦ୍ୟ ସଂଯମ କରିପାରିଛି, ସିଏ ମୁକ୍ତି ଆଡ଼କୁ ବହୁ ଦୂର ଆଗେଇ ଯାଇଛି।
-ସେନେକା



## ସଂକ୍ଷେପରେ

### ପୋଲିଂ ଅପେକ୍ଷା ଅଧିକ ମତଦାନ

**ଖୋର୍ଦ୍ଧା ଅଫିସ,୨୩।୪:** ଚିଲିକା ନିର୍ବାଚନମଣ୍ଡଳୀର ୨୬ ନଂ. ବୁଥ୍ ସଲପଡିହରେ ପୋଲିଂ ଅପେକ୍ଷା ଅଧିକ ମତଦାନ ହୋଇଛି। ଏଠାରେ ଭୋର ସମୟରେ ହୋଇଥିବା ମକପୋଲରେ ୫୨ ଭୋଟ ଦିଆଯାଇଥିଲା। ଯାହାକି ଡିଲେଟ ନ କରିବାରୁ ଇଭିଏମ ଓ ଭିଭିପାଟରେ ରହିଗଲା। ଏଜେଣ୍ଟମାନଙ୍କ ଅଭିଯୋଗ ପରେ ବି କିଛି ପରିବର୍ତ୍ତନ କରାଗଲା ନାହିଁ। ଏହି ଘଟଣାରେ ଭୋଟର ଉତ୍ତେଜିତ ହୋଇ ମତଦାନ କେନ୍ଦ୍ରରେ ନିୟୋଜିତ କର୍ମଚାରୀଙ୍କୁ ଅଟକ ରଖିଛନ୍ତି। ସେକ୍ଟର ଅଫିସର ବୁଝାଇଲେ ମଧ ଭୋଟର ଭୋଟର ବୁଝୁ ନାହାନ୍ତି। ଏହି ଘଟଣାକୁ ନେଇ ସଲପଡିହରେ ଉତ୍ତେଜନା ଲାଗି ରହିଛି। ପୂର୍ବରୁ ଏଠାରେ ମତଦାନକୁ କେନ୍ଦ୍ର କରି ବିଜେଡି ଓ ଭାଜପା ସମର୍ଥକଙ୍କ ମଧରେ ଚାପା ଉତ୍ତେଜନା ଦେଖା ଦେଇଥିଲା ।

### ଇଭିଏମ୍‌ରେ ୨ ବିଧାୟକଙ୍କ ଭାଗ୍ୟ

ଖୋର୍ଦ୍ଧା ଅଫିସ,୨୩।୪: ମଙ୍ଗଳବାର ନିର୍ବାଚନରେ ଖୋର୍ଦ୍ଧା ଓ ବେଗୁନିଆ ବିଧାୟକଙ୍କର ଭାଗ୍ୟ ଭୋଟ ବାକ୍ସ ମଧରେ ସିଲ୍ ହୋଇ ରହିଗଲା। ଖୋର୍ଦ୍ଧା ଜିଲାର ବେଗୁନିଆ ନିର୍ବାଚନମଣ୍ଡଳୀରେ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର କୁମାର ସାହୁ ଓ ବେଗୁନିଆ ବିଧାୟକ ପ୍ରଶାନ୍ତ ଜଗଦେବ ଚିଲିକା ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ହୋଇଥିଲେ। ଏହି ଦୁଇ ବିଧାୟକ ଦଳୀୟ ଟିକେଟ ପାଇଥିଲେ ମଧ ନିର୍ବାଚନମଣ୍ଡଳୀ ଅଦଳବଦଳ ହୋଇଯାଇଥିଲା। ସଙ୍ଗଠନ ଗୋଟିଏ ନିର୍ବାଚନମଣ୍ଡଳୀରେ କରିଥିବାବେଳେ ପ୍ରାର୍ଥୀ ଅନ୍ୟ ସ୍ଥାନର ହୋଇଥିବାରୁ ସେମାନଙ୍କ ପାଇଁ ସମସ୍ୟା ଦେଖା ଦେଇଥିଲା। ଅନ୍ୟପକ୍ଷେ ଜିଲାର ୮ ନିର୍ବାଚନମଣ୍ଡଳୀରେ ୯୦ ପ୍ରାର୍ଥୀ ଓ ଭୁବନେଶ୍ୱର ଲୋକ ସଭା ଆସନରେ ୧୪ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ଏମାନଙ୍କର ଭାଗ୍ୟ ମଧ ଭୋଟବାକ୍ସ ମଧରେ ଅନୁରୂପ ଭାବେ ସିଲ୍ ହୋଇଗଲା।

### ଗୋଟିଏ ଭୋଟ ଦେଇ ମତଦାତା ଚାଲିଗଲେ

**ଖୋର୍ଦ୍ଧା ଅଫିସ,୨୩।୪:** ବେଗୁନିଆ ନିର୍ବାଚନମଣ୍ଡଳୀ ତଳଗଡ ଉପ୍ରା ବିଦ୍ୟାଳୟ ୪୭ ନଂ. ବୁଥ୍‌ରେ କବିରାଜ ନାୟକଙ୍କ ପତ୍ନୀ ଟୁନି ଏମ୍‌ପି ପ୍ରାର୍ଥୀଙ୍କୁ ଭୋଟ ଦେଲେ। ବିଧାୟକ ପ୍ରାର୍ଥୀଙ୍କୁ ଭୋଟ ଦେଲା ସମୟ ବେଳକୁ ଟୁନି ବୁଥ୍‌ରେ ନାହାନ୍ତି। ପ୍ରିଜାଇଡିଂ ଅଫିସର ପ୍ରାୟ ଅଧ ଘଣ୍ଟାଏ ଧରି ଅପେକ୍ଷା କରିଥିଲେ ମଧ ଟୁନି ଆଉ ମତଦାନ କେନ୍ଦ୍ରକୁ ଆସି ନ ଥିଲେ। ଶେଷରେ ପାଟିତୁଣ୍ଡକୁ ଲକ୍ଷ୍ୟ ରଖି ଅନ୍ୟ ଭୋଟରମାନଙ୍କୁ ମତଦାନ କରିବାର ସୁଯୋଗ ଦିଆଯାଇଥିଲା।

### ଜଟଣୀରେ ଶାନ୍ତିପୂର୍ଣ୍ଣ ମତଦାନ

**ଜଟଣୀ,୨୩।୪(ଡି.ଏନ.ଏ.):** ଛୋଟ ମୋଟ ଘଟଣାକୁ ଛାଡ଼ି ଦେଲେ ଜଟଣୀ ନିର୍ବାଚନମଣ୍ଡଳୀରେ ଶାନ୍ତିପୂର୍ଣ୍ଣ ମତଦାନ ହୋଇଛି। ତେବେ ଅନେକ ବୁଥ୍‌ରେ ଇଭିଏମ୍‌ରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିବାରୁ ମତଦାନ ବିଳମ୍ବ ହୋଇଥିଲା। ଏପରିକି ସନ୍ଧ୍ୟା ପର୍ଯ୍ୟନ୍ତ କେତେକ କେନ୍ଦ୍ରରେ ମତଦାନ ଜାରି ରହିଥିଲା। ଏଥିପାଇଁ ମତଦାତାଙ୍କୁ ଅନେକ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥିଲା। ଫଳରେ ଭୋଟରଙ୍କ ମଧରେ ଅସନ୍ତୋଷ ଦେଖାଦେଇଥିଲା। ଜଟଣୀ ବ୍ଲକର ପଦନପୁର ଓ ଉପରବସ୍ତ ଗ୍ରାମରେ ହୋଇଥିବା ମତଦାନ କେନ୍ଦ୍ରରେ ଭୋଟଦାନକୁ ନେଇ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ପଦନପୁରରେ ବିଜେଡ଼ି ଓ କଂଗ୍ରେସ କର୍ମୀଙ୍କ ମଧରେ ଯୁକ୍ତିତର୍କ ଓ ଠେଲାପେଲା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ସେହିପରି ଉପରବସ୍ତ ଗ୍ରାମସ୍ଥିତ ୧୪୫ ନଂ. ବୁଥ୍‌ରେ ପୋଲିଂ ଅଫିସରଙ୍କ କାର୍ଯ୍ୟକୁ ନେଇ କଂଗ୍ରେସ କର୍ମୀ ବିରୋଧ କରିଥିଲେ। ତେବେ ପୋଲିସର ହସ୍ତକ୍ଷେପ ଫଳରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏହି ଘଟଣାରେ ପୋଲିସ କେତେଜଣଙ୍କୁ ଅଟକ ରଖି ପରେ ଛାଡ଼ି ଦେଇଥିଲା।

### ବେଗୁନିଆ ନିର୍ବାଚନମଣ୍ଡଳୀ ୧୪ ବୁଥ୍‌ରେ ବିଳମ୍ବରେ ଶେଷହେଲା ମତଦାନ

**ବୋଲଗଡ଼/ବେଗୁନିଆ, ୨୩।୪(ଡି.ଏନ.ଏ.):** ତୃତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଅବସରରେ ମଙ୍ଗଳବାର ବେଗୁନିଆ ବିଧାନସଭା ଭୋଟଗ୍ରହଣ ପ୍ରାୟ ଶାନ୍ତିପୂର୍ଣ୍ଣ ଭାବେ ସରିଛି। ତେବେ କେତେକ ସ୍ଥାନରେ ଇଭିଏମ୍ ଖରାପ, ଅପରାହ୍ନରେ ବିଦ୍ୟୁତ୍ କାଟ ଏବଂ ବର୍ଷା ଓ ପବନ କାରଣରୁ ମତଦାନ ଶେଷ ହେବାରେ ବିଳମ୍ବ ଘଟିଛି। ସୂଚନାରୁ ପ୍ରକାଶ, ସନ୍ଧ୍ୟା ସାଢ଼େ ୭ଟାରେ ମଧ ୧୪ଟି ବୁଥ୍‌ରେ ମତଗ୍ରହଣ ଚାଲିଥିଲା।



ଚିଲିକା ନିର୍ବାଚନମଣ୍ଡଳୀ: ମତଦାନ କେନ୍ଦ୍ରରେ ବିଧାନସଭା ଭାଜପା ପ୍ରାର୍ଥୀ ପୃଥ୍ୱୀରାଜ ହରିଚନ୍ଦନ।



ଚିଲିକା ନିର୍ବାଚନମଣ୍ଡଳୀ: ବାଣପୁର ବିଷରପାଟଣା ବୁଥ୍‌ରେ ବିଜେଡି ପ୍ରାର୍ଥୀ ପ୍ରଶାନ୍ତ ଜଗଦେବ।



ଚିଲିକା ନିର୍ବାଚନମଣ୍ଡଳୀ: ଭୋଟ ଦେବାକୁ କଂଗ୍ରେସ ପ୍ରାର୍ଥୀ ପ୍ରଦୀପ ସ୍ୱାଇଁ ଧାଡ଼ିରେ ଛିଡ଼ା ହୋଇଛନ୍ତି।



ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ: ଭାଜପା ପ୍ରାର୍ଥୀ କାଳୁ ଖଣ୍ଡେଇତରାୟ ଭୋଟ ଦେଇ ଫେରୁଛନ୍ତି।



ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ: ବିଜେଡି ପ୍ରାର୍ଥୀ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ବୁଥ୍‌ରେ ଭୋଟ ଦେଇ ଫେରୁଛନ୍ତି।

■ ଖୋର୍ଦ୍ଧା ଜିଲାର ୪ ନିର୍ବାଚନମଣ୍ଡଳୀ

# ୨୩୨ରୁ ଊର୍ଦ୍ଧ୍ୱ ସ୍ଥାନରେ ଇଭିଏମ ଅଚଳ

**ଖୋର୍ଦ୍ଧା ଅଫିସ/ବେଗୁନିଆ/ବୋଲଗଡ/ବାଲୁଗାଁ/ଜଟଣୀ (ଡି.ଏନ.ଏ.), ୨୩।୪**

ମଙ୍ଗଳବାର ଖୋର୍ଦ୍ଧା ଜିଲାର ତୃତୀୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଜିଲାର ୮ଟି ନିର୍ବାଚନମଣ୍ଡଳୀରେ ଅନୁଷ୍ଠିତ ନିର୍ବାଚନ ହୋଇଯାଇଛି। ଖୋର୍ଦ୍ଧା, ଜଟଣୀ, ବେଗୁନିଆ ଓ ଚିଲିକା ନିର୍ବାଚନମଣ୍ଡଳୀର ୨୩୨ରୁ ଊର୍ଦ୍ଧ୍ୱ ବୁଥ୍‌ରେ ଇଭିଏମ୍‌ରେ ପରିଚାଳନାଗତ ତ୍ରୁଟି ଓ ଖରାପ ହେବା କାରଣରୁ ଅଧ ଘଣ୍ଟାରୁ ୬ ଘଣ୍ଟା ପର୍ଯ୍ୟନ୍ତ ମତଦାନ ବନ୍ଦ ରହିଥିଲା। ଚିଲିକା ନିର୍ବାଚନମଣ୍ଡଳୀର ବାଣପୁର ଥାନା ଓ ବେଗୁନିଆ ନିର୍ବାଚନମଣ୍ଡଳୀର ବୋଲଗଡ ଅଞ୍ଚଳରେ ରାଜନୈତିକ ହିଂସା ହୋଇ ୩ ଆହତ ହୋଇଛନ୍ତି। ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ସାମନ୍ତରାପୁର, କାଇପଦର, ନୀଳଗିରିପାଟଣା ୧୫୯ ନଂ ବୁଥ୍, ନିରାକାରପୁରର ୧୪୯ ଓ ୧୫୧, ମୋଟାର ୧୦୧ ଓ ୧୦୨, କମାଗୁରୁ ୧୬୬ ଓ ୧୭୬ ବୁଥ୍‌ରେ ପ୍ରାୟ ଅଧ ଘଣ୍ଟାଏରୁ ୫ ଘଣ୍ଟା ଧରି ଇଭିଏମ୍ ଖରାପ ହୋଇ ରହିଥିଲା। ଜଟଣୀ ନିର୍ବାଚନମଣ୍ଡଳୀର ଜଟଣୀ ମିଶନ ସ୍କୁଲର ୧୭୯, ୧୮୦ ଓ ୧୮୧ ନଂ. ବୁଥ୍, ରାଜା ବଜାରର ୧୭୩ ନଂ . ବୁଥ୍, ପୋଡପଡା ସ୍କୁଲର ୧୧୫ ନଂ. ବୁଥ୍, କୁଦିଆରୀ ନୋଡାଲ ସ୍କୁଲର ୨୨୮ ନଂ. ବୁଥ୍, ଅରୁଗୁଳ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୭ ନଂ. ବୁଥ୍, ବେଣାପଞ୍ଜରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୨୦୦ ନଂ. ବୁଥ୍, ତିରିମଲ୍ଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୨୦୫ ନଂ. ବୁଥ୍, ତରାବୋଇ ନୋଡାଲ୍ ସ୍କୁଲର ବୁଥ୍ ନଂ. ୧୩୯, ଛତାବର ସ୍କୁଲର ୪୪ ନଂ. ବୁଥ୍, ଲୋକ କଲୋନୀର ୨୨୩ ଓ ୨୨୪ ନଂ ବୁଥ୍‌ରେ ଇଭିଏମ୍ ତ୍ରୁଟି କାରଣରୁ ପ୍ରାୟ ଅଧ ଘଣ୍ଟାଏରୁ ୩ ଘଣ୍ଟା ପର୍ଯ୍ୟନ୍ତ ମତଦାନ ବନ୍ଦ ରହିଥିଲା। ପଦନପୁର ବୁଥ୍‌ରେ ମତଦାନକୁ ନେଇ ବିଜେଡି ଓ କଂଗ୍ରେସ ସମର୍ଥକ ମଧ୍ୟରେ ଠେଲାପେଲା ଯୁକ୍ତିତର୍କ ହୋଇ ଉତ୍ତେଜନା ସୃଷ୍ଟି ହୋଇଥିଲା। ୩ ଜଣଙ୍କୁ ଜଟଣୀ ଥାନା ପୋଲିସ ଅଟକ ରଖିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ବେଗୁନିଆ ନିର୍ବାଚନମଣ୍ଡଳୀର ଶଗଡଭଙ୍ଗା ପଞ୍ଚାୟତର ଛିମା ବୁଥ୍, ଖଡିପଦର, ସିକୋର ୩ ବୁଥ୍, ମଲ୍ଲୀପଦର, ଚୋଟିପାଳଙ୍ଗ, ଗଡମାଣତୀର, ଚଣ୍ଡିଆପଲା, ଡିଙ୍ଗର, ଭୁଆସୁଣି ପାଟଣା, ଲେଖନପୁର, ଭୋଗଡା ୪୦ ନଂ. ବୁଥ୍, ବୋଲଗଡର ୯୫ନଂ. ବୁଥ୍, ଶଗଡଭଙ୍ଗା ବୁଥ୍, ଧାନଘର ନୂଆଗାଁ, ସାରୁଅ ୟୁପି ସ୍କୁଲ, ଅସରାଳାର ୧୨୦ ନଂ. ବୁଥ୍, କଣ୍ଟାବାଡର ୩୪ ନଂ. ବୁଥ୍, ମାଣିକାଗୋଡା ବୁଥ୍, ବଡବେରଣାର ୫୪ ନଂ. ବୁଥ୍‌ରେ ଇଭିଏମ୍ ତ୍ରୁଟିରୁ ପ୍ରାୟ ୧ ଘଣ୍ଟାରୁ ୩ ଘଣ୍ଟା ଡେରିରେ ମତଦାନ ଆରମ୍ଭ ହୋଇଥିଲା। ଶଗଡଭଙ୍ଗାରେ ଏଜେଣ୍ଟଙ୍କ ମଧ୍ୟରେ ବିବାଦ ଯୋଗୁ ଅଧ ଘଣ୍ଟାଏ ଧରି ଉତ୍ତେଜନା ଲାଗି ରହିଥିଲା। ବୋଲଗଡ ଥାନା କଳାଙ୍ଗ ପଞ୍ଚାୟତ ଗୋଡଭଙ୍ଗା ଗାଁରେ ମତଦାନ ଦେବାକୁ ବାରଣ କରିବାରୁ କଂଗ୍ରେସ ସମର୍ଥକଙ୍କୁ ବିଜେଡି ସମର୍ଥକମାନେ ଗୋଡେଇ ଗୋଡେଇ ପିଟିଥିବା ଅଭିଯୋଗ ରହିଛି। ଏଥିରେ ଗୋଡଭଙ୍ଗା ଗାଁର କଂଗ୍ରେସର ସମର୍ଥକ ନୀଳମଣି ପ୍ରଧାନ(୬୫) ଗୁରୁତର ଆହତ ହୋଇଥିବାବେଳେ ଶଙ୍କର୍ଷଣ ବଳିଆର ସିଂ ଆହତ ହୋଇଥିଲେ। ନୀଳମଣିଙ୍କୁ ପ୍ରଥମେ ବୋଲଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଶଙ୍ଖ ଚିହ୍ନରେ ଭୋଟ ଦେବାକୁ କହିବାରୁ ଅସରଳାରେ ପ୍ରାୟ ୧ ଘଣ୍ଟା ଧରି ଉତ୍ତେଜନା ଲାଗି ରହିଥିଲା। ଚିଲିକା ନିର୍ବାଚନମଣ୍ଡଳୀର ମଠପୁର, କୁମ୍ଭୀରପଡା, ବାଲୁଗାଁ ସାମନ୍ତରାପୁର, କୁଳା କୁଣ୍ଢେଇ ନୂଆଗାଁ, ରାଜୀବନଗର, ବାଣପୁର ସେକ୍ଟରର କହ୍ନେଇପୁର, ସୁନାଖଳା, ନାରୁଣୀ, ଜୀବନଦେଇପୁର, ସିଂଘେଶ୍ୱର ର ୨୦୯ ନଂ. ବୁଥ୍, ନରେନ୍ଦ୍ରପୁରର ୧୨୯ ନଂ. ଓ ବିଶ୍ରାପାଟଣା ୧୭୦ନଂ. ବୁଥ୍‌ରେ ଅଧ ଘଣ୍ଟାଏରୁ ୩ ଘଣ୍ଟା ଧରି ଯାନ୍ତ୍ରିକ ଓ ପରିଚାଳନାଗତ ତ୍ରୁଟି ନେଇ ଇଭିଏମ ଅଚଳ ହୋଇରହିଥିଲା। କହ୍ନେପୁରରେ ଭୋଟ ଦେବାକୁ ନେଇ ବିଜେଡି ସମର୍ଥକମାନେ ଭାଜପା ସମର୍ଥକଙ୍କୁ ଆକ୍ରମଣ କରିଥିଲେ। ଭାଜପା ସମର୍ଥକ ଚନ୍ଦନ ମାଝି(୨୯) ଆହତ ହୋଇଥିଲେ। ଗଣ୍ଡଗୋଳକାରୀଙ୍କୁ ଗିରଫ ଦାବିରେ ମତଦାନ କେନ୍ଦ୍ର ସମ୍ମୁଖରେ ଭାଜପା କର୍ମୀମାନେ ଧାରଣା ଦେଇଥିଲେ। ଖବରପାଇ ବାଣପୁର ଥାନା ପୋଲିସ ପହଞ୍ଚି ଆହତଙ୍କୁ ମେଡିକାଲ ପଠାଇଥିଲା।

■ ଇଭିଏମ୍ ଅଚଳ ଯୋଗୁ ଉତ୍ତେଜନା

## ରାତି ସାଢ଼େ ୧୧ଟା ଯାଏ ଚାଲିଲା ମତଦାନ

**ଖୋର୍ଦ୍ଧା ଅଫିସ,୨୩।୪**

ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ବୁଥ୍ ୧୫୯ ନଂ. ନୀଳଗିରିପାଟଣା(ବୋଡଙ୍ଗରା)ରେ ବାରମ୍ବାର ଇଭିଏମ ଅଚଳ ଯୋଗୁ ଉତ୍ତେଜନା ଦେଖା ଦେଇଥିଲା। ରି ପୋଲିଂ ଦାବିରେ ସ୍ଥାନୀୟ ଭୋଟର ସନ୍ଧ୍ୟାରେ ଧାରଣା ଦେଇଥିଲେ। ଖବରପାଇ ବିଜେଡି ପ୍ରାର୍ଥୀ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମଧ ପହଞ୍ଚି ଧାରଣାରେ ସାମିଲ ହୋଇଥିଲେ। ଘଟଣାସ୍ଥଳରେ ଅତିରିକ୍ତ ଜିଲାପାଳ ପହଞ୍ଚି ଭୋଟରଙ୍କୁ ବୁଝାସୁଝା କରି ପୁଣି ନୂଆ ୨ଟି ଇଭିଏମ୍ ନେଇ ମତଦାନ କରାଇଥିଲେ। ଏଠାରେ ରାତି ସାଢ଼େ ୧୧ଟା ପରେ ବି ମତଦାନ ଚାଲୁ ରହିଛି। ମିଳିଥିବା

**ରିପୋଲିଂ ଦାବିରେ ନୀଳଗିରିପାଟଣା ବୁଥ୍‌ରେ ଧାରଣା**

ସୂଚନା ଅନୁସାରେ, ଏଠାରେ ବାରମ୍ବାର ଇଭିଏମ୍ ଅଚଳ ଯୋଗୁ ଟାଙ୍ଗୀ, ଖୋର୍ଦ୍ଧାରୁ ଇଭିଏମ ମଗାଗଲା। ତାହା ପୁଣି ଅଚଳ ହୋଇଥିଲା। ଅପରାହ୍ନ ୨ଟା ପୂର୍ବରୁ ପ୍ରାୟ ୫୦୦ ଭୋଟର ଭୋଟ ଦେଇ ସାରିଥିଲେ। ୧୪୦୦ ଭୋଟର ବିଶିଷ୍ଟ ଏହି ବୁଥ୍‌ରେ ୭୦୦ରୁ ଊର୍ଦ୍ଧ୍ୱ ଭୋଟର ଅପେକ୍ଷାରେ ଥିଲେ। ଅପରାହ୍ନ ୨ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଇଭିଏମ ଅଚଳ ହୋଇଥିଲା।

### ବଟମ୍ ଚିପିଲେ ଶଙ୍ଖକୁ ଗଲା ଭୋଟ

ଖୋର୍ଦ୍ଧା ଅଫିସ,୨୩।୪

୪୮ ନଂ. ଲେଖନପୁର ବୁଥ୍ ପଙ୍ଗାରସିଂରେ ହୋଇଛି। ଏଥିରେ ସବୁ ଭୋଟ ଶଙ୍ଖକୁ ଗଲା। ୫ ଜଣ ଭୋଟ ଦେବା ପରେ ସମାନ ଅଭିଯୋଗ ଆସିବା ପରେ ଇଭିଏମ୍ ବଦଳ କରଗଲା। ଅଭିଯୋଗକାରୀ ପୁଣି ଥରେ ଭୋଟ ଦେବାର ଅଧିକାର ପାଇଥିଲେ।

■ ଖୋର୍ଦ୍ଧା ଜିଲାରେ ୬୦.୦୫ ପ୍ରତିଶତ ମତଦାନ

## ତ୍ରିସ୍ତରୀୟ ସୁରକ୍ଷା ବଳୟ ମଧ୍ୟରେ ଇଭିଏମ୍

**ଖୋର୍ଦ୍ଧା ଅଫିସ,୨୩।୪**

ଭୁବନେଶ୍ୱର ଲୋକ ସଭା ଅଧୀନରେ ଥିବା ଖୋର୍ଦ୍ଧା ଜିଲାର ୭ଟି ବିଧାନ ସଭା ଆସନ ଓ ପୁରୀ ଲୋକସଭା ଅଧୀନରେ ଥିବା ଚିଲିକା ବିଧାନସଭା ଆସନ ପାଇଁ ମତଦାନ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ମଙ୍ଗଳବାର ସକାଳ ୭ଟାଠାରୁ କଡା ସୁରକ୍ଷା ବଳୟ ମଧ୍ୟରେ ମତଦାନ ଆରମ୍ଭ ହୋଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲୁ ରହିଥିଲା। ଜିଲାରେ ୬୦.୦୫ ପ୍ରତିଶତ ମତଦାନ ହୋଇଥିବା ପ୍ରାଥମିକ ଆକଳନରୁ ଜଣାପଡିଛି।

ଖୋର୍ଦ୍ଧା ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ରଙ୍କ ସୂଚନା ଅନୁସାରେ, ପ୍ରାକ୍ ଆକଳନ ଅନୁଯାୟୀ ୧୧୧ ନଂ. ଜୟଦେବ ନିର୍ବାଚନମଣ୍ଡଳୀର ସର୍ବାଧିକ ୭୨ ପ୍ରତିଶତ ମତଦାନ ହୋଇଛି। ୧୧୨ନଂ. ଭୁବନେଶ୍ୱର(ମଧ୍ୟ)ରେ ୪୦ ପ୍ରତିଶତ, ୧୧୩ ନଂ. ଭୁବନେଶ୍ୱର(ଉତ୍ତର)ରେ ୪୦ ପ୍ରତିଶତ, ୧୧୪ ନଂ. ଭୁବନେଶ୍ୱର ଏକାମ୍ର ୫୯ ପ୍ରତିଶତ, ୧୧୫ ନଂ. ଜଟଣୀ ନିର୍ବାଚନମଣ୍ଡଳୀରେ ୬୯ ପ୍ରତିଶତ, ୧୧୬ ନଂ. ବେଗୁନିଆ ନିର୍ବାଚନମଣ୍ଡଳୀରେ ୬୯ ପ୍ରତିଶତ, ୧୧୭ ନଂ. ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ୬୮ ପ୍ରତିଶତ ଓ ୧୧୮ ନଂ. ଚିଲିକା ନିର୍ବାଚନମଣ୍ଡଳୀରେ ୬୭ ପ୍ରତିଶତ ମତଦାନ ହୋଇଛି। ତେବେ ବୁଧବାର ଏହା ବିଦ୍ଧିବଦ୍ଧ ଭାବେ ଘୋଷଣା ହେବ।



ଇଭିଏମ୍ ଓ ଭିଭିପାଟ ମେଶିନକୁ ଷ୍ଟ୍ରଙ୍ଗ୍ ରୁମ୍‌କୁ କର୍ମଚାରୀମାନେ ନେଇଯାଉଛନ୍ତି।

### ଜଟଣୀରେ ନିର୍ବାଚନୀ ଗଣ୍ଡଗୋଳ

**ଜଟଣୀ,୨୩।୪(ଡି.ଏନ.ଏ)**

ଜଟଣୀ ବ୍ଲକର ତରାବୋଇ ପଞ୍ଚାୟତ ଅନ୍ତର୍ଗତ ହରିଡ଼ାମଡା ଗ୍ରାମରେ ମଙ୍ଗଳବାର ଅପରାହ୍ନରେ ନିର୍ବାଚନୀ ଗଣ୍ଡଗୋଳ ଘଟିଛି। ହରିଡ଼ାମଡାରେ ହୋଇଥିବା ମତଦାନ କେନ୍ଦ୍ର ନିକଟରେ ଏହି ଗଣ୍ଡଗୋଳ ଘଟିଥିଲା। କଂଗ୍ରେସ ଓ ବିଜେଡି ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ଘଟି ୪ ଜଣ ଆହତ ହୋଇଛନ୍ତି। ଆହତ ହୋଇଥିବା ୪ ଜଣ ବିଜେଡି ସମର୍ଥକ ହେଲେ ମହମ୍ମଦ ମଇଉଦ୍ଦିନ, ମହମ୍ମଦ ସାହାଜାହାନ୍, ମହମ୍ମଦ ଅଖତାର, ମହମ୍ମଦ ସାହିର। ଏ ନେଇ ମହମ୍ମଦ ମଇଉଦ୍ଦିନ ଜଟଣୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କଂଗ୍ରେସ ସମର୍ଥକମାନେ ସେମାନଙ୍କ ଉପରେ ଆକ୍ରମଣ କରିଥିବା ହରିଡ଼ାମଡା ବୁଥ୍ ନଂ. ୧୩୭ର ବିଜେଡି ପାଇଁ ପୋଲିଂ ଏଜେଣ୍ଟ ଥିବା ମଇଉଦ୍ଦିନ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ହରିଡ଼ାମଡ଼ା ଗ୍ରାମର ଅନେକ ବିଜେଡ଼ି ସମର୍ଥକ ଜଟଣୀ ଥାନାରେ ସନ୍ଧ୍ୟାରେ ଉପସ୍ଥିତ ରହି ଅଭିଯୁକ୍ତଙ୍କ

## ଚିଲିକା ଓ ବାଣପୁର ବ୍ଲକ୍‌ରେ ଶାନ୍ତିପୂର୍ଣ୍ଣ ମତଦାନ

**ବାଲୁଗାଁ,୨୩।୪(ଡି.ଏନ.ଏ.):** ଚିଲିକା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚିଲିକା ବ୍ଲକ୍‌ର ୫୪ ଏବଂ ବାଣପୁର ବ୍ଲକର ୧୪୫ଟି ବୁଥ୍‌ରେ ୩ୟ ପର୍ଯ୍ୟାୟ ମତଦାନ ମଙ୍ଗଳବାର ଶାନ୍ତିପୂର୍ଣ୍ଣଭାବେ ଶେଷ ହୋଇଛି। ଅଧିକାଂଶ ବୁଥ୍‌ରେ ଇଭିଏମ୍‌ରେ ତ୍ରୁଟି ଯୋଗୁ ମତଦାନ ପ୍ରାୟ ୧ ଘଣ୍ଟା ବିଳମ୍ବ ଘଟିଥିଲା। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ମତଦାନ ଜାରି ରହିଥିଲା। ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ବେଳେ ଅଧିକାଂଶ ବୁଥ୍‌ରେ ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା ପାଇବା ପାଇଁ ତମ୍ବୁ କିମ୍ବା ଜଳଯୋଗାଣର ବ୍ୟବସ୍ଥା କରାଯାଇ ନ ଥିଲା। ଫଳରେ ଭୋଟରଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଭାଜପା ପ୍ରାର୍ଥୀ ପୃଥ୍ୱୀରାଜ ହରିଚନ୍ଦନ, ଗୋଡ଼ିଝର ୧୭ ନମ୍ବର ବୁଥ୍ ଏବଂ କଂଗ୍ରେସ ପ୍ରାର୍ଥୀ ପ୍ରଦୀପ ସ୍ୱାଇଁ ଘାସଡ଼ିହ ୧୫ନମ୍ବର ବୁଥ୍‌ରେ ମତଦାନ କରିଥିବା ବେଳେ ବିଜେଡି ପ୍ରାର୍ଥୀ ପ୍ରଶାନ୍ତ ଜଗଦେବ ଚିଲିକା ଭୋଟର ହୋଇ ନ ଥିବା ହେତୁ ବୋଲଗଡ଼ ବ୍ଲକ ଅଧୀନ ୧୧୪ ନମ୍ବର ବୁଥ୍‌ରେ ମତଦାନ କରିଛନ୍ତି। ଏହାବ୍ୟତୀତ ଅବଶିଷ୍ଟ ବିଧାନସଭା ପ୍ରାର୍ଥୀମାନେ ନିଜ ନିଜ ଅଞ୍ଚଳ ବୁଥ୍‌ରେ ମତଦାନ ସାବ୍ୟସ୍ତ କରିଛନ୍ତି। ଗଣତନ୍ତ୍ର ପାଇଁ ଭୋଟ ଦାନ ନିହାତି ଜରୁରୀ , ବାହାରେ ରହୁଥିଲେ ମଧ୍ୟ ନିଜ ଅଞ୍ଚଳର ବିକାଶର ଅଂଶୀଦାର ହେବା ପାଇଁ ହାଇଦ୍ରାବାଦରୁ ଆସି ମତଦାନ ସାବ୍ୟସ୍ତ କରିଛି ବୋଲି କହିଛନ୍ତି ଭୋଟର ବସନ୍ତ କୁମାର ମହାରଣା।



ଗଣପୁର କଣ୍ଟାମଳିମ ଉନ୍ନିତ ବିଦ୍ୟାଳୟ ବୁଥ୍‌ରେ ଗଛ ଛାଇ ତଳେ ଭୋଟର ମାନେ ଛିଡ଼ା ହୋଇଛନ୍ତି।



ଚିଲିକା ନିର୍ବାଚନମଣ୍ଡଳୀର ଜଣେ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲରେ ଭୋଟ ଦେବାକୁ ଯାଉଛନ୍ତି।



ବେଗୁନିଆର ଏକ ବୁଥ୍‌ରେ ଭୋଟରମାନେ ଧାଡ଼ିରେ ଛିଡ଼ା ହୋଇଛନ୍ତି।

## ମତଦାନ ଅଧିକାର ସାବ୍ୟସ୍ତ କଲେ ଭୋଟର

**ଖୋର୍ଦ୍ଧା ଅଫିସ,୨୩।୪**

ମଙ୍ଗଳବାର ତୃତୀୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ତେବେ ଜିଲାର ବିଭିନ୍ନ ସ୍ଥାନରେ ନାନା ଅବ୍ୟବସ୍ଥା ଦେଖା ଦେଇଛି। ପୁଣି ନୂଆ ଭୋଟରମାନେ ମତଦାନ କରିବାର ସୁଯୋଗ ପାଇଛନ୍ତି।



ବୁଥ୍‌ରେ ଖରାରେ ଠିଆହୋଇ ଭୋଟ ଦେଲୁ। ପାଣି ଟିକିଏ ବି ପାଇଲୁ ନାହିଁ। ନିର୍ବାଚନରେ ଏପରି ଅବ୍ୟବସ୍ଥା ସୃଷ୍ଟି କରିଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ। ତେବେ ଆମ ଅଞ୍ଚଳରେ ଭୋଟଦାନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି।

**-କହରା ପ୍ରଧାନ, କୁରାଡ଼ିଲୋ**



ଇଭିଏମ୍ ଖରାପ ଯୋଗୁ ୩ ଘଣ୍ଟା ଅପେକ୍ଷା କରିଥିଲୁ। ଭୋଟ ଦେବାକୁ ଧାଡିରେ ୨ ଘଣ୍ଟା ଠିଆ ହେବା ପରେ ମତଦାନ କରିବାର ସୁଯୋଗ ମିଳିଲା। ଭୋଟର ଖରାରେ ଠିଆ ହୋଇ ଭୋଟ ଦେଉଥିବାବେଳେ ଅନୁଦାନ ଥାଇ ଛାମୁଣ୍ଡିଆ ନ କରିବା କାରଣ କ'ଣ। ଯାହାକି ତଦନ୍ତ ସାପେକ୍ଷ।

**-ସମସାର ଖାଁ, ପଙ୍ଗାରସିଂହ**



ଦୃଷ୍ଟିହୀନ ହୋଇଥିବାରୁ ଭୋଟ ଦେବାକୁ ବହୁ ଆଗ୍ରହ। ମତଦାନକୁ କେବେ ହେଲେ ଅଣଦେଖା କରିନାହିଁ। ପ୍ରଶାସନ ପକ୍ଷରୁ ମୋତେ ଆଣିବାକୁ ବ୍ୟବସ୍ଥା କରାଯାଇଥିଲା। ହେଲେ ମୁଁ ଚାଲି ଚାଲି ଆସି ଭୋଟ ଦେଇଛି।

**-ଅକ୍ଷୟ ବେହେରା, ତଳଗଡ**



ଚାଲିବାକୁ ଦେହରେ ବଳ ନାହିଁ। ହେଲେ ଭୋଟ ଦେବାକୁ ଆସିଥିଲି। ମତଦାନ କେନ୍ଦ୍ରରେ ଖରାରେ ବହୁ ସମୟ ଅପେକ୍ଷା କରିବା କଷ୍ଟ ଦେବା ସହ ଅସୁସ୍ଥ କରିଛି। ମହିଳାମାନଙ୍କ ପାଇଁ ଛାମୁଣ୍ଡିଆ ନ କରିବା ଦୁଃଖର ବିଷୟ।

**-କୁମା ଦେହୁରୀ, କଣ୍ଟାମଳିମ**



ଚଳିତ ଥରକୁ ମିଶାଇ ୫ ଥର ଭୋଟ ଦେଇ ସାରିଲାଣି। ଭୋଟର ନୀରବ ରହୁଥିଲେ ମଧ ଚକମା ଦେଖାଇବା ପରି ଚେଷ୍ଟା କରୁଥିବା ଅନୁଭବ ହେଉଛି। ରାଜନୈତିକ ଦଳଗୁଡିକ କେତେଜଣ ଭୋଟରଙ୍କୁ ଯାନବାହନରେ ବୁଥ୍ ପାଖରେ ଛାଡୁଥିଲେ। ଏହା ନିୟମ ବିରୋଧୀ ହେଲେ ମଧ କାହାର ପ୍ରତିବାଦ ନ ଥିଲା।

**-ପ୍ରଭାତ ଦାଶ, କୋଲସାହି**



ପ୍ରଥମଥର ପାଇଁ ଭୋଟ ଦେଇଛି। କଲେଜରେ ଭୋଟ ଦେବା ପରେ ସାବାଳକ ହୋଇ ରାଜନୈତିକ ଅଧିକାର ପାଇଲି। କାହା ପ୍ରରୋଚନାରେ ନ ପଡି ସ୍ୱଇଚ୍ଛାରେ ଯୋଗ୍ୟ ନେତାଙ୍କୁ ଭୋଟ ଦେଇଛି। ମୋ ମତଦାନରେ ପ୍ରାର୍ଥୀ ବିଜୟ କି ପରାଜୟ ହେବେ ସେଥିରେ ମୋର କିଛି ଭାବିବାର ନାହିଁ। ମୋ ଅଧିକାର ମୁଁ ସାବ୍ୟସ୍ତ କରିଛି।

**-ଶ୍ୱେତା ପଦ୍ମାସିନୀ ସାହୁ, ଖୋର୍ଦ୍ଧା**



ଯିଏ ଖାଦ୍ୟ ସଂଯମ କରିପାରିଛି, ସିଏ ମୁକ୍ତି ଆଡ଼କୁ ବହୁ ଦୂର ଆଗେଇ ଯାଇଛି।
-ସେନେକା



## ସଂକ୍ଷେପରେ

### ୭୮ ଜଣଙ୍କ ନାମରେ ଫୌଜଦାରି ମାମଲା

ଗୋପ, ୨୩।୪(ଡି.ଏନ୍.ଏ.): ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା ଲାଗି ଗୋପ ଅଞ୍ଚଳରେ ବିଭିନ୍ନ ଆପରାଧିକ କାର୍ଯ୍ୟକଳାପରେ ସଂପୃକ୍ତ ଥିବା ୭୮ ଜଣ ବ୍ୟକ୍ତିଙ୍କ ନାମରେ ଫୌଜଦାରି ମାମଲା ରୁଜୁ କରାଯାଇଥିବା ଗୋପ ଥାନାଧିକାରୀ ସୌମ୍ୟଚିତ୍ ମିଶ୍ର ସୂଚନା ଦେଇଛନ୍ତି। ସିଆରପିସି ୧୦୭ ଧାରା ଅନୁଯାୟୀ ସଂପୃକ୍ତ ବ୍ୟକ୍ତିମାନଙ୍କୁ ନୋଟିସ ଜାରିକରାଯାଇଥିବା ବେଳେ ଆଗାମୀ ନିର୍ବାଚନରେ କୌଣସି ପ୍ରକାର ଅପ୍ରୀତିକର ଓ ଆଇନ ବିରୋଧୀ କାର୍ଯ୍ୟକଲେ ସେମାନଙ୍କୁ ଗିରଫ କରାଯିବ। ଏହି ନୋଟିସ ପାଇବା ପରେ ସଂପୃକ୍ତ ବ୍ୟକ୍ତିମାନେ ଗୋପ ତହସିଲଦାର ତଥା ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ ପୃଥ୍ୱୀରାଜ ମଣ୍ଡଳଙ୍କ କୋର୍ଟରେ ହାଜର ହୋଇ କେତେଜଣ ସତ୍ୟପାଠ ଦାଖଲ କରିଥିବା ଜଣାପଡ଼ିଛି। ସେହିପରି ଶାନ୍ତି ଶୃଙ୍ଖଳାର ସହ ନିର୍ବାଚନ ପରିଚାଳନା କରିବା ପାଇଁ ଗୋପ ପୋଲିସ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଥିବା ବେଳେ ବିଭିନ୍ନ ସମୟରେ ଚୋରା ନିଶା କାରବାର ବ୍ୟବସାୟୀଙ୍କ ଉପରେ ଚଢ଼ାଉ କରି ବିପୁଳ ପରିମାଣରେ ମଦ ଜବତ କରିଥିବାବେଳେ ରାତ୍ରି ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି। ଏଥି ସହ ବିଭିନ୍ନ ସମୟରେ ଯାନଗୁଡ଼ିକୁ ଯାଞ୍ଚ କଡ଼ାକଡ଼ି କରିବା ସହ ଗୋପ ଅଞ୍ଚଳରେ ଥିବା ବିଭିନ୍ନ ସ୍ଥାନ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ବର୍ତ୍ତମାନ ସୁଦ୍ଧା ଏହି ଥାନାରେ ରାଜନୈତିକ ସମ୍ପର୍କିତ କୌଣସି ଅଭିଯୋଗ ଆସି ନାହିଁ। ବିଭିନ୍ନ ସମୟରେ ଗୋପ ଥାନାଧିକାରୀ ସୌମ୍ୟଚିତ୍ ମିଶ୍ର ବୈଠକ ଡକାଇ ନିର୍ବାଚନ ପରିଚାଳନା ସମ୍ପର୍କିତ ଆଲୋଚନା କରିଥିବା ଦେଖିବାକୁ ମିଳିଛି। ନିର୍ବାଚନ ସମୟରେ ଯେପରି ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ନ ହୁଏ ସେଥିପ୍ରତି ବିଶେଷ ଭାବେ ଦୃଷ୍ଟି ଦିଆଯାଇଥିବା ଥାନାଧିକାରୀ ମିଶ୍ର ସୂଚନା ଦେଇଛନ୍ତି।

### ମତଦାନ ପରେ ଖୋଲିଗଲା ମଦ ଦୋକାନ

ପୁରୀ ଅଫିସ,୨୩।୪ : ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ସମସ୍ତ ମଦ ଦୋକାନ ଆସନ୍ତା ୨୨, ୨୩ ଓ ୨୪ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ବନ୍ଦ ରଖିବା ଲାଗି ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ରହିଥିଲା। ତେବେ ମତଦାନ ସରିବାର କେଇ ଘଣ୍ଟା ନ ପୂରୁଣୁ ପୁରୀ ସହରର ଅନେକ ମଦ ଦୋକାନ ଖୋଲିଯାଇଥିବା ଦେଖିବାକୁ ମିଳିଥିଲା। କାହା ଇଙ୍ଗିତରେ ଏହି ମଦ ଦୋକାନ ଖୋଲିଲା ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ସଧବାଙ୍କ ପଟ୍ଟେଇ ପୂଜା ଉଦ୍‌ଯାପିତ

କାକଟପୁର, ୨୩।୪(ଡି.ଏନ୍.ଏ.): ଚୈତ୍ରମାସର ପ୍ରଥମ ମଙ୍ଗଳବାର ଠାରୁ ଓଡ଼ିଆଘରର ସଧବାମାନେ କରିଥିବା ଚୈତ୍ର ଓଷା ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଗାଁ ଦାଣ୍ଡରେ ପଟ୍ଟେଇ ଖୋଲି ପଟ୍ଟେଇ ଭିତରେ ଗୁଆ, ନଡ଼ିଆ ଥୋଇ ତହିଁରେ ସିନ୍ଦୂର, ଚନ୍ଦନ ଲଗାଇ ଫୁଲ ଧୂପଦେଇ ମହିଳାମାନେ ମା'ମଙ୍ଗଳାଙ୍କୁ ପୂଜା କରିଛନ୍ତି। ପଟ୍ଟେଇକୁ ହଳଦୀ, ଚୁଆ ପାଣିରେ ପୂର୍ଣ୍ଣ କରି ପୂଜା କରାଯିବା ସହିତ ନିଜ ସ୍ୱାମୀ ଓ ସନ୍ତାନମାନଙ୍କ ମଙ୍ଗଳ କାମନା କରି ପଟ୍ଟେଇ ନିକଟରେ ମଙ୍ଗଳାଙ୍କ ଉଦ୍ଦେଶ୍ୟରେ ଫଳମୂଳ ଭୋଗ ଲାଗି କରିଛନ୍ତି। ପଟ୍ଟେଇ ଭିତରେ ହଳଦୀ ପାଣି, ଭୋଗ ଲାଗି ହୋଇଥିବା ଫଳମୂଳ ପ୍ରସାଦ ଖାଇ ମହିଳାମାନେ ପଟ୍ଟେଇପୂଜାକୁ ଉଦ୍‌ଯାପନ କରିଛନ୍ତି।

### ବିଜେଡି ବିଧାୟକ ପ୍ରାର୍ଥୀଙ୍କ ଶୋଭାଯାତ୍ରା

କୋଣାର୍କ, ୨୩।୪(ଡି.ଏନ୍.ଏ.): କାଣାର୍କଥାନା ଅଧୀନ ଶିମିଳି ଗ୍ରାମପଞ୍ଚାୟତ ଓ କୋଣାର୍କ ଏନ୍‌ଏସିରେ କାକଟପୁର ବିଜେଡି ବିଧାୟକ ପ୍ରାର୍ଥୀ ତୁଷାରକାନ୍ତି ବେହେରାଙ୍କ ପକ୍ଷରୁ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶିମିଳି ଗ୍ରାମ ପଞ୍ଚାୟତର ଆର୍ତ୍ତତ୍ରାଣ ଗାଦିବ୍ରହ୍ମଠାରୁ ଗ୍ରାମପଞ୍ଚାୟତର ବିଜେଡି ସଭାପତି ବାନାମ୍ବର ବେହେରାଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରି ଶିମିଳି, କଣ୍ଟିଝାଡି, ମାଟିଆପଡା, ଅନସରା, ପଇତାବରାଇ, ଶିରିପୁର ସମେତ ୭ ଗ୍ରାମରେ ଘରେ ଘରେ ବୁଲି ଭୋଟ ଭିକ୍ଷା କରିଥିଲେ। ଏହି ଶୋଭାଯାତ୍ରାରେ ଶିମିଳି ପଞ୍ଚାୟତର ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ଲେଙ୍କା, ପ୍ରତିମା ବେହେରା, କିଶୋର ଚନ୍ଦ୍ର ସେଠ, ଜଟାଧାରୀ ପରିଡା, ବିଜୟ କୁମାର ସେଠ, ଲକ୍ଷ୍ମୀଧର ସାହୁ, ରୋହିତ ଲେଙ୍କା, କୃଷ୍ଣ ମୋହନ ବାରିକ, ନିରଞ୍ଜନ ସ୍ୱାଇଁଙ୍କ ସମେତ ଶତାଧିକ କର୍ମୀ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ଇଭିଏମ୍‌ରେ ୨୯ ପ୍ରାର୍ଥୀଙ୍କ ଭାଗ୍ୟ ସିଲ୍

ପୁରୀ ଅଫିସ,୨୩।୪:



ପୁରୀ ସରକାରୀ ଆଇଟିଆଇ ବୁଥ୍‌ରେ ମତାଧିକାର ସାବ୍ୟସ୍ତ କରିବା ପାଇଁ ଭୋଟରଙ୍କ ଲମ୍ବା ଧାଡ଼ି ।

**ସରିଲା ମତଦାନ**
- ଭିଭିପିଏଟି, ଇଭିଏମ୍‌ରେ ତ୍ରୁଟି
- ବିଭିନ୍ନ ବୁଥ୍‌ରେ ମତଦାନ ବିଳମ୍ବ
- ଅନେକ ବୁଥ୍‌ରେ ହିଂସାକାଣ୍ଡ

ସରିଲା ତୃତୀୟ ପର୍ଯ୍ୟାୟ ମତଦାନ। ଇଭିଏମ୍‌ରେ ସିଲ୍ ହେଲା ୨୯ ପ୍ରାର୍ଥୀଙ୍କ ଭାଗ୍ୟ। ପୁରୀ ଲୋକ ସଭାର ୮ ଏବଂ ୪ ବିଧାନସଭା ନିର୍ବାଚନମଣ୍ଡଳୀ (ପିପିଲି, ସତ୍ୟବାଦୀ, ପୁରୀ ଓ ବ୍ରହ୍ମଗିରି)ର ୨୧ ପ୍ରାର୍ଥୀଙ୍କ ରାଜନୈତିକ ଭବିଷ୍ୟତ ଏବେ କେନ୍ଦ୍ରୀୟ ବିଦ୍ୟାଳୟ ଷ୍ଟ୍ରଙ୍ଗରୁମ୍‌ରେ ତାଲା ପଡ଼ିଛି । ମେ ୨୩ରେ ଫିଟିବ ତାଲା, ଗଣତି ହେବ ଭୋଟ। କାହା ସପକ୍ଷରେ ଯାଇଛି ଜନମତ, କାହା ହାତରେ ୫ବର୍ଷ ରହିବ ରାଜନୈତିକ କ୍ଷମତା ତାହା ସ୍ପଷ୍ଟ ହୋଇଯିବ। ଅନ୍ୟପକ୍ଷରେ ବିଭିନ୍ନ ବୁଥ୍‌ରେ ଇଭିଏମ୍ ଏବଂ ଭିଭିପିଏଟିରେ ତ୍ରୁଟି ଯୋଗୁ ମତଦାନ ବିଳମ୍ବ ହୋଇଥିବା ଜଣାପଡ଼ିଛି ।

ପୁରୀ ଲୋକସଭା ଅଧୀନ ଜିଲାର ୪ଟି ବିଧାନସଭା ନିର୍ବାଚନମଣ୍ଡଳୀ (ପିପିଲି, ସତ୍ୟବାଦୀ, ପୁରୀ ଓ ବ୍ରହ୍ମଗିରି)ରେ କେତୋଟି ବୁଥ୍‌ରେ ହିଂସାକାଣ୍ଡ ବ୍ୟତୀତ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି ଗଣତନ୍ତ୍ରର ଏହି ମହାନ ପର୍ବ। ୨୯ ପ୍ରାର୍ଥୀଙ୍କ ରାଜନୈତିକ ଭବିଷ୍ୟତ ପାଇଁ ମତଦାନ କରିଛନ୍ତି ଭୋଟର। ମଙ୍ଗଳବାର ସକାଳୁ ପ୍ରତ୍ୟେକ ବୁଥ୍‌ରେ ମତଦାନ ଆରମ୍ଭ ହୋଇଥିଲା। ତେବେ କେତେକ ସ୍ଥାନରେ ଭୋଟ ଆରମ୍ଭରୁ ଇଭିଏମ୍ ଏବଂ ଭିଭିପିଏଟିରେ ତ୍ରୁଟି ଯୋଗୁ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଅଡୁଆରେ ପକାଇଥିଲା। ଏହି ଯାନ୍ତ୍ରିକ ତ୍ରୁଟି ପାଇଁ କେଉଁଠି ଅଧଘଣ୍ଟାଏ ତ ପୁଣି କେଉଁଠି ଘଣ୍ଟାଏ ବିଳମ୍ବରେ ଆରମ୍ଭ ହୋଇଥିଲା ମତଦାନ। ଏଥିପାଇଁ କେତେକ ବୁଥ୍‌ରେ ଦୀର୍ଘ ସମୟ ଧରି ଭୋଟର ଖରାରେ ଛିଡ଼ା ହୋଇରହିଥିବା ଦେଖିବାକୁ ମିଳିଥିଲା।

ପୁରୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଲୋକନାଥରୋଡସ୍ଥିତ ଗଦାଧର ହାଇସ୍କୁଲର ୧୪୦ ନମ୍ବର ବୁଥ୍‌ରେ ଆରମ୍ଭରୁ ଇଭିଏମ୍ ଅଚଳ ହୋଇପଡ଼ିଥିଲା। ଫଳରେ ଭୋଟରମାନେ ଦୀର୍ଘ ସମୟ ଧରି ଛିଡ଼ା ହୋଇଥିଲେ। ପୋଲିଂ ଅଧିକାରୀ ଏବଂ ପ୍ରିଜାଇଡିଂ ଅଫିସର ଏହାକୁ ସଜାଡିବାରେ ପ୍ରାୟ ୧ଘଣ୍ଟା ବିଳମ୍ବ ହୋଇଥିଲା। ଏହାପରେ ଏଠାରେ ମତଦାନ ସ୍ୱାଭାବିକ ଚାଲିଥିଲା। ତେବେ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା ନ ଥିବାରୁ ଭୋଟ ଦେବାରେ କେତେକ ମତଦାତାଙ୍କୁ ହଇରାଣ ହେବାକୁ ପଡ଼ିଥିଲା। ପରେ ଲାଇଟ୍ ବ୍ୟବସ୍ଥା କରାଯାଇ ସନ୍ଧ୍ୟା ସାଢେ ୬ଟା ପର୍ଯ୍ୟନ୍ତ ମତଦାନ ଚାଲିଥିଲା। ସେହିପରି ଆଦର୍ଶ ବୁଥ୍ ହୋଇଥିବା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ୧୦୩ ବୁଥ୍‌ରେ ମେଶିନ ଖରାପ ଯୋଗୁ ଅଧଘଣ୍ଟାଏ ମତଦାନ ବନ୍ଦ ରହିଥିଲା। ଏଠାରେ ପୁରୀ ବିଧାନସଭା ଆସନର ବିଜେଡି ପ୍ରାର୍ଥୀ ମହେଶ୍ୱର ମହାନ୍ତି, ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ମତଦାନ କରିଥିଲେ। ବିଶ୍ୱମ୍ଭର ବିଦ୍ୟାପୀଠ, ଦୋଳମଣ୍ଡପ ସାହି ପ୍ରାଥମିକ ବିଦ୍ୟାଳୟ, ମାଟିତୋଟା ପ୍ରାଥମିକ ବିଦ୍ୟାଳୟ ଏବଂ ବଳିଆପଣ୍ଡାସ୍ଥିତ ଫାଦର୍ସ ସ୍କୁଲ ବୁଥ୍‌ରେ ମଧ୍ୟ ଇଭିଏମ୍‌ରେ ତ୍ରୁଟି ଯୋଗୁ କିଛି ସମୟ ପାଇଁ ମତଦାନ ବାଧାପ୍ରାପ୍ତ ହୋଇଥିଲା।

ଜିଲାର ସବୁଠୁ ଅଧିକ ଉତ୍ତେଜନାପ୍ରବଣ ବୁଥ୍ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର କମାଶାସନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ହିଂସାକାଣ୍ଡ ଘଟିଛି। ଏଠାରେ ଭିଭିପିଏଟି ଭଙ୍ଗାରୁଜା କରାଯାଇଥିବାରୁ ଅଧାରୁ ମତଦାନ ବନ୍ଦ ରହିଛି। ସେହିପରି ସତ୍ୟବାଦୀ ନିର୍ବାଚନମଣ୍ଡଳୀର ୭୮ ନଂ. ବୁଥ୍‌ରେ ଇଭିଏମ୍ ଭଙ୍ଗାରୁଜା ହୋଇଛି। ଅନ୍ୟ କେତେକ ବୁଥ୍‌ରେ ମଧ୍ୟ ହିଂସାକାଣ୍ଡ ଘଟିଥିବା ସୂଚନା ମିଳିଛି। ନିଆଜପୁରର ୪୦ ନଂ. ବୁଥ୍, ବରୁଡ଼ିର ୨୫୫ ନଂ. ଏବଂ ସନ୍ଧ୍ୟାତଳର ୧୫୨ ନଂ. ବୁଥ୍‌ରେ ଇଭିଏମ୍ ଖରାପ ହୋଇଥିଲା। ଏହାକୁ ସଜଡ଼ା ଯିବା ପରେ ମତଦାନ ପ୍ରକ୍ରିୟା ସ୍ୱାଭାବିକ ଚାଲିଥିଲା। ସତ୍ୟବାଦୀ ନିର୍ବାଚନମଣ୍ଡଳୀର ଶ୍ରୀରାମଚନ୍ଦ୍ରପୁର ବଣିଆସାହି ପ୍ରାଥମିକ ବିଦ୍ୟାଳୟର ୧୯୨ ନଂ. ବୁଥ୍‌ରେ ଇଭିଏମ୍‌ରେ ତ୍ରୁଟି ଦେଖା ଦେଇଥିଲା। ପ୍ରାୟ ୧ଘଣ୍ଟା ପରେ ଏହା ମରାମତି କରାଯାଇଥିଲା। ପରେ ପୁଣି ଭୋଟ ଚାଲିଥିଲା। ପେଣ୍ଠପଡା ପଞ୍ଚାୟତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ୨୦୩ ନଂ. ବୁଥ୍‌ରେ ମତଦାନ ଆରମ୍ଭ ବେଳକୁ ଇଭିଏମ୍ ଖରାପ ହୋଇଯାଇଥିଲା। ଏହାକୁ ମରାମତି ଲାଗି ଅଧିକାରୀମାନେ ଚେଷ୍ଟା କରି ବିଫଳ ହେବାରୁ ସେକ୍ଟର ଅଧିକାରୀଙ୍କୁ ଜଣାଇଥିଲେ। ମରାମତି ପରେ ପ୍ରାୟ ୧ଘଣ୍ଟା ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା। ପିପିଲି ନିର୍ବାଚନ ମଣ୍ଡଳୀର କିଛି ବୁଥ୍‌ରେ ଇଭିଏମ୍‌ରେ ସମସ୍ୟା ଦେଖାଦେଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ତାହା ଠିକ୍ କରାଯାଇଥିଲା ।

# ପୁରୀ ଜିଲା: କମିଲା ମତଦାନ ହାର

ପୁରୀ ଅଫିସ, ୨୩।୪:

ପୁରୀ ଜିଲାରେ ଏଥର ମତଦାନ ହାର କମିଛି । ପୁରୀ ଲୋକସଭା ଅଧୀନ ଜିଲାର ୪ଟି ନିର୍ବାଚନ ମଣ୍ଡଳୀରେ ୨୦୧୪ ନିର୍ବାଚନ ଅପେକ୍ଷା ମତଦାନ ହ୍ରାସ ପାଇଛି। ତେବେ ଏହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। ଦେଶ ଗଠନରେ ଭୋଟ ହେଉଛି ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଏଥିପ୍ରତି ଭୋଟର ସଚେତନ ନ ହେବା ଦୁର୍ଭାଗ୍ୟର ବିଷୟ ବୋଲି କେତେଜଣ ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି।

ଏଥର ମତଦାନରୁ ଯେପରି କେହି ବଞ୍ଚିତ ନ ହୁଅନ୍ତି ତାହା ଉପରେ ଗୁରୁତ୍ୱ ଦେଇଥିଲେ ନିର୍ବାଚନ କମିଶନ। ଭୋଟରମାନେ ମତଦାନ ପ୍ରତି ଅଧିକ ଆଗ୍ରହ ପ୍ରକାଶ କରିବା ନେଇ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଥିଲା। ବିଶେଷକରି ଦିବ୍ୟାଙ୍ଗ ଭୋଟରଙ୍କ ଲାଗି ସ୍ୱତନ୍ତ୍ର ସୁବିଧା କରାଯାଇଥିଲା। ଏହା ସତ୍ତ୍ୱେ ମତଦାନ ନୈରାଶ୍ୟଜନକ ରହିଛି। ୨୦୧୪ ନିର୍ବାଚନରେ ପୁରୀ ଲୋକସଭାର ମତଦାନ ହାର ଥିଲା ୭୪.୭୧ ପ୍ରତିଶତ। ଏଥର ମତଦାନ ୬୭.୨୪ ପ୍ରତିଶତ ରହିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ତେବେ ଏହା ଚୂଡ଼ାନ୍ତ ନୁହେଁ। ପ୍ରିଜାଇଡିଂ ଅଫିସରଙ୍କଠାରୁ ତଥ୍ୟ ପାଇବା ପରେ ଏଥିରେ ସାମାନ୍ୟ ଫରକ ଆସିପାରେ । ଯଦି ବୃଦ୍ଧି ଘଟେ ଅଳ୍ପ କିଛି ପ୍ରତିଶତ ବୃଦ୍ଧି ପାଇବ। କିନ୍ତୁ ଗତ ନିର୍ବାଚନଠାରୁ କମ୍ ରହିବା ଏହି ତଥ୍ୟରୁ ସ୍ପଷ୍ଟ ଜଣାପଡୁଛି । ସେହିପରି ଜିଲାର ୪ଟି ନିର୍ବାଚନ ମଣ୍ଡଳୀର ମତଦାନ ହାର ମଧ୍ୟ ନୈରାଶ୍ୟଜନକ ରହିଛି । ୨୦୧୪ରେ ପୁରୀ ନିର୍ବାଚନମଣ୍ଡଳୀରେ ମତଦାନ ହାର ଥିଲା ୬୪.୭୩ ପ୍ରତିଶତ । ହେଲେ ଏଥର ପୁରୀରେ ୬୦.୫୫ ପ୍ରତିଶତ ମତଦାନ ହୋଇଛି। ସେହିପରି ଗତ ନିର୍ବାଚନରେ ବ୍ରହ୍ମଗିରି ୮୩.୩୧ ପ୍ରତିଶତ ହୋଇଥିବାବେଳେ ଏଥର ୭୩ ପ୍ରତିଶତ, ପିପିଲି ୭୭.୨୬ ହୋଇଥିବାବେଳେ ଏଥର ୭୦ ଏବଂ ସତ୍ୟବାଦୀ ଗତଥର ୭୫.୧୭ ପ୍ରତିଶତ ହୋଇଥିବାବେଳେ ଏଥର ୬୭ ପ୍ରତିଶତ ମତଦାନ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏଥିରେ ସାମାନ୍ୟ ଫରକ୍ ଆସିପାରେ ବୋଲି ଜିଲା ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି।

# ମତଦାନ କେନ୍ଦ୍ରରେ ଅବ୍ୟବସ୍ଥା

ପୁରୀ ଅଫିସ,୨୩।୪ :

ମତଦାନ ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ନାନା ବ୍ୟବସ୍ଥା ହୋଇଥିବା ସତ୍ତ୍ୱେ କେତେକ ବୁଥରେ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ନରେନ୍ଦ୍ରକୋଣସ୍ଥିତ ମହିଳା ମହାବିଦ୍ୟାଳୟ ବୁଥ୍‌ରେ ଭୋଟରଙ୍କ ପାଇଁ ପାନୀୟଜଳ ସୁବିଧା ନ ଥିଲା। ଟେଣ୍ଟ ବନ୍ଧାଯାଇ ନ ଥିବାରୁ ଭୋଟରମାନେ ଲମ୍ବାଧାଡ଼ିରେ ଖରାରେ ଛିଡ଼ାହୋଇ ରହିଥିଲେ। କେତେଜଣ ବରିଷ୍ଠ ନାଗରିକ ତାତି ସହି ନ ପାରି ମୂର୍ଚ୍ଛା ଯାଇଥିଲେ। ବଳଗଣ୍ଡିର ଲକ୍ଷ୍ମୀଧର ମହାପାତ୍ର କହିଥିଲେ, ମୁଁ ହୃଦ୍‌ରୋଗୀ। ଦୀର୍ଘ ସମୟ ଧରି ଖରାରେ ଠିଆ ହେବାରୁ ମୁଣ୍ଡ ବୁଲାଇବା ସହ ଅସୁସ୍ଥ ଲାଗୁଛି। ଏଠାରେ ଆମମାନଙ୍କ ପାଇଁ କିଛି ସୁବିଧା ହୋଇନାହିଁ। ସେହିପରି ମାର୍କଣ୍ଡେଶ୍ୱର ସାହି ପ୍ରାଥମିକ ବିଦ୍ୟାଳୟ ବୁଥ୍‌ରେ ଖରାରୁ ରକ୍ଷା ପାଇବା ପାଇଁ କୌଣସି ବ୍ୟବସ୍ଥା ହୋଇ ନ ଥିଲା ବୋଲି କିଶୋର ସାହୁ କହିଛନ୍ତି। ଏ ନେଇ ରାଜ୍ୟ ନିର୍ବାଚନ କମିଶନଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ବୈକୁଣ୍ଠନାଥ ଦାଶ, ସଂଗ୍ରାମ ମହାପାତ୍ର, ସନ୍ତୋଷ କୁମାର ଦାଶ କହିଛନ୍ତି। କେତେକ କେନ୍ଦ୍ରରେ ଇଭିଏମ ଖରାପ ଯୋଗୁ ଭୋଟରମାନେ ଦୀର୍ଘ ସମୟ ଅପେକ୍ଷା କରି ଘରକୁ ଫେରି ଆସିଥିଲେ।

# ଭାରତୀୟ ସାଂସ୍କୃତିକ ଐତିହ୍ୟର ପ୍ରତୀକ ସାଲବେଗ

ପୁରୀ ଅଫିସ, ୨୩।୪:

ଭକ୍ତ ସାଲବେଗଙ୍କ ସମ୍ପର୍କରେ ଅନେକ ଐତିହ୍ୟପୂର୍ଣ୍ଣ ତଥ୍ୟ ଆଜି ବି ସମାଜର ଆଢୁଆଳରେ ରହିଯାଇଛି। ଶ୍ରୀଜଗନ୍ନାଥଙ୍କ ଏହି ମହାନ ଭକ୍ତଙ୍କ ସମ୍ପର୍କରେ ସମ୍ପୂର୍ଣ୍ଣ ଇତିହାସ ଲେଖାଯାଇ ନାହିଁ। ତାଙ୍କ ଭକ୍ତି ଭାବ ଅନନ୍ୟ। ସେ ଜଣେ ମୋଗଲ ହୋଇ ମଧ୍ୟ ଶ୍ରୀମନ୍ଦିର ପାଟ ଅଗଣାରେ ହିନ୍ଦୁମାନଙ୍କୁ ଦୀକ୍ଷା ଦେଉଥିଲେ। ଯେଉଁ ସମୟରେ ଅହମ୍ମଦ ବେଗ ଶ୍ରୀମନ୍ଦିର ଉପରେ ଆକ୍ରମଣ କରି ରତ୍ନସିଂହାସନକୁ ଖୋଳିତାଡ଼ି ଦେବାକୁ ଆଦେଶ ଦେଇଥିଲେ, ସେତବେଳେ ସାଲବେଗ ଏବଂ ଗୌଡୀୟ ମଠର ଜଣେ ସାଧୁ ଶ୍ରୀମନ୍ଦିର ସାଂସ୍କୃତିକ ସଂହତିର ପରମ୍ପରା ସୃଷ୍ଟି କରିଥିଲେ ବୋଲି ସାହିତ୍ୟ ଏକାଡେମୀ ଏବଂ ଭକ୍ତ ସାଲବେଗ ସାଂସ୍କୃତିକ ପରିଷଦ ମିଳିତ ଆନୁକୂଲ୍ୟରେ ଆୟୋଜିତ ସାଲବେଗଙ୍କ ମହାପ୍ରୟାଣ ଦିବସରେ ଭକ୍ତ ସାଲବେଗଙ୍କ ଐତିହ୍ୟ ଶୀର୍ଷକ ଆଲୋଚନା ଚକ୍ରରେ ମୁଖ୍ୟବକ୍ତା ଭାବେ ଐତିହ୍ୟ ବିଶାରଦ ଡ.ସୁରେନ୍ଦ୍ର ମିଶ୍ର ଯୋଗଦେଇ ଏହା କହିଛନ୍ତି। ପରିଷଦର ସଭାପତି ଚକ୍ରଧର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାହିତ୍ୟ ଏକାଡେମୀ ସଭାପତି ଡ. ହରିହର ମିଶ୍ର ଯୋଗଦେଇ କହିଲେ ଯେ, ଶ୍ରୀଜଗନ୍ନାଥ ହେଉଛନ୍ତି ଭାବର ଠାକୁର। ତାଙ୍କ ଡୋରି ଲାଗିଲେ, କେହି ରହିପାରିବେ ନାହିଁ। ତାଙ୍କୁ ଯିଏ ଯେପରି ଅନୁଭବ କରିଛନ୍ତି ସେପରି ପାଇପାରିଛନ୍ତି। ସମ୍ମାନିତ ଅତିଥି ଭାବେ ସାରସ୍ୱତ ସାଧକ ଡ. ଉମେଶ ଚନ୍ଦ୍ର ଚିନାରା ଯୋଗଦେଇଥିଲେ। ଏକାଡେମୀ ଅଧିକାରୀ ସ୍ୱୟଂ କୁମାର ଛୁଆଳସିଂ ସ୍ୱାଗତ ଭାଷଣ, ପରିଷଦର ସାଧାରଣ ସମ୍ପାଦକ ସଦାଶିବ ମିଶ୍ର, ଶ୍ୟାମପ୍ରକାଶ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ଅନ୍ନପୂର୍ଣ୍ଣା ଦେବୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଶେଷରେ ନବପ୍ରତିଭା ଅନୁଷ୍ଠାନର ନୃତ୍ୟଗୁରୁ ଅଶୋକ କୁମାର ଦାସଙ୍କ ନିର୍ଦ୍ଦେଶନାରେ ଚାରିଯୁଗର ଗାଥା ଉପରେ ପର୍ଯ୍ୟବେସିତ ସୃଷ୍ଟି ପରିବେଷଣ କରିଥିଲେ। ନୃତ୍ୟଶିଳ୍ପୀ ରୋଜାଲିନ ପଣ୍ଡା ଆହେ ନୀଳ ଶୈଳ ଏକକ ନୃତ୍ୟ ପରିବେଷଣ କରି ଏକ ଭାବବେଗ ସୃଷ୍ଟି କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ବିଶିଷ୍ଟ ଅତିଥିମାନେ ।



ନବ ପ୍ରତିଭା ଅନୁଷ୍ଠାନର କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।



ବିଜେଡି ପ୍ରାର୍ଥୀ ଉମାକାନ୍ତ ସାମନ୍ତରାୟ, ତାଙ୍କ ଗ୍ରାମ କଣାସ ବ୍ଲକର ଦୋଛିଆଁ ପ୍ରାଥମିକ ବିଦ୍ୟାଳୟରେ ମତଦାନ କରି ଫେରୁଛନ୍ତି।



କଣାସ ବ୍ଲକ ଗଡସାନପୁଟ ବିଦ୍ୟାଳୟରେ ଭାଜପା ପ୍ରାର୍ଥୀ ଓମ ପ୍ରକାଶ ମିଶ୍ର ମତଦାନ ପରେ କାଳି ଲାଗିଥିବା ଅଙ୍ଗୁଳି ଦେଖାଉଛନ୍ତି ।



କଗ୍ରେଂସ ପ୍ରାର୍ଥୀ ପ୍ରସାଦ ହରିଚନ୍ଦନ, ନିଜ ଗ୍ରାମ କଣାସ ବ୍ଲକ ପାଣ୍ଡିଆକେରା ଆଦର୍ଶ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମତଦାନ କରୁଛନ୍ତି।

# ସତ୍ୟବାଦୀରେ ମତଦାନ ଶାନ୍ତିପୂର୍ଣ୍ଣ

ସାକ୍ଷୀଗୋପାଳ, ୨୩।୪(ଡି.ଏନ୍.ଏ./ସ୍ୱ.ପ୍ର.)

ପୁରୀ ଜିଲା ସତ୍ୟବାଦୀ ବ୍ଲକର ମୋଟ ୧୧୨ ଟି ବୁଥରେ ମଙ୍ଗଳବାର ଭୋଟ ଗ୍ରହଣ ଶାନ୍ତିପୂର୍ଣ୍ଣ ଭାବରେ ଶେଷ ହୋଇଛି। ୧୨ ଟି ବୁଥରେ ରାତି ୮ ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯାଇଥିଲା। ସକାଳେ ପୋଲିଂ କର୍ମଚାରୀ ମାନେ ପ୍ରଥମେ ମକପୁଲ୍ କରିବା ବେଳେ ପେଣ୍ଠପଡା ପଞ୍ଚାୟତର ୨୦୩ ନଂ ବୁଥରେ ଇଭିଏମ୍ କାମ କରି ନ ଥିଲା। ମେସିନ ସଜାଡିବାକୁ ଅଧିକାରୀମାନେ ଉଦ୍ୟମ କରିଥିଲେ। ବିଳମ୍ବ ହେବାରୁ ସ୍କେଟର ଅଫିସର ଓ ଅତିରିକ୍ତ ନିର୍ବାଚନ ଅଧିକାରୀଙ୍କୁ ଖବର ଦିଆଯାଇଥିଲା। ସେହିପରି ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତ ବଣିଆସାହି ୧୯୨ ନଂ ବୁଥ୍‌ରେ ଅନୁରୂପ ଅବସ୍ଥା ସୃଷ୍ଟି ହେବାରୁ ମତଦାନ ବିଳମ୍ବିତ ହୋଇ ପରେ ସ୍ୱାଭାବିକ ହୋଇଥିଲା। ଅତିରିକ୍ତ ନିର୍ବାଚନ ଅଧିକାରୀ ତଥା ସତ୍ୟବାଦୀ ତହସିଲଦାର କସ୍ତୁରୀ ପ୍ରଧାନ, ବିଡିଓ ଶିବାନନ୍ଦ ସ୍ୱାଇଁ, ଆଇଆଇସି ତପନ କୁମାର ସ୍ୱାଇଁ ପୋଲିସ ଫୋର୍ସ ସହିତ ନିର୍ବାଚନ ପରିଚାଳନା କରିଥିଲେ। ୧୧ଟି ମଡେଲ ବୁଥ୍ ସହିତ ଭୋଟର ମାନଙ୍କ ବିଶ୍ରାମ ନିମନ୍ତେ ଚୌକି, ସ୍ୱଚ୍ଛ ପିଇବାପାଣି, ପରିଶ୍ରାଗାରର ବ୍ୟବସ୍ଥା କରାଯାଇଥିଲା।

# ୩ ପଞ୍ଚାୟତର ୨୮ଗ୍ରାମରେ ସମୀରଙ୍କ ରୋଡ୍ ଶୋ'

ନିମାପଡ଼ା,୨୩।୪(ଡି.ଏନ୍.ଏ.)

ନିମାପଡ଼ା ବ୍ଲକ ଅନ୍ତର୍ଗତ ଅଲଣ୍ଡା, ବଡଶିରୁଳା, ଗଡ଼ପଦନପୁର ଆଦି ୩ଟି ପଞ୍ଚାୟତର ଅଲଣ୍ଡା, ମଣିଜଙ୍ଗ, ମଣିଜଙ୍ଗପାଟଣା, କୁଶିକଣା, ଜାଗିରୀ, କୁମ୍ଭାରପଡ଼ା, ବଡଶିରୁଳା, ବାଇଶିବାଟି, ମାଣିଅଞ୍ଚ, ଡିହସାହି, ମହାପାତ୍ର ସାହି, କଷୋଟି, ବଡଗାଁ, ଗବନାଳିଆ ଆଦି ୨୮ଗ୍ରାମରେ ବିଜେଡି ପ୍ରାର୍ଥୀ ତଥା ବିଧାୟକ ସମୀର ରଞ୍ଜନ ଦାଶ ମଙ୍ଗଳବାର ରୋଡ୍ ଶୋ' କରିଛନ୍ତି। ଏହି ଶୋଭାଯାତ୍ରାରେ ପ୍ରତି ଗାଁର ଘର ଘର ବୁଲି ଲୋକମାନଙ୍କୁ ନିଜ ସପକ୍ଷ ଓ ଦଳର ଏମ୍‌ପି ପ୍ରାର୍ଥୀ ଡ.ରାଜଶ୍ରୀ ମଲ୍ଲିକଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ଏଥିରେ ବ୍ଲକ ବିଜେଡି ସଭାପତି ପ୍ରସନ୍ନ ମହାନ୍ତି, ସରପଞ୍ଚ ପ୍ରତାପସେନ ସ୍ୱାଇଁ, ବିଜେଡି ନେତା ରବି ଦାଶ, ପପୁ ସ୍ୱାଇଁ, ଲଳିତ ମୋହନ ପାତ୍ର, ସଞ୍ଜୟ ପାତ୍ର, ଅସିତ ମହାନ୍ତି, ନରେନ୍ଦ୍ର କୁମାର ମହାନ୍ତି, ପ୍ରବୋଧ ମହାନ୍ତି, ଗୋଲେଖ ବେହେରା ସମେତ ଶତାଧିକ ଦଳୀୟ କର୍ମୀ ସାମିଲ ହୋଇଥିଲେ। ଏହି ଅବସରରେ ଅଲଣ୍ଡା ପଞ୍ଚାୟତର ପଳତଅାଁଳା ଓ ଜୁଆଁଳ ଗ୍ରାମର ବହୁ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଥିଲେ।



ନିମାପଡ଼ା ବିଧାୟକ ପ୍ରାର୍ଥୀ ସମୀର ରଞ୍ଜନ ଦାଶ ରୋଡ୍ ଶୋ' କରୁଛନ୍ତି ।

## ପାଣିରେ ପଡ଼ିଲା ଲକ୍ଷାଧିକ ଟଙ୍କା

# ବିରୋଧ ପରେ ଭଙ୍ଗାହେଲା ଗାର୍ଡ ୱାଲ୍

ଗୋପ, ୨୩।୪(ଡି.ଏନ୍.ଏ.)



ଭଙ୍ଗାଯାଇଥିବା ଗାର୍ଡ ୱାଲ ।

ଗୋପ ବ୍ଲକ ଅନ୍ତର୍ଗତ ନାଗପୁର-ନୟାହାଟ ରାସ୍ତାର ଭଇରିପୁର ସ୍କୁଲ ନିକଟ ପଥରବୁହା ନାଳରେ ନିର୍ମାଣ ହେଉଥିବା ପୋଲ କାର୍ଯ୍ୟ ଯୋଗୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଗାର୍ଡ ୱାଲକୁ ଭଙ୍ଗାଯାଇଛି। ଫଳରେ ସରକାରୀ ରାଜକୋଷରୁ ଖର୍ଚ୍ଚ ହୋଇଥିବା ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡ଼ିଛି।

ନାଗପୁର-ନୟାହାଟ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହେବାର ଦୀର୍ଘଦିନ ପରେ ମଧ୍ୟ ଭଇରିପୁର ସ୍କୁଲ ନିକଟରେ ଥିବା ପଥରବୁହା ନାଳ ଉପରେ ବ୍ରିଜ୍ ନିର୍ମାଣ ହୋଇପାରି ନ ଥିଲା। ଫଳରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବାବେଳେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପଡ଼ି ଆହତ ହେଉଥିଲେ। ଏ ନେଇ ବିଭିନ୍ନ ସମୟରେ ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ପୂର୍ତ୍ତ ବିଭାଗ ନିକଟରେ ଅଭିଯୋଗ ହେଉଥିଲା। ଏହି ସମୟ ମଧ୍ୟରେ ଠିକାଦାର ସେହି ସ୍ଥାନରେ ବ୍ରିଜ୍ ନିର୍ମାଣ ନ କରି ଦୁଇ ପଟେ ଗାର୍ଡ ୱାଲ୍ ନିର୍ମାଣ କରିଥିଲେ। ଏ ନେଇ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇବା ପରେ ପୂର୍ତ୍ତ ବିଭାଗ ସଂପୃକ୍ତ ସ୍ଥାନରେ ପୁନରାୟ ୫୦ ଲକ୍ଷ ଟଙ୍କା ବ୍ୟୟରେ ବ୍ରିଜ୍ ନିର୍ମାଣ କରିବା ପାଇଁ ଟେଣ୍ଡର କରି ଠିକାଦାର ଚୟନ କରାଯାଇଥିଲା। ବର୍ତ୍ତମାନ ଏହି ସ୍ଥାନରେ କାର୍ଯ୍ୟ ଚାଲିଥିବାବେଳେ ପୂର୍ବରୁ ନିର୍ମିତ ଗାର୍ଡ ୱାଲ୍‌ରେ ତ୍ରୁଟି ଯୋଗୁ ବ୍ରିଜ୍ ନିର୍ମାଣ ପୂର୍ବରୁ ଗାର୍ଡ ୱାଲ୍ ଭଙ୍ଗା ଯାଇଛି। ଏ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଥିବା ବେଳେ ଉଚ୍ଚ କର୍ତ୍ତୃପକ୍ଷ ତଦନ୍ତ କରିବାକୁ ଦାବି ହୋଇଛି। ବିଭିନ୍ନ ସମୟରେ ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଉନ୍ନୟନ ମୂଳକ କାର୍ଯ୍ୟ କରାଯାଉଥିବା ବେଳେ କେତେକ କ୍ଷେତ୍ରରେ ବିଭାଗୀୟ ଅଧିକାରୀଙ୍କ ତ୍ରୁଟି ଯୋଗୁ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡୁଛି। କାର୍ଯ୍ୟରେ ଅବହେଳା ଓ ବିଭିନ୍ନ ସମୟରେ ଅନୁପସ୍ଥିତ ରହିବା ଯୋଗୁ କେତେକ ସ୍ଥାନରେ ନିର୍ମାଣ ହୋଇ ମଧ୍ୟ କାର୍ଯ୍ୟରେ ତ୍ରୁଟି ଯୋଗୁ ଭଙ୍ଗା ହେଉଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ନବଘନ ବେହେରାଙ୍କୁ ପଚାରିବାରେ ବ୍ରିଜ୍ କାର୍ଯ୍ୟ ଲାଗି ଅଧିକ ଜାଗାର ଆବଶ୍ୟକତା ଥିବାରୁ ଏହି ଗାର୍ଡ ୱାଲ ଭଙ୍ଗା ଯାଇ ବ୍ରିଜ୍ କାର୍ଯ୍ୟ ଆରମ୍ଭ କରାଯାଇଛି। ଖୁବ୍‌ଶୀଘ୍ର ଏହି କାର୍ଯ୍ୟ ଶେଷ ହେବ ବୋଲି କହିଥିଲେ।